# ଧରିତ୍ରୀ
# DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨୨/୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 22/2020 | ★★★★

୪୬ଶ ଭାଗ ୯୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





ନିଜ ମତାମତକୁ ଅନ୍ୟମାନଙ୍କ ଉପରେ ଚାପିଦେବା ଲାଗି ବିକ୍ଷୋଭ ନାମରେ ରାସ୍ତା ଉପରେ ବସିରହି ସ୍ୱାଭାବିକ ଜୀବନଯାତ୍ରାକୁ ବ୍ୟାହତ କରିବା ଏକପ୍ରକାର ଆତଙ୍କବାଦ।

-ଆରିଫ୍ ମହମ୍ମଦ ଖାନ୍, କେରଳ ରାଜ୍ୟପାଳ



## ସଂକ୍ଷେପରେ

### ଭାସ୍କର ଖୁଲ୍‌ବେ, ଅମରଜିତ୍ ସିହ୍ନା ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା

**ନୂଆଦିଲ୍ଲୀ,୨୧।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ଦୁଇଜଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ସେମାନେ ହେଲେ ଭାସ୍କର ଖୁଲ୍‌ବେ ଓ ଅମରଜିତ୍ ସିହ୍ନା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଦୁହେଁ ସଚିବ ସ୍ତର ପଦବୀରେ ଅବସ୍ଥାପିତ ହେବେ। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି (ଏସିସି) ଶୁକ୍ରବାର ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛି। ଉଭୟେ ୧୯୮୩ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ। ପଶ୍ଚିମବଙ୍ଗ କ୍ୟାଡର୍‌ର ଅଧିକାରୀ ଭାସ୍କର ପିଏମ୍‌ଓରେ କାର୍ଯ୍ୟ କରିଥିଲେ। ସେହିପରି ବିହାର କ୍ୟାଡର୍‌ର ଅମରଜିତ୍ ଗତବର୍ଷ ଗ୍ରାମ୍ୟ ଉନ୍ନୟନ ସଚିବ ପଦରୁ ଅବସର ନେଇଥିଲେ। ଏବେ ଦୁହିଁଙ୍କୁ ପିଏମ୍‌ଓରେ ୨ ବର୍ଷ ପାଇଁ ଠିକାରେ ନିଯୁକ୍ତି ମିଳିଛି।

### ରଣ୍‌ଥମ୍ବର ଜାତୀୟ ଉଦ୍ୟାନରୁ ୨୬ ବାଘ ନିଖୋଜ

**ଜୟପୁର,୨୧।୨(ପି.ଟି.):** ରାଜସ୍ଥାନର ରଣ୍‌ଥମ୍ବର ଜାତୀୟ ଉଦ୍ୟାନରୁ ୨୬ଟି ବାଘ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଭାଜପା ଏମ୍‌ପି ତଥା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ସଦସ୍ୟ ଦିୟା କୁମାରୀ ଏନେଇ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ଚିଠି ଲେଖି ଜଣାଇବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସେ ରାଜ୍ୟ ସରକାରଙ୍କୁ ମଧ ଏ ସମ୍ପର୍କରେ ଜଣାଇଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ କହିଛନ୍ତି। ଏହି ଜାତୀୟ ଉଦ୍ୟାନ ବିରଳ ଜୀବଜନ୍ତୁ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ହୋଇଥିବାବେଳେ ବାଘ ସଂଖ୍ୟା ହ୍ରାସ ପାଇବା କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ସ୍ପଷ୍ଟ କରୁଥିବା ସେ ଅଭିଯୋଗ କରିଛନ୍ତି। ବାଘ ଶିକାରୀମାନଙ୍କୁ ଧରାଯାଇ କଠୋର ଦଣ୍ଡବିଧାନ କରିବାକୁ ସେ ଦାବି କରିଛନ୍ତି।

### ‘୬ ମାସରେ ଆରମ୍ଭ ହେବ ରାମମନ୍ଦିର ନିର୍ମାଣ’

**ଗ୍ୱାଲିୟର, ୨୧।୨:** ଆଗାମୀ ୬ ମାସ ମଧ୍ୟରେ ଅଯୋଧାରେ ବିଶାଳ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଅଧକ୍ଷ ମହନ୍ତ ନୃତ୍ୟଗୋପାଳ ଦାସ ଶୁକ୍ରବାର ପ୍ରକାଶ କରିଛନ୍ତି। କୌଣସି ସରକାରୀ ଅନୁଦାନ କିମ୍ବା ଚାନ୍ଦାରେ ଏହା କରାଯିବ ନାହିଁ ବରଂ ଲୋକମାନଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଟ୍ରଷ୍ଟର ପରବର୍ତ୍ତୀ ବୈଠକରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାର କାର୍ଯ୍ୟକ୍ରମ ରହିଛି। ଜନସାଧାରଣଙ୍କ ଭାବାବେଗକୁ ଆମେ ବୁଝୁଛୁ ଓ କାଳବିଳମ୍ବ ନ କରି ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ଟ୍ରଷ୍ଟ ଅଧକ୍ଷ କହିଛନ୍ତି।



# ଓ୍ୱାଇସିଙ୍କ ସଭାରେ ‘ପାକିସ୍ତାନ ଜିନ୍ଦାବାଦ’

ବେଙ୍ଗାଲୁରୁ,୨୧।୨(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ରାଲିରେ ‘ପାକିସ୍ତାନ ଜିନ୍ଦାବାଦ୍’ ସ୍ଲୋଗାନ ଦେଇଥିବା ଯୁବତୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହେବା ସହ ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ଅତୀତରେ ଉକ୍ତ ଯୁବତୀଙ୍କର ମାଓବାଦୀଙ୍କ ସହ ସମ୍ପର୍କ

- ସ୍ଲୋଗାନ୍ ଦେଇଥିବା ଛାତ୍ରୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା
- ମାଓବାଦୀଙ୍କ ସହ ଅମୂଲ୍ୟାଙ୍କ ସମ୍ପର୍କ: ୟେଦୁରପ୍ପା
- ଯୁବତୀଙ୍କ ଘରେ ଭଙ୍ଗାରୁଜା କଲେ ହିନ୍ଦୁ ସପକ୍ଷବାଦୀ



ଅମୂଲ୍ୟା ଲିଓନା ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେବାପରେ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓ୍ୱାଇସି ତାଙ୍କ ହାତରୁ ମାଇକ୍ରୋଫୋନ ଛଡାଉଛନ୍ତି।

ରହିଥିଲା ବୋଲି କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିଛନ୍ତି।

ଏଆଇଏମ୍‌ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ ଓ୍ୱାଇସିଙ୍କ ଉପସ୍ଥିତିରେ ଅନୁଷ୍ଠିତ ‘ସମ୍ବିଧାନ ବଞ୍ଚାଅ’ ର୍‍ୟାଲିରେ ଅମୂଲ୍ୟା ଲିଓନା ନାମ୍ନୀ ଉକ୍ତ ଯୁବତୀ ତିନିଥର ‘ପାକିସ୍ତାନ ଜିନ୍ଦାବାଦ’ ସ୍ଲୋଗାନ ଦେଇଥିଲେ। ଦକ୍ଷିଣ ବେଙ୍ଗାଲୁରୁସ୍ଥିତ ଏକ ପ୍ରମୁଖ କଲେଜରେ ସାମ୍ବାଦିକତା ପଢୁଥିବା ଛାତ୍ରୀ ଅମୂଲ୍ୟାଙ୍କୁ ମଞ୍ଚରୁ ଓହ୍ଲାଇଦିଆଯାଇଥିଲା। ପୋଲିସ ତାଙ୍କୁ ଗିରଫ କରିବା ସହ ଦେଶଦ୍ରୋହ ମାମଲା ରୁଜୁ କରିଥିଲା। ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର ପରେ ଲିଓନାଙ୍କୁ ପୋଲିସ ୧୪ ଦିନ ରିମାଣ୍ଡରେ ନେଇଛି। ଅକ୍ଷମଣୀୟ ଭୁଲ୍ କରିଥିବା ଲିଓନାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଙ୍କ ବାପା ଅସ୍‌ୱାଲ୍‌ଡ ନରୋହ୍ନା କହିଛନ୍ତି। ତାଙ୍କ ଭଳି ଲୋକଙ୍କୁ ସମର୍ଥନ କରୁଥିବା ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ୟେଦୁରପ୍ପା କହିଛନ୍ତି। ଏଭଳି ସ୍ଲୋଗାନ ଦେବା ପଛରେ ଆଇନଶୃଙ୍ଖଳା ଭଙ୍ଗକରିବା ଷଡ଼ଯନ୍ତ୍ର ଥିଲା। ତଦନ୍ତ ହେଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ୟେଦୁରପ୍ପା କହିଛନ୍ତି। ପୋଲିସ ଆୟୋଜକମାନଙ୍କୁ ମଧ ପଚରାଉଚରା କରୁଛି।

କେତେକ ହିନ୍ଦୁ ସଂଗଠନର କର୍ମୀ ଗୁରୁବାର ଚିକ୍କମାଗାଲୁର ଜିଲାର ଶିବପୁରାରେ ଥିବା ଲିଓନାଙ୍କ ଘର ଉପରେ ଢେଲାମାଡ଼ କରିବା ସହ ଭଙ୍ଗାରୁଜା କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଏହି ଘଟଣା ପରେ ଲିଓନାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦିଆଯାଇଛି। ଲିଓନାଙ୍କ ଏଭଳି କାର୍ଯ୍ୟ ପାଇଁ ତାଙ୍କ ବାପା ସାରା ଦେଶକୁ କ୍ଷମା ମାଗିଛନ୍ତି। ସେ ଝିଅଙ୍କୁ କୌଣସି ଆଇନଗତ ସହାୟତା ଦେବେନାହିଁ ବୋଲି ଖବରଦାତାମାନଙ୍କୁ କହିଛନ୍ତି।

# ସିଏଏ, ଏନ୍‌ଆର୍‌ସିକୁ ଭୟ କରନି: ଉଦ୍ଧବ

ନୂଆଦିଲ୍ଲୀ, ୨୧।୨

**ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ଭାଜପା ହାତ ଛାଡ଼ି ମହାରାଷ୍ଟ୍ରରେ କଂଗ୍ରେସ, ଏନ୍‌ସିପି ସହ ମିଶି ଶିବସେନା ସରକାର ଗଠନ କରିବା ପରେ ମୋଦିଙ୍କ ସହ ଉଦ୍ଧବଙ୍କ ଏହା ପ୍ରଥମ ସାକ୍ଷାତ ଆଲୋଚନା। ଏହି ଅବସରରେ ପୁଅ ଆଦିତ୍ୟ ଠାକ୍‌ରେ ମଧ ମୋଦିଙ୍କୁ ଭେଟିଥିଲେ। ମହାରାଷ୍ଟ୍ରର ବିଭିନ୍ନ ପ୍ରସଙ୍ଗକୁ ନେଇ ଏହି ସାକ୍ଷାତ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍ ନେଇ ବିସ୍ତୃତ ଆଲୋଚନା କରାଯାଇଥିବା ଉଦ୍ଧବ ପ୍ରକାଶ କରିଛନ୍ତି। ଦେଶରେ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍‌କୁ ନେଇ ଯେଉଁ ଭୟର ବାତାବରଣ ସୃଷ୍ଟିହୋଇଛି, ସେଥିରେ କୌଣସି ସତ୍ୟତା ନାହିଁ। ଦେଶରୁ କାହାରିକୁ ବାହାର କରାଯିବ ନାହିଁ। ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ମୋଦି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିବା ଉଦ୍ଧବ ପ୍ରକାଶ କରିଛନ୍ତି।

ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ନେଇ ମେଣ୍ଟ ଭାଗୁଆଳି ଦଳ କଂଗ୍ରେସ ଓ ଏନ୍‌ସିପି ଅସନ୍ତୁଷ୍ଟ ଥିବାବେଳେ ଉଦ୍ଧବଙ୍କ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍‌କୁ ସମର୍ଥନ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ତଥାପି ରାଜ୍ୟର ‘ମହା ବିକାଶ ଅଘାଡ଼ି’ ମେଣ୍ଟ ସରକାର ପ୍ରତି କୌଣସି ବିପଦ ନ ଥିବା ଓ କ୍ଷମତାକୁ ନେଇ କିଛି ବାଦବିବାଦ ନ ଥିବା ମୁଖ୍ୟମନ୍ତ୍ରୀ ଠାକ୍‌ରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଆମେ ପୂର୍ଣ୍ଣ ୫ ବର୍ଷ ଶାସନ ଗାଦିରେ ରହିବୁ ବୋଲି ଦୃଢ଼ତାର ସହ ଉଦ୍ଧବ ଠାକ୍‌ରେ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମହାରାଷ୍ଟ୍ର ସରକାରକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟୁଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଓ ତାଙ୍କ ପୁଅ ଆଦିତ୍ୟ ଠାକ୍‌ରେ।

# ଟ୍ରମ୍ପ୍‌ଙ୍କ ସହ ଆସିବେ ଝିଅ ଇଭାଙ୍କା

**ଜୟପୁର,୨୧।୨(ପି.ଟି.):** ଭାରତ ଗସ୍ତରେ ଆସୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ତାଙ୍କ ଝିଅ ଇଭାଙ୍କା ଓ ଜ୍ୱାଇଁ ଜାରେଡ୍ କୁଶନର୍ ଆସିବେ। ଜାରେଡ୍ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବରିଷ୍ଠ ଉପଦେଷ୍ଟା ଅଛନ୍ତି। ଏଥିସହିତ ପ୍ରତିନିଧି ଦଳରେ ବହୁସଂଖ୍ୟାରେ ଆମେରିକାର ବହୁ ଉଚ୍ଚପଦସ୍ଥ ପଦାଧିକାରୀ ଆସୁଛନ୍ତି। ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ଆସିବା କଥା ପୂର୍ବରୁ ଘୋଷଣା



ଇଭାଙ୍କା ଟ୍ରମ୍ପଙ୍କ ସହ ସ୍ୱାମୀ ଜାରେଡ୍ କୁଶନର୍।

କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଟେଜେରି ସଚିବ ଷ୍ଟିଭେନ୍ ନ୍ୟୁଶିନ୍, ବାଣିଜ୍ୟ ସଚିବ ୱିଲବର ରିସ୍, ଜାତୀୟ ସୁରକ୍ଷା ଉପଦେଷ୍ଟା ରବର୍ଟ ଓ’ବ୍ରାଏନ୍ ଏବଂ ଶକ୍ତି ସଚିବ ଡାନ ବ୍ରୁଲାଇଟ୍। ୨୪ ତାରିଖରେ ଟ୍ରମ୍ପ୍ ଅହମଦାବାଦରେ ପହଞ୍ଚିବେ। ସେଠାରେ ନବନିର୍ମିତ ମୋଟେରା କ୍ରିକେଟ ଷ୍ଟାଡିୟମରେ ଟ୍ରମ୍ପ୍‌ଙ୍କ ସ୍ୱାଗତ ପାଇଁ ଅନୁଷ୍ଠିତ ହେବାକୁ ଥିବା ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ସେଠାରୁ ଟ୍ରମ୍ପ୍ ଆଗ୍ରା ଯିବେ ଓ ଶେଷରେ ନୂଆଦିଲ୍ଲୀରେ ପହଞ୍ଚି ଦ୍ୱିପାକ୍ଷିକ ଆଲୋଚନାରେ ଭାଗନେବେ। ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣକ୍ରମେ ଇଭାଙ୍କା ୨୦୧୭ ନଭେମ୍ବରରେ ହାଇଦ୍ରାବାଦ ଆସି ଗ୍ଲୋବାଲ ଇଣ୍ଟରପ୍ରିନ୍ୟୋରଶିପ୍ ସମିଟ୍‌ରେ ଯୋଗଦେଇଥିଲେ।

୨୫ ତାରିଖ ସକାଳେ ରାଷ୍ଟ୍ରପତି ଭବନ ପରିସରରେ ଟ୍ରମ୍ପ୍ ଓ ଫାଷ୍ଟ ଲେଡିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହାପରେ ସେମାନେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ସେଠାରୁ ଟ୍ରମ୍ପ୍ ହାଇଦ୍ରାବାଦ ହାଉସ୍ ଯିବେ। ସେଠାରେ ଟ୍ରମ୍ପ୍ ଓ ମୋଦିଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ହେବ। ଆତଙ୍କବାଦ ନିରୋଧୀ ଲଢ଼େଇରେ ଦୁଇଦେଶ ମଧ୍ୟରେ ସହଯୋଗ ବୃଦ୍ଧି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପାରସ୍ପରିକ ସହଯୋଗ ବଢ଼ାଇବା, ପ୍ରତିରକ୍ଷା ଓ ବାଣିଜ୍ୟ ସମ୍ପର୍କ ବୃଦ୍ଧି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇବ ବୋଲି ଜଣାପଡ଼ିଛି। ଏତଦ୍‌ବ୍ୟତୀତ ଏଚ୍‌୧ବି ଭିଜା ଆଲୋଚନାର ପ୍ରମୁଖ ପ୍ରସଙ୍ଗ ହେବ ବୋଲି ଆଶା କରାଯାଉଛି।

ଟ୍ରମ୍ପ୍‌ଙ୍କ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ବୌଦ୍ଧିକ ସମ୍ପତ୍ତି ଅଧିକାର କ୍ଷେତ୍ରରେ ସହଯୋଗ, ବାଣିଜ୍ୟକୁ ସହଜ କରିବା ଏବଂ ସୁରକ୍ଷା ପ୍ରସଙ୍ଗରେ ୫ଟି ଚୁକ୍ତି ସ୍ୱାକ୍ଷରିତ ହେବା କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ ଆମେରିକାରୁ ୨୪ଟି ଏମ୍‌ଏଚ୍-୬୦ ରୋମିଓ ହେଲିକପ୍ଟର ଏବଂ ୬ଟି ଏଏଚ୍-୬୪ଇ ଆପାଚେ ହେଲିକପ୍ଟର କିଣିବା ନେଇ ମଧ୍ୟ ଚୁକ୍ତି ସ୍ୱାକ୍ଷର ହେବା ଆଶା କରାଯାଉଛି।

### ଇତିହାସର ଆଇନାରେ — ଫେବୃୟାରୀ ୨୨ର ପ୍ରମୁଖ ଘଟଣା

୨୦୧୨ ଫେବୃୟାରୀ ୨୨ରେ ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସରେ ଏକ ରେଳ ଦୁର୍ଘଟଣା ଘଟି ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୭ ଶହରୁ ଅଧିକ ଲୋକ ଆହତ ହୋଇଥିଲେ।

୨୦୧୫ ଫେବୃୟାରୀ ୨୨ରେ ଢ଼ାକାର ମାଣିକଗଞ୍ଜ ଅନ୍ତର୍ଗତ ପଦ୍ମା ନଦୀରେ ଡଙ୍ଗା ବୁଡ଼ିଯିବାରୁ ୭୦ ଜଣଙ୍କ ପ୍ରାଣହାନି ଘଟିଥିଲା। ଡଙ୍ଗାରେ ଶତାଧିକ ଯାତ୍ରୀ ଥିଲେ। ଭାରତ ଓ ବାଂଲାଦେଶ ମଧ୍ୟରେ ପଦ୍ମା ଏକ ପ୍ରମୁଖ ନଦୀ ଭାବେ ଜଣାଶୁଣା

# ସୁରକ୍ଷା ନିର୍ଦ୍ଦେଶ ଦିଅନ୍ତୁ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୨(ପି.ଟି.)

- ସର୍ତ୍ତ ବାଢ଼ିଲେ ଶାହିନବାଗ ବିକ୍ଷୋଭକାରୀ
- ଅଳ୍ପସମୟ ଖୋଲିଲା ଫରିଦାବାଦ-ନୋଏଡା ରାସ୍ତା

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଦକ୍ଷିଣ-ପୂର୍ବ ଦିଲ୍ଲୀର ଶାହିନବାଗଠାରେ ଦୀର୍ଘ ୬୯ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ଫଳରେ ଫରିଦାବାଦ-ନୋଏଡା ରାସ୍ତା ଅବରୋଧ ହୋଇ ରହିଥିଲା। ଶୁକ୍ରବାର ସକାଳେ ଆନ୍ଦୋଳନ ସ୍ଥାନରେ କିଛି ସମୟ ପାଇଁ ରାସ୍ତାକୁ ଅବରୋଧମୁକ୍ତ କରାଯାଇଥିଲା। ପରେ ପୋଲିସ ବାରିକେଡ୍ ଦ୍ୱାରା ଏହାକୁ ବନ୍ଦ କରିଦେଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ ବୁଧବାର ଓ ଗୁରୁବାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଚଳାବସ୍ଥା ଦୂର ହୋଇ ନ ଥିଲେ ମଧ ରାସ୍ତା ଖୋଲିବା ସମ୍ଭାବନା ଥିବା ସେମାନେ ସୂଚନା ଦେଇଥିଲେ।

ଶୁକ୍ରବାର ସନ୍ଧ୍ୟାରେ ପୁଣିଥରେ ମଧ୍ୟସ୍ଥ ସଞ୍ଜୟ ହେଗଡେ ଏବଂ ସାଧନା ରାମଚନ୍ଦ୍ରନ୍ ବିକ୍ଷୋଭକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଆନ୍ଦୋଳନ ସ୍ଥାନ ସହ ସମାନ୍ତରାଳ ରାସ୍ତା ଖୋଲିବାକୁ ହେଲେ ସେମାନଙ୍କ ସୁରକ୍ଷା ଗ୍ୟାରେଣ୍ଟି ନେଇ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି ବିକ୍ଷୋଭକାରୀ କହିଛନ୍ତି। ଦିଲ୍ଲୀ ଓ ନୋଏଡାକୁ ଏକାଧିକ ରାସ୍ତା ସଂଯୋଗ କରୁଥିବାବେଳେ ଶାହିନବାଗରୁ ସେମାନଙ୍କୁ ଅନ୍ୟତ୍ର ଚାଲିଯିବାକୁ କ’ଣ ପାଇଁ କୁହାଯାଉଛି ବୋଲି ମହିଳା ବିକ୍ଷୋଭକାରୀମାନେ ବରିଷ୍ଠ ଆଇନଜୀବୀ ହେଗ୍‌ଡେ ଏବଂ ରାମଚନ୍ଦ୍ରନ୍‌ଙ୍କୁ ପ୍ରଶ୍ନ କରିଥିଲେ। ହେଗଡେ ମହିଳାମାନଙ୍କୁ କହିଥିଲେ, ଆଜି ଶିବରାତ୍ରି। ଆପଣମାନଙ୍କର କହିବାର ଅଧିକାର ରହିଛି। ଆପଣମାନେ ଯାହା କହିବାକୁ ଚାହୁଁଛନ୍ତି କୁହନ୍ତୁ। ତେବେ ରାସ୍ତା ବନ୍ଦ ଯୋଗୁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସମସ୍ତଙ୍କ ପାଇଁ ଆମକୁ ମିଳିତ ନିଷ୍ପତ୍ତି ନେବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ। ମଧ୍ୟସ୍ଥଦ୍ୱୟ ଆଲୋଚନା ପାଇଁ ଦିଲ୍ଲୀ ପୋଲିସକୁ ମଧ ଆନ୍ଦୋଳନସ୍ଥଳକୁ ଡାକିଥିଲେ। ବିକ୍ଷୋଭସ୍ଥଳରେ ଲୋକଙ୍କୁ ସୁରକ୍ଷା ଦେବା ଲାଗି ରାସ୍ତାରେ ବାରିକେଡ୍ କରାଯାଇଛି। ରାସ୍ତାରୁ ବାରିକେଡ ହଟାଇଲେ ବିକ୍ଷୋଭକାରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଦ୍ୱିଗୁଣିତ କରିବାକୁ ହେବ ବୋଲି ପୋଲିସ କହିଛି। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ ବେଳେ ପୋଲିସ ସୁରକ୍ଷା ଦେଇପାରିଲା ନାହିଁ। ସେମାନେ ଆମକୁ କିପରି ସୁରକ୍ଷା ଦେବେ ବୋଲି ଜଣେ ମହିଳା ବିକ୍ଷୋଭକାରୀ ପ୍ରଶ୍ନ କରିଥିଲେ। ସେଥିପାଇଁ ସୁପ୍ରିମକୋର୍ଟଙ୍କଠାରୁ ଆମେ ସୁରକ୍ଷା ଗ୍ୟାରେଣ୍ଟି ଚାହୁଁଛୁ ବୋଲି ଅନ୍ୟଜଣେ ବିକ୍ଷୋଭକାରୀ କହିଛନ୍ତି।



ବିକ୍ଷୋଭ ସ୍ଥଳରେ ମଧ୍ୟସ୍ଥ ସାଧନା ରାମଚନ୍ଦ୍ରନ୍ ଓ ସଞ୍ଜୟ ହେଗ୍‌ଡେ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨୨/୨୦୨୦ | Bhubaneswar, Saturday, February 22/2020 | ପୃଷ୍ଠା-୧




## କ୍ରିକେଟରୁ ପ୍ରଜ୍ଞାନଙ୍କ ଅବସର

ଭେଟେରାନ ବାମହାତୀ ସ୍ପିନର ପ୍ରଜ୍ଞାନ ଓଝା ଉଭୟ ଅନ୍ତର୍ଜାତୀୟ ଓ ପ୍ରଥମ ଶ୍ରେଣୀ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି।


୧୩

୦୮

## ସେଲିବ୍ରେଶନ ମୁଡ୍‌ରେ ବରୁଣ

ବରୁଣ ଧାୱନଙ୍କ ଅପ୍‌କମିଂ ଫିଲ୍ମ 'କୁଲି ନଂ-୧'ର ଶୁଟିଂ ଶେଷ ହୋଇଛି। ଏକଦମ୍ ସେଲିବ୍ରେଶନ ମୁଡ୍‌ରେ ଅଛନ୍ତି ପୂରା ଟିମ୍। ଏନେଇ ବରୁଣ ଖୁବ୍ ଖୁସି ଜଣାପଡୁଛନ୍ତି।





### ଆଜିର ସମ୍ପାଦକୀୟ

**ରହିବନି 'କଲେକ୍ଟର' ପଦ**

### ଆଜିର ମନ୍ତବ୍ୟ

"ନେତାଙ୍କ କଥା ଓ କାର୍ଯ୍ୟରେ ଫରକ ରହୁଥିବାରୁ ଭାରତର ରାଜନୀତି ଏକ ବିଶ୍ୱସନୀୟତାର ସଙ୍କଟକୁ ସାମ୍ନା କରୁଛି।

**-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ**

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜାନୁୟାରୀ ସମୟରେ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ଦେଶର ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣ ୭% ହ୍ରାସ ଘଟି ୩୭୮ ନିୟୁତ ଟନ୍ ରହିଛି। **– କୋଇଲା ମନ୍ତ୍ରଣାଳୟ**


Vencobb FRESH CHICKEN — Taste the difference

21.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 42 | 83 | 93 |
| CTC | 43 | 84 | 94 |
| DKL | 44 | 85 | 95 |
| BDK | 47 | 89 | 99 |
| BLS | 49 | 92 | 102 |
| ANG | 45 | 87 | 97 |
| BMP | 42 | 83 | 93 |

*Conditions Apply

Issued in the Interest of Consumers


# ବିବାଦରେ ବନ୍ଧ୍ୟାକରଣ ଏଜେଣ୍ଡା

**ଭୋପାଳ,୨୧।୨**

ଅନ୍ୟୂନ ଜଣେ ପୁରୁଷଙ୍କ ବନ୍ଧ୍ୟାକରଣ କରାଅ। ନଚେତ୍ ଚାକିରି ଛାଡ଼। ପୁରୁଷ ବହୁ-ଉଦ୍ଦେଶୀୟ ସ୍ୱାସ୍ଥ୍ୟକର୍ମୀ (ଏମ୍‌ପିଏଚ୍‌ଡବ୍ଲ୍ୟୁ)ମାନଙ୍କୁ ଏଭଳି ବିଚିତ୍ର ନିର୍ଦ୍ଦେଶନାମା ଜାରି କରି ବିବାଦରେ ଫସିଛନ୍ତି ମଧ୍ୟପ୍ରଦେଶର କମଲନାଥ ସରକାର। ମଧ୍ୟପ୍ରଦେଶରେ ମାତ୍ର ୦.୫% ପୁରୁଷ ନିଜର ବନ୍ଧ୍ୟାକରଣ କରାଇଛନ୍ତି ବୋଲି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୪ରେ ଦର୍ଶାଯାଇଛି। ଉକ୍ତ ରିପୋର୍ଟ ଆଧାରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ପକ୍ଷରୁ ରାଜ୍ୟର ବରିଷ୍ଠ ଜିଲା ଅଧିକାରୀ ଓ ଚିଫ୍ ମେଡିକାଲ ଆଣ୍ଡ ହେଲ୍‌ଥ ଅଫିସର(ସିଏଚ୍‌ଏମ୍‌ଓ)ମାନଙ୍କୁ ଏକ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଧିକାରୀମାନେ ଏପରି ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଚିହ୍ନଟ କରିବେ, ଯେଉଁମାନେ କି ୨୦୧୯-୨୦ ଆର୍ଥିକ ବର୍ଷରେ ଜଣେ ହେଲେ ପୁରୁଷଙ୍କ ବନ୍ଧ୍ୟାକରଣ କରିନାହାନ୍ତି। ବନ୍ଧ୍ୟାକରଣ କରାଇବାରେ ବିଫଳ ହେଲେ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦରମା ବନ୍ଦ କରିଦିଆଯିବା ସହ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ଏଥିରେ ନିର୍ଦ୍ଦେଶ ରହିଛି। ମାର୍ଚ୍ଚ ୩୧ରେ ଏହି ଅବଧି ଶେଷ ହେଉଥିବାବେଳେ 'କାମ ନାହିଁ ତ ଦରମା ନାହିଁ' ନିୟମକୁ ଏଥିରେ କଡ଼ାକଡ଼ି କରାଯାଇଛି। ଫେବୃୟାରୀ ୧୧ରେ ଏନ୍‌ଏଚ୍‌ଏମ୍ ପକ୍ଷରୁ ଜାରି ☞ପୃଷ୍ଠା-୨



ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ

### କମଲନାଥ ସରକାରଙ୍କ ବିଚିତ୍ର ନୀତି

- ଅନ୍ୟୂନ ଜଣେ ପୁରୁଷଙ୍କ ବନ୍ଧ୍ୟାକରଣ କରାଇବେ ସ୍ୱାସ୍ଥ୍ୟକର୍ମୀ
- ଏଥିରେ ବିଫଳ ହେଲେ ସ୍ୱାସ୍ଥ୍ୟକର୍ମୀଙ୍କ ଚାକିରି ଯିବ
- ସର୍କୁଲାରରେ ଏହାକୁ 'ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' କାର୍ଯ୍ୟ ବୋଲି ଦର୍ଶାଯାଇଛି
- ବିବାଦ ଉଠିବା ପରେ ନିର୍ଦ୍ଦେଶନାମା ପ୍ରତ୍ୟାହୃତ

### ଇନ୍ଦିରା, ଜରୁରୀ ପରିସ୍ଥିତି ଓ ଗଣବନ୍ଧ୍ୟାକରଣ

୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରିକାଳୀନ ପରିସ୍ଥିତି ଜାରି କରିଥିବାବେଳେ ତାଙ୍କ ପୁଅ ସଞ୍ଜୟ ଗାନ୍ଧୀ ଏକ ବିଚିତ୍ର ଅଭିଯାନ ଆରମ୍ଭ କରିଥିଲେ। ତାହା ହେଉଛି ପୁରୁଷ ବନ୍ଧ୍ୟାକରଣ। ଗରିବ ପୁରୁଷମାନଙ୍କୁ ବର୍ଷକ ମଧ୍ୟରେ ବନ୍ଧ୍ୟାକରଣ କରିବା ଥିଲା ଏହି ଅଭିଯାନର ଉଦ୍ଦେଶ୍ୟ। ପୋଲିସ କର୍ମଚାରୀମାନେ ଗାଁଗୁଡ଼ିକୁ ଘେରି ପୁରୁଷମାନଙ୍କୁ ଘୋଷାଡ଼ି ଘୋଷାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ସେତେବେଳେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଯୋଜନା ଅନୁସାରେ କେନ୍ଦ୍ର ସରକାର ୬.୨ ନିୟୁତ ପୁରୁଷଙ୍କ ଅସ୍ତ୍ରୋପଚାର କରାଇଥିଲେ। ଭୁଲ ଅପରେଶନ ଯୋଗୁ ୨ ହଜାରରୁ ଊର୍ଦ୍ଧ୍ୱ ପୁରୁଷଙ୍କ ମୃତ୍ୟୁ ଘଟିଥିଲା। ନାଜିମାନଙ୍କ ପୁରୁଷ ବନ୍ଧ୍ୟାକରଣ ବେଳର ମୃତ୍ୟୁସଂଖ୍ୟାର ଏହା ୧୫ ଗୁଣ ଅଧିକ ବୋଲି ସାଇନ୍ସ ଜର୍ନାଲିଷ୍ଟ ମାରା ହବିସ୍ତୋନଦହଲ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏହି ଗଣଅସ୍ତ୍ରୋପଚାରର ନେତୃତ୍ୱ ନେଇଥିବାରୁ ସଞ୍ଜୟ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ରୁକ୍ଶାନା ସୁଲତାନା ଅନେକ ଦୁର୍ନାମ ମୁଣ୍ଡାଇଥିଲେ।




## ସଅଳ ଉଠିଲା ମହାଦୀପ

**ପୁରୁଣା ଭୁବନେଶ୍ୱର, ୨୧।୨ (ଡି.ଏନ.ଏ.)**

ଶୁକ୍ରବାର ମହାଶିବରାତ୍ରି ଲାଗି ଏକାମ୍ର କ୍ଷେତ୍ର ଭକ୍ତିମୟ ହୋଇ ଉଠିଥିଲା। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ବେଢା ଓ ବାହାରେ ପୂର୍ବାହ୍ନରୁ ବିଳମ୍ବିତ ରାତି ଯାଏ ଚାଲିଥିଲା 'ଓଁ ନମଃ ଶିବାୟ' ମନ୍ତ୍ର ଉଚ୍ଚାରଣ। ଶ୍ରଦ୍ଧାଳୁମାନେ ଦୀପ ଜାଳି ଜାଗର ପାଳି ଶିବ ଆରାଧନାରେ ନିଜକୁ ହଜାଇଥିଲେ। ମହାଦୀପ ଉଠିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ରାତି ୧୦ଟା ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ସେବାୟତମାନଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ ସମସ୍ତ ରୀତିନୀତି ସଅଳ ଓ ସୁରୁଖୁରୁ ସମ୍ପନ୍ନ ହୋଇଥିଲା। ☞ପୃଷ୍ଠା-୨

# ଦୀପ ନିଆଁରେ ପୋଡ଼ିହୋଇ ୨ ମହିଳା ଗୁରୁତର

**ବ୍ରହ୍ମପୁର ଅଫିସ/ଆନନ୍ଦପୁର, (ସ୍ୱ.ପ୍ର.) ୨୧।୨**

ଶୁକ୍ରବାର ମହାଶିବରାତ୍ରି ପାଇଁ ଶୈବପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜଳାଇବା ସହ ପୂଜାର୍ଚ୍ଚନା କରିଥିଲେ। ହେଲେ ସେହି ଦୀପ ନିଆଁ ଶାଢ଼ିରେ ଲାଗି ଯିବାରୁ ପୋଡ଼ି ହୋଇ ୨ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ଗଞ୍ଜାମ ଥାନା ଅନ୍ତର୍ଗତ ଝାଡ଼କୁଦା ଗ୍ରାମର ଲୋକନାଥ ରେଡ୍ଡୀଙ୍କ ସ୍ତ୍ରୀ ସରସ୍ୱତୀ (୨୬) ଓ କେନ୍ଦୁଝର ଜିଲା ଘସିପୁରା ଥାନା ଦେଓଗାଁର କମଳିନୀ ବାରିକ। ସରସ୍ୱତୀଙ୍କୁ ପ୍ରଥମେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସରସ୍ୱତୀ ପୂର୍ବାହ୍ନରେ କଳାଯମୁନା ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରକୁ ଯାଇଥିଲେ। ଠାକୁର ଦର୍ଶନ ବେଳେ ଅସାବଧାନତାରୁ ସେଠାରେ ଜଳୁ ଥିବା ଦୀପ ଉପରେ ପଡ଼ିଯାଇଥିଲେ। ଫଳରେ ତାଙ୍କ ଶାଢ଼ିରେ ନିଆଁ ଲାଗିଯିବା ସହ ଶରୀର ପୋଡ଼ି ଯାଇଥିଲା। ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ି ☞ପୃଷ୍ଠା-୨

# ଭୁବନେଶ୍ୱର ଏମ୍ସରେ ହିନ୍ଦୀ ଭାଷାର ଗୁରୁତ୍ୱକୁ ବିଜେଡିର ବିରୋଧ

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ସମସ୍ତ କର୍ମଚାରୀ ଓ ଫାକଲ୍ଟି ହିନ୍ଦୀ ଭାଷାରେ ଦସ୍ତଖତ କରିବା ସହ ରେକର୍ଡ ପ୍ରସ୍ତୁତ କରିବେ। ଏହି ମର୍ମରେ ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କୌଣସି କାରଣ ନ ଥାଇ ହିନ୍ଦୀଭାଷାକୁ ଓଡ଼ିଶାରେ ଥିବା ଏମ୍ସ କର୍ମଚାରୀଙ୍କ ଉପରେ ଲଦି ଦିଆଯିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ସଂସଦୀୟ ଦଳ ନେତା(ଲୋକ ସଭା) ପିନାକୀ ମିଶ୍ର ଏହାକୁ ବିରୋଧ କରି ଟୁଇଟ୍ କରିଛନ୍ତି। ଟୁଇଟ୍ ମାଧ୍ୟମରେ ପିନାକୀ ଉଲ୍ଲେଖ କରିଛନ୍ତି ଯେ, ଭାଷାଭିତ୍ତିରେ ଗଠନ ହୋଇଥିବା ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ତେଣୁ ଏହି ରାଜ୍ୟର ମାତୃଭାଷାକୁ ଅଣଦେଖା କରି ଅନ୍ୟ କୌଣସି ଭାଷା ଲଦିଦେବା ଠିକ୍ ନୁହେଁ, ବିଶେଷକରି ଓଡ଼ିଶାରେ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରୁଥିବା କୌଣସି ଅନୁଷ୍ଠାନରେ ଏହା ଗ୍ରହଣୀୟ ନୁହେଁ। ରାଜ୍ୟର ଲୋକମାନେ ଓଡ଼ିଆ ଭାଷା ସହ ଅଭ୍ୟସ୍ତ। ତେଣୁ ଏମ୍ସରେ ଓଡ଼ିଆର ବ୍ୟବହାର ଦ୍ୱାରା ଲୋକମାନଙ୍କୁ ସେଠାରେ ଉପଲବ୍ଧ ସେବା ଓ ସୁବିଧା ମିଳିବା ସହଜ ହେବ ବୋଲି ପିନାକୀ କହିଛନ୍ତି। ସେହିଭଳି ଏମ୍ସ କର୍ତ୍ତୃପକ୍ଷଙ୍କ ଏପରି ନିଷ୍ପତ୍ତି ପ୍ରତିବାଦରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ଅଭିଯୋଗ କରାଯିବ। ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆକାଶ
ପରିବାରବର୍ଗ


ଧର୍ମେଶ
ପରିବାରବର୍ଗ


ଦୀପ୍ତାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାହାଡ଼ରୁ ପଥର ଖସି ୨୪ ଶିବଭକ୍ତ ଗୁରୁତର


ଜଟିଆପାହାଡ ପାଦଦେଶରେ ଭକ୍ତମାନଙ୍କ ଗହଳି।



ଗୁରୁତର ଆହତମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

**ନୂଆଗାଁ,୨୧।୨ (ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଜଟିଆପାହାଡ ଶୈବପୀଠରେ ଶୁକ୍ରବାର ଜାଗରରେ ଏକ ଦୁଃଖଦ ଘଟଣା ଘଟିଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ପଥର ପାହାଡ଼ ଉପରୁ ଖସିପଡିବାରୁ ପ୍ରାୟ ୨୪ ଶିବଭକ୍ତ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଶିଶୁକନ୍ୟା ଓ ୫ ନାବାଳିକାଙ୍କ ସମେତ ୧୮ ମହିଳା, ୬ ପୁରୁଷ ଅଛନ୍ତି। ସେମାନେ ହେଲେ ପୁରୁଣାପାଣି ଅଞ୍ଚଳର ଭନ୍ଦା ଲାଖୁଆ, ନିର୍ମଳା ସିଂ, ସଲମ ଲାଖୁଆ, ଯୁଦାଧର ଲାଖୁଆ, ସାଗର ଲାଖୁଆ, ଜୀରାମତୀ ସିଂ, ପଦ୍ମାବତୀ ସିଂ, ସଂଯୁକ୍ତା କୁମାରୀ, ପୂଜନ ଶର୍ମା, ଗୋଲଘରୁ ଗ୍ରାମର ସାବିତ୍ରୀ ସିଂ, ଝାଡଖଣ୍ଡର ଆକାଶ ବଡାଇକ, ଯୋଶମତୀ ଦେବୀ, ଜୟମନୀ କୁମାରୀ ପ୍ରମୁଖ । ଆହତଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସମସ୍ତ ଆହତଙ୍କୁ ରାଉରକେଲା ସରକାରୀ ହସ୍ପିଟାଲ (ଆର୍‌ଜିଏଚ)କୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣା ପରେ ଶିବଭକ୍ତଙ୍କ ମଧ୍ୟରେ ଛନକା ପଶିଯାଇଥିଲା। ଭୟରେ ବହୁଭକ୍ତ ଶୈବପୀଠରୁ ଚାଲି ଯାଇଥିଲେ। ଘଟଣାସ୍ଥଳରେ ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ବୀରମିତ୍ରପୁର ଏସ୍‌ଡିପିଓ ନିବେଦିତା ସୋରେନ, ବୀରମିତ୍ରପୁର ତହସିଲଦାର ଅଂଶୁମାନ ଦାଶ ପ୍ରମୁଖ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।

ହାତୀବାରିଠାରୁ ପ୍ରାୟ ୮ କି.ମି ଦୂର କନ୍ଦରକେଲା ପଞ୍ଚାୟତର ରଣାକଟା ଗାଁରେ ଜଟିଆପାହାଡ ରହିଛି। ପାହାଡ ଶିଖରରେ ଶିବମନ୍ଦିର ଥିବାରୁ ଏହି ଶୈବପୀଠକୁ ଜଟିଆବାବା ଶୈବପୀଠ ବୋଲି କୁହାଯାଏ। ଶିବରାତ୍ରି ଉପଲକ୍ଷେ ଆଖପାଖ ଅଞ୍ଚଳ ସମେତ ପଡୋଶୀ ରାଜ୍ୟ ଝାଡଖଣ୍ଡରୁ ହଜାର ହଜାର ଶିବଭକ୍ତ ଭୋର ୪ଟାରୁ ଜଳାଭିଷେକ କରିବାକୁ ମନ୍ଦିର ପାଦଦେଶରେ ଧାଡ଼ିରେ ଛିଡା ହୋଇଥିଲେ। ହାତୀବାରି ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ତେବେ କୌଣସି କାରଣରୁ ପାହାଡ ଶିଖରରୁ ଏକ ବଡ଼ ପଥର ଖସି ଖଣ୍ଡ ଖଣ୍ଡ ହୋଇ ଧାଡ଼ିରେ ଛିଡ଼ା ହୋଇଥିବା ଭକ୍ତମାନଙ୍କ ଉପରେ ପଡିଥିଲା। ଏପରି କି ପାହାଡ ପାଦଦେଶରେ ବସିଥିବା କେତେଜଣ ଭକ୍ତଙ୍କ ଉପରେ ବି ସେହି ପଥର ଖଣ୍ଡ ପଡ଼ିଥିଲା। ଏହି ଘଟଣା ପରେ ଭକ୍ତମାନେ ଏଣେତେଣେ ଦୌଡିବାକୁ ଲାଗିଥିଲେ। ବିଭିନ୍ନ ସ୍ଥାନରେ ପଥର ବାଜିବାରୁ କେତେକ ଭକ୍ତ ସେଠାରେ ପଡିଯାଇଥିଲେ। ଖବରପାଇ ନୂଆଗାଁ ଦମକଳ ବାହିନୀ ପହଞ୍ଚି ସମସ୍ତ ଆହତମାନଙ୍କୁ ପ୍ରଥମେ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।

- ଜଟିଆପାହାଡ଼ ଶୈବପୀଠ ଦର୍ଶନ ପାଇଁ ଧାଡ଼ିରେ ଠିଆ ହୋଇଥିଲେ
- ଆହତଙ୍କ ମଧ୍ୟରେ ଅଛନ୍ତି ଜଣେ ଶିଶୁକନ୍ୟା, ୫ ନାବାଳିକା
- ସମସ୍ତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତର

## ପ୍ରଥମ ପୃଷ୍ଠାରୁ...

### ବିବାଦରେ ବନ୍ଧ୍ୟାକରଣ...

ସର୍କୁଲାରରେ ଏହାକୁ 'ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' କାର୍ଯ୍ୟ ବୋଲି ଅଭିହିତ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଅନ୍ୟୂନ ଜଣେ ପୁରୁଷଙ୍କୁ ବୁଝାଇସୁଝାଇ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଇବାକୁ ନିର୍ଦ୍ଦେଶ ରହିଥିଲା। ଏହାସହ ଜିଲାଗୁଡ଼ିକରେ ଶିବିର ଆୟୋଜନ ବେଳେ ଏମ୍‌ପିଏଚ୍‌ଡବ୍ଲ୍ୟୁମାନେ ଅନ୍ୟୂନ ୫ରୁ ୧୦ ଜଣ ଆଗ୍ରହୀ ହିତାଧିକାରୀଙ୍କୁ ଅସ୍ତ୍ରୋପଚାର କରାଇବେ ବୋଲି କୁହାଯାଇଥିଲା। ନିର୍ଦ୍ଦେଶନାମାକୁ ନେଇ ବିବାଦ ସୃଷ୍ଟିହେବା ପରେ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ମଧ୍ୟପ୍ରଦେଶ ଏନ୍‌ଏଚ୍‌ଏମ୍ ଉପନିର୍ଦ୍ଦେଶିକା ପ୍ରଜ୍ଞା ତିୱାରୀ କହିଛନ୍ତି, ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶନାମାକୁ ତତ୍କାଳ ରଦ୍ଦ କରାଯାଉଛି। ଏଥିରେ ବ୍ୟବହାର କରାଯାଇଥିବା ଭାଷା ଠିକ୍ ନ ଥିଲା। ଉପଯୁକ୍ତ ବିଚାର ପରେ କାମ କରାଯିବା ଉଚିତ। ତେବେ ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ତୁଲସୀ ସିଲାୱତ୍‌ଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଭୁବନେଶ୍ୱର ଏମ୍ସରେ ହିନ୍ଦୀ ...

ଏଥିସହିତ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ପରିବର୍ତ୍ତନ ପାଇଁ କୁହାଯିବ ବୋଲି ସେ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏମ୍ସ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ସମସ୍ତ କର୍ମଚାରୀ ଦସ୍ତଖତ ସହ ସେମାନଙ୍କ ନାମ ଓ ରେଜିଷ୍ଟରରେ ହେଉଥିବା ସବୁ କାର୍ଯ୍ୟ ହିନ୍ଦୀରେ କରିବେ। ଚିଠିରେ ସର୍ବନିମ୍ନ ୩୦% ଏବଂ ଯୋଗାଯୋଗ ଲାଗି ଅନ୍ୟୂନ ୫୫% ହିନ୍ଦୀଭାଷା ବ୍ୟବହାର କରିବାକୁ କୁହାଯାଇଛି। ହିନ୍ଦୀଭାଷାରେ ଆସୁଥିବା ସମସ୍ତ ପତ୍ରର ଉତ୍ତର ସେହି ଭାଷାରେ ଦେବାକୁ ମଧ୍ୟ କୁହାଯାଇଛି। ପ୍ରଶାସନିକ ବୈଠକ ବେଳେ ହିନ୍ଦୀଭାଷା ବ୍ୟବହାର କରାଯିବା ସହ ଏହା ପରବର୍ତ୍ତୀ ବିବରଣୀ ଏହି ଭାଷାରେ ଉଲ୍ଲେଖ କରିବା ଲାଗି ନିର୍ଦ୍ଦେଶ ରହିଛି। 'ଭୁବନେଶ୍ୱର ଏମ୍ସର ଅବାନ୍ତର ନିଷ୍ପତ୍ତି' ଶୀର୍ଷକ ଏକ ଖବର 'ଧରିତ୍ରୀ' ପ୍ରଥମ ପୃଷ୍ଠାରେ ଶୁକ୍ରବାର(୨୧ ଜାନୁୟାରୀ, ୨୦୨୦) ପ୍ରକାଶ ପାଇଥିଲା।

### ଦୀପ ନିଆଁରେ ପୋଡ଼ିହୋଇ ...

ଯାଇଥିବା ଡାକ୍ତର କହିଛନ୍ତି। ସେହିପରି କମଳିନୀ ଘସିପୁରା ଥାନା ଅନ୍ତର୍ଗତ ଦେଓଗାଁର କୁଶଳେଶ୍ୱର ମହାଦେବଙ୍କ ମନ୍ଦିରକୁ ଦର୍ଶନ ଆସିଥିଲେ । ସେ ମୁଣ୍ଡିଆ ମାରୁଥିବା ସମୟରେ ତାଙ୍କ ପଛରେ ଜଣେ ଯୁବତୀ ଦୀପ ଲଗାଇ ପୂଜା କରୁଥିଲେ। କମଳିନୀଙ୍କ ଶାଢ଼ୀରେ ସେହି ଦୀପ ଲାଗିଯିବାରୁ ସେ ପୋଡ଼ି ଯାଇଥିଲେ । ଉପସ୍ଥିତ ଲୋକଙ୍କ ସହାୟତାରେ ତାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି।


ଚିକିତ୍ସିତ ହେଉଛନ୍ତି କମଳିନୀ ବାରିକ।

### ସଅଳ ଉଠିଲା ...

ସମର୍ଥା ସେବକ ମହାଦୀପକୁ ଧରି ୭ଥର ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ଏହାପରେ ସେ ମନ୍ଦିର ଉପରକୁ ମହାଦୀପ ଉଠାଇଥିଲେ। ନିର୍ଦ୍ଧାରିତ ସମୟର ୧୫ ମିନିଟ୍ ପୂର୍ବରୁ ଅର୍ଥାତ୍ ରାତି ୯ଟା ୪୫ ମିନିଟ୍‌ରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ମନ୍ଦିର ଚୂଡ଼ାରେ ୩ଥର ପରିକ୍ରମା କରାଯିବା ପରେ ମହାଦୀପକୁ କଳସ ନିକଟରେ ସ୍ଥାପନ କରାଯାଇଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହରହର ମହାଦେବ ଧ୍ୱନିରେ ସାରା ପରିବେଶ ପ୍ରକମ୍ପିତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱ ନକ୍ଷତ୍ରରେ ଚନ୍ଦ୍ର ରହିଥିବାରୁ ମାନସିକ ସ୍ଥିତି ଭଲ ରହିବ ଏବଂ ପ୍ରତ୍ୟେକ କାମ ଯଥା ସମୟରେ ସମ୍ପନ୍ନ ହେବ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମାରମ୍ଭ କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି। ନିକଟ ସମ୍ପର୍କୀୟମାନେ ଦୂରେଇରହିବେ।

**ବୃଷ** ଉଚ୍ଚରାଶିରେ ଶୁକ୍ର ଥିବାରୁ ପ୍ରତ୍ୟେକ ପ୍ରତିବନ୍ଧକକୁ ଚତୁରତାର ସହ ସମ୍ମୁଖୀନ ହୋଇ ସଫଳତା ପ୍ରାପ୍ତ ହେବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ଦୃଢ଼ତାର ସହ ପାରିବାରିକ ଶୃଙ୍ଖଳା ରକ୍ଷାକରି ସମାଲୋଚିତ ହେବେ । ପ୍ରଶାସନ,ଆଇନ, କଳା,ସାହିତ୍ୟ,ସାମ୍ବାଦିକତାରେ ଉନ୍ନତି କରିବେ।

**ମିଥୁନ** ପାପାକ୍ରାନ୍ତ ବୁଧ ବନ୍ଧୁମାନଙ୍କ ସହ ମତାନ୍ତର ସୃଷ୍ଟିକରି ନୂତନ ସମସ୍ୟା ସୃଷ୍ଟିକରିବେ। ମୃଗଶିରା ନକ୍ଷତ୍ର ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେଲେ ସଫଳତା ପାଇପାରିବେ। ପରିବାରରେ ପାରସ୍ପରିକ ଦୋଷ ଦୁର୍ବଳତାର ଆଲୋଚନାକରି ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପିଲାଙ୍କ ଅଭିଯୋଗ ଦୁଶ୍ଚିନ୍ତାର କାରଣ ହେବ।

**କର୍କଟ** ଭାଗ୍ୟସ୍ଥାନରେ ଶୁକ୍ର ଥିବାରୁ ଆଜି ସକାଳୁ ସକାଳୁ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ଦକ୍ଷତା ଓ ସଙ୍କୋଚତା ହେତୁ କର୍ମକ୍ଷେତ୍ରରେ ଅଥବା ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ତରରେ ବିଚଳିତ ରହିପାରନ୍ତି।

**ସିଂହ** ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ଦିନ ମଧ୍ୟରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କେତେକ ସ୍ଥଗିତ କାମ ସକାଶେ ମାନସିକ ଅସ୍ଥିରତା କାରଣରୁ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କନ୍ୟା** ମନ୍ତ୍ରଣା ସ୍ଥାନରେ ଶନି ଥିବାରୁ ଆଇନ, ଅଦାଲତ, ଗଣତାନ୍ତ୍ରିକ ପ୍ରକ୍ରିୟା ତଥା ସାଙ୍ଗଠନିକ କାର୍ଯ୍ୟରେ ସଫଳତା ମିଳିବ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାନକୁହା କଥା ଶୁଣି ପରିବାରରେ ପାରସ୍ପରିକ ସନ୍ଦେହ ଭାବ ଜାଗ୍ରତ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦିତ ରହିପାରନ୍ତି।

**ତୁଳା** ଶନିଯୁକ୍ତ କର୍ମାଧିପତିଙ୍କ ଶୁଭଦୃଷ୍ଟିରୁ ବିଗତ ଦିନଗୁଡ଼ିକରେ ସୃଷ୍ଟି ହୋଇଥିବା ସମସ୍ୟା ଆଜି ହଠାତ୍ ସମାଧାନ ହେବ। ମାଙ୍ଗଳିକ କାର୍ଯ୍ୟରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିପାଇବ।

**ବିଛା** ମନ ଅନୁଯାୟୀ କୌଣସି କାର୍ଯ୍ୟ ନ ହୋଇପାରିବା ଯୋଗୁ ମାନସିକ ସ୍ଥିତି ଭଲ ରହିବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଫଳତଃ ସ୍ଥଗିତ କାମକୁ ପୂରାଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ, ଯାହାକି ଆଗାମୀ ସମୟରେ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ଧନୁ** ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କଚେରି ମାମଲାରେ ଆଇନର କାଠଗଡ଼ାକୁ ଦୌଡ଼ିବାକୁ ପଡ଼ିପାରେ। ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ କାରଣରୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି।

**ମକର** ସ୍ୱଗୃହୀ ଶନିଙ୍କ ସୁପ୍ରଭାବଜନିତ ସାମାଜିକ କିମ୍ବା ରାଜନୈତିକ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ ଏବଂ ନୂତନ କାର୍ଯ୍ୟାରମ୍ଭ ପ୍ରୀତିପ୍ରଦ ରହିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ** ଚତୁର୍ଥ ସ୍ଥାନ ପାପପ୍ରଭାବରୁ ମୁକ୍ତ ରହିଥିବାରୁ ପାରିବାରିକ ଓ ସାମାଜିକ ସ୍ଥିତି ବହୁତ ଭଲ ରହିବ। ବନ୍ଧୁମାନଙ୍କ ସାହାଯ୍ୟରେ ଆଶା କରୁଥିବା କାର୍ଯ୍ୟକୁ ସହଜରେ ସମ୍ପନ୍ନ କରିପାରିବେ। ଶତଭିଷା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ସହ ବାକ୍‌ଯୁଦ୍ଧର ଆଶଙ୍କା ରହିଛି।

**ମୀନ** ରାଶିରେ ତୃତୀୟ ଅଷ୍ଟମାଧିପ ଥିବାରୁ ଆର୍ଥିକ,ଶାରୀରିକ ସ୍ଥିତି ଭଲ ରହିବନାହିଁ ଏବଂ ବିବାଦୀୟ ପରିସ୍ଥିତିରେ ମଧ୍ୟ ଆଶଙ୍କା ରହିଛି। ସଂକୋଚ ପରିହାରକରି ନିକଟରେ ରହୁଥିବା ବନ୍ଧୁଙ୍କର ସାହାଯ୍ୟ ପ୍ରାର୍ଥୀ ହେଲେ ଉପକୃତ ହୋଇପାରନ୍ତି। ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟ,ପରିବହନ ସକାଶେ ଗ୍ରହ ସ୍ଥିତି ବାଧକ ହେବନାହିଁ।

ଆଜି ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ଶନିବାର, ବୈଷ୍ଣବ ସମ୍ମତ ମହାଶିବରାତ୍ରି ଉପବାସ, ଫେବୃୟାରୀ ୨୨ ତାରିଖ,ରାଶିନକ୍ଷତ୍ର-ଦିବା ଘ୧୧।୪୩ମି. ପର୍ଯ୍ୟନ୍ତ ଶ୍ରବଣା/ମକର, ଅମାବାସ୍ୟାର ନିଶାପାଳନ,ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୦୫ମି. ଗତେ, ଘ୧।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୧ମି. ଗତେ ଘ୯।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୯।୦୮ମି. ଗତେ ଘ୧୦।୩୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**
**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outright‌ରେ) ମିଳୁଅଛି। 9937025614, 7008390130.** D-68480

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଭୁବନେଶ୍ୱର ହଂସପାଳଛକ ଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

Duplex house (five bedrooms, outhouse, covered car parking) near IRC Village (no broker), 7684836369 (9-5 pm). D-65902

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

ଭୁବନେଶ୍ୱର କଟଣୀଗେଟ୍ ଠାରେ **sqft-185/-, SC plot sqft-120/-,** ନଖରା **SC plot sqft-390/- IIT** ଅରଗୁଳ **sqft-120/-, immediate possession/ registration, 8144706560, 7750909843.** D-68488

Gharabari plot sale Sundarpada near Hi-tech Plaza sqft. 910/-. 9337766961, 9439364818. D-16820

**2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746.** D-68491

ଭୁବନେଶ୍ୱର ବାଳକାଟି ବଜାରରୁ **2km sqft.-550/-,** (ଘରବାରି) କଟଣୀଗେଟ୍‌ଠାରେ **sqft.-200/-,** କଟକ ତ୍ରିଶୁଳିଆରୁ **4km sqft.-300/-** ପ୍ଲଟ୍ ମିଳୁଅଛି। **7978939440, 9178004547.** D-68489

ମଦନପୁର Infocity-II 200' Road ପାଖରେ yellowzone boundary plot ନିଅନ୍ତୁ। 9438859527. D-68496

**2400sqft. corner plot with boundary wall, electricity near Infocity-2 7008818121, 9938770157.** D-68493

ସୁନ୍ଦରପଦା **Hitech Plaza** ପାଖରେ **30'**ରାସ୍ତା, ଘରବାରି, **boundary,** ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। **6370292040.** D-68495

**2BHK flat 1120sqft. adjecent to Mountlitera Zee School Kateni, Bhubaneswar for sale @ 18,50,000/-** 9937847725.** D-16807

13500 sqft. gharabari commercial plot 4km from Phulnakhara-Niali, near Bharat Petrol Pump- 8658182243. D-68069

**Best location, development, communication and price ready for construction Balianta, Pahala, Nakhara (Both general and SC plot available )- 9040059669.** D-68667

4BHK (2300Sqft.) with double parking readymade new luxurious apartment sale at prime location of Puri. Please call: 9438109040, 8144658008. D-16821

**GA freehold plot sale immediately at Surya Nagar (4000 sqft.) only buyer contact Deepak- 9937329999.** D-68070

1600 sqft. gharabari residential plot for sale near Rabi Talkies, Tankapani Road, Bhubaneswar. 51 lakh. 7326084916. D-69221

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791

Plot for sale at Puri near Lokanath Temple sthitiban patta plot, 30ft road, electrification sqft. 1000. Contact- 9438422888. D-69220

**construction**

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719

**to-let**

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୬୭୪

**packers & movers**

Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608

**healthcare**

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and full Ayurvedic body massage by smart therapist. 9114402304. D-69217

**EDUCATION**

10th, +2, +3ରେ ଭଲ percentage ସହ guaranteed ପାସ୍‌ପାଇଁ VIDYASHREE 0674-2551286, 9337188619. D-68593

**business**

**Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery@3500/-per month. Pokhariput, Bhubaneswar. Contact: 9668732935.** D-67291

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ମାର୍ଚ୍ଚ ୧୫ରେ ସିଭିଲ୍ ସର୍ଭିସ (ପ୍ରିଲିମ) ପରୀକ୍ଷା

କଟକ ଅଫିସ,୨୧।୨: ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ (ପ୍ରିଲିମ୍) ପରୀକ୍ଷା ଆସନ୍ତା ମାର୍ଚ୍ଚ ୧୫ରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ଜେନେରାଲ୍ ଷ୍ଟଡିଜ(ପେପର୍-୧) ଏବଂ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍(ପେପର୍-୨) ପରୀକ୍ଷା ହେବ। ଚଳିତବର୍ଷ ୫ଟି ଜୋନ୍ ଯଥା- ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ସମ୍ବଲପୁରଠାରେ ଗ୍ରୁପ୍-ଏ ଏବଂ ଗ୍ରୁପ୍-ବି ବର୍ଗରେ ମୋଟ୍ ୧୫୩ଟି ପଦବୀ ପୂରଣ ପାଇଁ ଏହି ପରୀକ୍ଷା କରାଯିବ। ଗ୍ରୁପ୍-'ଏ'ରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍), ଓଡ଼ିଶା ପୋଲିସ ସେବା(ଓପିଏସ୍), ଓଡ଼ିଶା ଆର୍ଥିକ ସେବା(ଓଏଫ୍ଏସ୍) ଓ ଗ୍ରୁପ୍-'ବି'ରେ ଓଡ଼ିଶା ସମବାୟ ସେବା, ଓଡ଼ିଶା ରାଜସ୍ୱ ସେବା, ଓଡ଼ିଶା ଟିକସ ଏବଂ ଆକାଉଣ୍ଟ ସେବା ପଦବୀ ପୂରଣ ପାଇଁ ପରୀକ୍ଷା କରାଯିବ। ପ୍ରିଲିମ ପରୀକ୍ଷା ପରେ ମୁଖ୍ୟ ପରୀକ୍ଷା ଏବଂ ଶେଷରେ ଇଣ୍ଟରଭ୍ୟୁ/ବ୍ୟକ୍ତିତ୍ୱ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରିଲିମ ପରୀକ୍ଷାର ଆଡ୍‌ମିଟ୍ କାର୍ଡ ଏବଂ ଅନ୍ୟାନ୍ୟ ତଥ୍ୟ ଜାଣିବା ପାଇଁ ନିୟମିତ ୱେବ୍‌ସାଇଟ୍ ଦେଖିବାକୁ ଓପିଏସ୍‌ସି ପକ୍ଷରୁ କୁହାଯାଇଛି।

## ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ୍ ଦୁଇଥର ବଗିରୁ ଅଲଗା ହେଲା

ନୂଆଦିଲ୍ଲୀ,୨୧।୨: ନୂଆଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ ଶୁକ୍ରବାର ସକାଳେ ଦୁଇଥର ବଗିରୁ ଅଲଗା ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତ୍ରୁଟିପୂର୍ଣ୍ଣ ସଂଯୋଗ ଯୋଗୁ ଏଭଳି ଘଟଣା ଘଟିଛି। ଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲରୁ ଟ୍ରେନ୍‌ଟି ଛାଡ଼ିବାର ଅଳ୍ପ ସମୟ ପରେ ବଗି ଅଲଗା ହୋଇଥିବାବେଳେ ପୁଣିଥରେ ହଥ୍‌ରାସ ଷ୍ଟେଶନରେ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବଗି ବିଚ୍ଛିନ୍ନ ହେବାରୁ ଟ୍ରେନ୍‌କୁ ଘଣ୍ଟା ଘଣ୍ଟା ଅଟକି ରହିବାକୁ ପଡ଼ିଥିଲା। ଯାତ୍ରୀ ସୁରକ୍ଷିତ ଅଛନ୍ତି, ଚିନ୍ତା କରିବାର କିଛି କାରଣ ନାହିଁ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ଇଞ୍ଜିନ୍‌ରୁ ବଗି ଅଲଗା ହୋଇଯିବା ନୂଆ ଘଟଣା ନୁହେଁ। କିଛିମାସ ପୂର୍ବେ ସିକନ୍ଦରାବାଦ ଯାଉଥିବା ବିଶାଖା ଏକ୍ସପ୍ରେସ୍ ବାଲୁଗାଁ ଷ୍ଟେଶନ ଛାଡ଼ିବା ବେଳେ ଏହାର ଇଞ୍ଜିନ ବଗିକୁ ଛାଡ଼ି ପଳାଇଯାଇଥିଲା।

## ଜେକେ କାଗଜ କଳରେ ଅଗ୍ନିକାଣ୍ଡ

**ରାୟଗଡା ଅଫିସ, ୨୧।୨:** ରାୟଗଡା ଜେକେ କାଗଜ କଳରେ ଶୁକ୍ରବାର ଏକ ଅଗ୍ନିକାଣ୍ଡ ଘଟିଛି। ଏସିରୁ ଶଟସର୍କିଟରୁ ଘଟି ନିଆଁ ଲାଗିଥିବା ଜେକେ କାଗଜ କଳର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହରିହର ଖମାରି କହିଛନ୍ତି। କାଗଜ କଳ ଗୋଦାମ ଗୃହରେ ଏହି ଅଗ୍ନିକାଣ୍ଡ ଘଟିଛି। ଏଥିରେ କେବଳ ଏକ ଏସି ଜଳିଯାଇଛି ବୋଲି ସେ କହିଛନ୍ତି। ନିକଟରେ ଏକ କୋଇଲା ବୋଝେଇ ଗାଡ଼ି ଥିଲା ଯାହା ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି।

# ୧୭ ସହରରୁ ଉତ୍ପାଦନ ହେବ ସବୁଜ ଶକ୍ତି

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ପାରମ୍ପରିକ ଶକ୍ତି ଉତ୍ସ ବେଳକୁ ବେଳ ହ୍ରାସ ପାଉଥିବାରୁ ଅଣପାରମ୍ପରିକ ଶକ୍ତି ଉପରେ ଆଗାମୀ ଦିନରେ ଅଧିକ ନିର୍ଭର କରିବାକୁ ପଡ଼ିବ। ସେଥିପାଇଁ ରାଜ୍ୟ ସରକାର ସବୁଜ ଶକ୍ତି ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏହି ଶକ୍ତି ଉତ୍ସକୁ ଅଧିକ ପ୍ରୋତ୍ସାହନ ଦେବା ସକାଶେ ରାଜ୍ୟ ସରକାର ପୂର୍ବରୁ ଓଡ଼ିଶା ସବୁଜ

**୬୧୨ ସରକାରୀ କୋଠାରୁ ମିଳିବ ୧୯ ମେଗାୱାଟ ସୌରଶକ୍ତି**

ଶକ୍ତି ଉନ୍ନୟନ ନିଗମ (ଜେଡ୍‌କଲ) ନାମରେ ଏକ ସଂସ୍ଥା ଗଠନ କରିଛନ୍ତି। ଏହି ସଂସ୍ଥାଦ୍ୱାରା ଓଡ଼ିଶାର ୧୭ ସହରରେ ଯଥା–ବୁର୍ଲା, ହୀରାକୁଦ, ରାଉରକେଲା, ପୁରୀ, ଖୋର୍ଦ୍ଧା, ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର, ସୁନାବେଡା, ବାଲେଶ୍ୱର, ଭଦ୍ରକ, ବାରିପଦା, ଭୁବନେଶ୍ୱର ଏବଂ ବଲାଙ୍ଗୀରଠାରେ ୬୧୨ ସରକାରୀ କୋଠା ଉପରେ ଅନ୍ୟୂନ ୧୯ ମେଗାୱାଟ କ୍ଷମତା ସମ୍ପନ୍ନ ରୁଫ୍‌ଟପ ସୌର ପ୍ରକଳ୍ପ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରରେ ୮୫ କୋଠାରେ ୨୨୮୫ କିଲୋୱାଟ୍, ହୀରାକୁଦର ୭ କୋଠା ଉପରେ ୧୭୪, ବୁର୍ଲାର ୮୮ କୋଠାରେ ୩୦୭୯, ରାଉରକେଲାର ୯୨ କୋଠାରେ ୨୬୫୨, ଛତ୍ରପୁରର ୧୫ କୋଠାରେ ୫୨୦, ବାଲେଶ୍ୱରର ୩୧ କୋଠାରେ ୮୨୦, ବ୍ରହ୍ମପୁରର ୫୩ କୋଠାରେ ୨୧୬୨, ବାରିପଦାର ୪୪ କୋଠାରେ ୧୪୮୪, ଭଦ୍ରକର ୧୨ କୋଠାରେ ୧୭୫, ପୁରୀର ୨୯ କୋଠାରେ ୭୯୨, ଖୋର୍ଦ୍ଧାର ୪୨ କୋଠାରେ ୧,୦୪୧, କୋରାପୁଟର ୧୫ କୋଠାରେ ୪୬୪, ନବରଙ୍ଗପୁରର ୩୦ କୋଠାରେ ୯୭୨, ସୁନାବେଡ଼ାର ୧୪ କୋଠାରେ ୪୭୮, ଜୟପୁରର ୨୪ କୋଠାରେ ୭୦୪, ବଲାଙ୍ଗୀରର ୧ଟି କୋଠାରେ ୧୪୦ ଏବଂ ଭୁବନେଶ୍ୱରର ୩୦ ଛାତ ଉପରେ ୮୭୭ କିଲୋୱାଟ ସୌର ଶକ୍ତି ଉତ୍ପାଦନ କରାଯିବ। ଏହାଛଡ଼ା ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ମାଧ୍ୟମରେ ୧୦୬୬ କୋଠା ଛାତ ଉପରେ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଜେଡ୍‌କଲ ମାଧ୍ୟମରେ କଟକ ଓ ଭୁବନେଶ୍ୱରର ୬ ସରକାରୀ କୋଠା ଉପରେ ୪ ମେଗାୱାଟ କ୍ଷମତାସମ୍ପନ୍ନ ସୌରଶକ୍ତି ପ୍ରକଳ୍ପ ପ୍ଲାଣ୍ଟ ସ୍ଥାପନ କରାଯାଇଛି।



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅନ୍ତର୍ଗତ ଭୁବନେଶ୍ୱର ଶହୀଦ ନଗର ଇନ୍‌ଡୋର ହଲ୍‌ରେ ଶୁକ୍ରବାର ଅନୁଷ୍ଠିତ ଫେନ୍‌ସିଂ ପ୍ରତିଯୋଗିତା। (ଫଟୋ: ବିକାଶ ନାୟକ)।

# ସିସିଟିଭି ଭଙ୍ଗାହେଲେ ସୁପରିଣ୍ଟେଣ୍ଡେଣ୍ଟ ଦାୟୀ

**ଭୁବନେଶ୍ୱର, ୨୧।୨(ବ୍ୟୁରୋ):** ମାଟ୍ରିକ ପରୀକ୍ଷା ପାଇଁ ରାଜ୍ୟରେ ହୋଇଥିବା ମୋଟ କେନ୍ଦ୍ର ମଧ୍ୟରୁ ୧୦୦୦ଟି ସେଣ୍ଟରରେ ସିସିଟିଭି କ୍ୟାମେରା ଲଗାଯାଇଛି। ସିସିଟିଭି କ୍ୟାମେରା ଲାଗିବା କାରଣରୁ ପରୀକ୍ଷାରେ କପି ହୋଇପାରୁନି। ଯେଉଁଥିଲାଗି ଜାଣିଶୁଣି ସିସିଟିଭି କ୍ୟାମେରାକୁ ଭାଙ୍ଗି ଦିଆଯାଉଛି। ଫଳରେ ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ତଥା ସିସିଟିଭିର ସୁରକ୍ଷା ଲାଗି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପରୀକ୍ଷା ନିରୀକ୍ଷକ ଏବଂ ସମସ୍ତ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ନୋଟିସ ଜାରି କରାଯାଇଛି। ଅନ୍ୟପଟେ ଏଭଳି ଘଟଣା ଲାଗି ସମ୍ପୃକ୍ତ କେନ୍ଦ୍ରର ଅଧୀକ୍ଷକ ଦାୟୀ ରହିବେ ବୋଲି

**ଭାଙ୍ଗୁଥିବା ଛାତ୍ରୀଛାତ୍ର ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ**

ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସେ କହିଛନ୍ତି ଯେ, ଭିଡିଓ କନଫରେନ୍ସିଂ ଜରିଆରେ ବୋର୍ଡ ତରଫରୁ ସମସ୍ତ ୨୮୮୮ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଏବଂ ସବୁ ଡିଇଓଙ୍କ ସହ ଆଲୋଚନା ହୋଇଛି। ଆଗକୁ ଏପରି ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯଦି କୌଣସି ଛାତ୍ରୀଛାତ୍ର ସିସିଟିଭି କ୍ୟାମେରା ଭାଙ୍ଗିବା ନେଇ ପ୍ରମାଣ ମିଳେ ତେବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ।




# ୨୩ରୁ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୧।୨(ବ୍ୟୁରୋ)

ଆସନ୍ତା ୨୩ ତାରିଖରୁ ରାଜ୍ୟରେ ପାଗ ପରିବର୍ତ୍ତନ ହେବ। ମେଘୁଆ ପାଗ ସାଙ୍ଗକୁ ବର୍ଷା ଲାଗି ରହିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରଥମେ ବର୍ଷା ହେବ। ଏହା ପରେ ଉପକୂଳକୁ ଘେରିବ। ପ୍ରଥମେ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୪ ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ ଏବଂ ନୟାଗଡ଼ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହି ସମୟରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ଏବଂ ଉତ୍ତର ଉପକୂଳ ଓଡ଼ିଶାର ଅଳ୍ପ କେତେକ ସ୍ଥାନ ଏବଂ ଖୋର୍ଦ୍ଧା, ପୁରୀ, ନୟାଗଡ ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୫ ଓ ୨୬ ଦୁଇଦିନ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ପୁରୀ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ବର୍ଷା ଯୋଗୁ ଚଳିତ ମାସ ଶେଷ ଯାଏ ପାଗ ଥଣ୍ଡା ରହିବ। ଅଧିକ ଗରମ ଅନୁଭୂତ ହେବ ନାହିଁ। ଉତ୍ତର ପଶ୍ଚିମ ଦିଗରୁ ଭୂପୃଷ୍ଠରୁ ୧୨ କି.ମି. ଉଚ୍ଚତାରେ ଥଣ୍ଡାବାୟୁ ଘଣ୍ଟାକୁ ୧୦୦ କି.ମି. ବେଗରେ ବହୁଛି। ଦିନର ତାପମାତ୍ରା ୩୦ରୁ ୩୧ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ରାତ୍ରିରେ ଥଣ୍ଡା ଅନୁଭୂତ ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୩ରୁ ୨୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିବା ବେଳେ ଦିନର ସର୍ବୋଚ୍ଚ ତାପମାତ୍ରା ୧୨ରୁ ୨୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି।

# ସାଂଗଠନିକ ଜିଲା ପାଇଁ ସଭାପତି ଘୋଷଣା କଲା ବିଜେଡି

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଶୁକ୍ରବାର ୩୩ ସାଂଗଠନିକ ଜିଲା ପାଇଁ ସଭାପତି ଘୋଷଣା କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଏହା ଘୋଷଣା ହୋଇଛି।

ଏହି ନୂତନ ଜିଲା ସଭାପତି ତାଲିକାରେ ୧୯ ନୂଆ ମୁହଁ ରହିଛନ୍ତି। ସେହିପରି ଏକାଧିକ ମନ୍ତ୍ରୀଙ୍କୁ ମଧ୍ୟ ଜିଲା ସଭାପତି ଦାୟିତ୍ୱ ଦିଆଯାଇଛି। କଟକ ଜିଲା ସଭାପତି ଭାବେ ଦେବାଶିଷ ସାମନ୍ତରାୟଙ୍କୁ ନିଯୁକ୍ତି ମିଳିଥିବା ବେଳେ ଭୁବନେଶ୍ୱର ସାଂଗଠନିକ ଜିଲା ଦାୟିତ୍ୱ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲା ସଭାପତି ଭାବେ ବିଭୂତି ବଳବନ୍ତରାୟ, ପୁରୀରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ପୁନର୍ବାର ଜିଲା ସଭାପତି ଭାବେ ମନୋନୀତ କରାଯାଇଛି। ଅନୁରୂପ ଭାବେ ମହେନ୍ଦ୍ର ବଢ଼େଇଆଙ୍କୁ ଅନୁଗୋଳ, ରବୀନ୍ଦ୍ର ଜେନାଙ୍କୁ ବାଲେଶ୍ୱର, ବିଜୟ ରଞ୍ଜନ ସିଂ ବରିହାଙ୍କୁ ବରଗଡ ଏବଂ ଜଗନ୍ନାଥ ସ୍ୱାଇଁଙ୍କୁ ଭଦ୍ରକ ଜିଲା ସଭାପତି ଭାବେ ଦାୟିତ୍ୱ ମିଳିଛି। ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଥିବା ପ୍ରଫୁଲ୍ଲ ମଲ୍ଲିକଙ୍କୁ ଢେଙ୍କାନାଳ, ଟୁକୁନି ସାହୁଙ୍କୁ ବଲାଙ୍ଗୀର ଏବଂ ସୁଦାମ ମାର୍ଣ୍ଡିଙ୍କୁ ମୟୂରଭଞ୍ଜ ଜିଲା ସଭାପତିଭାବେ ଦାୟିତ୍ୱ ମିଳିଛି। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ କଳାହାଣ୍ଡି, ବିଧାୟକ ଶାରଦା ନାୟକଙ୍କୁ ରାଉରକେଲା ସାଂଗଠନିକ ଜିଲାର ଦାୟିତ୍ୱ ମିଳିଛି। ବିଧାୟକ ମହୀଧର ରଣାଙ୍କୁ ବୌଦ୍ଧ, ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଦେବଗଡ, ପ୍ରଦୀପ ନାୟକଙ୍କୁ ଗଜପତି ଏବଂ ପୂର୍ବତନ ବିଧାୟକ ରମେଶ ଚ୍ୟାଉ ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲା ସଭାପତି ଦାୟିତ୍ୱ ମିଳିଛି।

- ରବୀନ୍ଦ୍ରଙ୍କୁ ବାଲେଶ୍ୱର, ଜଗନ୍ନାଥଙ୍କୁ ଭଦ୍ରକ
- ମାଧବଙ୍କୁ କେନ୍ଦୁଝର, ସୁଦାମଙ୍କୁ ମୟୂରଭଞ୍ଜ ଦାୟିତ୍ୱ
- ତାଲିକାରେ ଅଧାରୁ ଅଧିକ ନୂଆ ମୁହଁ, ଏକାଧିକ ମନ୍ତ୍ରୀ

ବିଧାୟକ ପ୍ରଶାନ୍ତ ମୁଦୁଲି ଜଗତ୍‌ସିଂହପୁର, ସରୋଜ ମହାପାତ୍ର ଯାଜପୁର, ବିଧାୟକ କିଶୋର ମହାନ୍ତି ଝାରସୁଗୁଡା, ସରୋଜ କର୍ଣ୍ଣ କନ୍ଧମାଳ, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା କେନ୍ଦ୍ରାପଡା, ମାଧବ ସର୍ଦ୍ଦାରଙ୍କୁ କେନ୍ଦୁଝର ବିଜେଡି ଜିଲା ସଭାପତି ଭାବେ ମନୋନୀତ କରାଯାଇଛି। ସେହିଭଳି ଈଶ୍ୱର ପାଣିଗ୍ରାହୀଙ୍କୁ କୋରାପୁଟ, ପୂର୍ଣ୍ଣଚନ୍ଦ୍ର ବାକା ମାଲକାନଗିରି, ଏମ୍‌ପି ରମେଶ ମାଝୀଙ୍କୁ ନବରଙ୍ଗପୁର, କାଶୀନାଥ ହେମ୍ବ୍ରମ ମୟୂରଭଞ୍ଜ(ସଦର), ବିଧାୟକ ରମେଶ ବେହେରା ନୟାଗଡ, ମନୋଜ ମିଶ୍ର ନୂଆପଡା, ସୁଧୀର ଦାସ ରାୟଗଡା, ସିଦ୍ଧାର୍ଥ ଦାସ ସମ୍ବଲପୁର, ସରୋଜ କମ୍ପ ସୁବର୍ଣ୍ଣପୁର ଏବଂ ବିନୟ ଟପ୍ପୋଙ୍କୁ ସୁନ୍ଦରଗଡ ଦାୟିତ୍ୱ ମିଳିଛି।

ଦଳର ସାଂଗଠନିକ ନିର୍ବାଚନ ଗତ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଚଳିତ ମାସ ୨୬ ଯାଏ ଚାଲିବ। ୫ ପର୍ଯ୍ୟାୟରେ ହେଉଥିବା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟସୂଚୀ ପ୍ରାୟତଃ ସମାପ୍ତ ହୋଇଥିବା ଜଣାପଡ଼ିଛି। ସେହିଭଳି ଦଳର ୨ ଛାମୁଆ ସଂଗଠନ(ଯୁବ ଓ ଛାତ୍ର)ର ପୁନର୍ଗଠନ ସମ୍ଭାବନା ରହିଥିବା ଦଳୀୟ ସୂତ୍ରରୁ ପ୍ରକାଶ। ଇତି ମଧ୍ୟରେ ଯୁବ ବିଜେଡି ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଚୂଡାନ୍ତ ହୋଇଥିବା ଜଣାପଡ଼ିଛି।



**ଜିଲା ଟିଠି**

**ମାଲକାନଗିରି**

## ଶିଶୁଙ୍କ ସୁରକ୍ଷା

ଶିଶୁମାନଙ୍କ ସୁରକ୍ଷା, ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର କେତେକ କ୍ଷେତ୍ରରେ ଶିଶୁମାନଙ୍କ ଭବିଷ୍ୟତ ବାଟବଣା ହୋଇଯାଉଛି। ଅଧିକାଂଶ ଶିଶୁ ଅଧାରୁ ପାଠ ଛାଡୁଥିବା ଦେଖିବାକୁ ମିଳୁଛି। ମାଲକାନଗିରି ଜିଲାରେ ଶିଶୁ ସୁରକ୍ଷା ବିଭାଗର ସର୍ଭେ ଅନୁଯାୟୀ ଜିଲାରେ ୮ ହଜାର ଅନାଥ ଶିଶୁ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୩୫୪ ଜଣ ସମ୍ପୂର୍ଣ୍ଣ ମା'ବାପା ଛେଉଣ୍ଡ। ଅନ୍ୟ ଶିଶୁମାନଙ୍କ ମଧ୍ୟରୁ କାହାର ବାପା ଅଛନ୍ତି ତ କାହାର ମା' ନାହାନ୍ତି। ମା' କିମ୍ବା ବାପା ଅଥବା ସମ୍ପର୍କୀୟଙ୍କ ନିକଟରେ ରହୁଥିବା ଶିଶୁମାନେ ସେମାନଙ୍କ ସମ୍ପର୍କୀୟଙ୍କ ସହ ଜିଲା ଏବଂ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଉଛନ୍ତି। ହେଲେ ସେମାନଙ୍କୁ ନାନା ନିର୍ଯାତନା ସହିବାକୁ ପଡୁଛି । ବିଶେଷ କରି ରାଜ୍ୟ ବାହାରକୁ ଯାଉଥିବା ଶିଶୁଶ୍ରମିକମାନେ ଅର୍ଥ ବଦଳରେ ମାଡ଼ଗାଳି ଖାଇ ଫେରୁଛନ୍ତି । ଅନ୍ୟପକ୍ଷେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଶିଶୁମାନଙ୍କ ପାଠପଢା ଅଧାରୁ ବନ୍ଦ ହୋଇଯାଉଛି। ବିଶେଷ କରି ବିଭିନ୍ନ ସ୍କୁଲରେ ପାଠ ପଢୁଥିବା ଗ୍ରାମାଞ୍ଚଳର ଶିଶୁଙ୍କ ପରିବାର ଧାନ ଅମଳ ପରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ଜିଲାରେ ଚାଇଲ୍ଡ ଲାଇନ୍ ଦ୍ୱାରା ୨୦୧୭ରୁ ୨୦୧୯ ମସିହା ମଧ୍ୟରେ ୯୪୯ ଶିଶୁଶ୍ରମିକ ଉଦ୍ଧାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୭୬ ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଥିଲା । ଶିଶୁ ମଙ୍ଗଳ ସମିତି ଏହି ଶିଶୁମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସେମାନଙ୍କ ଥଇଥାନ ଓ ଶିକ୍ଷା ପାଇଁ ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିଛି। ଉଦ୍ଧାର ଶିଶୁମାନଙ୍କ ଶିକ୍ଷା ଗ୍ରହଣ ଲାଗି ବିଭିନ୍ନ ବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଛି। ଜିଲାରେ ପରିବର୍ତ୍ତନ ଶିଶୁ ଗୃହରେ ୫୫ ଜଣ, କୋରୁକୋଣ୍ଡା ନୀଳାଚଳ ଶିଶୁ ଗୃହରେ ୩୫ଜଣ, ଟାଗୋର ସୋସାଇଟି ମାର୍କେଲଗୁଡା ଶିଶୁ ଗୃହରେ ୫୦ ଜଣ ଏବଂ ନାୟକ ଗୁଡାସ୍ଥିତ ଇର୍ମାବାକା ଅନ୍ଧ ମୂକ ବିଦ୍ୟାଳୟରେ ୭୦ ଜଣ ଶିଶୁ ଅଛନ୍ତି। ଯେଉଁ ଶିଶୁମାନେ ସେମାନଙ୍କ ମା' କିମ୍ବା ବାପା ଅଥବା ସମ୍ପର୍କୀୟଙ୍କ ନିକଟରେ ଅଛନ୍ତି ସେମାନଙ୍କ ଶିକ୍ଷାଗ୍ରହଣ ଏବଂ ଭବିଷ୍ୟତ ନିରାପଦ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି । ଏହି ଶିଶୁମାନଙ୍କ ଭବିଷ୍ୟତ ପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେଲେ ସେମାନେ 'ଶ୍ରମିକ' ହେବାରୁ ରକ୍ଷା ପାଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି । କେବଳ ଜିଲା ପ୍ରଶାସନ ନୁହେଁ ସବୁ କ୍ଷେତ୍ରରେ ଏଥିପାଇଁ ଉଦ୍ୟମ ହେବା ଉଚିତ ବୋଲି ସେମାନେ କହିଛନ୍ତି ।


– ଦୁର୍ଯ୍ୟୋଧନ ପାତ୍ର

# ପରଲୋକରେ ଅନୁବାଦକ ଯୁଗଳ କିଶୋର

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ବିଶିଷ୍ଟ ଅନୁବାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଯୁଗଳ କିଶୋର ଦତ୍ତଙ୍କର ଶୁକ୍ରବାର ପରଲୋକ ଘଟିଛି। ସନ୍ଧ୍ୟା ପ୍ରାୟ ୫ଟାରେ ଆଚାର୍ଯ୍ୟ ବିହାରସ୍ଥିତ ତାଙ୍କ ବାସଭବନରେ ସେ ଚିରଦିନ ପାଇଁ ଆଖି ବୁଜିଛନ୍ତି। ୯୨ ବର୍ଷୀୟ ଯୁଗଳ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ୧୯୨୮ ଡିସେମ୍ବର ୨୪ରେ ଯାଜପୁର ଜିଲା ମହେଶ୍ୱରପୁରରେ ଜନ୍ମଗ୍ରହଣ କରିଥିବା ଯୁଗଳ କେବଳ ଓଡ଼ିଆ ସାହିତ୍ୟ ଜଗତରେ ନୁହେଁ, ସାରା ଦେଶରେ ଜଣେ ପରିଚିତ ସାହିତ୍ୟିକ ଏବଂ ଅନୁବାଦକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି।

ଭାରତୀୟ ସାହିତ୍ୟର ଅନେକ ଲୋକପ୍ରିୟ ଗ୍ରନ୍ଥକୁ ଓଡ଼ିଆରେ ଅନୁବାଦ କରି ଯୁଗଳ ଓଡ଼ିଆ ସାହିତ୍ୟ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ। ଅନୁବାଦ ବ୍ୟତୀତ ସେ ଅନେକ ମୌଳିକ ସାହିତ୍ୟ ମଧ୍ୟ ରଚନା କରିଥିଲେ। ୧୯୪୮ରୁ ଯୁଗଳ ଲେଖାଲେଖି ଆରମ୍ଭ କରିଥିବା ବେଳେ କଲେଜରେ ପଢ଼ିବା ସମୟରେ ସେ 'ଦିଗନ୍ତ' ପତ୍ରିକା ସମ୍ପାଦକ ମଣ୍ଡଳୀରେ କାର୍ଯ୍ୟ କରିଥିଲେ। ୧୯୫୦ରେ ତାଙ୍କର ପ୍ରଥମ ପୁସ୍ତକ 'ଶତାବ୍ଦୀର ପ୍ରେମ' ପ୍ରକାଶ ପାଇଥିଲା। 'ଡଗର' ଭଳି ପତ୍ରିକାରେ ତାଙ୍କ ଲେଖା ନିୟମିତ ପ୍ରକାଶ ପାଉଥିଲା। ଭଦ୍ରକରେ ରହିବା ସମୟରେ ସେ 'ସାହିତ୍ୟ ଆସର' ନାମରେ ଏକ ସାହିତ୍ୟ ଚର୍ଚ୍ଚା ଗୋଷ୍ଠୀ ଆରମ୍ଭ କରିଥିଲେ। ବଙ୍ଗଳା ଡିଟେକ୍ଟିଭ ଉପନ୍ୟାସ ପଢ଼ିବା ତାଙ୍କ ସଉକ ଥିଲା। ତେବେ ଅନୁବାଦକ ଲକ୍ଷ୍ମୀକାନ୍ତ ମହାନ୍ତିଙ୍କଠାରୁ ପ୍ରୋତ୍ସାହନ ପାଇ ସେ ବଙ୍ଗଳା ଉପନ୍ୟାସର ଓଡ଼ିଆ ଅନୁବାଦ କରିବା ଆରମ୍ଭ କରିଥିଲେ। ବିମଳ ମିତ୍ରଙ୍କ ପୁସ୍ତକ 'ଆମେରିକା' ଥିଲା ତାଙ୍କ ଦ୍ୱାରା ଅନୁବାଦିତ ପ୍ରଥମ ପୁସ୍ତକ। କେବଳ ଏହି ଗୋଟିଏ ନୁହେଁ, ବିମଳ ମିତ୍ରଙ୍କ ପ୍ରାୟ ସବୁ ପୁସ୍ତକ ସେ ଓଡ଼ିଆରେ ଅନୁବାଦ କରିଛନ୍ତି। ଏହାବ୍ୟତୀତ ରବୀନ୍ଦ୍ରନାଥ ଟାଗୋର, ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ, ସମରେଶ ମଜୁମଦାର, ଶଙ୍କର, ସୁନୀଲ ଗଙ୍ଗୋପାଧ୍ୟାୟ ଓ ତସ୍‌ଲିମା ନସରିନଙ୍କ ଭଳି ବହୁ ଖ୍ୟାତନାମା ବଙ୍ଗଳା ଲେଖକଙ୍କ ପୁସ୍ତକକୁ ସେ ଓଡ଼ିଆରେ ଅନୁବାଦ କରି ଚର୍ଚ୍ଚାକୁ ଆସିଥିଲେ। କେବଳ ବଙ୍ଗଳାରୁ ଓଡ଼ିଆ ନୁହେଁ, ବହୁ ଓଡ଼ିଆ ଗଳ୍ପକୁ ବଙ୍ଗଳା ଭାଷାରେ ଅନୁବାଦ କରି ଓଡ଼ିଆ କଥା ସାହିତ୍ୟକୁ ପଡ଼ୋଶୀ ରାଜ୍ୟରେ ପରିଚିତ କରାଇଥିଲେ। ଏଥିପାଇଁ ପ୍ରଥମ ଓଡ଼ିଆ ସାହିତ୍ୟିକ ଭାବେ ସେ ୧୯୯୭ରେ ଉଭୟ କେନ୍ଦ୍ର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୫୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଥିବା ଯୁଗଳ 'ଆସାମୀ ହାଜିର' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ଅନୁବାଦ ପୁସ୍ତକ 'ଜନ ଗଣ ମନ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ରଚିତ ପୁସ୍ତକ ମଧ୍ୟରେ 'ଜନ ଗଣ ମନ', 'ସେଇ ସମୟ-୧', 'ଶତାବ୍ଦୀର ପ୍ରେମ', 'ମାନସୀ', 'ଗାଁ ହସେ', 'ନିଶି ବିହଙ୍ଗୀ', 'ଏକାନ୍ତ ସତ୍ୟ' ସମେତ ଅନେକ ଗଳ୍ପ ସଙ୍କଳନ ଓ ୧୧ଟି ଅନୁବାଦ ଗଳ୍ପ ଆଦି ରହିଛି। କେବଳ ସାହିତ୍ୟ ରଚନା ନୁହେଁ, ଜଣେ ସଂଗ୍ରାହକ ଭାବେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଜବାହରଲାଲ ନେହେରୁ ଏବଂ ଏସ୍. ରାଧାକ୍ରିଷ୍ଣନ୍‌ଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଦସ୍ତଖତ ସେ ସଂଗ୍ରହ କରିଥିଲେ। ଏହାସହ ୩୦୦ରୁ ଊର୍ଦ୍ଧ୍ୱ ଦିଆସିଲି ଖୋଳ ସେ ସଂଗ୍ରହ କରିଥିଲେ। ଭୁବନେଶ୍ୱର ପୁସ୍ତକମେଳାରେ ପ୍ରତିଷ୍ଠାତା ସଦସ୍ୟ ଥିବା ଯୁଗଳ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ଯୁଗଳ କିଶୋର ଦତ୍ତ

ପ୍ରଭୁ ! ଆପଣଙ୍କର ଦିବ୍ୟଶାନ୍ତି, ଦିବ୍ୟମୁକ୍ତି ଓ ଦିବ୍ୟ ଐକ୍ୟ ହିଁ କେବଳ ଏ ବିଶ୍ୱର ଅନ୍ଧ ହିଂସା, ଛଳନା ଏବଂ ମିଥ୍ୟାଚାର ଉପରେ ବିଜୟ ଲାଭ କରିବ। -ଶ୍ରୀମା



# ରହିବନି 'କଲେକ୍ଟର' ପଦ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଇତିହାସରୁ ଜଣାପଡ଼େ, ଅଷ୍ଟାଦଶ ଶତାବ୍ଦୀରେ ୱାରେନ୍ ହେଷ୍ଟିଙ୍ଗ୍ସ ରାଜସ୍ୱ ଆଦାୟ କରିବା ପାଇଁ କଲେକ୍ଟରମାନଙ୍କୁ ନିଯୁକ୍ତ କରିବା ପରଠାରୁ 'କଲେକ୍ଟର' ପଦ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ରାଜ୍ୟର କ୍ଷମତାକୁ ସୂଚିତ କରିଆସୁଥିଲା। ସ୍ୱାଧୀନତା ପରେ ଜିଲା କଲେକ୍ଟର ବା ଜିଲାପାଳମାନଙ୍କ ଭୂମିକାର ଗୁରୁତ୍ୱ ବୃଦ୍ଧିପାଇଛି। ଏପରିକି କେନ୍ଦ୍ର ଓ ରାଜ୍ୟର ଅନେକ ଆଇନ ଅଧୀନରେ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି। କିନ୍ତୁ ମଧ୍ୟପ୍ରଦେଶରେ କଲେକ୍ଟର ପଦ ଉଠିଯିବାର ସମ୍ଭାବନା ଦେଖାଦେଇଛି। କମଲନାଥ ସରକାର କଲେକ୍ଟର ଶବ୍ଦ ବଦଳରେ ଏକ ବିକଳ୍ପ ଶବ୍ଦ ପ୍ରବର୍ତ୍ତନ କରିବା ପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଛନ୍ତି। ଜିଲାର ପ୍ରଶାସନିକ ଓ କାର୍ଯ୍ୟନିର୍ବାହୀ ମୁଖ୍ୟ ଭାବେ ବହୁ ପ୍ରକାର ନିୟାମକ ଓ ବିକାଶମୂଳକ କାର୍ଯ୍ୟରେ କଲେକ୍ଟରଙ୍କ ଭୂମିକା ରହିଥିବାରୁ କଲେକ୍ଟର ବଦଳରେ ଏକ ନୂଆ ନାମର ଆବଶ୍ୟକତା ରହିଥିବା ରାଜ୍ୟ ସରକାର ବିଶ୍ୱାସ କରୁଛନ୍ତି। ପ୍ରାପ୍ତ ସୂତ୍ରରୁ ଜଣାପଡ଼େ, ମଳୟ କୁମାର ଶ୍ରୀବାସ୍ତବ, ମନୀଷ ରସ୍ତୋଗୀ ଏବଂ ବିଶେଷ ଗଡ଼ପାଲେଙ୍କୁ ନେଇ ଗଠିତ କମିଟିର ମୁଖ୍ୟ ରହିଛନ୍ତି ବାଣିଜ୍ୟ କର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଆଇ.ସି.ପି. କେଶରୀ। ସଗରର କଲେକ୍ଟର ପ୍ରୀତି ମୈଥିଲ କମିଟିର ସଦସ୍ୟ ସଚିବ ରହିଛନ୍ତି। କମିଟିର ସଦସ୍ୟମାନେ ପରସ୍ପର ସହ ତଥା ବିଭିନ୍ନ ବର୍ଗର ଜନସାଧାରଣଙ୍କ ସହିତ ପରାମର୍ଶ କରିବା ପରେ ପ୍ରସ୍ତାବ ଦେବାକୁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହା ମଧ୍ୟ ଜିଲାର କାର୍ଯ୍ୟନିର୍ବାହୀ ମୁଖ୍ୟଙ୍କ ଅଧିକାର କ୍ଷେତ୍ରର ରୂପରେଖ ନିର୍ଦ୍ଧାରଣ କରିବ। ଭୂ-ରାଜସ୍ୱ ସଂହିତା ଏବଂ ବିକାଶ ଯୋଜନାରେ ଏହି ପଦ ବ୍ୟବହାର କରାଯିବ ଯାହା କଲେକ୍ଟରଙ୍କୁ ଜିଲାର ମୁଖ୍ୟ ଭାବେ ପ୍ରତିପାଦିତ କରିବ। ତେବେ ପୋଲିସ ମାନୁଆଲ, କ୍ରିମିନାଲ ପ୍ରୋସିଡିୟୋର କୋଡ୍ (ସିଆର୍‌ପିସି) ଏବଂ ଅସ୍ତ୍ରଶସ୍ତ୍ର ଆଇନ ଅପରିବର୍ତ୍ତିତ ରହିବ ଯେଉଁଠି କଲେକ୍ଟର ନୁହନ୍ତି ବରଂ ଜିଲା ମାଜିଷ୍ଟ୍ରେଟ ହେଉଛନ୍ତି ଜିଲାର ମୁଖ୍ୟ।

### ମୁଖ୍ୟ ସଚିବଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟ

କେରଳର ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ମୁଖ୍ୟ ଶାସନ ସଚିବ ଟମ୍ ଜୋସ୍‌ଙ୍କ ସୁପାରିସକୁ ଅଗ୍ରାହ୍ୟ କରି ଆଇଏଏସ୍ ଅଧିକାରୀ ଶ୍ରୀରାମ ଭେଙ୍କିଟାରାମନ୍‌ଙ୍କ ନିଲମ୍ବନକୁ ଆଉ ତିନିମାସ ବଢାଇଦେଇଛନ୍ତି। ଗତବର୍ଷ ଅଗଷ୍ଟରେ ଏହି ଆଇଏଏସ୍ ଅଧିକାରୀ ନିଶାଗ୍ରସ୍ତ ଅବସ୍ଥାରେ ରାସ୍ତାରେ ତାଙ୍କ କାର୍ ଚଳାଉଥିବାବେଳେ କେରଳର ସାମ୍ବାଦିକ କେ.ଏମ୍. ବଶୀରଙ୍କୁ ଧକ୍କାଦେଇ ମାରିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ଜୋସ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦୁର୍ଘଟଣାର ୬ ମାସ ପରେ ମଧ୍ୟ ପୋଲିସ ଚାର୍ଜଶିଟ ଦାଖଲ କରି ନ ଥିବା ଦର୍ଶାଇ ଆଉ ନିଲମ୍ବନ ଅବଧି ନ ବଢାଇବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କରିଥିଲା। କେବଳ ଏତଲାକୁ ଆଧାର କରି ଜଣେ ଆଇଏଏସ୍ ଅଧିକାରୀଙ୍କୁ ୬ ମାସ ପରେ ନିଲମ୍ବିତ ରଖାଯାଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କମିଟି ଜଣାଇଥିଲା। କିନ୍ତୁ ଉକ୍ତ ପଥଭ୍ରଷ୍ଟ ଅଧିକାରୀଙ୍କୁ ବଞ୍ଚାଇବା ପାଇଁ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମିଳିତ ଭାବେ ଉଦ୍ୟମ କରିଥିବା ନେଇ ଜନସାଧାରଣରେ ପ୍ରବଳ ଭାବେ ଯେଉଁ ମତ ପ୍ରକାଶ ପାଇଥିଲା ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କମିଟିର ସୁପାରିସ୍‌କୁ ଅଗ୍ରାହ୍ୟ କରିଦେଇଛନ୍ତି।

### ଏୟାର ଇଣ୍ଡିଆର ନୂଆ ମୁଖ୍ୟ

ଏୟାର ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଅଶ୍ୱିନୀ ଲୋହାନୀଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ତାଙ୍କ ଉତ୍ତରାଧିକାରୀ ଭାବେ ରାଜୀବ ବନ୍‌ସଲଙ୍କ ନିଯୁକ୍ତି ଦ୍ୱାରା ଏୟାର୍‌ଲାଇନ୍‌ର ବିନିବେଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି। ଏୟାର ଇଣ୍ଡିଆରେ ଏହା ବନ୍‌ସଲଙ୍କ ଦ୍ୱିତୀୟ ପାଳି କାରଣ ଏହା ପୂର୍ବରୁ ସେ ୨୦୧୭ରେ ଏହାର କାମଚଳା ସିଏମ୍‌ଡି ଭାବେ ତିନିମାସ ରହିଥିଲେ। ସେତେବେଳେ ମଧ୍ୟ ସେ ଅଶ୍ୱିନୀ ଲୋହାନୀଙ୍କ ସ୍ଥାନରେ ନିଯୁକ୍ତି ପାଇଥିଲେ କାରଣ ଲୋହାନୀଙ୍କୁ ରେଲ୍‌ୱେ ବୋର୍ଡର ଅଧ୍ୟକ୍ଷ ଭାବେ ବଦଳି କରାଯାଇଥିଲା। ନାଗାଲାଣ୍ଡ କ୍ୟାଡରର ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବନ୍‌ସଲ ଏବେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅଛନ୍ତି। ଆର୍ଥିକ ଦୁଃସ୍ଥିତି ମଧ୍ୟଦେଇ ଗତି କରୁଥିବା ଏହି ଜାତୀୟ କ୍ୟାରିୟର ଏଥିରୁ ଉଦ୍ଧାରର ବାଟ ଖୋଜୁଥିବାବେଳେ ଏହି ସମୟରେ ବନ୍‌ସଲ ଦାୟିତ୍ୱ ନେଇଛନ୍ତି। ସଂକଟ ସମୟରେ ଯଥାର୍ଥ ନିଷ୍ପତ୍ତି ନେଇ କାର୍ଯ୍ୟ କରିବାରେ ତାଙ୍କର ଖ୍ୟାତି ରହିଛି। ଏୟାର ଇଣ୍ଡିଆରେ ପ୍ରଥମ କାର୍ଯ୍ୟକାଳରେ ତାଙ୍କର ସମୟଭିତ୍ତିକ ପ୍ରଦର୍ଶନ ୯୫ ପ୍ରତିଶତ ରହିଥିଲା। ସେ ଏହି ସମୟରେ ଯନ୍ତ୍ରାଂଶ ଅଭାବରୁ ପଡିରହିଥିବା ବିମାନଗୁଡ଼ିକୁ ପୁଣି ଉଡାଇବା ଲାଗି ଏକ ଯୋଜନା ପ୍ରସ୍ତୁତ କରିଥିଲେ। ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ବିନିବେଶ ସମୟରେ ଏୟାର୍‌ଲାଇନ୍ ନୂଆ ମାଲିକ ଖୋଜୁଥିବା ବେଳେ ବନ୍‌ସଲଙ୍କ ଜ୍ଞାନ ଓ ଦକ୍ଷତା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ପୂର୍ବରୁ ବନ୍‌ସଲ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟରେ କାର୍ଯ୍ୟ କରିଛନ୍ତି। ସେଠାରେ ସେ ଡିଜିଟାଲ ପେମେଣ୍ଟ, ଆଧାର ଓ ଇ-ଗଭର୍ନାନ୍ସ ପ୍ରଭୃତି ବିଷୟ ବୁଝୁଥିଲେ। ଏଥିସହ ବନ୍‌ସଲ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ (ସିଇଆର୍‌ସି)ର ସଚିବ, ଭାରି ଶିଳ୍ପ ବିଭାଗର ଯୁଗ୍ମ ସଚିବ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଆଦି ସହିତ ତାଙ୍କ କ୍ୟାଡର ରାଜ୍ୟ ନାଗାଲାଣ୍ଡର ବହୁ ଗୁରୁତ୍ୱପୂର୍ଣ୍ଣ ଦୟିତ୍ୱରେ ରହିଆସିଛନ୍ତି।

Email: dilipcherian@gmail.com

# କୃଷି ବଜେଟରେ ନବଉନ୍ମେଷ କାହିଁ

ନଟବର ଖୁଣ୍ଟିଆ

ଫେବୃୟାରୀ ୧୮ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ରାଜ୍ୟ ବିଧାନସଭାରେ ବାର୍ଷିକ ବଜେଟ ଉପସ୍ଥାପନ କରିଛନ୍ତି। ଗତ ୨୦୧୩-୧୪ ଆର୍ଥିକ ବର୍ଷରୁ ରାଜ୍ୟ ସରକାର ସାଧାରଣ ବଜେଟ ସହ ଏକ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରି ଆସୁଛନ୍ତି। ଏ ବର୍ଷର କୃଷି ବଜେଟ ଦେଶରେ ମାନ୍ଦାବସ୍ଥା ଜାରି ଥିବା ବେଳେ ଉପସ୍ଥାପନ ହୋଇଛି। ଯଦିଓ ଦେଶର ଜିଡିପିରେ କୃଷିର ଭାଗ ହ୍ରାସ ପାଇବାରେ ଲାଗିଛି, କିନ୍ତୁ ସେହି ତୁଳନାରେ କୃଷି ଉପରେ ନିର୍ଭର କରୁଥିବା ଲୋକଙ୍କ ଅନୁପାତ ହ୍ରାସ ପାଉ ନାହିଁ। ଏବେ ବି ପ୍ରାୟ ଦୁଇ ତୃତୀୟାଂଶ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷରେ କୃଷି ଉପରେ ନିର୍ଭରଶୀଳ। ସୁତରାଂ କୃଷି ବିକାଶ ତ୍ୱରାନ୍ୱିତ ହେଲେ ଦେଶ ଓ ରାଜ୍ୟର ଅର୍ଥନୀତି ଚଳଚଞ୍ଚଳ ହେବ, ମାନ୍ଦାବସ୍ଥା ଦୂର ହେବ। ଏହି ପୃଷ୍ଠଭୂମିରେ ରାଜ୍ୟ ଅର୍ଥମନ୍ତ୍ରୀ ରାଜ୍ୟର କୃଷି ବିକାଶ ପାଇଁ କି କି ପଦକ୍ଷେପ ନେବାକୁ ବଜେଟରେ ପ୍ରସ୍ତାବ ରଖିଛନ୍ତି, ଆସନ୍ତୁ ତାହାର ଏକ ସମୀକ୍ଷା କରିବା।

ଏକ ସର୍ଭେରୁ ଜଣାଯାଇଛି, ଗ୍ରାମାଞ୍ଚଳବାସୀଙ୍କ କ୍ରୟଶକ୍ତି ହ୍ରାସ ପାଉଥିବାରୁ ଗାଁ ଲୋକେ ପୂର୍ବାପେକ୍ଷା ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ କମ୍ କିଣୁଛନ୍ତି। ପାଞ୍ଚବର୍ଷିଆ କୃଷି ଗଣନା ରିପୋର୍ଟ ୨୦୧୦-୧୧ ପରେ ୨୦୧୫-୧୬ ବର୍ଷର ରିପୋର୍ଟ ପ୍ରକାଶ ପାଇଛି ଏବଂ ୨୦୨୦-୨୧ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ ଉପସ୍ଥାପିତ ହୋଇସାରିଛି, ଯେଉଁଥିରେ ୨୦୨୨ ସୁଦ୍ଧା କୃଷକର ଆୟ ଦୁଇଗୁଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ସୁତରାଂ ଏହା ଆଶା କରିବା ସ୍ୱାଭାବିକ ଯେ, ଏସବୁ ସ୍ଥିତିକୁ ବିଚାରକୁ ନେଇ ରାଜ୍ୟ କୃଷି ବଜେଟ ପ୍ରସ୍ତୁତ ହେବା କଥା। କୃଷି ବଜେଟରେ ନବଉନ୍ମେଷ ଆଣି କୃଷି ପ୍ରଗତିକୁ ଓଡିଶାରେ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ପ୍ରକାର ରଣକୌଶଳ ଆପଣେଇବା ଉଚିତ। କିନ୍ତୁ କୃଷି ବଜେଟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ।

୨୦୧୫-୧୬ କୃଷି ଗଣନା ରିପୋର୍ଟରେ କୁହାଯାଇଛି ଯେ, ଓଡିଶାରେ ଚାଷ ହେଉଥିବା ଫସଲର ମାତ୍ର ୨୭.୨୭ ଭାଗକୁ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ ଏଣେ କୃଷି ବଜେଟରେ ମୋଟ ବ୍ୟୟ ବରାଦର ୬୦ ପ୍ରତିଶତ ଅର୍ଥ ଜଳସମ୍ପଦ ବିଭାଗ ପାଇଁ ବରାଦ ହୋଇ ଆସୁଛି। ଏ ବର୍ଷ ବଜେଟରେ ମୋଟ କୃଷି ବଜେଟ ପାଇଁ ବ୍ୟୟବରାଦ ହୋଇଛି ୧୯,୪୦୮ କୋଟି ଟଙ୍କା, ସେଥିରୁ ଜଳସମ୍ପଦ ବିଭାଗ ପାଇଁ ବରାଦ ହୋଇଛି ୯,୩୭୪.୪୬ କୋଟି ଟଙ୍କା। ମୋଟ କୃଷି ବଜେଟର ଏହା ହେଉଛି ୪୮.୩୦ ପ୍ରତିଶତ। କିନ୍ତୁ ଆମେ ଯଦି କାଳିଆ ଯୋଜନା ପାଇଁ ବ୍ୟୟବରାଦକୁ ବାଦ ଦେବା ତେବେ ମୋଟ କୃଷି ବଜେଟର ଜଳସେଚନ ପାଇଁ ବ୍ୟୟବରାଦ ହେବ ୫୮ ପ୍ରତିଶତ। ଏତେ ପରିମାଣରେ ଅର୍ଥ ବରାଦ ହେଉଥିଲେ ବି ପ୍ରକୃତ ଜଳସେଚିତ ଜମିର ପରିମାଣ ସେହି ଅନୁପାତରେ ବୃଦ୍ଧି ପାଉନାହିଁ। ଯଦିଓ ଅର୍ଥମନ୍ତ୍ରୀ ବଜେଟ ଭାଷଣରେ ଦାବି କରୁଛନ୍ତି ଜଳସେଚନ ପାଇଁ ଉତ୍ସ ସୃଷ୍ଟି କରାଯାଉଛି। ଉତ୍ସ ସୃଷ୍ଟି କଲେ ଲାଭ କ'ଣ ? ଉତ୍ସରୁ ଜଳ ଯାଇ ଚାଷଜମିକୁ ଜଳସେଚନ କରିବା ଉଚିତ। ଦାବି ହେଉଥିଲା ଯେ ତେଲଙ୍ଗାନା ରାଜ୍ୟ ପରି ପାରମ୍ପରିକ କୋଠ ଜଳାଶୟକୁ ମରାମତି ଓ ସଂପ୍ରସାରଣ କରି ବର୍ଷା ଜଳକୁ ସଂଗ୍ରହ କରି ଜଳସେଚନ କରିବାକୁ ଗୁରୁତ୍ୱ ଦିଆଯାଉ ଏବଂ ଚାଷୀଙ୍କ ଜମିରେ ସେଚ ପୋଖରୀ ଖୋଳି ବର୍ଷା ଜଳକୁ ସଂଗ୍ରହ କରି ଜଳସେଚନ କରିବାର ବ୍ୟବସ୍ଥା ହେଉ। ଏକ ସ୍ୱାଗତଯୋଗ୍ୟ କଥା ଯେ, ୨୦୨୦-୨୧ କୃଷି ବଜେଟରେ ପାରମ୍ପରିକ କୋଠ ଜଳାଶୟର ନବୀକରଣ କରିବା ପାଇଁ ୧୦୯୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏହା ଫଳରେ ୧୦ ହଜାର କୋଠ ପୋଖରୀର ନବୀକରଣ ହେବ। କିନ୍ତୁ ଚାଷୀଙ୍କ ଜମିରେ ସେଚ ପୋଖରୀ ଖୋଳିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥାନ୍ତା।

ଓଡିଶାରେ ଛ' ଗୋଟି ଜିଲାରେ ଜଳସେଚନର ସ୍ଥିତି ଅତି ସଙ୍କଟଜନକ। ବଲାଙ୍ଗୀର, ମାଲକାନଗିରି, ସୁନ୍ଦରଗଡ଼, ନବରଙ୍ଗପୁର, ଝାରସୁଗୁଡ଼ା ଓ କନ୍ଧମାଳ ଜିଲାରେ ଯଥାକ୍ରମେ ମାତ୍ର ୧.୬୬%, ୧.୮୦%, ୩.୩୩%, ୩.୬୭%, ୫.୬୪% ଓ ୭.୨୫% ଚାଷଜମିକୁ ଜଳସେଚନର ବ୍ୟବସ୍ଥା ଅଛି। କେନ୍ଦ୍ର ବଜେଟରେ ଦେଶର ୧୦୦ ଜଳକଷ୍ଟ ଜିଲାରେ ସ୍ୱତନ୍ତ୍ର ଯୋଜନା କରି ଫସଲ ଉତ୍ପାଦନ ବୃଦ୍ଧି କରିବାର ଲକ୍ଷ୍ୟଧାର୍ଯ୍ୟ ହେଲା ବେଳେ ଆଶା କରାଯାଉଥିଲା ଅନ୍ତତଃ ଓଡିଶାର ଏହି ଛଅଟି ଜଳକଷ୍ଟ ଜିଲାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ କୃଷି ବଜେଟରେ ସୂଚନା ଦିଆଯିବ- ତାହା ଦେଖିବାକୁ ମିଳିଲା ନାହିଁ। କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ ଯେଉଁ ରାଜ୍ୟ କେନ୍ଦ୍ର ପ୍ରସ୍ତୁତ କରିଥିବା ତିନିଗୋଟି ଆଦର୍ଶ କୃଷି ବିକାଶ ସମ୍ବନ୍ଧୀୟ ବିଲ୍ ନିଜ ନିଜ ରାଜ୍ୟରେ ପାରିତ କରିବେ ସେହି ରାଜ୍ୟଗୁଡିକୁ ଅଗ୍ରାଧିକାର ଭିତ୍ତିରେ କୃଷି ବିକାଶ ପାଇଁ ସାହାଯ୍ୟ ଯୋଗାଇ ଦିଆଯିବ। ସେହି ଆଦର୍ଶ ବିଲ୍‌ଗୁଡିକ ହେଲା ଭାଗଚାଷୀ ଆଇନ, ଠିକାଚାଷ ଆଇନ ଓ କୃଷିଜାତ ଦ୍ରବ୍ୟ ବିପଣନ ଆଇନ। କିନ୍ତୁ ରାଜ୍ୟ କୃଷି ବଜେଟରେ ସେହିସବୁ ଆଇନ ସମ୍ବନ୍ଧରେ କୌଣସି ସୂଚନା ନାହିଁ। ଆଉ ଏକ ବଡ଼ ଘୋଷଣା କରାଯାଇଥିଲା କେନ୍ଦ୍ର ବଜେଟରେ ଯେ, ବ୍ଲକ୍‌ସ୍ତରରେ ଖାଦ୍ୟଶସ୍ୟ ଗୋଦାମ ପାଇଁ ଅଗ୍ରାଧିକାର ଦିଆଯିବ ଏବଂ ସେହି ଖାଦ୍ୟଶସ୍ୟ ଗୋଦାମକୁ ପଣ୍ୟାଗାରର ମାନ୍ୟତା ଦିଆଯିବ। ଏହା ଦ୍ୱାରା ଯେଉଁ ଚାଷୀମାନେ ଗୋଦାମରେ ଖାଦ୍ୟଶସ୍ୟ ସାଇତି ରଖିବେ ବଜାରରେ ଚାହିଦା ଅନୁସାରେ ଧୀରେ ଧୀରେ ବାହାର କରି ବଜାରକୁ ଛାଡିବେ। ଏହାଛଡା ସେହି ରସିଦକୁ ବ୍ୟାଙ୍କରେ ବନ୍ଧକ ଦେଇ ଖାଦ୍ୟଶସ୍ୟ ସାଇତା ଋଣ ମଧ୍ୟ ନେଇପାରିବେ। ଓଡିଶାରେ ଗୋଦାମ ଅଭାବରୁ ଚାଷୀମାନେ କିପରି ମଣ୍ଡିରେ ଧାନ ବିକ୍ରି କରି ପାରୁନାହାନ୍ତି, ସେ ବିଷୟରେ ପ୍ରତିଦିନ ଖବରକାଗଜରେ ଖବର ପ୍ରକାଶ ପାଉଛି। ସରକାର ମିଲ୍ ମାଲିକ ଉପରେ ନିର୍ଭର କରୁଛନ୍ତି। ଆଶା କରାଯାଉଥିଲା ବ୍ଲକ୍‌ସ୍ତରରେ ଏହି ଗୋଦାମ ନିର୍ମାଣ ସମ୍ବନ୍ଧରେ ବଜେଟରେ ବ୍ୟୟବରାଦ ହେବ- ତାହା କିନ୍ତୁ ହୋଇନାହିଁ। ସେହିପରି କେନ୍ଦ୍ର ବଜେଟରେ ଗ୍ରାମମାନଙ୍କରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାହାଯ୍ୟରେ ଖାଦ୍ୟଶସ୍ୟ ଗୋଦାମ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲେ ମଧ୍ୟ ରାଜ୍ୟ କୃଷି ବଜେଟରେ ସୂଚନା ନାହିଁ। କେନ୍ଦ୍ର ବଜେଟରେ ଶୂନ୍ୟ କୃଷି ବଜେଟିଂ କଥା କୁହାଯାଇଛି। ଏହା ହେଉଛି ଜୈବିକ ପଦ୍ଧତିରେ ଚାଷ। ଯଦିଓ ରାଜ୍ୟ ବଜେଟରେ ଜୈବିକ କୃଷିକୁ ପ୍ରୋତ୍ସାହନ ପାଇଁ ୪୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି କିନ୍ତୁ ବିକ୍ଷିପ୍ତ ଭାବରେ ଏହି ଜୈବିକ ଚାଷ ପାଇଁ ପ୍ରୋତ୍ସାହନ ଦେଲେ ଲକ୍ଷ୍ୟ ଠିକ୍ ଭାବରେ ହାସଲ ହେଉନାହିଁ। ଗୁରୁତ୍ୱର ସହିତ ଜୈବିକ ଚାଷକୁ କେହି ଆଦରିବେ ନାହିଁ। ତେଣୁ ଅନେକେ ପ୍ରସ୍ତାବ ଦିଅନ୍ତି ଯେ ରାଜ୍ୟ ସରକାର କନ୍ଧମାଳ ଜିଲାକୁ ଜୈବିକ ଚାଷ ପାଇଁ ନିର୍ବାଚନ କରି ସିକିମ୍‌ରେ ଯେପରି ଜୈବିକ ଚାଷ ସଫଳ ହୋଇଛି, ସେହିପରି କନ୍ଧମାଳରେ ସଫଳତା ଆସିଲେ ରାଜ୍ୟର ଅନ୍ୟ ଜିଲାକୁ ପ୍ରସାରିତ କରାଯାଆନ୍ତା।

କେନ୍ଦ୍ର ବଜେଟରେ ଗୋଟିଏ ଗୋଟିଏ ଅଞ୍ଚଳକୁ ନେଇ ସଘନ ଫଳଚାଷ କରିବାକୁ ପ୍ରସ୍ତାବ ଆସିଛି। ଏହା ହେଲେ ଫଳଚାଷ ଗୋଟିଏ ଅଞ୍ଚଳରେ ସଘନ ଭାବରେ ହେବ। ସେସବୁର ପ୍ରକ୍ରିୟାକରଣ, ପ୍ୟାକେଜିଂ, ବିପଣନ, ରପ୍ତାନି ଆଦି ସହଜରେ ହେବ। ଆମର ମାଳ ଅଞ୍ଚଳରେ ଏହି ସୁଯୋଗ ଅଛି। କିନ୍ତୁ ବଜେଟରେ ସେସବୁର ଉଲ୍ଲେଖ ନାହିଁ। କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଓ ବିପଣନ ପାଇଁ ସେପରି କିଛି ଖାସ୍ କାର୍ଯ୍ୟକ୍ରମ ଘୋଷଣା କରାଯାଇନାହିଁ। ମାଛଚାଷ ଓ ପଶୁପାଳନ ପାଇଁ ଅଧିକ ଅର୍ଥର ବ୍ୟୟବରାଦ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଏହି ଆନୁଷଙ୍ଗିକ ବୃତ୍ତି ଚାଷୀର ଆୟ ବଢାଇବାରେ ସହାୟକ ହେବ।

କୃଷକର ଆୟ ୨୦୨୨ ସୁଦ୍ଧା ଦୁଇଗୁଣ କରିବା ପାଇଁ ୨୦୨୦-୨୧ କୃଷି ବଜେଟରେ ଯେପରି ଭାବରେ କୃଷି ବିକାଶ ପାଇଁ ଭିତ୍ତିଭୂମି ସୃଷ୍ଟି କରିବା ସହିତ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି, ଉତ୍ପାଦିକାଶକ୍ତି ବୃଦ୍ଧି ଏବଂ କୃଷିଜାତ ଦ୍ରବ୍ୟର ବିପଣନ ପାଇଁ ଉଦ୍ୟମ ହେବା କଥା ତାହା ହୋଇନାହିଁ। ଏହା ଅଳ୍ପ ବହୁତେ ଏକ ଗତାନୁଗତିକ ପରିସଂଖ୍ୟାନଭିତ୍ତିକ ବଜେଟ ହୋଇଛି। ଏହି ବଜେଟରେ ଥିବା ପ୍ରସ୍ତାବ ଚାଷୀର ଆୟକୁ ଦୁଇଗୁଣ କରିପାରିବ ବୋଲି ସନ୍ଦେହ ଜାତ ହେଉଛି।

ଏ୫୦୨, ମୋତି ବ୍ଲକ, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର, ଭୁବନେଶ୍ୱର, ମୋ-୯୯୩୭୯୫୧୨୬୨

# ମୋ ଗାଁର ବାଟ ଓ ସାର୍‌ଙ୍କ ଛାଟ

## ମନ-ମାନଚିତ୍ର

ଡ. ନରହରି ବେହେରା

ସମୟର ଆହ୍ୱାନରେ ଆଜି ଅଧିକାଂଶ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତମାନେ ଗାଁ ଛାଡ଼ି ଦୂରଦୂରାନ୍ତ ସହରରେ ବାସ କରୁଛନ୍ତି। ବୃତ୍ତି ଚାପରେ ମୁଁ ବି ଗାଁ ଛାଡ଼ି ବାହାରେ ବାସ କରୁଛି। ଗାଁର ପୂଜାପାର୍ବଣ କି ଘରର ବିବାହ ଉତ୍ସବ ଇତ୍ୟାଦି ହେଲେ ଜଣେ ମାନ୍ୟଗଣ୍ୟ ଅତିଥି ପରି ବୁଲିଯାଏ। ନିଜ ଜନ୍ମମାଟିକୁ ଛାଡ଼ି ନ ପାରିଥିବା ମୋ ସାଙ୍ଗମାନେ ମୁଁ ବଡ଼ଲୋକ ହୋଇଗଲିଣି ବୋଲି ପରିହାସ କରନ୍ତି। ସେମାନେ ଦୂରେଇ ଦୂରେଇ ରହନ୍ତି। ଭଲରେ ମିଶନ୍ତି ନାହିଁ। ମୁଁ କିଛି ସମୟ ନିଜକୁ ସଭ୍ୟ, ଉଚ୍ଚଶିକ୍ଷିତ ଏବଂ ମାନ୍ୟଗଣ୍ୟ ମଣିଷ ବୋଲି ଭାବେ। ମାତ୍ର ଏବେ କାହିଁକି କେଜାଣି ବୟସ ବଢ଼ିବା ସହିତ ସହରରେ ଚାରିହାତ ଜାଗା ଭିତରେ ଚାପିହୋଇ ଅଣନିଃଶ୍ୱାସୀ ହେବାପରି ଲାଗୁଛି। ମୋ ଚାରିପାଖରେ ପଡ଼ୋଶୀ ଅଛନ୍ତି। ମାତ୍ର ଗାଁ ପରି ସମ୍ପର୍କ ନାହିଁ, ଯାହାକୁ ଦେଖି ନିଜ ଝରକା ଭିତରୁ କି ପାଚେରି ସେ ପାଖରେ ଜୁଳୁ ଜୁଳୁ ଚାହୁଁଛନ୍ତି। ସତେ ଯେମିତି ମୁଁ ଗୋଟିଏ ଜୋକର କି ଅଷ୍ଟ୍ରେଲିଆର କଙ୍ଗାରୁ! ମାତ୍ର ଗାଁରେ ରକ୍ତର ସମ୍ପର୍କ ନ ଥିଲେ ବି ସମସ୍ତେ ଗୋଟିଏ ଗୋଟିଏ ସମ୍ପର୍କରେ ଯୋଡ଼ିହୋଇ ଯାଉଥିଲେ।

ପିଲାଦିନେ ଆମ ଗାଁ ପାଇଁ ଯେଉଁ ଦୁଇଟି ବଡ଼ ଅଭାବ ଥିଲା, ତାହା ହେଉଛି ଆମ ଗାଁର ବାଟ ଏବଂ ଶିକ୍ଷା। ରାଜପଥରୁ ଆମ ଗାଁକୁ ଯେଉଁ ଏକମାତ୍ର ମାଟି ରାସ୍ତାଟି ଥିଲା ତାହା ଥିଲା ଅଣଓସାରିଆ। ତାହା ବର୍ଷାଦିନରେ କାଦୁଅ ପଚପଚ ହୋଇଯାଏ। ଆମ ଗାଁକୁ ଯମ ଯିବନି ବୋଲି ଲୋକମାନେ ଆମକୁ ଥଟ୍ଟାରେ କହନ୍ତି। ଶିକ୍ଷା ବୋଇଲେ ଗାଁ ମୁଣ୍ଡରେ ଥିବା ପ୍ରାଥମିକ ବିଦ୍ୟାଳୟର ଶିକ୍ଷାଦାନ। ସେଇଠି ଆମ ଗାଁର ସବୁପିଲା ପଢୁଥିଲେ। ସେତେବେଳେ ଶିକ୍ଷକମାନେ ଅନେକ ପରିଶ୍ରମ କରି ଆମକୁ ପଢ଼ାଉଥିଲେ ମଧ୍ୟ କିଛି ବାଲୁଙ୍ଗା ପାଠରେ ମନ ଦେଉ ନ ଥିଲୁ। ଏମିତି ଡିଆଁଡେଇଁ କରି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଚାଲିଯାଇଥିଲି। ମାର୍କୋଣାରୁ ଜଣେ ଶିକ୍ଷକ ଆମ ସ୍କୁଲରେ ଯୋଗଦେଲେ। ତାଙ୍କ ନାଁ ମହେନ୍ଦ୍ର କୁମାର ସେଠୀ। ସେ ମୋ ପରି ଜଣେ ବାଲୁଙ୍ଗାକୁ ମଣିଷରେ ପରିଣତ କରିଥିଲେ। ସେ ମୋ ଅବସ୍ଥା ଦେଖି ଦୁଇଟି ପାଠ ଉପରେ ଦୃଷ୍ଟିଦେଲେ। ଗୋଟିଏ ବର୍ଣ୍ଣବୋଧ ଓ ଅନ୍ୟଟି ଏ ଫର୍ ଏପ୍ ଅର୍ଥାତ୍ ପ୍ରାଥମିକ ଇଂଲିଶ ଶିକ୍ଷା। ଅଳ୍ପଦିନ ଭିତରେ ମୋର ପାଠରେ ଉନ୍ନତି ହେବାର ଦେଖି ମୋ ଅନୁପସ୍ଥିତିରେ ଅନ୍ୟମାନଙ୍କ ଆଗରେ ବହୁତ ପ୍ରଶଂସା କରୁଥିବାର ଶୁଣୁଥିଲି। ମୋତେ ସେ ଖୁବ୍ ଭଲପାଉଥିଲେ ଏବଂ ଅନ୍ୟଆଗରେ ମୋତେ ବଡ଼କରି ଦେଖାଇବା ପାଇଁ ଚାହୁଁଥିଲେ। ତେଣୁ ଗାଁର କେହି ଲୋକ ସ୍କୁଲକୁ ଆସି ପହଞ୍ଚିଗଲେ ସେ ଦେଖାଇବା ପାଇଁ ବ୍ଲାକ୍‌ବୋର୍ଡ଼ରେ ଇଂଲିଶ ଏବଂ ଓଡ଼ିଆରେ ବିଭିନ୍ନ ଶବ୍ଦ ଲେଖିବାକୁ ଡାକୁଥିଲେ। ଥରେ କ'ଣ ହେଲା କେଜାଣି ଇଂଲିଶର ବଲ୍ ଶବ୍ଦଟାକୁ ଠିକ୍ କରି ଲେଖିପାରିଲି ନାହିଁ। ଏଇ ସାଧାରଣ ଶବ୍ଦଟାକୁ ଭୁଲ୍ କରିବି ସେ ବିଶ୍ୱାସ କରିପାରିଲେ ନାହିଁ। ଜଣେ ଗ୍ରାମବାସୀଙ୍କ ଆଗରେ ମୋ ଅଜ୍ଞତା ତାଙ୍କୁ ଅପମାନିତ କରିଦେଲା। ସେ ମୋତେ ପିଟି ପକେଇଗଲେ। ବର୍ତ୍ତମାନର ଦଣ୍ଡମୁକ୍ତ ବିଦ୍ୟାଳୟ ହୋଇଥିଲେ ସେ ହୁଏତ ଦୋଷୀ ସାବ୍ୟସ୍ତ ଓ ଦଣ୍ଡିତ ହୋଇଥାନ୍ତେ। ମୁଁ ସେତେବେଳେ ତାଙ୍କୁ ଭୀଷଣ ଭୟ କରୁଥିଲେ ମଧ୍ୟ ଏବେ ଅନୁଭବ କରୁଛି ତାଙ୍କ ଅନ୍ତରତଳେ ମୋ ପାଇଁ କେତେ ଭଲପାଇବା ଥିଲା! ସେଇଥିପାଇଁ ତ ମୁଁ ପାଠରେ ଭୁଲ୍ କରିଦେଲେ ସେ ରାଗି ନିଆଁବାଣ ହୋଇ ଯାଉଥିଲେ। ତା' ନ ହେଲେ ଆମ ଶ୍ରେଣୀରେ ଅନ୍ୟ ପିଲାମାନେ ପାଠରେ ଭୁଲ୍ କଲେ ମହେନ୍ଦ୍ର ସାର୍ ଏତେ ରାଗୁ ନ ଥିଲେ କାହିଁକି, ଯେତିକି ମୋ ଉପରେ ରାଗୁଥିଲେ ?

ଆଜି ଗାଁର ରୂପ ବଦଳିଛି। ଗାଉଁଲି ଢଙ୍ଗ ଛାଡ଼ି ସହରୀ ଢଙ୍ଗରେ ସଜେଇ ହେଲାଣି ମୋ ଗାଁ। କାଦୁଅ ପଚ ପଚ ମୁଖ୍ୟ ରାସ୍ତାଟା ଏବେ କଳା ମଚ ମଚ ହୋଇଗଲାଣି। କିନ୍ତୁ ଏବେ ପରିସ୍ଥିତିକୁ ଦେଖିଲେ ମନେହେଉଛି, ସତେଯେମିତି ଗାଁ ବାଟର ଛାତି ନୁହେଁ, ଆମ ଗାଁର ଲୋକମାନଙ୍କର ମନଟା ଟାଣ ହୋଇଯାଇଛି। ଗାଁ ଭିତରେ ଥିବା ବାଟଟାକୁ ମରାମତି ପାଇଁ ନିଜ ଗାଁର ସରପଞ୍ଚବାବୁ ଦଳୀୟ ଚିନ୍ତାରେ ମନା କରିଦେଉଛନ୍ତି। ଆଗପରି ଗୋପାଳ ଗାଁର କୁମ୍ଭବୁଡ଼ା ଦିନ ପାଖ ସାହିର ଲୋକମାନେ ଆସୁନାହାନ୍ତି। ଆଗରୁ ପରସ୍ପରକୁ ପ୍ରାଣ ଭରି ଭଲପାଉଥିବା ଦି'ଭାଇ ଏବେ ଚାଖଣ୍ଡେ ଜମି ପାଇଁ କୋର୍ଟକଚେରି ଦୌଡୁଛନ୍ତି। ଆଗରୁ କକା, ଖୁଡ଼ୀ, ମାମୁ ପରି ସରାଗପୂର୍ଣ୍ଣ ଡାକ ଆଜି ଫିକା ପଡ଼ିଯାଇଛି। ସମସ୍ତେ ନିଜ ଜ୍ଞାତି କୁଟୁମ୍ବର ପରିଚୟ ଅପେକ୍ଷା ଗୋଟିଏ ଗୋଟିଏ ରାଜନୈତିକ ଦଳର ପରିଚୟ ନେଇ ବଞ୍ଚିବାକୁ ବେଶ୍ ଭଲ ପାଉଛନ୍ତି।

ଗାଁ ବାଟ ପରି ଆମ ଗାଁ ବିଦ୍ୟାଳୟର ଚେହେରା ମଧ୍ୟ ବଦଳି ଯାଇଛି। ଆଗପରି ନୁଆଁଣିଆ ଚାଳଘର ନାହିଁ। ଏବେ ସୁନ୍ଦର ସୁନ୍ଦର ଘର ତୋଳାଯାଇଛି। ଅନେକ ଶିକ୍ଷକ ନିଯୁକ୍ତି ପାଉଛନ୍ତି। ହେଲେ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଯେଉଁ ଭାବଗତ ସମ୍ପର୍କ ରହିବା କଥା ତାହା ନାହିଁ। ଯେଉଁ ଛାଟ ଆମପରି ଉଚ୍ଛୃଙ୍ଖଳ ବିଦ୍ୟାର୍ଥୀମାନଙ୍କୁ ବାଟ ଦେଖାଉଥିଲା ତାହା ଆଜି ଶିକ୍ଷକଙ୍କ ହାତରେ ନାହିଁ। ଅପରପକ୍ଷେ ଶିକ୍ଷକମାନଙ୍କୁ ଛାଟ ମାରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଟୋଲ୍ ଫ୍ରି ନମ୍ବର ଧରାଇ ଦିଆଯାଇଛି। ଅର୍ଥାତ୍ ଶିକ୍ଷକମାନେ ଶାସିତ ହୋଇ ଦାରୁଭୂତ ମୁରାରି ଭାବରେ ବସିରହି କେବଳ ବଚନାମୃତ ବାଣ୍ଟିବେ ସିନା ଶାସନ କରିପାରିବେ ନାହିଁ। ପ୍ରାଚୀନ କାଳରେ ଗୁରୁଙ୍କ ଆଦେଶରେ ଶିଷ୍ୟମାନେ ଦିନ ଦିନ ଉପବାସ ରହୁଥିଲେ, ରାତିସାରା ଜଳଧାରାକୁ ଅଟକାଇବା ପାଇଁ ହିଡ଼ ଉପରେ ଶୋଇ ରହୁଥିଲେ। ଏବେ ସେ ସବୁ ଆଇନ୍ ଆଖିରେ ଭୁଲ୍ ଏବଂ ଦଣ୍ଡନୀୟ। ଏସବୁ ସମୟର ଆହ୍ୱାନ। କିନ୍ତୁ ଗାଁର ସୁଖ ସମୃଦ୍ଧି ପାଇଁ ଭଲ ବାଟଟିଏ ଯେମିତି ଲୋଡ଼ା, ଠିକ୍ ସେମିତି ସଭ୍ୟତା ଓ ସଂସ୍କୃତିର ବିକାଶ ପାଇଁ ଶିକ୍ଷକଙ୍କ ସ୍ନେହପୂର୍ଣ୍ଣ ଛାଟ ଆଉ ଶିଷ୍ୟର ସମର୍ପିତ ଭାବ ନିତାନ୍ତ ଆବଶ୍ୟକ। ମାତ୍ର ଆଜି ସବୁକିଛି ଓଲଟପାଲଟ ହୋଇଯାଉଛି।

ଏ କେବଳ ମୋ ଗାଁର କଥା ନୁହେଁ। ପ୍ରାୟ ସବୁ ଗାଁ ଏବେ ସହର ହେବାକୁ ପ୍ରତିଯୋଗିତାରେ ଲାଗିପଡ଼ିଛନ୍ତି। ତେଣୁ ଗାଁରେ କବାଡ଼ି, ବାଗୁଡ଼ି ପ୍ରଭୃତିର ଖେଳ ଜମୁନି କି ସାଇଭାଇରେ ପୂନେଇଁ ପରବ ଦିନ ପିଠାପଣା ଦିଆନିଆର ଭାବ ନାହିଁ। ଏକଥା ସତ୍ୟ ଯେ ଗତି ହିଁ ଜୀବନର ପରିଭାଷା। ଆଗକୁ ଚାଲିବା ହିଁ ମଣିଷର ଧର୍ମ। ମାତ୍ର ଚାଲିବା ନାଁରେ ନିଜ ମାଟିର ବାସ୍ନା, ଜନ୍ମମାଟିର ସତ୍ତାକୁ ଭୁଲିବା କଦାପି ଉଚିତ ନୁହେଁ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ- ୭୯୭୮୯୦୩୫୦୯

## ଏଇ ଭାରତରେ

ନିଷ୍ଠା ଓ ଇଚ୍ଛାଶକ୍ତି ବଳରେ ସଫଳତା ମିଳିଥାଏ। ଏମିତି ଏକ ସଫଳତା ପାଇଛନ୍ତି ବିହାରର ମହିଳାମାନେ। ସେମାନେ ନିଜସ୍ୱ ଉଦ୍ୟମରେ ଖୋଲିଛନ୍ତି 'ଅପନା ବ୍ୟାଙ୍କ'। ମୁଜାଫରପୁର ଜିଲା ସୁରାହରି ବ୍ଲକ୍ ଖଦି ଭଣ୍ଡାର ନିକଟରେ ୨୦୧୭ରୁ ଏହି ବ୍ୟାଙ୍କ ସଫଳତାର ସହ ଚାଲୁଛି। ଏହା ମାଧ୍ୟମରେ ସେମାନେ ଜୀବିକା ଉପାର୍ଜନର ବାଟ ପାଇପାରିଛନ୍ତି। ସେମାନେ ଋଣ ନେଇ କୃଷି ଓ ଦୋକାନରେ ଲଗାଇଛନ୍ତି। ବ୍ୟାଙ୍କର କର୍ମଚାରୀ ଓ ସଦସ୍ୟ ସମସ୍ତେ ମହିଳା। ବ୍ୟାଙ୍କରେ ଅଧ୍ୟକ୍ଷ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ବ୍ୟତୀତ ଆଉ ୫ ଜଣ ମହିଳା କର୍ମଚାରୀ ରହିଛନ୍ତି। ଏହି ବ୍ୟାଙ୍କରେ ୨୫ ଲକ୍ଷ ଟଙ୍କା ଜମା ରହିଛି। ଏଥିରୁ ଋଣ ନେବା ପାଇଁ ଆବେଦନ କରିବାକୁ ହୁଏ। ପରେ ବ୍ୟାଙ୍କର ଅଧ୍ୟକ୍ଷ, ସମ୍ପାଦକ ଓ କୋଷାଧ୍ୟକ୍ଷ ସ୍ୱୀକୃତି ଦେବା ପରେ ସମ୍ପୃକ୍ତ ମହିଳାଙ୍କୁ ଋଣ ଦିଆଯାଏ ଓ ତାଙ୍କ ବ୍ୟାଙ୍କ ଖାତାରେ ଲେଖାଯାଏ। ଋଣ ନେଇଥିବା ମହିଳାଙ୍କୁ ଏକ ବର୍ଷରେ ମୂଳ ସହ ସୁଧ ଦେବାକୁ ପଡେ। ପାଖାପାଖି ୧୧୦୦ ମହିଳା ପ୍ରତିମାସରେ ଏହି ବ୍ୟାଙ୍କରେ ଟଙ୍କା ଜମା କରୁଛନ୍ତି। ଟଙ୍କା ଦେଣନେଣ ଆଲ୍ଲାହାବାଦ ବ୍ୟାଙ୍କ୍ ମାଧ୍ୟମରେ ହେଉଛି। ଅପନା ବ୍ୟାଙ୍କରୁ ୧୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଏ। ମାସକୁ ୧୦୦ ଟଙ୍କାରେ ୨ ଟଙ୍କା ସୁଧ ଦେବାକୁ ପଡେ। ଏବେ ୨୦୦ ମହିଳାଙ୍କୁ ଋଣ ପ୍ରଦାନ କରାଯାଇଛି। ଏମାନଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ଜଣେ ମହିଳାଙ୍କୁ ମାସିକ ୮ ହଜାର ଟଙ୍କାରେ ନିଯୁକ୍ତି ଦିଆଯାଇଛି।

### ଚିରନ୍ତନୀ

ଗାଇ ବିଦାୟର ଡାକ   ନୀଡ଼େ ଚଳେ ଶୁକ କାକ
ସନ୍ଧ୍ୟା ଆସେ ଗଭୀର ବିଷାଦେ,
ଦୂରଗ୍ରାମେ ଜଳେ ଦୀପ   ଦୂର ବନଗିରି ନୀପ
ମଉଳଇ କିବା ଅବସାଦେ!   (ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୨ ଫେବୃୟାରୀ ୧୯୯୫

- ଇସ୍ରାଏଲ ଅସ୍ତ୍ରଶସ୍ତ୍ର ପ୍ରସାର ନିରୋଧୀ ଚୁକ୍ତିରେ ସ୍ୱାକ୍ଷର ନ କରିବା ପର୍ଯ୍ୟନ୍ତ ଲେବାନନ ଉକ୍ତ ଚୁକ୍ତିରେ ସ୍ୱାକ୍ଷର କରିବ ନାହିଁ ବୋଲି ଘୋଷଣା କରିଛି।
- ମନୁଷ୍ୟ ଅଙ୍ଗ ପ୍ରତିରୋପଣ ଆଇନକୁ ଗ୍ରହଣ କରିବା ପାଇଁ କର୍ଣାଟକ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ଗୃହୀତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| | | | | 7 | | | 3 | | A | E | | | | | |
| | 6 | | 2 | 0 | | | B | 5 | | 8 | 9 | | | | |
| | | 8 | A | B | | | | 1 | | | 4 | | | D | |
| B | | | C | | | 8 | 0 | | | 5 | | | | | |
| 2 | | C | 3 | | | | 9 | | | | 1 | | | | |
| | | | | 8 | | | C | | 6 | | D | | | A | |
| 5 | | D | | | | | | | 4 | 7 | | 2 | | 1 | |
| | 1 | | 3 | 7 | | 5 | D | | | 9 | | 8 | | 2 | |
| | 4 | B | 1 | | | 2 | | | | | | | | 0 | |
| 7 | | | 0 | | D | | | | | 4 | E | | | | |
| | C | 7 | | 2 | | | | | | | B | | E | | |
| | B | 6 | | | | | | C | | | | | | 8 | |
| 3 | | | 6 | | | | | B | 4 | D | 8 | | | | |
| | A | 9 | | 5 | 0 | E | D | | | | | | | | |
| | | | C | | | | 3 | 2 | A | 1 | 0 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ସମ୍ପ୍ରସାରଣ ଓ ପର୍ଯ୍ୟାବରଣ

ମହାଶୟ,

ବରମୁଣ୍ଡା ବସଷ୍ଟାଣ୍ଡଠାରୁ ଖୋର୍ଦ୍ଧା ୧୬ ନଂ. ଜାତୀୟ ରାଜପଥର ଅଧୁନା ଛଅ ଲେନ୍ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ପ୍ରଥମ ପର୍ଯ୍ୟାୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ଚାଲିଛି। ସେଥିପାଇଁ ୪ ଲେନ୍ ସମାପ୍ତି ପରବର୍ତ୍ତୀ ଲଗାଯାଇଥିବା ଗଛ ସବୁ କଟାଚାଲିଛି। ମେ ୩, ୨୦୧୯ ଫନୀ ମହାବାତ୍ୟାରେ ବିପୁଳ ସଂଖ୍ୟକ ଗଛ ଧରାଶାୟୀ ହେଲା। ଏପରିକି ରାଜପଥ ପାର୍ଶ୍ୱ ଗଛ ବି ମାଟିରେ ମିଶିଲା। ତେଣୁ ପର୍ଯ୍ୟାବରଣର ସୁରକ୍ଷା ପାଇଁ ରାଜ୍ୟ ବନବିଭାଗ ତତ୍ପରତାର ସହ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସାଙ୍ଗକୁ ରାଜପଥ ପାର୍ଶ୍ୱ ବନୀକରଣ ଦିଗରେ ବିଶେଷ ଧ୍ୟାନ ଦେବା ଉଚିତ। ଏପରିକି ଲୋକଙ୍କ ଜବରଦଖଲରେ ଥିବା ସରକାରୀ ଅନାବାଦୀ ଜମିରେ ଗଛ ଲଗାଯିବା ଠିକ୍ ହେବ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିପଦରେ ବରିଷ୍ଠ ନାଗରିକ

ରାଜ୍ୟ ମୋଟ ଲୋକସଂଖ୍ୟାର ଏକ ପଞ୍ଚମାଂଶ ବରିଷ୍ଠ ନାଗରିକ ସୁରକ୍ଷିତ ନୁହନ୍ତି। ବୟସର ଅପରାହ୍ଣରେ ସେମାନେ ପୁଅବୋହୂ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ମାନସିକ ଓ ଶାରୀରିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ବରିଷ୍ଠ ନାଗରିକମାନଙ୍କ ପ୍ରତି ଆକ୍ରମଣ ବଢି ବଢି ଚାଲିଛି। ସେମାନେ ଏକୁଟିଆ ରହୁଥିବାର ସୁଯୋଗ ନେଇ ଟଙ୍କା, ସୁନା ପାଇଁ ଦୁର୍ବୃତ୍ତମାନେ ସେମାନଙ୍କୁ ହତ୍ୟା କରୁଛନ୍ତି। ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ନୀତି ଏକ ପ୍ରକାର ଫେଲ ମାରିଛି। ବାର୍ଦ୍ଧକ୍ୟ ଭତ୍ତା ସମସ୍ତଙ୍କ ପାଖରେ ପହଞ୍ଚିପାରୁନି। ତେଣୁ ସରକାର ବିଭିନ୍ନ ସ୍ଥାନରେ ଜରାନିବାସ ନିର୍ମାଣ କରି ଥଇଥାନ କଲେ ସେମାନେ ବାରଦ୍ୱାର ହୁଅନ୍ତେ ନାହିଁ। ଯେଉଁ ସନ୍ତାନମାନେ ବୃଦ୍ଧ ମାତାପିତାଙ୍କ ଯତ୍ନ ନେଉନାହାନ୍ତି ସେମାନଙ୍କୁ ପୈତୃକ ସମ୍ପତ୍ତିରୁ ବଞ୍ଚିତ କରାଯାଉ। ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ନାଗରିକମାନଙ୍କୁ କିଭଳି ବ୍ୟବହାର କରିବା ଉଚିତ ସେ ନେଇ ଶିକ୍ଷା ଦିଆଯାଉ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜିଲା ବିଜେଡି ସଭାପତି ଉତ୍କଳଙ୍କୁ ଅଭିନନ୍ଦନ



ଡେରାବିଶ,୨୧।୨(ସ୍ୱ.ପ୍ର.):ବିଜେଡିର ସଂଗଠନକୁ ସୁଦୃଢ଼ କରିବା ପାଇଁ ଶୁକ୍ରବାର ବିଭିନ୍ନ ଜିଲାର ସଭାପତି ଚୟନ କରାଯାଇଛି । କେନ୍ଦ୍ରାପଡା ଜିଲା ପାଇଁ ପୂର୍ବତନ ବିଧାୟକ ତଥା ଚିଲିକା ଉନ୍ନୟନ ପରିଷଦର ଉପଦେଷ୍ଟା ଉତ୍କଳ କେଶରୀ ପରିଡାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି । ଏ ନେଇ ଉତ୍କଳଙ୍କୁ ବିଧିବଦ୍ଧ ଭାବେ ନିଯୁକ୍ତି ପତ୍ର ଦିଆ ଯାଇଥିବା ଜଣାଯାଇଛି । ୧୯୯୧ ମସିହାରେ ଡେରାବିଶ ପଞ୍ଚାୟତ ସମିତିର ଅଧକ୍ଷ ଭାବେ ଉତ୍କଳ ନିର୍ବାଚିତ ହୋଇ ଜଣେ ଦକ୍ଷ ରାଜନେତା ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ । ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ କେନ୍ଦ୍ରାପଡା ବିଧାୟକ ଥିଲେ । ଜିଲା ସଭାପତି ଭାବେ ମନୋନୀତ ହୋଇଥିବାରୁ ଉତ୍କଳଙ୍କୁ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ, ବିଜେଡି ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକ ସେଖ୍ ଅବଦୁଲ୍ଲା, ନରସିଂହପୁର ସରପଞ୍ଚ ଅକ୍ଷୟ କୁମାର ଖଟୁଆ, ଖମୋଳ ସରପଞ୍ଚ ଲିଲିମା ପରିଡ଼ା, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂ, ଅମୀୟ କୁମାର ମିଶ୍ର, ପୂର୍ବତନ ସମିତି ସଭ୍ୟ ଗୌତମ ପରିଡା, କ୍ରିକେଟିୟର ସାହାଜାହାନ୍ ଖାଁ, ପ୍ରାଧାପକ ଅଜୟ କୁମାର ରାଉତଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଓ କର୍ମୀ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ରାଜ୍ୟ ସଭାପତି ଏଭଳି ପଦକ୍ଷେପ ନେଇଥିବାରୁ ଜିଲାର ସମସ୍ତ ବିଧାୟକ ଓ ସାଂଗଠନିକ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ଗରଦପୁର ବ୍ଲକରେ ମୋ ସରକାର କକ୍ଷ

ପାଟକୁରା, ୨୧।୨ (ଡ଼ି.ଏନ୍.ଏ) : ଗରଦପୁର ବ୍ଲକ କାର୍ଯ୍ୟାଳୟରେ ମୋ ସରକାର କକ୍ଷ ଖୋଲିଛି । ନିକଟରେ ମଣ୍ଡଳ ଉନ୍ନୟନ ଅଧିକାରୀ ଧରଣୀଧର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ । ଉନ୍ନତ ମାନର ସେବା ଯୋଗାଇ ଦେବା, ସରକାରୀ କର୍ମଚାରୀଙ୍କ ଉତ୍ତମ ଆଚରଣ, ନାଗରିକଙ୍କ ମତାମତ ଗ୍ରହଣ ଉପରେ ଏହି ପ୍ରକୋଷ୍ଠ କାର୍ଯ୍ୟ କରିବ । ବିଶେଷ କରି ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ବିକାଶମୂଳକ ଯୋଜନାର ସୁଫଳ ଯେପରି ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଏହି ପ୍ରକୋଷ୍ଠ ଖୋଲାଯାଇଛି ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀ ସୂଚନା ଦେଇଛନ୍ତି ।

# ବାଳ ଅପରାଧୀଙ୍କ ସଂଖ୍ୟା ବଢୁଛି

କେନ୍ଦ୍ରାପଡା ଅଫିସ,୨୧।୨

- ଅପରାଧପ୍ରବଣ ହେଉଛି ସହର ଓ ଉପକଣ୍ଠ ଅଞ୍ଚଳ
- ଭଡାଟିଆଙ୍କ ସୂଚନା ରଖୁନାହାନ୍ତି ଘରମାଲିକ
- ସରକାରୀ ଜମି ଜବରଦଖଲରେ

ଦୀର୍ଘ ଦୁଇ ଦଶନ୍ଧି ଧରି କେନ୍ଦ୍ରାପଡା ଜିଲା ଅପରାଧପ୍ରବଣ ହେବାରେ ଲାଗିଛି । ଅନୁପ୍ରବେଶ ସମସ୍ୟା ଉତ୍କଟ ଆକାର ଧାରଣ କରିଥିବା ବେଳେ ସହର ଓ ଉପାନ୍ତ ଅଞ୍ଚଳ ଅପରାଧୀଙ୍କ ଚରାଭୂଇଁ ପାଲଟିଛି । ବିଶେଷକରି ଜିଲାରେ ବାଳ ଅପରାଧୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ହେଉଛି । ଗତ ଦେଢ ବର୍ଷ ମଧ୍ୟରେ ଜିଲା ପୋଲିସ ୧୦ଟି ଏନ୍‌କାଉଣ୍ଟର କରିଥିବା ବେଳେ ଗ୍ୟାଙ୍ଗଷ୍ଟର ଟିଟୋଙ୍କୁ କ୍ରାଇମବ୍ରାଞ୍ଚ ଧରିଛି । ସେହିପରି ବହୁ ସରକାରୀ ସ୍ଥାନ ଏବେ ଜବରଦଖଲରେ ଅଛି । ଘର ମାଲିକ ଭଡାଟିଆଙ୍କ ସମ୍ପର୍କରେ ନିକଟସ୍ଥ ଥାନାରେ ତଥ୍ୟ ଦେବା ନେଇ ସଚେତନତା କାର୍ଯ୍ୟକ୍ରମ ୨୦୧୬ ମସିହାରୁ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଏଥିରେ ସୁଫଳ ମିଳୁନାହିଁ । ସୂଚନା ଅଧିକାରୀ କର୍ମୀ ରଞ୍ଜନ ଦାସଙ୍କ ଠାରୁ ଆରମ୍ଭ କରି କ୍ରୀଡାଛାତ୍ରୀ କସ୍ତୁରୀ ସାମନ୍ତରାୟଙ୍କ ମୃତ୍ୟୁର ରହସ୍ୟ ଅଦ୍ୟାବଧି ଉନ୍ମୋଚନ ହୋଇ ପାରିନାହିଁ । ଜିଲା ପୋଲିସର ନିଷ୍କ୍ରିୟତା ଜିଲାବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି । ଏ ସମ୍ପର୍କରେ ବୁଦ୍ଧିଜୀବୀ ତଥା ସହରର ମଧ୍ୟଖଣ୍ଡି ଗ୍ରାମର ରବୀନ୍ଦ୍ର କୁମାର ଦାଶ କୁହନ୍ତି ଯେ, ପୂର୍ବରୁ ଏହି ସମସ୍ୟା ଜଣା ପଡୁ ନ ଥିଲା । କେନ୍ଦ୍ରାପଡା ଜିଲାରେ ଗତ ବର୍ଷକ ମଧ୍ୟରେ ଲୁଟ୍, ବଳାତ୍କାର ଠାରୁ ଆରମ୍ଭ କରି ହତ୍ୟା ଘଟଣା ପର୍ଯ୍ୟନ୍ତ ବଢି ଚାଲିଥିବାରୁ ଏନେଇ ଚିନ୍ତା କରିବା ଆବଶ୍ୟକ ଅଛି । କର୍ମ ନିଯୁକ୍ତି ଆଳରେ ଜିଲା ଓ ରାଜ୍ୟ ବାହାରର ଲୋକ ଏହି ଜିଲାକୁ ଆସି ନାବାଳିକା, ଯୁବତୀ ଓ ମହିଳା ଅପହରଣ କରିବା ନେଇ ଥାନାରେ ମାମଲା ଦରଜ ହେଉଛି । ପୋଲିସ କର୍ତ୍ତୃପକ୍ଷ ପ୍ରଥମେ ଏହା ପ୍ରେମ ବ୍ୟାପାର କହି ମିସିଂ କେସ କରି ନୀରବ ରହୁଛି । ତେବେ ପରବର୍ତ୍ତୀ ସମୟରେ ସେହି ଯୁବତୀଙ୍କ ପରିବାର ସଦସ୍ୟଙ୍କ ତତ୍ପରତା ଯୋଗୁ ଦେଶ ବିଦେଶରୁ ଉଦ୍ଧାର ପରେ ସେମାନଙ୍କ କରୁଣ କାହାଣୀ ଗଣମାଧ୍ୟମରୁ ଜାଣିବାକୁ ମିଳୁଛି ।

ବୁଦ୍ଧିଜୀବୀ ଜଗଦୀଶ ପତି କୁହନ୍ତି ବୁଲା ବେପାରି, ବିଭିନ୍ନ ସରକାରୀ ସ୍ଥାନରେ ସ୍ଥାୟୀ କିମ୍ବା ଅସ୍ଥାୟୀ ଘର କରି ରହିଥିବା ବ୍ୟକ୍ତିଙ୍କ ପରିଚୟ ସମ୍ପର୍କରେ ସନ୍ଦିହାନ ଅଛନ୍ତି । ସେ କହିଛନ୍ତି ଯେ, ସହର ନିକଟ ତନାର ଗ୍ରାମରେ ଗତ ୫ ବର୍ଷ ମଧ୍ୟରେ ଜନସଂଖ୍ୟା ବଢ଼ିଛି । ତେବେ ଏମାନଙ୍କ ମଧ୍ୟରୁ ପ୍ରାୟ ୨୫ ପ୍ରତିଶତ ବ୍ୟକ୍ତି କେଉଁଠାରୁ ଆସିଛନ୍ତି, କ'ଣ କରୁଛନ୍ତି, ତାହା ଗ୍ରାମବାସୀ ମଧ୍ୟ ଜାଣନ୍ତି ନାହିଁ । ଏହି ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଆନ୍ଦୋଳନ, ବିକ୍ଷୋଭ କରି ସାରିଲେଣି । ସେହିପରି ସହର ଓ ଆଖପାଖ ଅଞ୍ଚଳରେ ବହୁ ବାହାର ରାଜ୍ୟର ପରିବାର ବିଭିନ୍ନ ବ୍ୟବସାୟ କରିବା ଆଳରେ ତମ୍ବୁ ମାରି ରହିଛନ୍ତି । ପ୍ଲାଷ୍ଟିକ ସାମଗ୍ରୀ, ବେଡସିଟ, ମହୁ, ଚାବି ଆଦି ବିକ୍ରିରେ ସଂପୃକ୍ତ ଅଧିକାଂଶ ବ୍ୟବସାୟୀ ଆଶାନୁରୂପକ ଉପାର୍ଜନ କରି ପାରୁ ନ ଥିଲେ ମଧ୍ୟ ଉନ୍ନତମାନର ଚଳଣିରେ ରହୁଥିବା ଦେଖାଯାଉଛି । ଗତବର୍ଷ ବାହାର ରାଜ୍ୟରୁ ଆସି ଏଠାରେ ରହିଥିବା ଜଣେ ଅଟୋଚାଳକ କେନ୍ଦ୍ରାପଡା ସହରର ଜଣେ ଯୁବକଙ୍କୁ ଗୁଳି ମାରିବା ଘଟଣାରେ ଜଡିତ ଥାଇ ଏବେ ଜେଲରେ ଅଛନ୍ତି । ଏପରି ମାମଲା ଜିଲାରେ ବହୁବାର ଘଟି ଚାଲିଥିବାରୁ ଜିଲା ବାହାର ବ୍ୟକ୍ତିଙ୍କ ପରିଚୟ ପ୍ରଶାସନ ନିକଟରେ ରହିବା ଜରୁରୀ ବୋଲି ବୁଦ୍ଧିଜୀବୀ ପତି ପ୍ରକାଶ କରିଛନ୍ତି । ସୂଚନା ଅଧିକାର କର୍ମୀ ମହାକାଳପଡା ବ୍ଲକ ବାରଡାଙ୍ଗ ଗ୍ରାମର ବିଭୁତି ଭୂଷଣ ରାଉତ କହିଛନ୍ତି ଯେ, ଖୋଲାମେଲା ସମୁଦ୍ର ତଟ ବହୁ ଅନୁପ୍ରବେଶକାରୀଙ୍କୁ ଏହି ଜିଲାରେ ପ୍ରବେଶ ପାଇଁ ସୁଯୋଗ ଦେଉଛି । ଜିଲାର ୩ ସାମୁଦ୍ରିକ ଥାନାର ଭିତ୍ତିଭୂମି ଅଭାବର ସୁଯୋଗ ନେଇ ବହୁ ବାଲାଂଦେଶୀ ଏଠାରେ ନିଜର ଆସ୍ଥାନ ଜମାଇଛନ୍ତି । ରୋଜଗାରର ପନ୍ଥା ଭାବେ ବେଆଇନ ଚିଙ୍ଗୁଡି ଚାଷ, ବନ୍ୟ ଜନ୍ତୁ ଶିକାର, ବନ୍ୟ ସମ୍ପଦ ଲୁଟ କରୁଛନ୍ତି । ଏହି ଅପରାଧରେ ବହୁ ବାଳ ଅପରାଧୀ ଜଡିତ ଥିବା ଦେଖିବାକୁ ମିଳୁଛି । ସନ୍ଦିଗ୍ଧ ବ୍ୟକ୍ତିଙ୍କ ଜିଲାରେ ଅବସ୍ଥାନ ସମ୍ପର୍କରେ ଏସଡିପିଓ ରାଜୀବ ଲୋଚନ ପଣ୍ଡା କହିଛନ୍ତି ଯେ, ଜିଲା ପ୍ରଶାସନ ପକ୍ଷରୁ ଏନେଇ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଉଛି । ବାହାର ଅଞ୍ଚଳର ବ୍ୟକ୍ତିଙ୍କୁ ଘରଭଡା ଦେବା ସମୟରେ ପରିଚୟ ପତ୍ରର ନକଲ ସ୍ଥାନୀୟ ପୋଲିସ କାର୍ଯ୍ୟାଳୟରେ ଜମା କରିବା ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି । ଏହା ସମ୍ଭବ ହେଲେ ବହୁ ଅପରାଧକୁ ରୋକି ହେବ ବୋଲି ସେ ପ୍ରକାଶ କରିଛନ୍ତି ।

# ଉତ୍କଳ କେଶରୀ ପରିଡା ବିଜେଡିର ଜିଲା ସଭାପତି

କେନ୍ଦ୍ରାପଡା ଅଫିସ, ୨୧।୨



ଉତ୍କଳ କେଶରୀ

ବିଜେଡିର ଜିଲାସ୍ତରୀୟ ସାଂଗଠନିକ ନିର୍ବାଚନ ଶୁକ୍ରବାର ଶେଷ ହୋଇଛି । ଦଳର ଏକମାତ୍ର ପ୍ରାର୍ଥୀ ଉତ୍କଳ କେଶରୀ ପରିଡା କେନ୍ଦ୍ରାପଡା ଜିଲା ସଭାପତି ଭାବେ ମନୋନୟନ ପତ୍ର ଦାଖଲ କରିଥିବାରୁ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସହରର ମହିପାଳଠାରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଜିଲା ନିର୍ବାଚନ ଅଧିକାରୀ ଧୀରେନ ସାହୁଙ୍କ ନିକଟରେ ଅପରାହ୍ନ ୨ଟାରେ ଉତ୍କଳକେଶରୀ ନିଜ ସମର୍ଥକଙ୍କ ସହ ମନୋନୟନ ପତ୍ର ଦାଖଲ କରିଥିଲେ । ଅପରାହ୍ନ ୩ଟା ସୁଦ୍ଧା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ଜିଲା ନିର୍ବାଚନ ଅଧିକାରୀ ସାହୁ ରାଜ୍ୟ କାର୍ଯ୍ୟାଳୟକୁ ଏନେଇ ସୂଚନା ଦେଇଥିଲେ । ଉତ୍କଳକେଶରୀଙ୍କ ନାମ ଜିଲା ସଭାପତି ଭାବେ ଘୋଷଣା ପରେ ଦଳୀୟ କର୍ମକର୍ତ୍ତା, କର୍ମୀ ଓ ନେତୃମଣ୍ଡଳୀ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗାଶୀଷ ମହାନ୍ତି, ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ଜିଲା ମହିଳା ବିଜେଡି ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ଆଇନଜୀବୀ ଦେବଦାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଉତ୍କଳ କେଶରୀ ଜନତା ଦଳରେ ନିଜର ରାଜନୈତିକ କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ଓଜିପିରୁ ପ୍ରାର୍ଥୀ ହୋଇ ପୂର୍ବରୁ କେନ୍ଦ୍ରାପଡା ବିଧାୟକ ହୋଇଥିଲେ । ଓଜିପି ସଂଗଠନ ଦୁର୍ବଳ ପରେ ସେ ଏନସିପିର ରାଜ୍ୟ ସଭାପତି ଥିଲେ । ପରେ ଭାଜପାରେ ଯୋଗ ଦେଇଥିବା ବେଳେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରେ ଯୋଗଦେଇ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏଥିସହିତ ସେ ଏବେ ଚିଲିକା ଉନ୍ନୟନ ପରିଷଦର ଉପଦେଷ୍ଟା ଅଛନ୍ତି ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

ମହାକାଳପଡା, ୨୧।୨ (ଡି.ଏନ.ଏ.)

ଶୁକ୍ରବାର ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଦ୍ୱାରା ମହାକାଳପଡା ବ୍ଲକ ବଳିପାଳ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ନାୟକ ଏହି ପଞ୍ଚାୟତର ଘଣ୍ଟିଆପଲୀ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ନୂତନ ଗୃହ, କଳପଡା ଗ୍ରାମରେ ଖେଳପଡିଆ ଉଦ୍‌ଘାଟନ କରିଥିଲେ। ସେହିପରି ଶ୍ରୀଚନ୍ଦନପୁର ଗ୍ରାମର ନୂତନ ପାଟନାଳୀ ଖନନ ଏବଂ କଳପଡା ଗ୍ରାମରେ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ନୂତନ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଏକ ସଭାରେ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ବ୍ଲକ ଅଧକ୍ଷା ସସ୍ମିତା ବରାଳ, ବିଡିଓ ଦେବାଶିଷ ରାଉତ, ସରପଞ୍ଚ ପଞ୍ଚାନନ ସ୍ୱାଇଁ, ଜିଲା ପରିଷଦ ସଭ୍ୟା କବିତା ମଲିକଙ୍କ ସମେତ ସଂଖ୍ୟାଧିକ ମହିଳା, ସ୍ଥାନୀୟ ନେତୃବୃନ୍ଦ, ଯୁବକ ଉପସ୍ଥିତ ଥିଲେ।



# ପଞ୍ଚାମୁଣ୍ଡାଇ କଲେଜ ବାଣିଜ୍ୟ ବିଭାଗର ସେମିନାର

ପଞ୍ଚାମୁଣ୍ଡାଇ,୨୧।୨(ସ୍ୱ.ପ୍ର.)

ପଞ୍ଚାମୁଣ୍ଡାଇ କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ ଏକ୍ସ୍ଟ୍ରା ମୋରାଲ୍ ସେମିନାର ଗୁରୁବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ସଞ୍ଜୀବ କୁମାର ଦାଶ ସେମିନାରରେ ପୌରୋହିତ୍ୟ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ଭଗବାନ ଦାସ ଯୋଗ ଦେଇଥିଲେ । ବରିଷ୍ଠ ପ୍ରାଧ୍ୟାପକ ସୌରେନ୍ଦ୍ର ପ୍ରସାଦ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ରଞ୍ଜନ କୁମାର ବେହେରାଙ୍କ ସମେତ ଅନ୍ୟ ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଅଧ୍ୟାପକ ଜିତେନ୍ଦ୍ର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାରଣା ଦେବାକୁ ବିଲିକଣା ଗ୍ରାମବାସୀଙ୍କ ଚେତାବନୀ

ପଞ୍ଚାମୁଣ୍ଡାଇ/ଆଳି (ସ୍ୱ.ପ୍ର./ଡି.ଏନ୍.ଏ.)୨୧।୨

ଗତ ୩ ବର୍ଷ ହେଲା ଆଳି ବ୍ଲକ ଅନ୍ତର୍ଗତ ବିଲିକଣା ଗ୍ରାମ ଭିତରକୁ ଆମ୍ବୁଲାନ୍ସ, ଦମକଳ ଓ ଜରୁରୀ ସେବାକାଳୀନ ଗାଡି ପଶି ପାରୁନାହିଁ । ଗ୍ରାମର ଅନେକ ସ୍ଥାନରେ ବିଦ୍ୟୁତ ତାର ହାତ ପାହାନ୍ତାରେ ଓହଳି ରହିଛି । ବେଆଇନ ଭାବେ ରାସ୍ତା ଅବରୋଧ ହୋଇଛି । ଏଥିନେଇ ଗ୍ରାମବାସୀ ଜିଲାପାଳ, ଆଳି ତହସିଲଦାର, ଆଳି ବିଡିଓ ଓ ପଞ୍ଚାମୁଣ୍ଡାଇ ଏସ୍‌ଡିପିଓଙ୍କୁ ବାରମ୍ବାର ଜଣାଇଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ସହିତ ମୋ ସରକାର ନେଇ ପ୍ରଚାର ପ୍ରସାର ଜୋରଦାର ହେଉଥିବା ବେଳେ ଲୋକଙ୍କର ବିଭିନ୍ନ ସମସ୍ୟା ସମାଧାନ ହେଉନାହିଁ । ଏହାର ପ୍ରତିବାଦରେ ୨୩ ତାରିଖ ରବିବାର ସକାଳ ୭ଟା ବେଳେ କଟକ-ଚାନ୍ଦବାଲି ରାସ୍ତାର କାଳୀପଡିଆ ନିକଟରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏଥିନେଇ ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡା, ସଞ୍ଜୟ ରାଉତ, ୱାର୍ଡସଭ୍ୟା ଲକ୍ଷ୍ମୀପ୍ରିୟା ମହାରଣା, କୈଳାଶ ମଲ୍ଲିକ, ପାର୍ବତୀ ରାଉତଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲାପାଳ, ଏସ୍‌ପି, ମେଡିକାଲ ଅଫିସର, ପଞ୍ଚାମୁଣ୍ଡାଇ ଏସ୍‌ଡିପିଓ, ତହସିଲଦାର, ଆଳି ବିଡିଓ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।


ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ | ନୟାପଲ୍ଲୀ ଶାଖା, ୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ | ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତି ହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ଶ୍ରୀ ବିଶ୍ୱ ରଞ୍ଜନ ରାୟ, ବାସସ୍ଥାନ ଠିକଣା: ୨୨୭, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭ ଏବଂ ଶ୍ରୀ ଦେବକାନ୍ତ ମହାପାତ୍ର, ବାସସ୍ଥାନ ଠିକଣା: ପ୍ଲଟ୍ ନଂ.: ୩୨୬୪, ଶ୍ରୀରାମ ନଗର, ସାମନ୍ତପୁର, ଭୁବନେଶ୍ୱର | ଟ.୩୦,୪୦,୪୧୫/- + ସେବାବଦ ସୁଧ | ୧୧.୦୯.୨୦୧୯/ ୧୭.୦୨.୨୦୨୦ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଫ୍ଲାଟ୍ ନଂ.: ୪୦୨, ରାଜଲୋକ ଏନ୍‌କ୍ଲେଭ, ପ୍ଲଟ୍ ନଂ.: ଏନ୍/୩ ୧୧୮, ରେଭିନ୍ୟୁ ପ୍ଲଟ୍ ନଂ.: ୬୨୩/୨୭୯୩, ଖାତା ନଂ.: ୧୪୨୬/୭୨୮, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଏହାର ଚଉହଦି: ପୂର୍ବ: ପ୍ଲଟ୍ ନଂ.: ୧୧୯, ପଶ୍ଚିମ: ପ୍ଲଟ୍ ନଂ.: ୧୧୭, ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ |

ସ୍ଥାନ : ଭୁବନେଶ୍ୱର, ତାରିଖ: ୨୦.୦୨.୨୦୨୦ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ


# ଚନ୍ଦ୍ରମୌଳିଙ୍କ ପୀଠରେ ଜାଗର ଯାତ୍ରା



ଶ୍ରୀଚନ୍ଦ୍ରମୌଳିଙ୍କ ପୀଠରେ ଜାଗରଯାତ୍ରା ଅବସରରେ ଶ୍ରଦ୍ଧାଳୁମାନେ।

ପଞ୍ଚାମୁଣ୍ଡାଇ,୨୧।୨ (ସ୍ୱ.ପ୍ର.)

## ୬୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ମହାଶିବରାତ୍ରି ଉପଲକ୍ଷେ ଅଞ୍ଚଳର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହେବା ସାଙ୍ଗକୁ ଉତ୍ସବମୁଖର ହୋଇପଡିଛି । ପଞ୍ଚାମୁଣ୍ଡାଇ ବ୍ଲକ ଉତିକଣର ମଉଡମଣି ଶ୍ରୀଚନ୍ଦ୍ରମୌଳିଙ୍କ ପୀଠରେ ଶୁକ୍ରବାର ମହାସମାରୋହରେ ଜାଗର ଯାତ୍ରା ପାଳିତ ହୋଇଛି । ଚଳିତବର୍ଷ ଜାଗରଯାତ୍ରାରେ ୬୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ରାତି ସାଢେ ୩ଟାରେ ପହଡ ଖୋଲିବା ସହିତ ପଣ୍ଡାମାନେ ଠାକୁରଙ୍କ ବିଶେଷ ନୀତିକାନ୍ତି ସହ ପୂଜାର୍ଚ୍ଚନା କରିଥିଲେ । ପ୍ରଥମେ ସକାଳ ୬ଟା ବେଳେ ଅବକାଶ, ସ୍ନାନ ଓ ସର୍ବସାଧାରଣଙ୍କ ଦର୍ଶନ, ଖେଚୁଡି ଧୂପ ହୋଇଥିଲା । ମଧାହ୍ନ ଧୂପ ପରେ ଠାକୁରଙ୍କ ନୀତିକାନ୍ତି ହୋଇଥିଲା । ଅପରାହ୍ନ ୪ଟା ବେଳେ ଠାକୁରଙ୍କୁ ବେଶ ଲାଗି କଲା ପରେ ଏକ ସୁସଜ୍ଜିତ ବିମାନରେ ଉପବିଷ୍ଟ କରାଯାଇ ପଣ୍ଡାମାନେ ଜାଗର ବେଢା ପରିକ୍ରମା କରିଥିଲେ । ଏହି ଅବସରରେ ମନ୍ଦିରରେ ଧ୍ୱଜା ବନ୍ଧନ କରାଯାଇଥିଲା । ଏହି ଜାଗର ବେଢା ପରିକ୍ରମାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଯୁବ ସଭାପତି ମନୋଜ ନାୟକ, ବରିଷ୍ଠ ବିଜେଡି ନେତା ସୁରେଶ ପଣ୍ଡା, ମନ୍ଦିର ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ସିଂହ, ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଏଥିସହିତ ବେଢା ପରିକ୍ରମାରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ୧୦ଟି ସଂକୀର୍ତ୍ତନ ଦଳ ଭଜନ କୀର୍ତ୍ତନ କରିଥିଲେ । ପଞ୍ଚାମୁଣ୍ଡାଇ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଶାନ୍ତିଶୃଙ୍ଖଳାର ସହ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିବା ସହିତ ମାନସିକ ପୂରଣ ପାଇଁ ମନ୍ଦିର ବେଢା ଭିତରେ ଦୀପ ଜାଳି ବସି ରହିଛନ୍ତି । ରାତି ୪ଟାରେ ଠାକୁରଙ୍କ ସମସ୍ତ ନୀତିକାନ୍ତି ପରେ ମହାଦୀପ ଉଠିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ମନ୍ଦିରର ବଡପଣ୍ଡା କୁଳମଣି ପଣ୍ଡା, ପ୍ରଦୀପ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ଅଶୋକ ପଣ୍ଡା ପ୍ରମୁଖ ମହାଦୀପ ଉଠାଇବା ପାଇଁ ବ୍ୟବସ୍ଥା ହୋଇଛି । ଭକ୍ତମାନେ ଉଜାଗର ରହି ଦୀପ ପ୍ରଜ୍ୱଳନ କରି ଜପ କରୁଥିବାର ଦେଖିବାକୁ ମିଳିଛି ।


ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ELOP-T-MEMU-02-2020

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ମେମୁ କାର ସେଡ୍, ଖୋର୍ଦ୍ଧା ରୋଡ଼ର କୋଚ୍‌ଗୁଡ଼ିକର ଯାନ୍ତ୍ରିକ କୋଚ୍ ସଫେଇ ଏବଂ ଡିପୋ ପରିସରର ସଫେଇ ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 90,24,193.12, EMD (ଟଙ୍କାରେ) : 1,80,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.28.02.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.03.2020ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ (ବିଦ୍ୟୁତ୍) ଖୋର୍ଦ୍ଧା ରୋଡ୍

PR-723/K/19-20



ପୂର୍ବ ତଟ ରେଳପଥ

ଏକକ ବିଜ୍ଞାପନ ଅଧିକାର

1) ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-NFR-ANGL-DNKL-20

ବିବରଣୀ : ପାଞ୍ଚ (05) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅନୁଗୋଳ, ତାଳଚେର ରୋଡ଼, ତାଳଚେର ଏବଂ ଢେଙ୍କାନାଳ ରେଳ ଷ୍ଟେସନ (ଭିତର ପାର୍ଶ୍ୱ)ରେ ଏକକ ବିଜ୍ଞାପନ ଅଧିକାର ପାଇଁ ଚୁକ୍ତି ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 4,33,946.01, EMD (ଟଙ୍କାରେ) : 46,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 5 ବର୍ଷ ।

2) ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-NFR-JJKR-BHC-20

ବିବରଣୀ : ପାଞ୍ଚ (05) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଯାଜପୁର-କେନ୍ଦୁଝର ରୋଡ଼, ଭଦ୍ରକ, ଏବଂ କେନ୍ଦୁଝରଗଡ଼ ରେଳ ଷ୍ଟେସନ (ଭିତର ପାର୍ଶ୍ୱ)ରେ ଏକକ ବିଜ୍ଞାପନ ଅଧିକାର ପାଇଁ ଚୁକ୍ତି ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 9,28,222/-, EMD (ଟଙ୍କାରେ) : 98,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 5 ବର୍ଷ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.12.03.2020 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-724/K/19-20



FORM A

PUBLIC ANNOUNCEMENT

(Under Regulation 6 of the Insolvency and Bankruptcy Board of India (Insolvency Resolution Process for Corporate Persons) Regulations, 2016)

FOR THE ATTENTION OF THE CREDITORS OF SWAIN ALUMINIUM PRIVATE LIMITED

RELEVANT PARTICULARS

| | | |
|---|---|---|
| 1. | Name of corporate debtor | SWAIN ALUMINIUM PRIVATE LIMITED |
| 2. | Date of incorporation of corporate debtor | 20.03.2009 |
| 3. | Authority under which corporate debtor is incorporated / registered | RoC-Cuttack |
| 4. | Corporate Identity No. / Limited Liability Identification No.of corporate debtor | U27203OR2009PTC010687 |
| 5. | Address of the registered office and principal office (if any) of corporate debtor | HOUSE-2, GREEN PARK SAILSHREE VIHAR, BHUBANESWAR- 751021 |
| 6. | Insolvency commencement date in respect of corporate debtor | 20.02.2020 |
| 7. | Estimated date of closure of insolvency resolution process | 18.08.2020 |
| 8. | Name and registration number of the insolvency professional acting as interim resolution professional | Mr. Saradindu Jena IBBI/IPA-002/IP-N00520/2017-2018/11622 |
| 9. | Address and e-mail of the interim resolution professional, as registered with the Board | **O.U No-510, 5th Floor, Esplanade One, Rasulgarh , Bhubaneswar, Orissa , 751010 Email: ip.jena2017@gmail.com** |
| 10. | Address and e-mail to be used for correspondence with the interim resolution professional | Same as above |
| 11. | Last date for submission of claims | 05.03.2020 |
| 12. | Classes of creditors, if any, under clause (b) of sub-section (6A) of section 21, ascertained by the interim resolution professional | N.A |
| 13. | Names of Insolvency Professionals identified to act as Authorised Representative of creditors in a class (Three names for each class) | N.A |
| 14. | (a) Relevant Forms and (b) Details of authorized representatives are available at: N.A | **Web link: ibbi.gov.in** |

Notice is hereby given that the National Company Law Tribunal has ordered the commencement of a corporate insolvency resolution process of the **SWAIN ALUMINIUM PRIVATE LIMITED**on 20.02.2020.

The creditors of **SWAIN ALUMINIUM PRIVATE LIMITED,** are hereby called upon to submit their claims with proof on or before 05/03/2020 to the interim resolution professional at the address mentioned against entry No.10.

The financial creditors shall submit their claims with proof by electronic means only. All other creditors may submit the claims with proof in person, by post or by electronic means.

A financial creditor belonging to a class,as listed against the entry No. 12, shall indicate its choice of authorised representative from among the three insolvency professionals listed against entry No.13 to act as authorised representative of the class in Form CA.

Submission of false or misleading proofs of claim shall attract penalties.

**Place: BHUBANESWAR**
**Date: 20/02/2020**

**SARADINDU JENA**
**Interim Resolution Professional of**
**SWAIN ALUMINIUM PRIVATE LIMITED**

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

**ଜଗତ୍‌ସିଂହପୁର ଅଫିସ୍, ୨୧।୨:** ଜଗତ୍‌ସିଂହପୁର ଥାନା ଅଧୀନ ରାଇବରେଇ ଗ୍ରାମର ଅଜିତ ଓଝାଙ୍କ ୧୪ ବର୍ଷର ପୁଅ ଅଭିଷେକ ଶୁକ୍ରବାର ଅପରାହ୍ନରେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଅଭିଷେକ ତାଙ୍କ ବାରିପଟେ ଥିବା ପୋଖରୀରେ ବୁଡ଼ି ଯାଉଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜଗତ୍‌ସିଂହପୁର ଥାନାରେ ୧୦/୨୦ ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅଷ୍ଟଶମ୍ଭୁ ପୀଠରେ ହରିହର ଭେଟ



**ବିରିଡ଼ି, ୨୧।୨ (ଡି.ଏନ୍.ଏ.):** ପବିତ୍ର ଶିବଚତୁର୍ଦ୍ଦଶୀ ତିଥି ଅବସରରେ ଶୁକ୍ରବାର ହାଜିପୁରସ୍ଥିତ ପବିତ୍ର ଧାନକୁଦ ଶ୍ରୀଜଗନ୍ନାଥ ମନ୍ଦିରରୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ସେବାୟତମାନଙ୍କ ସହ ଏକ ବିରାଟ ପଟୁଆରରେ ବାଜା, ବାଣ, ରୋଶଣିରେ ଚାନ୍ଦପୁରସ୍ଥିତ ଅଷ୍ଟଶମ୍ଭୁ ଶିବ ମନ୍ଦିରକୁ ଆସିଥିଲେ। ଶ୍ରୀଜଗନ୍ନାଥ ମନ୍ଦିରରେ ସନ୍ଧ୍ୟା ଅଳତି ପରେ ମଦନମୋହନଙ୍କୁ ବିମାନରେ ବିଜେ କରାଯାଇ ଅଷ୍ଟଶମ୍ଭୁ ଶିବ ମନ୍ଦିରକୁ ନିଆଯାଇଥିଲା। ଅଷ୍ଟଶମ୍ଭୁ ମନ୍ଦିରର ସେବାୟତମାନେ ମଦନମୋହନଙ୍କୁ ପାଛୋଟି ନେଇଥିଲେ। ଯଥା ସ୍ଥାନରେ ମଦନମୋହନଙ୍କୁ ଉପବିଷ୍ଟ କରାଇ ପୂଜାର୍ଚ୍ଚନା କରାଯିବା ପରେ ମହାଦେବଙ୍କ ଅଭିଷେକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶେଷ ପର୍ଯ୍ୟାୟରେ ଶ୍ରୀ ମଦନମୋହନଙ୍କ ସମ୍ମୁଖରେ ହୋମ କାର୍ଯ୍ୟ କରାଯାଇ ପରିଶେଷରେ ମହାଦୀପ ଉଠାଯାଇଥିଲା। ମହାଦୀପ ଉଠିବା ପରେ ଶ୍ରୀମଦନମୋହନ ଧାନକୁଦ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ତିରୁଣା ସମବାୟ ସମିତିରେ ଚାଷୀଙ୍କୁ ଦୁର୍ବ୍ୟବହାର

**ନାଉଗାଁ, ୨୧।୨ (ସ୍ୱ.ପ୍ର.)**

**ଜିଲାପାଳଙ୍କୁ ଅଭିଯୋଗ**

ନାଉଗାଁ ବ୍ଲକ ଅଧୀନ ତିରୁଣା ସେବା ସମବାୟ ସମିତିରେ ଧାନ ଦେବା ସମୟରେ ଚାଷୀମାନଙ୍କୁ ଦୁର୍ବ୍ୟବହାର କରାଯିବା ସହ କୁଇଣ୍ଟାଲ ପିଛା ୨ କି.ଗ୍ରା. ଲେଖାଏ ଧାନ କାଟି ଦିଆଯାଉଛି। ଏ ନେଇ ଜାମୁଗାଁ ପଞ୍ଚାୟତ ନନ୍ଦିଗ୍ରାମର ଚାଷୀ ଦିଲୀପ ପାଢ଼ୀ ଗୁରୁବାର ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ମଣ୍ଡିରେ ଧାନ ଦେବା ପାଇଁ ଦିଲୀପ ସୋସାଇଟିରେ ନାମ ପଞ୍ଜୀକୃତ କରାଇଥିଲେ। ସେହି ତାଲିକା ଅନୁସାରେ ଗତ ୧୮ ଫେବୃୟାରୀରେ ସେ ମଣ୍ଡିରେ ଧାନ ଦେବାକୁ ଯାଇଥିଲେ। ତାଙ୍କଠାରୁ ମିଲର ୪୬ କୁଇଣ୍ଟାଲ ୬୩ କି.ଗ୍ରା. ଧାନ ନେଇଥିଲେ, କିନ୍ତୁ ୪୫ କୁଇଣ୍ଟାଲ ୭୦ କିଗ୍ରାର ଟୋକନ ପ୍ରଦାନ କରିଥିଲେ। ଏ ନେଇ ସେ ସୋସାଇଟି ସମ୍ପାଦକଙ୍କୁ ପଚାରିବାରୁ ପ୍ରତି କୁଇଣ୍ଟାଲ ପିଛା ୨ କି.ଗ୍ରା. ଲେଖାଏ ଧାନ କଟା ଯାଇଥିବା କହିଥିଲେ। ମିଲରର ଗାଡ଼ିକୁ ଧାନ ଉଠାଇବା ବାବଦକୁ ତାଙ୍କୁ ୫ ଶହ ଟଙ୍କା ମଗାଯାଇଥିଲା। ମାତ୍ର ସେ ଏହାର ପ୍ରତିବାଦ କରିବାରୁ ମିଲରଙ୍କ ଏଜେଣ୍ଟ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଉକ୍ତ ମଣ୍ଡିରେ ଧାନ ଦେଉଥିବା ସମସ୍ତ ଚାଷୀ ଶୋଷଣର ଶିକାର ହେଉଛନ୍ତି ବୋଲି ଦିଲୀପ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।ଏ ବିଷୟରେ ଜିଲା ଯୋଗାଣ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି। ତେଣୁ ଉକ୍ତ ସୋସାଇଟିରେ ହେଉଥିବା ଅନିୟମିତତାର ତଦନ୍ତ କରାଯାଇ ସମ୍ପୃକ୍ତ କର୍ମଚାରୀ ଓ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦିଲୀପ ଦାବି କରିଛନ୍ତି। ଏ ନେଇ ଜିଲା ଯୋଗାଣ ନିରୀକ୍ଷକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ତାହା ସମ୍ଭବ ହୋଇପାରିନାହିଁ।

# ୧୦ବର୍ଷ ପରେ ମିଳିଲା ହଜିଲା ପୁଅ

**ପାରାଦୀପ, ୨୧।୨ (ସ୍ୱ.ପ୍ର.)**



ସୁଦର୍ଶନ ସ୍ୱାଇଁ

ଦୀର୍ଘ ଏକ ଦଶନ୍ଧି ହେଲା ପୁଅକୁ ହରାଇଥିବା ବେଳେ ଆଉଥରେ ପୁଅକୁ ପାଇବାର ଆଶା ଛାଡ଼ିଦେଇଥିଲେ। ହେଲେ ଶୁକ୍ରବାର ମହାଶିବରାତ୍ରୀରେ ପୁଅକୁ ଫେରିପାଇବା ପରେ ଆତମ ବିଭୋର ହୋଇପଡ଼ିଛନ୍ତି ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅଞ୍ଚଳର ଏକ ଦମ୍ପତି। ଘଟଣା ମୁତାବକ, ଜଗନ୍ନାଥ ପ୍ରସାଦ ଥାନା ମେଣ୍ଢପୁର ଗ୍ରାମର ଜୟନ୍ତ ସ୍ୱାଇଁଙ୍କ ପୁଅ ସୁଦର୍ଶନ ୨୦୦୯ରେ ଘରୁ ବାହାରି ସୁରଟ ଯାଉଛି ବୋଲି କହିଥିଲେ। ହେଲେ ଶୁକ୍ରବାର ପାରାଦୀପ ଆଦର୍ଶଥାନା ଅଧୀନ ଶାରଳା ମନ୍ଦିର ନିକଟରୁ ସୁଦର୍ଶନଙ୍କୁ ଉଦ୍ଧାର କରି ପରିବାର ଲୋକେ ଘରକୁ ନେଇଛନ୍ତି। ସୁଦର୍ଶନ ଜଣେ ମାନସିକ ବିକାରଗ୍ରସ୍ତ ଭାବେ ପାରାଦୀପରେ ବୁଲୁଥିଲେ। ଜଳଧର ବାରିକ ନାମକ ଜଣେ ସେବାକାରୀ ସୁଦର୍ଶନଙ୍କ ସେବା କରୁଥିବା ସମ୍ପର୍କିତ ଖବର ସାମାଜିକ ଗଣମାଧ୍ୟମରେ ଦେଖି ତାଙ୍କୁ ଚିହ୍ନି ପାରିଥିଲେ। ଏହାପରେ ତାଙ୍କ ପରିବାର ଲୋକେ ଗତ ଦୁଇଦିନ ହେବ ପାରାଦୀପ ଆସି ସୁଦର୍ଶନଙ୍କୁ ଖୋଜାଖୋଜି କରିଥିଲେ। ଏହାପରେ ତାଙ୍କୁ ଶାରଳା ମନ୍ଦିର ନିକଟରୁ ଉଦ୍ଧାର କରି ନିକଟସ୍ଥ ଥାନାକୁ ନେଇଥିଲେ। ସେଠାରେ ଆଇନ ଅନୁସାରେ ବିଭିନ୍ନ କାଗଜପତ୍ର ସରିବା ପରେ ପରିବାର ଲୋକେ ସୁଦର୍ଶନଙ୍କୁ ତାଙ୍କ ଘରକୁ ନେଇ ଯାଇଛନ୍ତି। ତେବେ ନଣ୍ଡା କରାଯାଇଥିବାରୁ ସୁଦର୍ଶନଙ୍କୁ ଚିହ୍ନିବା ସହଜ ହେଲା ବୋଲି ତାଙ୍କ ବାପା ଜୟନ୍ତ କହିଛନ୍ତି। ଏଥିସହ ନିଜ ଆତ୍ମୀୟଙ୍କୁ ଦେଖିବା ପରେ ସୁଦର୍ଶନଙ୍କର କିଛିମାତ୍ରାରେ ସ୍ମରଣଶକ୍ତି ଫେରୁଥିବା ଦେଖାଯାଇଥିଲା। ସୁଦର୍ଶନଙ୍କର ଦୁଇଟି ପୁଅ ଅଛନ୍ତି। ସୁଦର୍ଶନ ମିଳିଯିବା ପରେ ମା–ବାପାଙ୍କୁ ପୁଅ, ସ୍ତ୍ରୀଙ୍କୁ ସ୍ୱାମୀ ଓ ପିଲା ଦୁଇଟିଙ୍କୁ ବାପା ମିଳିଗଲା ବୋଲି ତାଙ୍କର ଜଣେ ସମ୍ପର୍କୀୟ କୋହଭରା କଣ୍ଠରେ କହିଛନ୍ତି।

# ସୁନା ଚେନ, ୭୦ ହଜାର ଟଙ୍କା ଲୁଟିନେଲେ

**ବାଲିକୁଦା, ୨୧।୨ (ସ୍ୱ.ପ୍ର.)**

**ମୋଟରସାଇକେଲ ଗ୍ୟାରେଜରୁ ଚୋରି**

ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ବଜାର ଉପରେ ଥିବା ଏକ ସାଇକେଲ ଓ ମୋଟର ସାଇକେଲ ମରାମତି ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୋକାନ ମାଲିକଙ୍କ ସୁନା ଚେନ ସମେତ ନଗଦ ୭୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଶୁକ୍ରବାର ଏ ନେଇ ଦୋକାନ ମାଲିକ ଅଭୟ ମୁଦୁଲି ବନ୍ଦର ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିବା ବେଳେ ବଜାର କମିଟି ପକ୍ଷରୁ ମଧ୍ୟ ଥାନାରେ ଆଉ ଏକ ଅଭିଯୋଗ ହୋଇଛି। ଉକ୍ତ ବଜାରକୁ ଲାଗି ଅଭୟ ମୁଦୁଲିଙ୍କ ଘର। ଅଭୟ ନିଜ ଘରର ଆଗ ପଟ ଘରେ ସାଇକେଲ ଓ ମୋଟରସାଇକେଲ ମରାମତି ଦୋକାନ କରିଛନ୍ତି। ଗୁରୁବାର ରାତିରେ ଅଭୟଙ୍କ ପରିବାର ସଦସ୍ୟ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘର କବାଟ ଆଗପଟୁ ତାଲା ପକାଇ ଗ୍ୟାରେଜ ଘରେ ପଶିଥିଲେ। ଗ୍ୟାରେଜରୁ ଅଭୟଙ୍କ ସୁନା ଚେନ ଓ ନଗଦ ୭୦ ହଜାର ଟଙ୍କା ନେଇଯିବା ସହ କେତୋଟି ମୋଟରସାଇକେଲ ପାର୍ଟସ ମଧ୍ୟ ନେଇଯାଇଛନ୍ତି। ଅଭିଯୋଗ ପାଇବା ପରେ ବି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବନ୍ଦର ଥାନାଧିକାରୀ ଶଶିଭୂଷଣ ସ୍ୱାଇଁଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ସେ ଅବଗତ ଥିବା ସହ ସେ ଛୁଟିରେ ଥିବା କହିଛନ୍ତି।

### ବିଦ୍ୟୁତ୍ କର୍ମଚାରୀଙ୍କ ଦାୟିତ୍ୱହୀନତା

# ଦୋକାନ ସମେତ ୨ବଖରା ଜଳିଗଲା

**ତିର୍ତ୍ତୋଲ, ୨୧।୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ଜଡ଼ତିରା ପଞ୍ଚାୟତ ବନ୍ଧବାଟି ଗ୍ରାମର ଅମର ସାହୁଙ୍କ ଘର ଉପର ଦେଇଯାଇଥିବା ଏଲ୍‌ଟି ବିଦ୍ୟୁତ୍ ତାର ସ୍ପାର୍କିଂ ହୋଇ ଦୋକାନ ଘର ସମେତ ୨ ବଖରା ଜଳିଯାଇଛି। ଏଥିରେ ଘରର ସମସ୍ତ ଆସବାବପତ୍ର ଜଳି ଯାଇଥିବା ବେଳେ ଦୋକାନ ସାମଗ୍ରୀ ସବୁ ପୋଡ଼ି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ କର୍ମଚାରୀଙ୍କ ଦାୟିତ୍ୱହୀନତାରୁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଅମରଙ୍କ ଘର ଉପର ଦେଇ ଏଲ୍‌ଟି ବିଦ୍ୟୁତ୍ ତାର ଯାଇଥିବା ବେଳେ ଜଣେ ବିଦ୍ୟୁତ୍ କର୍ମଚାରୀ ସେହି ତାରରୁ ଅନ୍ୟତ୍ର ବିଦ୍ୟୁତ୍ ସଂଯୋଗ କରୁଥିଲେ। ଏହି ସମୟରେ ତାରରେ ସ୍ପାର୍କିଂ ଘଟି ଏକ ପୁରୁଣା କେବୁଲ ତାର ଜଳି ଉଠିଥିଲା। ଏହି ତାରଟି ଘର ଉପରେ ଖସି ପଡିଯିବାରୁ ଘରେ ନିଆଁ ଲାଗିଯାଇଥିଲା।

ଫଳରେ ଘର ସମେତ ପାଖରେ ଥିବା ଜଳଖିଆ ଦୋକାନକୁ ନିଆଁ ବ୍ୟାପି ଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେତେବେଳକୁ ଘରର ସମସ୍ତ ଆସବାବପତ୍ର ଜଳିଯାଇଥିଲା। ଅମରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ବଣିଜ
ଉତଲା ଚାଷ ।**

ବଣିଜ କିଣାବିକା ବେପାର। ଆଜି ହୋଇ ନ ପାରିଲେ କାଲି ହେବ। କାଲିକୁ ବଜାର ଭାଉ ବଢ଼ିବ ପଛେ କମିବ ନାହିଁ। ଗୋଦାମ ବା ଦୋକାନରେ ଜିନିଷ ପଡ଼ିରହିଲେ ତା'ର ମୂଲ୍ୟ ବଢ଼ିବ ପଛେ କମିବ ନାହିଁ। ବେପାର ବଣିଜରେ ଉନ୍ନତି ପାଇଁ ସମୟ ଲାଗିଥାଏ। ସେହିପରି ଚାଷର ସଫଳତା ପାଗଯୋଗ ଉପରେ ନିର୍ଭର କରେ। ଥରେ ପାଗ ଛାଡ଼ିଗଲେ ବିଲରେ ଚାଷ କରିବା, ବୁଣାବୁଣି କରିବା ଇତ୍ୟାଦି କାମ ପଛେଇଯାଏ ବା ହୋଇ ପାରି ନ ଥାଏ। ଥରେ ଚାଷରତୁ ଚାଲିଗଲେ ପୁଣି ଆସୁ ଆସୁ ବର୍ଷେ। ତେଣୁ ପାଗ ଅନୁସାରେ ଚାଷୀକୁ ସବୁବେଳେ ତରତର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାନ ବଉଳା,
ବନ୍ଧୁ ମଉଳା ।**

ଯେତେ ପ୍ରକାର ଧାନ ଅଛି ତା' ମଧ୍ୟରୁ ବଉଳା ଧାନ ହିଁ ସବୁଠୁ ଉତ୍କୃଷ୍ଟ ଧାନ ବୋଲି ଜଣାଯାଇଥାଏ। ସେହିପରି ଯେତେ ଆତ୍ମୀୟ ବା ବନ୍ଧୁବାନ୍ଧବ ଅଛନ୍ତି ତାଙ୍କ ମଧ୍ୟରୁ ମାମୁ ହିଁ ଶ୍ରେଷ୍ଠ ବନ୍ଧୁ ବୋଲି ଧରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଶିବିରରେ ଛାତ୍ରୀ ଓ ପ୍ରଶିକ୍ଷକମାନେ।

**ରଘୁନାଥପୁର, ୨୧।୨ (ଡି.ଏନ.ଏ.)** ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ସୁକାନ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପ୍ରାଧ୍ୟାପକ ତଥା ସୁସାହିତ୍ୟିକ ଓ ସ୍ତମ୍ଭକାର ହିମାଂଶୁ କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସୁସ୍ଥ ସମାଜ ଗଠନରେ ଉଭୟ ମାତାପିତା, ଶିକ୍ଷକ ସମାଜ ଓ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ ରହିଛି। ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ଆତ୍ମ ସୁରକ୍ଷା କୌଶଳ ନିଶ୍ଚିତ ଭାବେ ସେମାନଙ୍କୁ ବିପଦ ସମୟରେ ସାହା ହେବ ବୋଲି ସେ କହିଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଆତ୍ମ ସୁରକ୍ଷା କୌଶଳର ସଂଯୋଜିକା ଅଧ୍ୟାପିକା ବାସନ୍ତୀଲତା ସାହୁଙ୍କ ତତ୍ତ୍ୱାବଧାନରେ କଲେଜର ୧୪୧ ଜଣ ଛାତ୍ରୀ ୧୨ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ। ମାଷ୍ଟର ଟ୍ରେନର ଭାବେ ରେଖାରାଣୀ ମଲ୍ଲିକ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସୁମନ୍ତ ଦାସ, ମୋହନ ଚରଣ ଜେନା, ଅଜିତ ଭୂୟାଁ, କୁମୁଦିନୀ ଦ୍ୱିବେଦୀ ଓ ତ୍ରିଲୋଚନ ମହାପାତ୍ର ଏ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ସମସ୍ତ ଛାତ୍ରୀଙ୍କୁ ମାନପତ୍ର ଓ ରିଆକ୍ଟ ପୁସ୍ତକ ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟକ୍ଷ ମହାନ୍ତି ନିଜ ବକ୍ତବ୍ୟରେ ଶୃଙ୍ଖଳା ଓ ସାଳିନତା ପ୍ରତି ଯତ୍ନବାନ ହେବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ।

# ଜାଗରରେ ଶୈବପୀଠ ଲୋକାରଣ୍ୟ





ଜଗତ୍‌ସିଂହପୁର ଓ ବାଲିକୁଦା ବ୍ଲକ ଅଞ୍ଚଳରେ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଜଗତ୍‌ସିଂହପୁର ଅଫିସ, ୨୧।୨**

ମହାଶିବରାତ୍ରୀ ପାଇଁ ପ୍ରାତଃ ସମୟରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ଜିଲାର ପ୍ରମୁଖ ଶୈବପୀଠଗୁଡ଼ିକରେ ଗହଳି ପରିଲକ୍ଷିତ ହୋଇଥିଲା। ବିଶେଷକରି ସନ୍ଧ୍ୟା ସମୟରୁ ଜଗତ୍‌ସିଂହପୁରର ସୋମନାଥ ପୀଠ, ବିଆଁଳର ଗଡନାଥ ମହାଦେବ, ରଘୁନାଥପୁର ବ୍ଲକର ଗୋରଖନାଥ ପୀଠ, ଏରସମାର ପଞ୍ଚପଲ୍ଲୀ, ବିରିଡ଼ି ହାଜିପୁରର ଅଷ୍ଟଶମ୍ଭୁ, ୨୨ ମୌଜାର ସିଦ୍ଧେଶ୍ୱର ମନ୍ଦିର, ଅଡ଼ଙ୍ଗ ମଜୁରେଇର ନୀଳକଣ୍ଠେଶ୍ୱର, ନାଉଗାଁ ବ୍ଲକ ନନ୍ଦିଗ୍ରାମର ନନ୍ଦିକେଶ୍ୱର ପୀଠ, ଘୋଡ଼ାଂଶର ଘୋଡେଶ୍ୱର, ଡେରିକିର ମଉଳା ଭଣଜା, ଠାକୁରପାଟଣାର ହରିହର ମହାଦେବ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖାଯାଇଥିଲା। ହିନ୍ଦୁ ପରମ୍ପରା ଅନୁଯାୟୀ ଆଜିର ଦିନରେ ବ୍ରତ କଲେ ମନସ୍କାମନା ପୂରଣ ହୁଏ। ତେଣୁ ଅନେକ ଜାଗରରେ ଉପବାସ ରହିବା ସହ ସନ୍ଧ୍ୟାରେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ଉଜାଗର ରହିଥିଲେ। ଶୈବ ପୀଠଗୁଡ଼ିକରେ ଦିନଭରି ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପରି କି କେତେକ ସ୍ଥାନରେ ପାଲା, ନାମସଙ୍କୀର୍ତ୍ତନ, ଭଜନ ଓ କୀର୍ତ୍ତନ ଆଦି ପରିବେଷଣ ନିଆରା ପରିବେଶ ସୃଷ୍ଟି କରିଥିଲା। କେତେକ ସ୍ଥାନରେ ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା।

**ନାଉଗାଁ, (ସ୍ୱ.ପ୍ର.):** ନାଉଗାଁ ବ୍ଲକର ବିଭିନ୍ନ ଶୈବପୀଠରେ ଶୁକ୍ରବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ଏ ନେଇ ବିଭିନ୍ନ ମନ୍ଦିରକୁ ରଙ୍ଗବେରଙ୍ଗର ଆଲୋକମାଳା ଓ ନାନା ଫୁଲରେ ସଜା ହୋଇଥିଲା। ତିହୁଡାର ଦକ୍ଷିଣେଶ୍ୱର, ନାଉଗାଁର ସାଧୁଗୋସ୍ୱାମୀ, ଘୋଡାଂଶର ଘୋଡେଶ୍ୱର, ନନ୍ଦିଗ୍ରାମର ନନ୍ଦିକେଶ୍ୱର, ତିରୁଣାର ସୁବର୍ଣ୍ଣେଶ୍ୱର, ଗଜରାଜପୁରର ତୁମ୍ବେଶ୍ୱର, ଗୋଠଦାର ଗୋଠେଶ୍ୱର, ତେଲସରରା ରାମେଶ୍ୱର, ଡାହାଣିଖିଆର ବାବା ଜଟାଧାରୀ, କୋରୁଅର ନିଳକଣ୍ଠେଶ୍ୱର, ତିରୁଣାର ସିବନ୍ନେଶ୍ୱର, ଶାଳିଜଙ୍ଗାର ସିଦ୍ଧେଶ୍ୱର, ଗଙ୍ଗଦାହାଟର ମଉଳା ଭଣଜା ଆଦି ଶୈବପୀଠରେ ଶତାଧିକ ଶ୍ରଦ୍ଧାଳୁ ଭିଡ଼ ଜମାଇ ଜାଗର ଜାଳିଥିଲେ। ବିଳମ୍ବିତ ରାତିରେ ସବୁ ମନ୍ଦିରରେ ମହାଦୀପ ଉଠିଥିଲା। ଏହି ଅବସରରେ ନନ୍ଦିଗ୍ରାମର ନନ୍ଦିକେଶ୍ୱର ପୀଠରେ ନନ୍ଦକିଶୋର ୟୁଥ୍ କ୍ଲବ ତରଫରୁ ଏକ ଭଜନ କ୍ୟାସେଟ ଶୁଭ ଉନ୍ମୋଚନ ହୋଇଥିଲା। ଏ ନେଇ ମହନ୍ତ ମହାରାଜ ଚିନ୍ତାମଣି ପର୍ବତ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ସାମାଜିକ କର୍ମୀ ସଞ୍ଜୟ ସାହାଣୀ, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଶିଷ୍ଟ ବ୍ୟକ୍ତି, କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରିଲୋଚନ ପାଢ଼ୀ ଓ ସାଥୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବିରିଡ଼ି, (ଡି.ଏନ.ଏ.):** ବିରିଡ଼ି ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ବିଭିନ୍ନ ଶୈବପୀଠରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ରାତ୍ରରେ ମହାଦୀପ ଉଠିବା ପରେ ଉପବାସ କରିଥିବା ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ଚାନ୍ଦପୁରସ୍ଥିତ ଅଷ୍ଟଶମ୍ଭୁ, ବାରଡ଼ିଆର ସିଦ୍ଧେଶ୍ୱର, ଅଡଙ୍ଗମଜୁରାଇ–ଅଡଙ୍ଗଗଡର ନୀଳକଣ୍ଠେଶ୍ୱର, ଅଡଙ୍ଗଶାସନର ପଶ୍ଚିମେଶ୍ୱର, ଗୋପୀନାଥପୁର ବଟେଶ୍ୱର, ବାଲିଆର ଲୋକନାଥ, ନୂଆଢଣାର କପିଳେଶ୍ୱର, ଚାଷୀଖଣ୍ଡର ନୀଳକଣ୍ଠେଶ୍ୱର, ବଟେଶ୍ୱର, ବାଗଲପୁରର କରଞ୍ଜେଶ୍ୱର, ମଙ୍ଗୁଳିର କନକେଶ୍ୱର, ନୂଆଗାଁର ବାଲୁଙ୍କେଶ୍ୱର, କୁଳକଇଜଙ୍ଗାର ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ମହାଆଡ଼ମ୍ବରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା।

**କୁଜଙ୍ଗ, (ଡି.ଏନ୍.ଏ.):** ଜାଗର ପାଇଁ କୁଜଙ୍ଗ ଅଞ୍ଚଳର ବିଭିନ୍ନ ଶୈବ ପୀଠ ଶୁକ୍ରବାର ସକାଳୁ ଚଳଚଞ୍ଚଳ ହୋଇଉଠିଥିଲା। ବାଘୁଆଠେଙ୍ଗର ବିଶ୍ୱନାଥ ମହାଦେବ ପୀଠ, କୁଜଙ୍ଗର ବାବା ଚମ୍ପକେଶ୍ୱର, ହଟକେଶ୍ୱର, ଅନନ୍ତେଶ୍ୱର, ବଳରାମପୁର ଶୁକ୍ଳେଶ୍ୱର, ପାରାଦୀପଗଡର ଲୋକନାଥ ଓ ସିଦ୍ଧେଶ୍ୱର, ପାନପଲ୍ଲୀର ଶ୍ରୀଶ୍ରୀ ବାଲୁଙ୍କେଶ୍ୱର, ବାଗୋଇର ବଟ ମହାପୁରୁଷ ପୀଠରେ ଥିବା ମହାଦେବ, ଗୋପୀଆକୁଦର ବନବିହାରୀ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

**ବାଲିକୁଦା,(ସ୍ୱ.ପ୍ର):** ମହାଶିବରାତ୍ରି ପାଇଁ ବାଲିକୁଦା ଅଞ୍ଚଳର ବିଭିନ୍ନ ଶୈବପୀଠକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଥିବା ବେଳେ ଆଖପାଖ ଅଞ୍ଚଳ ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ମନ୍ଦିରଗୁଡ଼ିକୁ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଏରସମା ବ୍ଲକ ନାରଦିଆ ପଞ୍ଚାୟତର ପ୍ରସିଦ୍ଧ ଶୈବ ପୀଠ ପଞ୍ଚପଲ୍ଲୀସ୍ଥିତ ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ସକାଳ ପ୍ରହରରୁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଜନ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ସ୍ଥାନୀୟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ଅଡଙ୍ଗା ପଞ୍ଚାୟତର ଖାଲେରୀସ୍ଥିତ ପୀଠ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର, ବାଲିସାହିର ସ୍ୱପ୍ନେଶ୍ୱର, ଓଚିନ୍ଦାର ନୀଳକଣ୍ଠେଶ୍ୱର, କୋସିଦାର ପ୍ରଭୁ ନୀଳକଣ୍ଠେଶ୍ୱର, ତରାସାହିସ୍ଥିତ ବୁଦ୍ଧେଶ୍ୱର ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଳମ୍ବିତ ରାତ୍ରିରେ ସମସ୍ତ ମନ୍ଦିରର ମହାଦୀପ ଉଠିଥିଲା। ବାଇଗଣିର ବାଙ୍କେଶ୍ୱର, ଅରିଲୋର ବାଙ୍କେଶ୍ୱର, ବାଲିକୁଦାର ଅନ୍ୟତମ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳୀ ଧନିଶୋର ପ୍ରଭୁ ପଞ୍ଚପାଣ୍ଡବ, ଜନତାକୋଠି ହାଟ ପଡ଼ିଆରେ ଥିବା ମହାଦେବ, ଗୁଣ୍ଡୁପାଇଲୋର ଦକ୍ଷିଣେଶ୍ୱର ମହାଦେବ ମନ୍ଦିରରେ ଜାଗର ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବୋରିକିନାର ବୋରେଶ୍ୱର, ଦୂଆସ୍ଥିତ ଗୋଠେଶ୍ୱର, ତିଡିରାର ଭାସ୍କରେଶ୍ୱର, ଖଣ୍ଡପସାର ଭକ୍ତ ମଣି, ନାରଦିଆର ନାରଦେଶ୍ୱର, କଣିଆର ଆଖଣ୍ଡଳମଣି, ଈଶ୍ୱରପୁରର ଶଙ୍କରେଶ୍ୱର, ମଝିକୋରାର ରାମେଶ୍ୱର, ତେଲିଆପାଳର କଣ୍ଠମଣି, ଅଲିକଣାର ଭୁବନେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା।

**ତିର୍ତ୍ତୋଲ, (ଡି.ଏନ୍.ଏ.):** ତିର୍ତ୍ତୋଲ ଅଞ୍ଚଳର ପ୍ରମୁଖ ଶୈବପୀଠ ପିପ୍ପଳମାଧବସ୍ଥିତ ଧର୍ମେଶ୍ୱର ମନ୍ଦିର, ନାଡିଜଙ୍ଗସ୍ଥିତ ଦିଗବାରୁଣୀ ପୀଠ, ମଣିଜଙ୍ଗାସ୍ଥିତ ବାଲା ଜଟିଆ ପୀଠ, ବିବଛପୁରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର, ନେତକୁଣ୍ଡସ୍ଥିତ ଧବଳେଶ୍ୱର ପୀଠ, ବିରିତୋଳସ୍ଥିତ କନକେଶ୍ୱର, ଜଜାଙ୍ଗ ଗ୍ରାମସ୍ଥିତ ଗ୍ରାମେଶ୍ୱର ପୀଠରେ ଜାଗର ଉପଲକ୍ଷେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଭିନ୍ନ ଶୈବପୀଠରେ ଏଥିଲାଗି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ତିର୍ତ୍ତୋଲ ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ପଞ୍ଚପଲୀ ଗ୍ରାମେଶ୍ୱର ପୀଠରେ ୩୦ହଜାର ଶ୍ରଦ୍ଧାଳୁ

**ଏରସମା, ୨୧।୨ (ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ତଥା ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲୀ ଗ୍ରାମଶ୍ୱେର ପୀଠରେ ଶୁକ୍ରବାର ଶିବରାତ୍ରୀ ଅବସରରେ ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଶିବରାତ୍ରୀ ପାଇଁ ଭୋର ୪ଟାରୁ କଳସ ସ୍ଥାପନ, ସୂର୍ଯ୍ୟପୂଜା ପରେ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା କରାଯାଇଥିଲା। ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ପହଡ଼ ଖୋଲିଥିଲା। ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରେକେଡ ବ୍ୟବସ୍ଥା କରାଯାଇଥିଲା। ପ୍ରବଳ ଭିଡ଼ ଯୋଗୁ ସହସ୍ରାଧିକ ଶ୍ରଦ୍ଧାଳୁ ନାରଦିଆ ଗ୍ରାମଠାରୁ ଗ୍ରାମେଶ୍ୱର ହାଇସ୍କୁଲ ଦେଇ ମନ୍ଦିର ପର୍ଯ୍ୟନ୍ତ ଧାଡିରେ ଠିଆ ହୋଇଥିବା ଦେଖାଯାଇଥିଲା। ଏରସମା ଥନା ଆଇଆଇସି ପ୍ରଶାନ୍ତ କୁମାର ମାଝି, ଏସ୍ଆଇ ଦୀନେଶ କୁମାର ପଣ୍ଡା, ଦୀପ୍ତିମୟୀ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୃଙ୍ଖଳା ରକ୍ଷା କରାଯାଇଥିଲା। ଏଥିରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଭାଜପା ନେତା ଶିବବ୍ରତ ଦାସ, ବିଜେଡି ବ୍ଲକ ସଭାପତି ପୀତବାସ ଗୋଛାୟତ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସରଦା ପ୍ରସନ୍ନ ଜେନା, ମନ୍ତ୍ରୀଙ୍କ ପ୍ରତିନିଧି ଅକ୍ଷୟ ସ୍ୱାଇଁ, ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ ପ୍ରମୁଖ ଜାଗରରେ ଗ୍ରାମେଶ୍ୱରଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର, ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ, ସୀମାଇ ଭୋଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ

**ଯାଜପୁର ଅଫିସ,୨୧।୨:** ଯାଜପୁର ଜିଲାର ସୁକିନ୍ଦା ଥାନା ଅନ୍ତର୍ଗତ ମୂଳଖମ୍ପ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ଧରିତ୍ରୀର ସୁକିନ୍ଦା ପ୍ରତିନିଧି ବିଶ୍ୱନାଥ ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ବୋଲେରୋ ଚଢ଼ାଇ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ଡାହାଣ ଆଖି ଓ କାନ୍ଧରେ ଗଭୀର ଆଘାତ ଲାଗିଥିବା ସୂଚନା ମିଳିଛି। ତେବେ ସୁକିନ୍ଦା ପୋଲିସ ଏହା ମରଣାନ୍ତକ ଆକ୍ରମଣ ନୁହେଁ ବୋଲି କହିଛି। ମୂଳଖମ୍ପ ଗ୍ରାମରେ ଏକ ଉତ୍ସବରେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ତେବେ ବାହାରୁ ଆସିଥିବା ଏକ ଗୋଷ୍ଠୀ ବୋଲେରୋରେ ତୀବ୍ର ଗତିରେ ଯାଉଥିବାବେଳେ ବୋଲେରୋ ଚକାରୁ ଗେଟି ଛିଟିବାରୁ ବିଶ୍ୱନାଥ ଗୁରୁତର ହୋଇଥିବା ପୋଲିସ କହିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିଥିବାବେଳେ ୩ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏ ନେଇ ମାମଲା ରୁଜୁ ହୋଇ ନ ଥିଲା।

### ଜିଲା ବିଜେଡି ସାଂଗଠନିକ କର୍ମକର୍ତ୍ତାଙ୍କ ନାମ ଘୋଷଣା

କେନ୍ଦ୍ରାପଡା ଅଫିସ, ୨୧।୨- କେନ୍ଦ୍ରାପଡା ଜିଲାରେ ବିଜେଡି ସାଂଗଠନିକ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ ଜିଲା ନିର୍ବାଚନ ଅଧିକାରୀ ଧୀରେନ ସାହୁ ନବ ନିର୍ବାଚିତ ଜିଲା, ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଜିଲା ସଭାପତି ଭାବେ ଉତ୍କଳ କେଶରୀ ପରିଡା ନିର୍ବାଚିତ ହୋଇଛନ୍ତି। କେନ୍ଦ୍ରାପଡା ନଗର ସଭାପତି ଭାବେ ଯଯାତି କେଶରୀ ମହାନ୍ତି ଓ ପଟ୍ଟାମୁଣ୍ଡାଇ ନଗର ସଭାପତି ଭାବେ ଭୋଳାନାଥ ପାଢ଼ୀ ନିର୍ବାଚିତ ହୋଇଚନ୍ତି। ଏଥିସହିତ ବ୍ଲକ ବିଜେଡି ସଭାପତି ଭାବେ କେନ୍ଦ୍ରାପଡାରେ ଆଲୋକ କୁମାର ସାହୁ, ଆଳିରେ ସନାତନ ମିଶ୍ର, ରାଜକନିକାରେ ବିଦ୍ୟାଧର ବେହେରା, ରାଜନଗରରେ ଅଶୋକ କୁମାର ପ୍ରତିହାରୀ, ପଟ୍ଟାମୁଣ୍ଡାଇରେ କିଶୋର କୁମାର ସାହୁ, ଗରଦପୁରରେ ଶଶାଙ୍କ ପରିଡା, ଡେରାବିଶରେ ଦେବାଶିଷ ଆଚାର୍ଯ୍ୟ, ମହାକାଳପଡାରେ ଶ୍ରୀଧର ସାମଲ ଓ ମାର୍ଶାଘାଇ ବ୍ଲକ ସଭାପତି ଭାବେ ସଞ୍ଜୟ କୁମାର ଲେଙ୍କା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜିଲା ନିର୍ବାଚନ ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

## ଠିକାଦାରଙ୍କ ମନମାନିରେ ଚାଲିଛି ରାସ୍ତା ନିର୍ମାଣ

# ଗ୍ରାମ୍ୟ ଶ୍ମଶାନରୁ ବେଆଇନ ମାଟି ଉଠାଣ ନେଇ ଅଭିଯୋଗ

**ଡେରାବିଶ,୨୧।୧(ସ୍ୱ.ପ୍ର.)**

ଗ୍ରାମାଞ୍ଚଳ ରାସ୍ତାଘାଟର ଉନ୍ନତୀକରଣ ପାଇଁ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ସରକାରଙ୍କ ଏହି ଯୋଜନା ଲୋକଙ୍କ ହିତ ପାଇଁ ଉର୍ଦ୍ଧିଷ୍ଟ ବୋଲି ରାଜନେତାମାନେ କହୁଥିବା ବେଳେ ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ ନାମରେ ଶ୍ମଶାନ ଓ ରାସ୍ତା କଡରୁ ଟ୍ରିପ ଟ୍ରିପ ମାଟି ଉଠା ଚାଲିଛି । ଏଥିଯୋଗୁ ଜନସାଧାରଣ ହୀନସ୍ତା ହେଉଛନ୍ତି । ଏଭଳି ଘଟଣା ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତରେ ଦେଖିବାକୁ ମିଳିଛି । ଏହି ପଞ୍ଚାୟତ ଅନ୍ତର୍ଗତ ଛତା ଛକଠାରେ ତିଳକପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଗତମାସରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଏହି ରାସ୍ତା ନିର୍ମାଣ ପାଇଁ ଛତା ଛକ ଠାରେ ଶିଳାନ୍ୟାସ କରିଥିଲେ । ପରେ ଠିକା ସଂସ୍ଥାକୁ ଏହି ରାସ୍ତା କାମର ଦାୟିତ୍ୱ ଦିଆ ଯାଇଥିବା ବେଳେ ଉକ୍ତ ଠିକାସଂସ୍ଥା ଜନସାଧାରଣଙ୍କ ସ୍ୱାର୍ଥକୁ ଅଣଦେଖା କରି ନିଜ ମର୍ଜିରେ ନିର୍ମାଣ କରୁଥିବା କେନ୍ଦ୍ରାପଡା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ଚାଷୀ ଶ୍ରମିକ ସଂଘ ପକ୍ଷରୁ କେନ୍ଦ୍ରାପଡା ଜିଲାପାଳଙ୍କ ସମେତ ଡେରାବିଶ ତହସିଲଦାର ଓ ଚାଟରାଚକଡା ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଜଣାଯାଇଛି ।

ଅଭିଯୋଗ ଅନୁସାରେ ଏହି ରାସ୍ତା ନିର୍ମାଣ ପାଇଁ ଠିକା ସଂସ୍ଥା ବାହାରୁ ମାଟି ନ ଆଣି ରାସ୍ତା କଡରୁ ମାଟି ଉଠାଇବା ସହ ଗ୍ରାମ୍ୟ ଶ୍ମଶାନରୁ ମାଟି ଖୋଳି କାମ କରୁଛି । ଶ୍ମଶାନରୁ ପ୍ରାୟ ୧୦ ଫୁଟରୁ ଉର୍ଦ୍ଧ୍ୱ ଗଭୀରର ମାଟି ଖୋଳିବା ଯୋଗୁ ଏଠାରେ ଚରୁଥିବା ଗୋରୁ, ଛେଳି ଓ ମେଣ୍ଢା ପ୍ରଭୃତି ପଶୁ ଦୈନନ୍ଦିନ ଖୋଳା ଯାଇଥିବା ଗାତରେ ପଡୁଥିବା ଦେଖିବାକୁ ମିଳୁଛି । ଉକ୍ତ ଗାତ ମରଣଯନ୍ତାରେ ପରିଣତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଶ୍ମଶାନ ମଧ୍ୟ ଦେଇ ଯାଇଥିବା ରାସ୍ତାକଡରୁ ଶହ ଶହ ଟ୍ରିପ ମାଟି ଉଠାଣ ଯୋଗୁ ଅପରପାର୍ଶ୍ୱରେ ଥିବା ଚାଷ ଜମିକୁ ହଳ ବଳଦ, ଟ୍ରାକ୍ଟର କିମ୍ବା ପାୱାର ଟିଲର ଯିବା କଷ୍ଟକର ହୋଇପଡିଛି । ଏପରି କି ପଞ୍ଚାୟତ ଖେଳପଡିଆ ପାର୍ଶ୍ୱରୁ ମାଟି ଉଠାଯିବା ଦ୍ୱାରା ଚାରଣ ଭୂମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହାଛଡା ଟ୍ରାକ୍ଟରରେ ଏହି ଅଞ୍ଚଳର ମାଟି ନେଇ ଅନ୍ୟ ଗ୍ରାମରେ ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି । ରାସ୍ତା ନିର୍ମାଣ ପାଇଁ ଅନ୍ୟ ଜାଗାରୁ ମାଟି ଆଣିବା ବ୍ୟବସ୍ଥା ଥିଲେ ମଧ୍ୟ ଠିକାଦାର ଶ୍ମଶାନ ଓ ରାସ୍ତା କଡରୁ ମାଟି ଉଠାଇବା କାହା ସ୍ୱାର୍ଥରେ ବୋଲି ଜିଲା ଚାଷୀ ଶ୍ରମିକ ସଂଘ ପ୍ରଶ୍ନ କରିଛି । ଏ ସମ୍ପର୍କରେ ସଂଘ ପକ୍ଷରୁ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ କୃତ୍ତିବାସ ଦାସ, ବସନ୍ତ ପଲେଇ, ବସନ୍ତ ଦାସ, ଭାଗବତ ମଲିକ, କୃତୀ ଦୀପକ ଦାସ ଓ କମଳାକାନ୍ତ ମହାନ୍ତି ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । ଯଦି ପ୍ରଶାସନ ତୁରନ୍ତ ଏହାକୁ ବନ୍ଦ ନ କରନ୍ତି ତେବେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ପୂଜ୍ୟପୂଜା ପରମ୍ପରା ଜାରି ରଖିବାକୁ ଆହ୍ୱାନ

**ଆଳି,୨୧।୨(ଡି.ଏନ.ଏ.)**

ଆଜିର ସମାଜ ଭାରତୀୟ ପରମ୍ପରାକୁ ଭୁଲି ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଉଛି। ଆମେ ଯଦି ଭାରତୀୟ ପରମ୍ପରାକୁ ଆପଣାଇବା, ତେବେ ତାହା ଆଗାମୀ ପିଢ଼ିଙ୍କ ଜୀବନର ଚଲାପଥକୁ ସୁଗମ କରିପାରିବ ବୋଲି ସାନଆଙ୍କୋ ଗ୍ରାମରେ ଆୟୋଜିତ ପୂଜ୍ୟପୂଜା ସମାରୋହରେ ଅତିଥିମାନେ ମତପ୍ରକାଶ କରିଛନ୍ତି।



ସାନଆଙ୍କୋ ଗ୍ରାମରେ ଅନୁଷ୍ଠିତ ପୂଜ୍ୟପୂଜା ସମାରୋହ।

ଆଳି ବ୍ଲକ ବାଳକାଟି ଗ୍ରାମ ପଞ୍ଚାୟତ ସାନଆଙ୍କୋ ଗ୍ରାମର ଯୁବଗୋଷ୍ଠୀ ଓ ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ଅପରାହ୍ଣରେ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀକାନ୍ତ ଦାସ ଯୋଗ ଦେଇଥିଲେ । ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଗାଁରୁ ଆଜି ଗୋଧୂଳି ପରିବେଶ ହଜିବାକୁ ବସିଥିବା ବେଳେ ସାନଆଙ୍କୋ ଗ୍ରାମବାସୀ ଏହାକୁ ପୁନରୁଦ୍ଧାର କରିବାକୁ ତତ୍ପର ହୋଇ ପଡିଛନ୍ତି । ଗ୍ରାମକୁ ଆଦର୍ଶ ଗ୍ରାମ କରିବା ନିମନ୍ତେ ଗ୍ରାମବାସୀ କରୁଥିବା ବିଭିନ୍ନ କାର୍ଯ୍ୟକୁ ସେ ପ୍ରଶଂସା କରିଥିଲେ । ଗ୍ରାମର ୪୪ଜଣ ବୃଦ୍ଧାବୃଦ୍ଧଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ହୋଇଥିବା ପୂଜ୍ୟପୂଜା ସମାରୋହ ନିମନ୍ତେ ସେ ଯୁବକମାନଙ୍କୁ ସାଧୁବାଦ ଦେଇଥିଲେ । ଏଥିସହିତ ସେ କହିଥିଲେ ଯେ ,ପ୍ରତ୍ୟେକ ଦିନ ମା ବାପାଙ୍କ କଥା ବୁଝିଲେ ତାହା ହିଁ ପ୍ରକୃତରେ ପୂଜ୍ୟପୂଜା । ଜୀବନରେ କେହି କେବେ ପିତାମାତାଙ୍କ ଋଣ ଶୁଝି ପାରିବେ ନାହିଁ । ତେଣୁ ସେମାନଙ୍କ ବୃଦ୍ଧାବସ୍ଥାରେ ସାହାରା ହୋଇପାରିଲେ ଜୀବନ ସାର୍ଥକ ହେବ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅତୁଲ ବଳ ଯୋଗଦେଇ କହିଥିଲେ ଯେ, ଗାଁ ଗାଁରେ ଆଜି ରାଜନୀତି । ରାଜନୈତିକ ବାତାବରଣ ଏପରି ହୋଇଛି ଯେ କେହି କାହାରି ମୁହଁକୁ ଚାହୁଁନାହାନ୍ତି । ମୋବାଇଲ ଆଜି ପରସ୍ପର ମଧ୍ୟରେ ସଂପର୍କ ଏକରକମ ଛିନ୍ନ କରିଦେଇଛି। କିନ୍ତୁ ସାନଆଙ୍କୋ ଗାଁରେ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସମସ୍ତଙ୍କୁ ଏକାଠି କରାଯାଇଛି । ଯଦ୍ୱାରା ଗାଁ ପରିବେଶର ସ୍ୱଷ୍ଟ ଚିତ୍ର ବାରି ହୋଇପଡୁଛି । ମୁଖ୍ୟବକ୍ତା ଭାବେ ଯୋଗଦେଇ କପିଳେନ୍ଦ୍ର ମିଶ୍ର କହିଥିଲେ ଯେ ଭାରତୀୟ ସଂସ୍କୃତି,ପରମ୍ପରା ହଜିବାକୁ ବସିଥିବା ବେଳେ ଯୁବଗୋଷ୍ଠୀ ହିଁ ଏହାକୁ ଉଦ୍ଧାର କରିପାରିବେ । ଏଭଳି ସମୟରେ ସାନଆଙ୍କୋ ଗ୍ରାମର ଯୁବଗୋଷ୍ଠୀଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖିବା ନିମନ୍ତେ ସେ ଆହ୍ୱାନ କରିଥିଲେ । ଆଜିର ଯୁବ ପିଢି ସେମାନଙ୍କ ମାତାପିତାଙ୍କୁ ପୂଜା କରିଲେ ଆଗାମୀ ପିଢି ଏହାକୁ ନିଶ୍ଚିତ ଭାବେ ଅନୁସରଣ କରିବେ । ଏହି ଅବସରରେ ବୃଦ୍ଧାବୃଦ୍ଧମାନଙ୍କୁ ଧବଳେଶ୍ୱର ମନ୍ଦିର ନିକଟରେ ଆୟୋଜିତ ସଭାସ୍ଥଳକୁ ଅଣାଯାଇଥିଲା । ସେଠାରେ ଗ୍ରାମର ଯୁବତୀଯୁବକମାନେ ସେମାନଙ୍କ ଗୋଡ ଧୋଇ ଦେବା ସହିତ ଅରୁଆ ଚାଉଳ,ଚନ୍ଦନ ଆଦି ଲଗାଇ ପୂଜା କରି ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ । ଯୁବ ପରିଷଦର ସଭାପତି ଗଗନ ବିହାରୀ ଦାଶ ପୂଜ୍ୟପୂଜାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସ୍ମିତିରଞ୍ଜନ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଭରତ ଚନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଗତ ବୁଧବାର ଓଡିଶା ଗୋ-ସେବା ସମିତି ସହଯୋଗରେ ଗୋ-ମାତା ପୂଜନ ଓ ଗୋ ମାହାତ୍ମ୍ୟ ଆଲୋଚନା ହୋଇଥିଲା । ଆଲୋଚକ ଭାବେ ସ୍ୱାମୀ କୃଷ୍ଣାନନ୍ଦ ଗିରି,ନିରଞ୍ଜନା ନନ୍ଦ,ଗିରିଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୨୧।୨(ବ୍ୟୁରୋ)**

ଶୁକ୍ରବାର ପବିତ୍ର ଜାଗର ଲାଗି ରାଜଧାନୀ ଚଳଚଞ୍ଚଳ ଥିବାବେଳେ ଇନ୍‌ଫୋସିଟି ଥାନା ଅଧୀନ ସିପେଟ୍ ନିକଟସ୍ଥ ଏକ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳର ଚିନ୍ମୟ କୁମାର ସ୍ୱାଇଁ (୩୧)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ସେମାନଙ୍କୁ ନ ଜଣାଇ ବ୍ୟବଚ୍ଛେଦ କରାଯିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ଆଣି ପରିବାର ଲୋକେ ହୋହଲ୍ଲା କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଚିନ୍ମୟ ରାଜଧାନୀର ଏକ କନ୍‌ଷ୍ଟ୍ରକ୍‌ଶନ୍ କମ୍ପାନୀରେ କାମ କରୁଥିଲେ। ସିପେଟ ନିକଟରେ ଥିବା ଏକ ଘରେ ସେ ଅନ୍ୟ ଜଣେ ଯୁବକଙ୍କ ସହ ଏକାଠି ରହୁଥିଲେ। ଶୁକ୍ରବାର ଚିନ୍ମୟ ଓ ତାଙ୍କ ସାଙ୍ଗ ଉକ୍ତ ଘରେ କବାଟ ଭିତରୁ ବନ୍ଦ କରି ଶୋଇଥିଲେ। ତେବେ ବେକରେ ତାର ବନ୍ଧା ଅବସ୍ଥାରେ ଚିନ୍ମୟ ଝୁଲୁଥିବା ଦେଖିବାକୁ ମିଳିଥିଲା। ଚିନ୍ମୟଙ୍କ ସାଙ୍ଗ ଶୋଇଥିବାବେଳେ ବାହାରପଟୁ ଅନ୍ୟ ଜଣେ ବ୍ୟକ୍ତି ଝରକାରେ ଏହା ଦେଖି କବାଟ ବାଡ଼େଇଥିଲେ। ହେଲେ ଚିନ୍ମୟଙ୍କ ସାଙ୍ଗ ଉଠି ନ ଥିଲେ। ଶେଷରେ କବାଟ ଭଙ୍ଗାଯାଇ ଚିନ୍ମୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଚିନ୍ମୟଙ୍କ ସାଙ୍ଗଙ୍କ ଉପରେ ପୋଲିସର ସନ୍ଦେହ ଘନୀଭୂତ ହୋଇଛି। ଜଣେ ବ୍ୟକ୍ତି ଶୋଇଥିବାବେଳେ ଅନ୍ୟ ଜଣେ କିପରି ଆତ୍ମହତ୍ୟା କଲେ ଅଥଚ ସେ ଜାଣି ପାରିଲେ ନାହିଁ ତାହା ଏବେ ପ୍ରଶ୍ନବାଚୀ ହୋଇଛି। ଏ ନେଇ ପୋଲିସ ଚିନ୍ମୟଙ୍କ ସେହି ସାଙ୍ଗଙ୍କୁ ପଚରାଉଚରା କରୁଛି। ଅନ୍ୟପକ୍ଷରେ ସମ୍ପୃକ୍ତ ସାଙ୍ଗ କହିଛନ୍ତି ଯେ, ଉଭୟ ଭାଙ୍ଗପଣା ପିଇ ଶୋଇଥିଲୁ। ମୋତେ ନିଦ ହୋଇଯାଇଥିବାରୁ କ'ଣ ହୋଇଛି ମୁଁ ଜାଣିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ।

### ଜାଗର ଯାତ୍ରା

**କେନ୍ଦ୍ରାପଡା ଅଫିସ,୨୧।୨**

କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ଥିବା ଶୈବପୀଠରେ ଶୁକ୍ରବାର ଜାଗରଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସହରର କଚେରୀ ରୋଡଠାରେ ଥିବା ଶିବ ମନ୍ଦିରରେ ଶ୍ରୀ ମହାବୀର ହନୁମାନ ଉପାସନା ସମିତି ପକ୍ଷରୁ ଏହି ଯାତ୍ରା ଉପଲକ୍ଷେ ରୁଦ୍ରଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ସେହିପରି କଜଳା ବିଲେଶ୍ୱର ମହାଦେବଙ୍କ ନିକଟରେ ଭୋର ୪ଟା ସମୟରେ ମହାସ୍ନାନ କାରାଯାଇ ସକାଳ ୫ଟା ସମୟରେ ମଙ୍ଗଳା ଆରତି କାରାଯାଇଥିଲା । ସନ୍ଧ୍ୟାରେ ମହାଦେବଙ୍କ ମହାଅଭିଷେକ କରାଯାଇଥିଲା । ବହୁ ଭକ୍ତ ଦିନସାରା ଉପବାସ ବ୍ରତ ପାଳନ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ମନ୍ଦିର ପରିସରରେ ଦୀପ ଜାଳି ବସି ରହିଥିଲେ । ଏହାପରେ ରାତି ୧୧ଟା ସମୟରେ ମହାଦୀପ ଉଠିଥିଲା। ଏହି ଜାଗର ଯାତ୍ରାକୁ ବିଲେଶ୍ୱର ମନ୍ଦିର କମିଟିର ସଭାପତି ମହେନ୍ଦ୍ର ମିଶ୍ର, ସମ୍ପାଦକ ଗୌତମ ମଲ୍ଲିକ, ଶୁଭମ୍ କୁମାର ବେହୁରା ପ୍ରମୁଖ ପରିଚାଳନା କରିଥିଲେ।

**BEFORE THE COURT OF DISTRICT MAGISTRATE-CUM-COLLECTOR, KHURDA**

**Bank Misc. Case No.119/19**
(U/s 14 of SARFAESI Act)

**Allahabad Bank, Bapuji Nagar, Bhubaneswar** .........Petitioner

Vrs

**M/s Neelachal Petro Products Pvt Ltd** ......Opp. Parties

**To,**
**M/s Neelachal Petroproducts Pvt Ltd,** 564, Lewis Road, Samantrapur, Bhubaneswar-751002, & **Sri Narasingha Pujapanda,** S/o: Sri Gopinath Pujapanda, Baselisahi, Puri-752001 & **Smt Jharana Pujapanda,** W/o: Harihar Pujapanda, Baselisahi, Puri .

Take notice that the above named petitioner has filed an application U/S 14 of the SARFAESI Act vide **Bank Misc. Case No. 119/19,** against you for the purpose of taking physical possession of the Secured Assets . Above notice was sent to you by Regd. Post, but the same was returned . You are hereby informed to appear in person or through your pleader on **13.03.2020 at 10.00 AM** in the Court to answer the claim, failing which the aforesaid matter will be decided in your absence .

**By the orders of DM & Collector (Khurda)**

# ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା

**ମାର୍ଶାଘାଇ,୨୧।୨(ଡି.ଏନ.ଏ.)**

ମହାଶିବରାତ୍ରି ପାଇଁ ମାର୍ଶାଘାଇ ବ୍ଲକର ବିଭିନ୍ନ ଶୈବପୀଠ ଉତ୍ସବମୁଖର ହୋଇଉଠିଛି। ଏଥିପାଇଁ ଠାକୁରଙ୍କ ସ୍ୱତନ୍ତ୍ର ପୂଜା ନୀତି କରାଯାଇଛି। ଗ୍ରାମାଞ୍ଚଳର ଶିବମନ୍ଦିରଗୁଡିକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜାଯାଇଥିବା ଦେଖିବାକୁ ମିଳିଛି। ମନ୍ଦିରରେ ଜାଗର ଓଷା କରିଥିବା ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିବା ବେଳେ ଶୈବପୀଠଗୁଡିକରେ ନାମ ସଂକୀର୍ତ୍ତନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକର କାନପୁରର ଭୁବନେଶ୍ୱର ଶୈବପୀଠ, କୁରୁଡୁଙ୍ଗା ମଣିନାଗେଶ୍ୱର, କୁସୁନୁପୁରର ବାବା ଆଖଣ୍ଡଳମଣି, ଆୟତପୁରର ଗୁପ୍ତେଶ୍ୱର ମନ୍ଦିର, ଅନନ୍ତେଶ୍ୱର ମନ୍ଦିର, ବିଲବଲରାମପୁରର କପୋତେଶ୍ୱର, ବରୀପଲ୍ଲାର କପିଳେଶ୍ୱର, ପାଇଲୋର ନୀଳକଣ୍ଠେଶ୍ୱର, ତାଳସଙ୍ଗାର ସିଦ୍ଧେଶ୍ୱର, ହଳଦିଆର ନୀଳକଣ୍ଠେଶ୍ୱର ମନ୍ଦିରରେ ଜାଗର ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ସେହିପରି ବଡପାଳର ଆଶୁତୋଷ ଶୈବପୀଠ,ଦଶିପୁରର ଉମା ମହେଶ୍ୱର , ମାର୍ଶାଘାଇର ସର୍ବେଶ୍ୱର, ତୁଳସୀପୁରର ମଣିନାଗେଶ୍ୱର, କୁଆଁରପାଳର କପିଳେଶ୍ୱର, ରାମିଆଗଞ୍ଜାର ରାମେଶ୍ୱର, ଗରଜଙ୍ଗାର ତ୍ରିନେତ୍ରେଶ୍ୱର, ଜୁଣର ସ୍ୱପ୍ନେଶ୍ୱର, ପଳାସପୁରର ଧବଳେଶ୍ୱର ପୀଠ,ବାଲିକଷୋଟି ଶିବମନ୍ଦିର,ମଣିକୁଣ୍ଡା ଶାମେଶ୍ୱର ମନ୍ଦିରରେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ମନ୍ଦିର ବେଢାରେ ଦୀପ ଜାଳି ଶିବଙ୍କ ନାମ ଜପିଥିଲେ। ଶୈବପୀଠରେ ଭିଡକୁ ଲକ୍ଷ୍ୟ କରି ମାର୍ଶାଘାଇ ଥାନା ତରଫରୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା। କେତେକ ସ୍ଥାନରେ ସ୍ୱେଚ୍ଛାସେବୀ ନିୟୋଜିତ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

ଡେରାବିଶର ବିଭିନ୍ନ ସ୍ଥାନରେ ଜାଗର ଯାତ୍ରା

**ଡେରାବିଶ,(ସ୍ୱ.ପ୍ର.)**–ଡେରାବିଶ ବ୍ଲକରେ ମହାଦେବଙ୍କ ଜାଗର ଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି । ଏହି ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ଆର୍ତ୍ତେଶ୍ୱରଙ୍କ ପୀଠରେ ଭୋରରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ସେହିପରି ଗୋଲରାହାଟ ପଞ୍ଚାୟତର ହରିଶଙ୍କର, ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁରସ୍ଥ ଶୃଙ୍ଗାରେଶ୍ୱର, ବଳଭଦ୍ରପୁର ଗ୍ରାମରେ ଥିବା ବାଲୁଙ୍କେଶ୍ୱର, ପଳେଇର ଅଢଙ୍ଗା ମଲ୍ଲୀକେଶ୍ୱରପୁର ଗ୍ରାମରେ ଥିବା ମଲ୍ଲୀକେଶ୍ୱର ମନ୍ଦିରରେ ଶିବରାତ୍ରି ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିବା ବେଳେ ପୂଜାର୍ଚ୍ଚନା ଜାରି ରହିଛି । ସେହିପରି ଯଅଁରାବାରିମୂଳ ପଞ୍ଚାୟତର ଖଲାରେଶ୍ୱର, ଦାନପୁର ପଞ୍ଚାୟତର ଶୁକ୍ଳେଶ୍ୱର, ନଣ୍ଡା ମହାଦେବ, ବିଲେଶ୍ୱର ଓ ଭାବକୁଣ୍ଡଳେଶ୍ୱର, ହରିଅଙ୍କ ଭୋଳହାଟ ଠାରେ ଥିବା କପିଳେଶ୍ୱର, ଖମୋଳର ସ୍ୱପ୍ନେଶ୍ୱର, ଇନ୍ଦାଳୋର ବାଲୁଙ୍କେଶ୍ୱର ,ମୁକୁନ୍ଦପୁରର କ୍ଷୀରେଶ୍ୱରଙ୍କ ପୀଠରେ ପ୍ରାତଃରୁ ବ୍ରତଧାରୀ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିବା ସହ ଶିବଲିଙ୍ଗ ଉପରେ ଟୋପର ଚଢାଇ ନିଜର ମାନସିକ ପୂରଣ ପାଇଁ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଛି । ଶୁକ୍ରବାର ପ୍ରତ୍ୟେକ ଶୈବପୀଠରେ ପ୍ରାତଃ ନୀତି ସହ ମଧ୍ୟାହ୍ନ ଓ ରାତ୍ରିରେ ବିଶେଷ ଦେବନୀତି ଅନୁଷ୍ଠିତ ହୋଇଥିଲା । ପୀଠଗୁଡ଼ିକରେ ନାମଯଜ୍ଞ, ଶିବ ପଞ୍ଚାକ୍ଷରୀ ମନ୍ତ୍ର ସହ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଳମ୍ବିତ ରାତ୍ରିରେ ପ୍ରତ୍ୟେକ ମନ୍ଦିରରେ ମହାଦୀପ ଉଠିଥିଲା । ସନ୍ଧ୍ୟାରେ ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ସମେତ ବିଭିନ୍ନ ଦଳର ରାଜନେତା ବିଭିନ୍ନ ଶୈବପୀଠ ବୁଲି ମହାଦେବଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।



ମାର୍ଶାଘାଇର ଏକ ଶିବମନ୍ଦିରରେ ପୂଜାର୍ଚ୍ଚନା।



ଡେରାବିଶର ଅର୍ଡ୍ଡାମୂଳ ଖଲାରେଶ୍ୱର ଶିବମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଆଳି,(ଡି.ଏନ.ଏ.):** ମହାଶିବରାତ୍ରି ପାଇଁ ଆଳି ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠ ଉତ୍ସବମୁଖର ହୋଇପଡିଛି । ଦୀପ ଜାଳିବା ପାଇଁ ଶ୍ରଦ୍ଧାଳୁମାନେ ଶୁକ୍ରବାର ସକାଳୁ ଅଞ୍ଚଳର ବିଭିନ୍ନ ଶିବମନ୍ଦିରରେ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା । ଆଳି ମେଣ୍ଟପୁର ପଞ୍ଚାୟତ ତୁଳସୀ ଶାସନ ସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ପୀଠରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ପ୍ରାତଃପୂଜା, ଆଳତି, ମଧ୍ୟାହ୍ନ ଧୂପ, ସାନ୍ଧ୍ୟଧୂପ ଆଦି କାର୍ଯ୍ୟକ୍ରମ ଦେଖିବା ଲାଗି ପ୍ରବଳ ଭିଡ ଲାଗି ରହିଥିଲା । ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମନ୍ଦିରରେ ଦୀପ ଜାଳି ବସିଥିବା ଦେଖିବାକୁ ମିଳିଥିଲା। ସେହିପରି କଟକ-ଚାନ୍ଦବାଲି ରାସ୍ତାର ବଅଡିହ ଗ୍ରାମ ନିକଟରେ ଥିବା ଇଶାଣେଶ୍ୱର ମହାଦେବ ମନ୍ଦିର, ଦେମାଳ-ଲୋକାପଡାର କପିଳେଶ୍ୱର ମହାଦେବ ମନ୍ଦିର, ଗୋପୀନାଥପୁର ଶାସନର ମହାଦେବ ମନ୍ଦିର,ଗୋପାଳରାୟପୁର ଶାସନର ମହାଦେବ ମନ୍ଦିର, ନୂଆଗାଁର କପିଳେଶ୍ୱର ମହାଦେବ ମନ୍ଦିର, ବେତାର ଧବଳେଶ୍ୱର ମହାଦେବ, ବୃନ୍ଦବନ୍ଧ ଗ୍ରାମର ମହାଦେବ ମନ୍ଦିର, ଭୂଇଁପୁର ଛକ ନିକଟ ମହାଦେବ ମନ୍ଦିର ଓ ଆଳି ମହାବୀର ବଜାରସ୍ଥିତ ହରପାର୍ବତୀ ମନ୍ଦିରରେ ଠାକୁରଙ୍କ ପୂଜାର୍ଚ୍ଚନା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା।



ଆଳିର ଇଶାଣେଶ୍ୱର ମହାଦେବ ମନ୍ଦିର।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା, ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ. ନଂ.- ୯୯୩୮୧୭୦୪୫୦/ ଅଫିସ୍- ୦୬୬୨୨-୨୭୩୩୪୩**
**ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ ନଂ.- ୯୪୩୭୦୮୫୪୩୪/ ଅଫିସ୍- ୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଏବଂ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ସୌମ୍ୟ ରଞ୍ଜନ | ୮ ମାସ, ତା. ୦୫।୦୭।୧୯ | ପୁଅ | ଠିକଣା- ଦଲକିଝରନ, ଥାନା- ଲେଫ୍ରିପଡ଼ା, ଜିଲ୍ଲା-ସୁନ୍ଦରଗଡ଼, ତା. ୧୩।୦୨।୨୦୨୦ |  |

Sd./- District Child Protection Officer, Sundargarh

**WESCO** ୱେସ୍କୋ ୟୁଟିଲିଟି

ମୁଖ୍ୟ କାର୍ଯ୍ୟାଳୟ-ବୁର୍ଲା, ଜିଲ୍ଲା-ସମ୍ବଲପୁର (ଓଡ଼ିଶା)-୭୬୮୦୧୭

**ବିଦ୍ୟୁତ୍ ଉପଭୋକ୍ତା ଧ୍ୟାନ ଦିଅନ୍ତୁ !**

**ଆପଣ ଯଦି ନିଜର ବିଦ୍ୟୁତ୍ ବିଲ୍ ବକେୟା ରଖିଥାନ୍ତି, ତେବେ ତୁରନ୍ତ ସମସ୍ତ ବକେୟା ଦେୟ ପୈଠକରନ୍ତୁ ଏବଂ ''ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ'' (Disconnection) ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇଯାଆନ୍ତୁ।**

**ଆମର ପରାମର୍ଶ**

- ଆପଣଙ୍କ ବିଦ୍ୟୁତ୍ ବିଲ୍‌ରେ କୌଣସି ତ୍ରୁଟି ଥିଲେ ତୁରନ୍ତ ନିକଟସ୍ଥ ୱେସ୍କୋର ଜେ.ଇ/ଏସ୍‌ଡିଓଙ୍କୁ ଯୋଗାଯୋଗ କରି ଏହାକୁ ସୁଧାରିନିଅନ୍ତୁ ଏବଂ ସଂଶୋଧିତ ବିଲ୍‌ରାଶି ଅନୁଯାୟୀ ନିଜର ଦେୟ ଯଥାଶୀଘ୍ର ପୈଠ କରନ୍ତୁ।
- ଯଦି ଆପଣ ଏକକାଳୀନ ସମସ୍ତ ବକେୟା ପୈଠପାଇଁ ସମର୍ଥ ହୋଇପାରୁନାହାଁନ୍ତି, ତେବେ ସ୍ଥଳବିଶେଷରେ ବକେୟା ପରିମାଣ ଭିତ୍ତିରେ କିସ୍ତିରେ ପୈଠପାଇଁ ସ୍ଥାନୀୟ ୱେସ୍କୋ ଅଧିକାରୀଙ୍କଠାରୁ କିସ୍ତି ମଞ୍ଜୁର କରାଇ ନିଅନ୍ତୁ ଓ ତୁରନ୍ତ ପୈଠ କରନ୍ତୁ।
- ବିଦ୍ୟୁତ୍‌ଦେୟ ବକେୟା ରଖିଥିବା ଖିଲାପି ଉପଭୋକ୍ତାମାନଙ୍କର ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସ୍ୱତନ୍ତ୍ର ''ଡିସ୍‌କନେକସନ୍ ସ୍କ୍ୱାଡ୍'' ନିଯୁକ୍ତ କରାଯାଇଛି। ଯଦି ଆପଣ ଦେୟ ପୈଠ କରିସାରିଥାନ୍ତି, ତେବେ ଉକ୍ତ ସ୍କ୍ୱାଡ୍‌କୁ ଦେୟ-ପୈଠ ରସିଦ୍ (ମନି ରିସିପ୍ଟ) ଦେଖାନ୍ତୁ।
- ବକେୟା ଦେୟ ୱେସ୍କୋର ସେକ୍‌ସନ୍/ସବ୍‌ଡିଭିଜନ୍ କାର୍ଯ୍ୟାଳୟ ବିଲ୍ ଆଦାୟକେନ୍ଦ୍ର, ଅଧିକୃତ ଆଦାୟକାରୀଙ୍କଠାରେ ଅଥବା ଆମର ୱେବ୍‌ସାଇଟ୍ **www.wescoodisha.com** ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିପାରିବେ।

**ପ୍ରାଧିକୃତ ଅଧିକାରୀ, ୱେସ୍କୋ ୟୁଟିଲିଟି**

**ବୈଦ୍ୟୁତିକ ସୁରକ୍ଷା ନିୟମ ପାଳନ କରନ୍ତୁ ଏବଂ ନିରାପଦ ଜୀବନଯାପନ କରନ୍ତୁ ।**

**ଦିବ୍ୟାଙ୍ଗ ଧୋଇ ଖାଇଲେ ରୁଟି, ଲୋକେ ଦେଖି ହେଲେ ଭାବୁକ**

ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭାବବିହ୍ୱଳ ଭିଡିଓରେ ଜଣେ ଦିବ୍ୟାଙ୍ଗ ବୃଦ୍ଧ ରୁଟି ଖଣ୍ଡେ ଗୋଟାଇ ଟ୍ୟାପ୍‌ରେ ଧୋଇକି ଖାଉଥିବାର ଦେଖାଯାଇଛି। ଏହି ଭିଡିଓଟି ଦେଖିବା ପରେ ଲୋକେ ଭାବୁକ ହୋଇପଡିଛନ୍ତି। କୌଣସି ରେଳଷ୍ଟେଶନ ପାଖରେ ଭିଡିଓଟି ଶୁଟ୍ କରାଯାଇଛି। ଭିଡିଓଟିକୁ ସଚିନ କୌଶିକ୍ ନାମକ ଜଣେ ଟୁଇଟର୍ ୟୁଜର୍ସ ଶେୟାର କରିଛନ୍ତି। ଏହା ଏକ ହୃଦୟ ବିଦାରକ ଭିଡିଓ ବୋଲି ସେ କହିଛନ୍ତି।

# ଦେଶର ପ୍ରଥମ ବରଫ କାଫେ



**ମନାଲି:** ଲେହ-ମନାଲି ଜାତୀୟ ରାଜପଥରେ ୧୪ ହଜାର ଫୁଟର ବରଫ କାଫେ ତିଆରି କରାଯାଇଛି। ଏହା ଦେଶର ପ୍ରଥମ ବରଫ କାଫେ। ଏଠାରେ ମସଲା ଚା’, ବଟର ଟି ଏବଂ ମସଲା ମ୍ୟାଗି ଉପଲବ୍ଧ ହେବ। ଏହାକୁ ସ୍ଥାନୀୟ ୪ ଯୁବକ ମିଶି ତିଆରି କରିଛନ୍ତି। ଲଦାଖର ମିରୁ ଗାଁ ନିକଟରେ କାଫେଟି ଥିବା ବେଳେ ଏହାକୁ ତିଆରି କରିବାର ଆଇଡିଆ ଦେଇଥିଲେ ମେକାନିକାଲ ଇଞ୍ଜିନିୟର ସୋନମ୍ ୱାଙ୍ଗ୍‌ଚୁକ୍। ବରଫ କାଫେରେ ପାଇପ୍ ବ୍ୟବହାର କରାଯାଇଛି। ଉଚ୍ଚରୁ ଆସୁଥିବା ପାଣି ଯେପରି ସହଜରେ ନିଷ୍କାସନ ହୋଇପାରିବ, ତାହା କରାଯାଇଛି। ଏହାକୁ କୋନ୍ ଆକାରର ନିର୍ମାଣ କରାଯାଇଛି। ଏହା ଭିତରେ ବସିବା ପାଇଁ ଯଥେଷ୍ଟ ସ୍ଥାନ ରହିଥିବା ବେଳେ ଆରାମରେ ଚଲାବୁଲା ମଧ୍ୟ କରିହେବ। ସର୍ବସାଧାରଣଙ୍କ ନିମନ୍ତେ ୨୦୨୦ ମେ ପର୍ଯ୍ୟନ୍ତ ଏହା ରହିବ। ପରେ ତରଳିବା ଆରମ୍ଭ ହେବ। ପାଣି ଯେମିତି ଅଯଥାରେ ନଷ୍ଟ ହେବ ନାହିଁ ତା’ର ସୁବ୍ୟବସ୍ଥା ମଧ୍ୟ କରାଯାଇଛି। ବରଫ ତରଳିଲେ ପାଣି ଯେପରି ସଂରକ୍ଷିତ ହୋଇରହିବ ସେନେଇ ସମସ୍ତ ବନ୍ଦୋବସ୍ତ କରାଯାଇଛି। କାଫେରେ ଗରମ ଗରମ ଖାଦ୍ୟ ମିଳିବ। ଏଠାରେ ମେନୁ ବେଶି ପ୍ରକାରର ନୁହେଁ। କିନ୍ତୁ ଏମିତି ଖାଦ୍ୟ ମିଳିବ ଯାହା ମନକୁ ତାଜା କରିଦେବ। ଯେପିରିକି ମସଲା ଚା’ ଏବଂ ମସଲା ମ୍ୟାଗି। ଥଣ୍ଡାରେ ବସି ଗରମ ଗରମ ପାନୀୟ ପିଇବା ମଜା ନିଆରା ଲାଗିବ।

# ଚିନ୍ତା ଓ ପ୍ରତିଜ୍ଞାର ସମୟ

## ବିଶ୍ୱ ସ୍କାଉଟ ଦିବସ



ବିଶ୍ୱବ୍ୟାପୀ ଫେବୃୟାରୀ ୨୨କୁ ସ୍କାଉଟ ଦିବସ ଭାବେ ପାଳନ କରାଯାଇଥାଏ। କୋଟି କୋଟି ସ୍କାଉଟ ଏହି ଦିନଟିକୁ ବିଭିନ୍ନ ସ୍ଥାନରେ ପାଳନ କରିଥାନ୍ତି। ଏହି ଦିନ ବ୍ରିଟେନର ଲ୍ୟୁଟନାଣ୍ଟ ଜେନେରାଲ ବଡେନ୍ ପାୱେଲ ଜନ୍ମଗ୍ରହଣ କରିଥିଲେ। ଜଣେ ସେନା ଅଧିକାରୀ, ଲେଖକ ଓ ସମାଜ ସଂସ୍କାରକ ଭାବେ ସେ ବେଶ୍ ଜଣାଶୁଣା। ବିଶ୍ୱର ସେ ପ୍ରଥମ ଚିଫ୍ ସ୍କାଉଟ ହୋଇଥିବାରୁ ତାଙ୍କ ଜନ୍ମଦିନ(୧୮୫୭) କୁ ବିଶ୍ୱ ସ୍କାଉଟ ଦିବସ ଭାବେ ପାଳନ କରାଯାଇ ଆସୁଛି। ତାଙ୍କ ସ୍ତ୍ରୀ ଓଲେଭ୍ ବଡେନ୍ ପାୱେଲ ସ୍କାଉଟିଂ ଓ ଗର୍ଲ୍ସ ଗାଇଡ୍‌ର ପ୍ରତିଷ୍ଠାତା ଥିଲେ। ଦୁହିଁଙ୍କ ପ୍ରେରଣା କେବଳ କେନିଆ ନୁହେଁ ସାରା ବିଶ୍ୱକୁ ବାଟ ଦେଖାଇଥିଲା। ବିଭିନ୍ନ ସ୍କାଉଟ ସଂଘ ପକ୍ଷରୁ ଏହି ଦିବସକୁ ପ୍ରତିଜ୍ଞା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଗର୍ଲ୍ସ ଗାଇଡ ଓ ଗର୍ଲ୍ସ ସ୍କାଉଟ ପକ୍ଷରୁ ଏହି ଦିବସକୁ ବିଶ୍ୱ ଚିନ୍ତନ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସ ସମସ୍ତ ସ୍କାଉଟ ଓ ଗର୍ଲ୍ସ ଗାଇଡ୍‌ମାନେ ନିଜକୁ ଶୃଙ୍ଖଳିତ କରିବା ଓ ଆନ୍ଦୋଳନର ଆଦର୍ଶକୁ ବଜାୟ ରଖିବା ଲାଗି ପ୍ରତିଜ୍ଞା କରିଥାନ୍ତି। ସମୟକ୍ରମେ ବିଭିନ୍ନ ଦେଶରେ ସ୍କାଉଟ ଓ ଗାଇଡ୍‌ର ନିୟମାବଳୀ ବଦଳି ଥିଲେ ହେଁ ଜଣେ କିପରି ଶୃଙ୍ଖଳାର ସହ ଆଦର୍ଶ ଜୀବନ ବିତାଇ ପାରିବ ଓ ସମାଜ ଲାଗି ଉଦାହରଣ ସୃଷ୍ଟି କରିପାରିବ, ସେନେଇ ଚିନ୍ତା କରିବା ସହ ପ୍ରତିଜ୍ଞା ନେଇଥାନ୍ତି।

# ସେଲିବ୍ରେଶନ ମୁଡ୍‌ରେ ‘କୁଲି ନଂ-୧’ ବରୁଣ



**ମୁମ୍ବାଇ:** ବରୁଣ ଧାୱନ ଏବଂ ସାରା ଅଲି ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ ‘କୁଲି ନଂ-୧’ର ଶୁଟିଂ ଶେଷ ହୋଇଯାଇଛି। ଏହାପରେ ଏକଦମ୍ ସେଲିବ୍ରେଶନ ମୁଡ୍‌ରେ ଅଛନ୍ତି ଫିଲ୍ମର ପୂରା ଟିମ୍। ନିଶ୍ଚିତ ଭାବେ ଏକ ହିଟ୍ କମେଡି ଫିଲ୍ମର ରିମେକ୍ କରିବା ଏକ ବଡ଼ ଚ୍ୟାଲେଞ୍ଜ। ଏବେ ଫିଲ୍ମର ଶୁଟିଂ ସରିବା ପରେ ବରୁଣ ଖୁବ୍ ଖୁସି ଜଣାପଡୁଛନ୍ତି। ଏହାସହ ନିଜର ଟିଙ୍କିନିଖି ଅପଡେଟ୍ ସୋସିଆଲ ମିଡିଆରେ ଶେୟାର କରି ଫ୍ୟାନ୍‌ମାନଙ୍କ ସହ ଯୋଡ଼ିହୋଇ ରହିଛନ୍ତି। ଏହାରି ଭିତରେ ନିଜର ଆଇକନିକ୍ ଫିଲ୍ମର ରିମେକ୍ ପାଇଁ ଗୋବିନ୍ଦା ମଧ୍ୟ ବରୁଣ, ସାରା ଏବଂ ଫିଲ୍ମର ପୂରା ଟିମ୍‌କୁ ଶୁଭକାମନା ଜଣାଇଛନ୍ତି। ୧୯୯୫ରେ ଗୋବିନ୍ଦାଙ୍କ କମେଡି ଫିଲ୍ମ ‘କୁଲି ନଂ-୧’ ରିଲିଜ୍ ହୋଇଥିଲା, ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କରିସ୍ମା କପୁର ଗୋବିନ୍ଦାଙ୍କ ଅପୋଜିଟ୍‌ରେ ଅଭିନୟ କରିଥିଲେ। ଏବେ ଏହାର ରିମେକ୍‌ରେ ବରୁଣ-ସାରାଙ୍କୁ ଦେଖିବାକୁ ମିଳିବ। ନିକଟରେ ଫିଲ୍ମର ଶୁଟିଂ ଶେଷ ହୋଇଥିବା ବେଳେ ବରୁଣ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଏନେଇ ଫ୍ୟାନ୍‌ମାନଙ୍କୁ ଅପ୍‌ଡେଟ୍ ଦେଇଛନ୍ତି। ବରୁଣ ଗୋଆରୁ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଏକ ଶାର୍ଟ-ଲେସ୍ ଫଟୋ ଶେୟାର କରିଛନ୍ତି, ଯାହା ଏବେ ଭାଇରାଲ ହେଉଛି। ଫଟୋ ଶେୟାର କରି ସେ ଲେଖିଛନ୍ତି, "ପ୍ୟାନ୍‌କେକ୍, ଶୁକ୍ରବାର ଏକ ନଂ ବ୍ରେକ୍‌ଫାଷ୍ଟ। ଏବେ ଏବେ ଫିଲ୍ମ ‘କୁଲି ନଂ-୧’ର ଶୁଟିଂ ଶେଷ ହେଲା। ବର୍ତ୍ତମାନ ସୁଦ୍ଧା ଏହା ହେଉଛି ମୋ ଜୀବନର ସବୁଠାରୁ ମଜାଳିଆ ଫିଲ୍ମ। ଆଉ ଏଥିପାଇଁ ମୁଁ ଏଭଳି ସେଲିବ୍ରେଟ୍ କରିବାକୁ ନିଷ୍ପତ୍ତି ନେଲି।" ବରୁଣଙ୍କ ଏହି ପୋଷ୍ଟଟି ସୋସିଆଲ ମିଡିଆରେ ଏବେ ଲକ୍ଷ ଲକ୍ଷ ଲାଇକ୍, କମେଣ୍ଟ ସାଉଁଟୁଛି। ତେବେ ଯାହା ଜଣାପଡ଼ିଛି ବରୁଣ ଏବଂ ସାରା ଫିଲ୍ମର ଏକ ରୋମାଣ୍ଟିକ୍ ସିକ୍ୱେନ୍ସର ଶୁଟିଂ ପାଇଁ ଗୋଆ ଆସିଥିଲେ। ଏଠାରେ ଶୁଟିଂ କଲାବେଳେ ବରୁଣ ସାମାନ୍ୟ ଆହତ ମଧ୍ୟ ହୋଇଥିଲେ। ଏବେ ଗୋଆରୁ ତାଙ୍କ ସେଲିବ୍ରେଶନର ଅପ୍‌ଡେଟ୍ ପାଇବା ପରେ ଫ୍ୟାନ୍‌ମାନେ ଖୁସି ବ୍ୟକ୍ତ କରିଛନ୍ତି। ଫିଲ୍ମଟି ମେ’ ୧ରେ ରିଲିଜ୍ ହେବ।

# ‘ଫିଟ୍ ଇଣ୍ଡିଆ ଦଣ୍ଡ ବୈଠକ ମେଶିନ’

**ନୂଆଦିଲ୍ଲୀ:** ୧୦ଟଙ୍କାର ପ୍ଲାଟଫର୍ମ ଟିକେଟକୁ ମାଗଣାରେ ନେବାକୁ ଚାହୁଁଛନ୍ତି କି ? ଯଦି ହଁ ତେବେ ଆପଣଙ୍କୁ ଏଥିପାଇଁ କିଛି ସର୍ତ୍ତ ପୂରା କରିବାକୁ ପଡ଼ିବ। ଆଉ ଏହି ସର୍ତ୍ତ ମଧ୍ୟ ଶରୀର ପାଇଁ ଲାଭଦାୟକ। କଥାଟି ଟିକେ ଅଡୁଆ ଲାଗୁଛି ହେଲେ ସତ। ବ୍ୟସ୍ତ ହୁଅନ୍ତୁ ନାହିଁ, ଆଉ ବେଶି ସମୟ ସସ୍‌ପେନ୍ସ ଭିତରେ ନ ରଖି ଘଟଣା ସମ୍ପର୍କରେ କହୁଛୁ। କଥାଟି ହେଲା, ଯଦି ପ୍ଲାଟଫର୍ମ ଟିକେଟ ମାଗଣାରେ ଦରକାର ତେବେ ଏଥିପାଇଁ ଆପଣଙ୍କୁ ୩୦ଥର ଦଣ୍ଡ ବୈଠକ କରିବାକୁ ପଡ଼ିବ। ଏହି ସୁବିଧା ଏବେ ଦିଲ୍ଲୀର ଆନନ୍ଦ ବିହାର ରେଲୱେ ଷ୍ଟେଶନରେ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଆନନ୍ଦ ବିହାର ରେଲୱେ ଷ୍ଟେଶନରେ ଏଭଳି ଏକ ମେଶିନ୍ ଲାଗିଛି, ଯାହାର ସାମ୍ନାରେ ୧୮୦ ସେକେଣ୍ଡରେ ୩୦ଥର ଦଣ୍ଡ ବୈଠକ ଲଗାଇଲେ ମାଗଣାରେ ପ୍ଲାଟଫର୍ମ ଟିକେଟ ମିଳିପାରିବ। ଶୁକ୍ରବାର ଏହି ମେଶିନ୍‌ର ଉଦ୍‌ଘାଟନ କରାଯାଇଥିବା ବେଳେ ଏହା ଭାରତର ପ୍ରଥମ ଦଣ୍ଡ ବୈଠକ ମେଶିନ ବୋଲି କୁହାଯାଇଛି।



ଏହାକୁ ‘ଫିଟ୍ ଇଣ୍ଡିଆ ଦଣ୍ଡ ବୈଠକ ମେଶିନ’ ନାମରେ ନାମିତ କରାଯାଇଛି। ଉକ୍ତ ମେଶିନରେ ଲାଗିଥିବା ଡିସ୍‌ପ୍ଲେରେ ପଏଣ୍ଟ ଦେଖାଯିବ। ଗୋଟିଏ ବୈଠକ ପାଇଁ ୧ ପଏଣ୍ଟ ମିଳିବ। ସେହିପରି ଯଦି ଜଣେ ୩୦ପଏଣ୍ଟ କରିବେ ତେବେ ତାଙ୍କୁ ପ୍ଲାଟଫର୍ମ ଟିକେଟ ମିଳିପାରିବ।

# ଗର୍ଲ ଫ୍ରେଣ୍ଡ ଦେଲେ ମିଳିବ ୧୮ ଲକ୍ଷ

**ୱାଶିଂଟନ:** ଆମେରିକାର ଜଣେ ବ୍ୟବସାୟୀ ତାଙ୍କ ପାଇଁ ଗର୍ଲ ଫ୍ରେଣ୍ଡ ଖୋଜି ଦେଲେ ୧୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ୪୭ ବର୍ଷ ବୟସ୍କ ଜେଫ୍ ଜେର୍‌ହାର୍ଟ ଏଭଳି ଘୋଷଣା କରି ରାତାରାତି ସୋସିଆଲ୍ ମିଡ଼ିଆରେ ପରିଚିତି ହାସଲ କରିଛନ୍ତି। ଏନେଇ ଜଫ୍ ‘ଡେଟ୍ ଜେଫ୍ ଜି’ ନାମକ ଏକ ୱେବସାଇଟ୍ ମଧ୍ୟ ତିଆରି କରିଛନ୍ତି। ସେ ତାଙ୍କ ୱେବସାଇଟ୍‌ରେ ସୂଚନା ଦେଇଛନ୍ତି ଯେ, ତାଙ୍କ ଗର୍ଲଫ୍ରେଣ୍ଡଙ୍କଠାରେ ଆତ୍ମବିଶ୍ୱାସ ରହିଥିବ। ଏହା ସହିତ ସେ ଖୁସି ମିଜାଜ୍‌ର ହୋଇଥିବା ଆବଶ୍ୟକ। ସେ ଜେଫ୍‌ଙ୍କ ଖରାପ ଓ ମନ୍ଦ ଗୁଣକୁ ଗ୍ରହଣ କରିନେଇ ତାଙ୍କୁ ଭଲ ପାଇପାରୁଥିବା ଦରକାର ବୋଲି ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଛି।






**କଲୋରାଡୋ:** ମେୟର ଭାବେ କୌଣସି ବ୍ୟକ୍ତି ବିଶେଷ ଶପଥ ନେବା ସାଧାରଣ କଥା। କିନ୍ତୁ କୌଣସି ପ୍ରାଣୀ ଏଭଳି ଶପଥ ନେବା ଶୁଣିଲେ ନିଶ୍ଚିତ ଭାବେ ଯେକେହି ଆଶ୍ଚର୍ଯ୍ୟ ହେବେ। ତେବେ ଆମେରିକାର କଲୋରାଡୋରେ ଏଭଳି ଘଟିଛି। ସ୍ଥାନୀୟ ଜର୍ଜ ଟାଉନ୍‌ର ନୂଆ ମେୟର ଭାବେ ସ୍ନୋ ଡଗ୍ ପାର୍କର ଦେହରେ କୋଟ ଘୋଡ଼ି ହୋଇ ବେକରେ ଟାଇ ବାନ୍ଧି ଚଷମା ପିନ୍ଧି ଟେବୁଲ ଉପରେ ବସି ଶପଥ ନେଇଛି। ଏହି ଉତ୍ସବର ଫଟୋକୁ ଜର୍ଜ ଟାଉନ୍‌ର କ୍ଲିୟର କ୍ରିକ୍‌ଠାରେ ଥିବା କମ୍ୟୁନିଟି ସେଣ୍ଟର ପକ୍ଷରୁ ଫେସବୁକ୍‌ରେ ଶେୟାର କରାଯାଇଛି। ଏହା ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ମେୟର ପଦବୀ ପାଇଁ ହୋଇଥିବା ନିର୍ବାଚନରେ ପାର୍କରକୁ ଲୋକେ ବିପୁଳ ସଂଖ୍ୟାରେ ଭୋଟ ଦେଇ ନିର୍ବାଚିତ କରିଛନ୍ତି। ପାର୍କର ମେୟର ହେବାକୁ ସୋସିଆଲ୍ ମିଡ଼ିଆର ବହୁ ୟୁଜର ପସନ୍ଦ କରିଛନ୍ତି।

# ମେୟର ଭାବେ ଶପଥ ନେଲା କୁକୁର

# ଦ୍ୱିତୀୟଥର ପାଇଁ ମା’ ହେଲେ ଶିଳ୍ପା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଦ୍ୱିତୀୟଥର ମା’ ହୋଇଛନ୍ତି। ସୋସିଆଲ ମିଡିଆରେ ଶିଳ୍ପା ଏହି ସୂଚନା ଦେଇଛନ୍ତି। ସରୋଗେସି ପଦ୍ଧତି ଆପଣାଇ ଫେବୃୟାରୀ ୧୫ରେ ତାଙ୍କର ଏକ ଝିଅ ହୋଇଥିବା ସେ କହିଛନ୍ତି। ଏହା ସହ ଝିଅର ହାତ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ଝିଅର ନାଁ ସମୀଷା ସେଟ୍ଟୀ ଦେଇଛନ୍ତି। ଫଟୋ ଶେୟାର କରି ଓମ୍ ଗଣେଶାୟ ନମଃ, ଆମ ପ୍ରାର୍ଥନାର ଆଜି ଫଳ ମିଳିଛି। ଆମ ଘରକୁ ଆଜି ଲିଟିଲ୍ ଆଞ୍ଜେଲ ଆସିଛି ବୋଲି ଶିଳ୍ପା କହିଛନ୍ତି। ୨୦୦୯, ନଭେମ୍ବର ୨୨ରେ ବ୍ୟବସାୟୀ ରାଜ୍ କୁନ୍ଦ୍ରାଙ୍କୁ ବିବାହ କରିଥିଲେ ଶିଳ୍ପା। ୨୦୧୨ରେ ତାଙ୍କ ପୁଅ ଭିଆନ୍ ଜନ୍ମଗ୍ରହଣ କରିଥିଲେ। ପ୍ରକାଶଥାଉ କି, ବଲିଉଡ୍‌ରୁ ନିଜକୁ ଦୂରେଇ ରଖି ଶିଳ୍ପା ସବୀର ଖାନ୍‌ଙ୍କ ଫିଲ୍ମ ‘ନିକମ୍ମା’ ମାଧ୍ୟମରେ ଦୀର୍ଘ ୧୩ ବର୍ଷ ପରେ ପରଦାକୁ ଫେରିଛନ୍ତି। ଚଳିତବର୍ଷ ଜୁନ୍‌ରେ ଏହି ଫିଲ୍ମ ରିଲିଜ୍ ହେବାର ଅଛି। ଏଥିସହ ପ୍ରିୟଦର୍ଶନଙ୍କ ‘ହଙ୍ଗାମା-୨’ରେ ମଧ୍ୟ ଶିଳ୍ପା ନଜର ଆସିବେ।



## ସଂକ୍ଷେପରେ

### ଶ୍ରୀକୃଷ୍ଣ ଗୁରୁକୁଳରେ ସ୍ୱାସ୍ଥ୍ୟସେବା ଶିବିର

**ବାଲିକୁଦା, ୨୧।୨ (ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଥାଇଲୋ ପଞ୍ଚାୟତ ଅଧୀନ ଜଏଗାଁସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ପରିସରରେ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା ଆର୍ଥ୍ରାଇଟିସ ଓ ରୁମାଟୋଲୋଜି ସେଣ୍ଟର ଏବଂ କଟିକଟାସ୍ଥିତ ବଂଶୀଧର ମେମୋରିଆଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଅଞ୍ଚଳର ୮୧୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବାଲିକୁଦା ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ ହସ୍ପିଟାଲ ଓ କଟକର ଏସ୍‌ସିବି ମେଡିକାଲ କଲେଜର ଅଭିଜ୍ଞ ପ୍ରଫେସର ଓ ବରିଷ୍ଠ ଚିକିତ୍ସକମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଚୈତନ୍ୟ ପରିଡା, କୃଷ୍ଣଚନ୍ଦ୍ର ବାରିକ, ଧର୍ମାନନ୍ଦ ଦାସ, ଶ୍ରୀକୃଷ୍ଣ ଗୁରୁକୁଳର ଅଧକ୍ଷ କୃଷ୍ଣଚନ୍ଦ୍ର ଶତପଥୀ, କେଲୁ ଚରଣ ସାହୁ, ଜିଲାପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଅଳାଭର ସରପଞ୍ଚ ଅଶୋକ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


### ରବି ସିଂଙ୍କ ପାଇଁ ସ୍ମୃତିସଭା

**ଏରସମା, ୨୧।୨ (ଡି.ଏନ୍.ଏ.):** ଏରସମା ସାହିତ୍ୟ ସଂସଦ ଓ ଏରସମା ପୂଜ୍ୟପୂଜା ସଂସଦ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବିପ୍ଳବୀ କବି ରବି ସିଂଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ନାୟକ ଅତିଥି ଭାବେ ଯୋଗଦେଇ ରବି ସିଂଙ୍କ ପରି ବିପ୍ଳବୀ ତଥା ସାଲିସହୀନ କବିତା ଲେଖାଯିବା ଉଚିତ ବୋଲି କହିଥିଲେ। ଏଥିରେ ହୃଷୀକେଶ ଜେନା, ଧୀରେନ୍ଦ୍ର ଚୌଧୁରୀ, ପୂଜ୍ୟପୂଜା ସଂସଦ ସମ୍ପାଦକ ଯଯାତି କେଶରୀ ସାମନ୍ତରାୟ, ସାହିତ୍ୟ ସଂସଦ ଉପସଭାପତି ବୈଦ୍ୟନାଥ ସାହୁ, ସମୀର ରଞ୍ଜନ ଦାସ, ଇଂ. ଅସୀମ ସ୍ୱାଇଁ, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ମହେଶ୍ୱର ସ୍ୱାଇଁ, ସ୍ତମ୍ଭକାର କୈଳାସ ଚନ୍ଦ୍ର ପ୍ରଧାନ, ବାଲିଘରର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ପ୍ରମୁଖ ଯୋଗଦେଇ କବି ସିଂଙ୍କ ସ୍ମୃତିଚାରଣ କରିଥିଲେ।

# ଗୋରେଖନାଥ ପୀଠ ଉତ୍ସବମୁଖର

**ରଘୁନାଥପୁର, ୨୧।୨ (ଡି.ଏନ୍.ଏ.)**

ମହାଶିବରାତ୍ରି ଉପଲକ୍ଷେ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧି ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ସମେତ, ରୁଦ୍ରେଶ୍ୱର ପୀଠ ଓ ଅନ୍ୟ ଶୈବପୀଠ ଉତ୍ସବ ମୁଖରିତ ହୋଇଉଠିଥିଲା। ବ୍ରତଧାରୀମାନେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ପ୍ରଭୁଙ୍କ ଶରଣାପନ୍ନ ହୋଇଥିଲେ। ସନ୍ଧ୍ୟାରେ ଗୋରେଖନାଥ ପୀଠରେ ପ୍ରବଳ ଜନସମାଗମ ଦେଖାଯାଇଥିଲା। ଓଷା ରଖିଥିବା ମହିଳାପୁରୁଷମାନେ ପ୍ରଭୁଙ୍କ ସମ୍ମୁଖରେ ଦୀପ ଜାଳି ଶିବ ପଞ୍ଚାକ୍ଷର ଜପ କରିଥିଲେ। ସେହିପରି ଉତ୍ତରକୂଳଠାରେ ଥିବା ନୀଳକଣ୍ଠେଶ୍ୱର, ସର୍ପିପୁର ସର୍ପେଶ୍ୱର ମହାଦେବ, ଗୋକୁଳପୁର ଆଖଣ୍ଡଳମଣି ମନ୍ଦିର ଆଦିରେ ସନ୍ଧ୍ୟାରେ ମାନସିକଧାରୀମାନେ ଉଜାଗର ରହି ଦୀପ ଜାଳିଥିଲେ। ଗୋରେଖନାଥ ପୀଠରେ ରାତି ୧୧ଟାରେ ଓ ରୁଦ୍ରେଶ୍ୱର ମନ୍ଦିରରେ ବିଳମ୍ବିତ ରାତିରେ ମହାଦୀପ ଉଠିବାର ଜଣାପଡିଛି। କେତେକ ଶୈବପୀଠ ସମ୍ମୁଖରେ ଭଜନ ସନ୍ଧ୍ୟା ସହ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ଗୋରଖନାଥ ପୀଠରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବାର ଟ୍ରଷ୍ଟବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି ପ୍ରକାଶ କରିଥିଲେ।



ଗୋରଖନାଥ ପୀଠରେ ଶ୍ରଦ୍ଧାଳୁ ଦୀପ ଜାଳୁଛନ୍ତି।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି: ଅନ୍ଧାରରେ ୪୦ ପରିବାର

**ବିରିଡି, ୨୧।୨ (ଡି.ଏନ୍.ଏ.)**

ବିରିଡି ଥାନା ଅଧୀନ ହାଜିପୁର ଦୁଦୁରାମପାଟଣାରୁ ୧୬ କେଭି ଓ ଉତ୍ତରଶାସନ ଦକ୍ଷିଣି ସାହିରୁ ୨୫ କେଭିର ଦୁଇଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର କେହି ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ଲଗାତାର ଭାବେ ଦୁଇଟି ଟ୍ରାନ୍ସଫର୍ମର ଚୋରି ହେବା ଫଳରେ ୪୦ ଜଣ ଉପଭୋକ୍ତା ଅନ୍ଧାରରେ ରହିଛନ୍ତି। ବିରିଡ଼ି ଥାନା ଅଞ୍ଚଳରେ ଦିନେ ଦୁଇ ଦିନ ଅନ୍ତରାଳରେ ଟ୍ରାନ୍ସଫର୍ମର ଚୋରି ସାଧାରଣ ଘଟଣା ହୋଇଗଲାଣି। ଗତ ରବିବାର ରାତିରେ ଖରମଙ୍ଗାରୁ ଟ୍ରାନ୍ସଫର୍ମର ଚୋରି ହୋଇଥିବା ବେଳେ ଗତ ଶୁକ୍ରବାର ରାତିରେ ଉକୁନ୍ଦରା ରଘୁନାଥପୁର ଓ ଜୟଶୋଳ ହରିରାମପାଟଣା ଏବଂ ପୂର୍ବରୁ ଚାଷୀଖଣ୍ଡ ଓ ଶଙ୍ଖାରିସାହିଠାରେ ଥିବା ଟ୍ରାନ୍ସଫର୍ମର ଚୋରି ହୋଇଥିଲା। ଅଞ୍ଚଳବାସୀଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ପୋଲିସ କେବଳ ମାମଲା ରୁଜୁ କରୁଥିବା ବେଳେ ଏ ପର୍ଯ୍ୟନ୍ତ ଏହି ର୍ୟାକେଟକୁ ଧରିବାରେ ସଫଳ ହୋଇପାରିନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବରିଷ୍ଠ ନାଗରିକ ସଂଘ ବୈଠକ

**କୁଜଙ୍ଗ, ୨୧।୨ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅନୁକୂଳଚନ୍ଦ୍ରଙ୍କ ଆଶ୍ରମ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନିଶାକର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ ବାବୁରାମ ଚୌଧୁରୀ, ପୂର୍ବତନ ଏମ୍‌ପି ଡ. କୁଳମଣି ସାମଲ, ଅନଙ୍ଗ କୁମାର ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ନବୀନ ପ୍ରଧାନ, ରାଜକିଶୋର ଦାସ, ଅଜୟ ଖୁଣ୍ଟିଆ, ରବୀନ୍ଦ୍ର ଚୌଧୁରୀ, ରଜନୀକାନ୍ତ ଦାସ, ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ପେନ୍‌ସନଭୋଗୀଙ୍କୁ ସର୍ବନିମ୍ନ ୯ହଜାର ଟଙ୍କା ମାସିକ ମହଙ୍ଗା ଭତ୍ତା ପ୍ରଦାନ, ବରିଷ୍ଠ ନାଗରିକଙ୍କୁ ୧୫୦୦ଟଙ୍କା ଭତ୍ତା ଓ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ପ୍ରକୃତ ବେତନ ଅନୁଯାୟୀ ବର୍ଦ୍ଧିତ ପେନ୍‌ସନ ଓ ବରିଷ୍ଠ ନାଗରିକଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।





ବୈଠକରେ ଅବସରପ୍ରାପ୍ତ କର୍ମଚାରୀ ଓ ବରିଷ୍ଠ ନାଗରିକ।

# ସାମ୍ବତ୍ସରିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ନାଉଗାଁ, ୨୧।୨ (ସ୍ୱ.ପ୍ର.)**

ଜଗତ୍‌ସିଂହପୁର ବ୍ଲକ ସରାଯ୍ୟେସ୍ଥିତ ମା'ଦିବ୍ୟଜୀବନ ସେବାଶ୍ରମରେ ଚାଲିଥିବା ଅଷ୍ଟବିଂଶ ସାମ୍ବତ୍ସରିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ଆଶ୍ରମ ପରିସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥମାନଙ୍କୁ ନେଇ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଆଶ୍ରମ ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଓଡ଼ିଆ ସାଧୁ ସନ୍ଥ ସମାଜ ସଭାପତି ମହନ୍ତ ଚିନ୍ତାମଣି ପର୍ବତ, ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ମହନ୍ତ ଜଗନ୍ନାଥ ଦାସ ପ୍ରମୁଖ ସାଧୁମାନେ ଯୋଗ ଦେଇଥିଲେ। ସମାଜରୁ କୁସଂସ୍କାର ଦୂର କରିବା ସହିତ ଶାନ୍ତି ପ୍ରତିଷ୍ଠା ପାଇଁ ଆଧ୍ୟାତ୍ମିକ ମାର୍ଗ ହିଁ ଉପଯୁକ୍ତ ମାର୍ଗ। କର୍ମମୟ ଜୀବନରେ ବିଶ୍ୱର କଲ୍ୟାଣ ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ। ଏହି ଉଦ୍ୟମ କେବଳ ସତ୍ ଚିନ୍ତା, ସତ୍‌ସଙ୍ଗ, ସତ୍ ମାର୍ଗରୁ ହିଁ ମିଳିଥାଏ ବୋଲି ଉପସ୍ଥିତ ସନ୍ଥମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱ ଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁମାନେ ଚରୁଅନ୍ନ ପାଇଥିଲେ। ଆଶ୍ରମ ପରିସରରେ ଥିବା ନାଗେଶ୍ୱରଙ୍କ ମନ୍ଦିରରେ ଜାଗର ଉପଲକ୍ଷେ ମହାଦୀପ ଉଠିଥିଲା।



ଧର୍ମସଭାରେ ସାଧୁସନ୍ଥମାନେ।

# ମାଘମେଳା ମହୋତ୍ସବ

**ରଘୁନାଥପୁର, ୨୧।୨ (ଡି.ଏନ୍.ଏ.):**

ଜଗତ୍‌ସିଂହପୁର ଜିଲା ରଘୁନାଥପୁରଠାରେ ଅନୁଷ୍ଠିତ ବହୁ ପୁରାତନ ମାଘମେଳା ମହୋତ୍ସବ ଅବସରରେ ଆୟୋଜିତ ସଭାରେ ଅଧ୍ୟାପକ ଦୟାନିଧି ରାଉତରାୟ ସଭାପତିତ୍ୱ କରିଥିଲେ। ସଭାରେ ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ରାଜକିଶୋର ବରାଳ ମୁଖ୍ୟଅତିଥି, ଆଡଭୋକେଟ ଗଗନେନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କେବଳ ଉତ୍ସବରେ ନୁହେଁ, ଅସହାୟଙ୍କୁ ସର୍ବଦା ସବୁସ୍ଥାନରେ ସେବା ଯୋଗାଇ ପାରିଲେ ଈଶ୍ୱର କୃପା ପ୍ରାପ୍ତି ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିଭୂତି ମହାପାତ୍ର, ବିଜୟ ସାହୁ, ବିକାଶ ମହାନ୍ତି ଓ ସୁବାସ ଦାସ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅସହାୟ ବ୍ୟକ୍ତି ଅନୀ ଦାସ, ମକର ମହାନ୍ତି, ସନ୍ତୋଷ ମହାପାତ୍ର, ରାଧା ସାହୁ, ବୁଭେନ୍ଦ୍ର ଗୋଚ୍ଛାୟତ, ଧୋବଣୀ ବେହେରାଙ୍କ ସମେତ ୧୯ ଜଣ ବ୍ୟକ୍ତିଙ୍କୁ ସ୍ଥାନୀୟ ଏକ ଅନୁଷ୍ଠାନ ପକ୍ଷରୁ କମ୍ବଳ, ମଶାରୀ ଓ ଖାଦ୍ୟପଦାର୍ଥ ପ୍ରଦାନ କରାଯାଇଥିଲା। ଏଥିସହ ଆୟୋଜକ ଉତ୍ତମ ସାହାଣୀ ଓ ସୁଖ୍ୟାତ ନୃତ୍ୟଗୁରୁ ଜଗବନ୍ଧୁ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ସରିତ୍ ମହାପାତ୍ର ଓ ଉପସଭାପତି ମନୋଜ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସଭାଶେଷ ପରେ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କପିଳେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବିରିଡି, ୨୧।୨ (ଡି.ଏନ୍.ଏ.)**

ବିରିଡି ବ୍ଲକ ଅଧୀନ ବୁଢ଼ାପଡ଼ା ପଞ୍ଚାୟତର ନୂଆଢ଼ଣାଠାରେ ଥିବା କପିଳେଶ୍ୱର ମହାଦେବଙ୍କ ପୀଠରେ ଚାଲିଥିବା ଏକାଦଶତମ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଯାଇଛି। କପିଳେଶ୍ୱର ମହାଦେବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଯଜ୍ଞ ଉତ୍ସବ ଅବସରରେ ମଙ୍ଗଳବାର କଳସଯାତ୍ରା, ଘଟସ୍ଥାପନ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡଳାଦିପୂଜା, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ ସହ ଶୁକ୍ରବାର ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଲଉଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।


**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL):
BALIMELA HYDRO ELECTRIC PROJECT:POST: BALIMELA:
OHPC DIST: MALKANGIRI, (ODISHA): PIN: 764 051, Phones: 06861-232581(0) / 232641(R).
FAX - 06861-232541, E mail- <unit.head_balimela@yahoo.com>
**REGD. OFFICE: ODISHA HYDRO POWER CORPORATION LIMITED.**
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR.-22, Tel.: 91-0674-2542983,2542802,25425526, 2542826, Fax: 254102, GRAM: HYDROPWER
E-Mail : ohpc.co@gmail.com / md@ohpcltd.com, Web : www.ohpcltd.com
**NOTICE INVITING TENDER NO:BHEP/T-148/ 59/2019-20 /, DATED.19.02.2020**
No.CAD-993 :- Sealed tenders are invited in two part basis i.e (i)Techno-commercial bid & (ii) Price bid in separate sealed envelopes from the reputed Repairing Units /Manufacturers/ Authorised Dealers for the work "Repairing, metal filling and machining of defective IDV Cowl with new bush fitting" as per the details mentioned below.

| Sl. No. | Description of work | Estimated Cost | Cost of tender paper (Non-refundable) in Rs. | EMD in shape of DD / BC only (Refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of opening of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Repairing, metal filling and machining of defective IDV Cowl with new bush fitting of BHEP, Balimela. | Rs.3,85,000/- | 2360/- (2000/-+ 360 GST@18%) | 1% of Quoted Amount | 25.02.2020 to 11.03.2020 upto 12.00 HRS. | 11.03.2020up to 16.00 HRS. | 11.03.2020 at 16.30 HRS. |

For details of the tender documents, terms & conditions please visit our website **www.ohpcltd.com**
**Sd./- C & P Head, BHEP, Balimela**
OIPR-04019/11/0058/1920


# ଜେଜେମା' ଜେଜେବାପା ସମ୍ମିଳନୀ

**ତିର୍ତ୍ତୋଲ, ୨୧।୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ଛତ୍ରମଠଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜେଜେମା' ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ମନ୍ଦିରର ଉପସଭାପତି ଶୋଭାରାଣୀ ନନ୍ଦ ସଭାପତିତ୍ୱ କରିଥିଲେ। ଏଥିରେ ତିର୍ତ୍ତୋଲ ଖଣ୍ଡ କାର୍ଯ୍ୟକର୍ତ୍ତା ରଞ୍ଜନ କୁମାର ସାମଲ, ସାମାଜିକ କର୍ମୀ ଅମରଜ୍ୟୋତି ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଶୋକ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା' ବିଦିତା ଛାଟୋଇ, କମଳିନୀ ଶତପଥୀ, ସୁପ୍ରଭା ନାୟକ, ଶୁଭଶ୍ରୀ ତ୍ରିପାଠୀ, ଲିପ୍ତିମୟୀ ନାୟକ, ସରୋଜିନୀ ରାଉତ, ଦେବସ୍ମିତା ରାଉତ, ଶିବପ୍ରସାଦ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


**OFFICE OF THE MO SCHOOL ABHIYAN PARICHALANA SANGATHAN**
A-1 BLOCK, 6th FLOOR, TOSHALI BHAWAN, SATYANAGAR, BHUBANESWAR, ODISHA
**QUOTATION CALL NOTICE**
**No.: 448/MSA/2020** **Date: 19.02.2020**
No.: N-104: Sealed quotations are invited from interested Printing Agencies/Firms having valid PAN/GSTIN for printing of 200 Nos. of Coffee table Book for the office of MO School Abhiyan Parichalana Sangathan, A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007 as per the specification mentioned in the tender document. The last date of submission of quotation is 07.03.2020 upto 4 P.M. For more details please visit **www.moschool.in**.
**Sd./- Officer on Special Duty**
**Mo School Abhiyan Parichalana Sangathan**
OIPR - 27045/11/0003/1920



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**EXPRESSION OF INTEREST**
**No. HO/CIV/T&E/E- 4496 /01/2020/ 3928 / Dt.19.02.2020**
**Date:18.02.2020**
No.CAD-998 :- Expression of Interest is invited from Architects for rendering Architectural Planning & Design Services for "Development of Memorial of Utkalamani,Pandit Gopabandhu Das at his Birth place, Suando, Satyabadi,Puri"
The detail EOI notice can be seen in our website **www.idco.in** (in tenders EoI/REP/Others). The bid document can be downloaded from 5.00 PM of 26.02.2020.The last date of submission of the EOI is 13.03.2020 by 3.00 P.M.by Regd. Post or Speed Post /Courier Services only.
**Sd./- Chief General Manager (Civil), IDCO, Bhubaneswar**
OIPR-14003/11/0070/1920



**ODISHA STATE BEVERAGES CORPORATION LIMITED**
**(A Government of Odisha Undertaking)**
**2nd Floor, Fortune Tower, Chandrasekharpur, Bhubaneswar - 751023 (ODISHA)**
**CIN: U51228OR2000SGC006372**
**NOTICE INVITING TENDER FOR HIRING OF GO-DOWN**
No.: CAD-995: Sealed tenders in the prescribed format are invited by the Odisha State Beverages Corporation Ltd., Bhubaneswar from intending owners for leasing out their existing go-down/warehouses situated in and around Bhubaneswar (BMC) and Cuttack (CMC) for storing of alcoholic Beverages of Odisha State Beverages Corporation Ltd. The last date and time for submission of sealed tender is **18.03.2020 by 1.00 P.M.** The details of the tender may please be seen in the official website of the corporation i.e. **https://osbc.co.in**.
**Sd./- General Manager (Admn.)**
OIPR-36003/11/0006/1920


# ଶ୍ରୀମା'ଙ୍କ ୧୪୨ତମ ଜନ୍ମ ଦିବସ

**ତିର୍ତ୍ତୋଲ, ୨୧।୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ମହାନଦୀପଠାସ୍ଥିତ ଅରୋମିରା ଦିବ୍ୟଜ୍ୟୋତି ଆଶ୍ରମ ପରିସରରେ ଶୁକ୍ରବାର ଶ୍ରୀମା'ଙ୍କ ୧୪୨ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଧୂପଦୀପ ପ୍ରଦାନ, ସାମୂହିକ ପ୍ରାର୍ଥନା, ମାତୃସଂଗୀତ ଗାନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଆଶ୍ରମ ଟ୍ରଷ୍ଟର ଟ୍ରଷ୍ଟି ପ୍ରଭୁ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ଜଗତ୍‌ସିଂହପୁର ଜୋନ୍ ପାଠଚକ୍ର ସଂଯୋଜକ ଇଂ. ହେମନ୍ତ କୁମାର ଦାସ, ସତ୍ୟ ଜୋନ୍ ସଂଯୋଜକ ସର୍ବେଶ୍ୱର ମହାପାତ୍ର, ମହାକାଳପଡ଼ା ଜୋନ୍ ସଂଯୋଜକ ଜଗନମୋହନ ସ୍ୱାଇଁ, ମାତୃ ଉପାସକ ପ୍ରଶାନ୍ତ କୁମାର ବଳବନ୍ତରାୟ, ଚିତ୍ତରଞ୍ଜନ ସାମଲ, ମୀରାରାଣୀ ବଳ, ଶୈଳବାଳା ବଳବନ୍ତରାୟ, ଶରତ ଚନ୍ଦ୍ର ନାଥଶର୍ମା, ରାଜେଶ ବଳ ପ୍ରମୁଖ ଉପସ୍ଥିତ ରହି ଶ୍ରୀମା'ଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ।


**POLICE COMMISSIONRATE BHUBANESWAR-CUTTACK**
**ODISHA SPECIAL ARMED POLICE, 7th BATTALION, BHUBANESWAR**
ପ୍ରାପ୍ତେଷୁ,
**ଶ୍ରୀ ଅରୁଲ କୁମାର ନାଏକ (ସିପାହୀ ନଂ. ୯୧୦)**
**ପିତା: ଯୁଗଳ କିଶୋର ନାଏକ**
**ଗ୍ରାମ: କେଶରସିଂ, ପୋ.ଅ.: ଭଗବାନପୁର**
**ଥାନା: ଫତେଗଡ଼, ଜିଲ୍ଲା: ନୟାଗଡ଼**
No.: D-296: ଆପଣ ଓ.ଏସ୍.ଏ.ପି ୭ମ ବାଟାଲିଅନ, ଭୁବନେଶ୍ୱରରେ ସିପାହୀ ଭାବେ କାର୍ଯ୍ୟ କରୁଥିବା ସମୟରେ ତା୩୧।୦୮।୨୦୧୮ରିଖ ଅପରାହ୍ନ ଠାରୁ ତା୧୫।୦୯।୨୦୧୮ରିଖ ଅପରାହ୍ନ ପର୍ଯ୍ୟନ୍ତ ୧୫ଦିନ ଅର୍ଜିତ ଛୁଟିରେ ଥିଲେ। ଆପଣଙ୍କୁ ତା୧୬।୦୯।୨୦୧୮ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେବାର ଥିଲା କିନ୍ତୁ ଯୋଗ ଦେଲେ ନାହିଁ। ଅନଧିକୃତ ଅନୁପସ୍ଥିତି ପାଇଁ ଆପଣଙ୍କ ନାମରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସଂଖ୍ୟା ୨୦/୨୦୧୮ ଚାଲୁ କରାଯାଇଅଛି। ଉକ୍ତ କାର୍ଯ୍ୟାନୁଷ୍ଠାନର ତଦନ୍ତ ସମୟରେ ଆପଣଙ୍କୁ ବାରମ୍ବାର ସମନ ଜାରି କରିବା ସତ୍ତ୍ୱେ ଆପଣ ତଦନ୍ତରେ କୌଣସି ସହଯୋଗ ନ କରିବାରୁ ଏକ ତରଫା ଭାବେ ତଦନ୍ତ କରାଯାଇ ଆପଣଙ୍କୁ ଆପଣଙ୍କ ପରିବାର ମାଧ୍ୟମରେ ଅବଗତ କରାଯାଇଅଛି ; କିନ୍ତୁ ଆପଣ ତା'ର କିଛି ଜବାବ ଦେଲେ ନାହିଁ। ଆପଣଙ୍କର ବର୍ତ୍ତମାନ ଅବସ୍ଥିତି କିଛି ଜଣାପଡୁନାହିଁ କି ଆପଣଙ୍କ ପରିବାର ସଦସ୍ୟ ମଧ୍ୟ ଜଣାଉ ନାହାନ୍ତି।
ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର), ଓ.ଏସ୍.ଏ.ପି ୭ମ ବାଟାଲିଅନ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଆପଣଙ୍କୁ ତଲବ ହୋଇଥିବା ବିଜ୍ଞପନଟିର ସନ୍ତୋଷଜନକ ଉତ୍ତର ଦେବା ହେବେ ନଚେତ୍ ଭବିଷ୍ୟତରେ କୌଣସି ସୁଯୋଗ ଦିଆ ନ ଯାଇ ନିୟମାନୁଯାୟୀ ଆପଣଙ୍କୁ ଚାକିରିରୁ ବହିଷ୍କୃତ କରାଯିବ।
**ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)**
**ଓ.ଏସ୍.ଏ.ପି ୭ମ ବାଟାଲିଅନ, ଭୁବନେଶ୍ୱର**
OIPR - 12015/11/0034/1920



**COLLECTORATE, KORAPUT**
**(District Child Protection Unit)**
**No.: 161(A)/OCPU/2020** **Date: 18.02.2020**
No.: g-80: The District Child Protection Unit, Collectorate, Koraput intends to engage professional staffs on contractual basis for different positions under child protection services, Govt. of Odisha.
Applications are invited from the eligible canddiates in the prescribed application for the following posts initially for engagement for a period of eleven months an may be extended or curtailed fruther by the DCPU depending upon the performance review.
Applications must have the essential qualification along with adequate experience. The candidtes should possess basic computer knowledge, good working knowledge in Odia will be treated as an added quality. Eligible candidates may submit their applications complete in all respect through Speed Post/Registered Post & Courier only addressed to the **District Child Protection Officer, District Child Protection Unit, Saheed Laxman Nayak Bhavan, 1st Floor, Collectorate, Koraput - 764020.** Separate applications in sealed cover has to be submitted for each post quoting the position applied on the top of the envelope. All eligible applicants will be invited for the written test and on the basis of the written test & weightage shot listed applicants will be called for interview.
Submission of application in person will not be entertained. The last date for submission of application is by 5.00 P.M. on Dt.05.03.2020. No online application or other mode of submission will be entertained. Any applications received after due date and same will be rejected.
**DETAILS OF DEDICATED PROFESSIONAL STAFFS TO BE ENGAGED AS FOLLOWS:**

| Sl. No. | Name of the Post | No. of Post | Salary (In Rs.) | Qualification | Experience |
|---|---|---|---|---|---|
| (A) District child Protection Unit, Koraput | | | | | |
| 1 | Accountant | 1 | 14,000/- | Bachelor Degree in commerce with basic knowledge in Computer. | 3 years experience in relevant field. |
| 2. | Data Analyst | 1 | 14,000/- | Graduate in any stream preferably in Statistics / Mathematics / Pure Science /Sociology and knowledge in MS Excel. | 3 years experience in relevant field. |
| 3. | Assistant-cum-Data Entry Operator | 1 | 10,000/- | 1. Graduation in any discipline with PGDCA from a recognised University/ Institution. 2. Candidate having three years graduation degree in Computer Science / Computer application / IT or Master Degrees in Computer Science / Computer application & IT are exempted from the requirement of the PGDCA certificate. 3. Knowledge of Odia and English both written and spoken is essential. | 2 years experience in relevant field. |
| (B) Child Welfare Committee, Koraput | | | | | |
| 1 | Assistant-cum-Data Entry Operator | 1 | 9,000/- | | |

Application format and other details for the positions are available in the website of Koraput district at **www.koraput.nic.in**. The undersigned reserves the right to cancel any or all the applications without assigning any reason thereof.
All the posts are purely temporary, time bound and co-terminus with the duration of the scheme and performance based. Date of examination shall be notified latter on.
**Sd./- Collector, Koraput**
OIPR - 33022/11/0002/1920



**CITY HEALTH SOCIETY**
**NATIONAL URBAN HEALTH MISSION, ROURKELA**
**National Health Mission, Odisha**
**Deptt. of Health & Family Welfare, Govt. of Odisha**
**ADVERTISEMENT FOR EMPANELMENT OF MO I/C & PART-TIME SPECIALIST**
**Adv No. 657** **Date: 19.02.20**
No.: E-756: Applications are invited from eligible candidates for filling up the following posts under Urban Primary Health Centres, National Urban Health Mission, City Health Society, Rourkela on contractual & part time basis with remuneration as noted against each post and subject to renewal as per OSH & FW society terms and conditions.

| Sl. No. | Name of the Post | No. of Vacancy | Remuneration |
|---|---|---|---|
| 1 | Medicine Officer I/C | 03 | Base - 50,400/- + P.I. as per the society norm |
| 2 | Medical Specialist | 03 | Rs.1500/- Session × 1 day/ week |
| 3 | O & G Specialist | 03 | Rs.3000/Day (2 Sessions) × 1 day/week |
| 4 | Paediatric Specialist | 03 | Rs.3000/Day (2 Sessions) × 1 day/week |
| 5 | Nutritionist | 02 | Rs.1000/Day (2 Sessions) × 3 days/week |
| 6 | ENT | 05 | 3000/Day (1st & 2nd Session) × 1 day/week |
| 7 | Skin & VD | 05 | |
| 8 | Ophthalmic assistant | 05 | 850/day × 1 day/week |

Interested candidates can log on to **www.sundergarh.nic.in** for details of vacancy, eligibility criteria, age, application form etc. The last date of receiving of the applications for the above said post is 06.03.2020. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.
**Sd./- Additional District Urban Public Health Officer, NUHM, Rourkela**
OIPR-10144/11/0006/1920

# ଅନୁପଙ୍କୁ ରାତି ଅଧିଆ ମାରାଥନ ଜେରା

ଝାରସୁଗୁଡ଼ା, ୨୧।୨ (ଡି.ଏନ.ଏ.)

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲି ହତ୍ୟା ଘଟଣାରେ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଛତିଶଗଡ ପୋଲିସ ମାରାଥନ ଜେରା କରୁଛି। ଶନିବାର ସନ୍ଧ୍ୟାରେ ଅନୁପଙ୍କ ରିମାଣ୍ଡ ଅବଧି ଶେଷ ହେଉଥିବାରୁ ପୋଲିସ ତାଙ୍କ ନିକଟରୁ ବିଭିନ୍ନ ତଥ୍ୟ ସଂଗ୍ରହ ପାଇଁ ଜୋରସୋର ଉଦ୍ୟମ ଜାରି ରଖିଛି । ତେବେ ପୂର୍ବରୁ ଅ'ନୁପ ପୋଲିସ ନିକଟରେ ନିଜ ଦୋଷ ସ୍ୱୀକାର କରିଥିବା ବେଳେ ଏବେ କିନ୍ତୁ ସେ କିଛି ତଥ୍ୟ ଦେଉ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କୁ ଜେରା କରାଯାଇଥିଲା । ଶୁକ୍ରବାର ଭୋରୁ ତାଙ୍କୁ ନିଦରୁ ଉଠାଇ ପୁଣି ପୋଲିସ ଜେରା କରିଛି। ହେଲେ ଅନୁପ ଅଧିକାଂଶ ସମୟରେ ନିଜ ସ୍ୱାସ୍ଥ୍ୟ ଠିକ୍ ନ ଥିବା ଦର୍ଶାଇ ଚୁପ୍ ରହୁଛନ୍ତି। ତାଙ୍କ ସମ୍ପର୍କୀୟ ଓ ପରିବାରବର୍ଗ ରାୟଗଡରେ ଡେରା ପକାଇଥିବାରୁ ତାଙ୍କୁ ଘର ଖାଦ୍ୟ ଆଣି ଦେବାକୁ ଅନୁପ ପୋଲିସକୁ ବାରମ୍ବାର କହୁଛନ୍ତି । ହେଲେ ପୋଲିସ ହୋଟେଲରୁ ଖାଦ୍ୟ ମଗାଇ ଅନୁପଙ୍କୁ ଦେଉଛି। ଅନୁପ ଅଳ୍ପ ଖାଇ ଶୋଉଛନ୍ତି। ଶନିବାର ପୋଲିସ ଅନୁପଙ୍କୁ ହତ୍ୟାକାଣ୍ଡସ୍ଥଳ ଛତିଶଗଡ଼ର ରାୟଗଡ ଜିଲା ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲକୁ ନେଇ ଲାଇଭ ଡେମୋ କରାଇବାକୁ ଯୋଜନା କରିଛି। ଅନ୍ୟପକ୍ଷେ ଅନୁପଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ପୁଣି ରିମାଣ୍ଡରେ ଆଣିବାକୁ ପୋଲିସ କୋର୍ଟରେ ଆବେଦନ କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ଅନୁପଙ୍କୁ ୩ ଦିନ ଓ ବର୍ଦ୍ଧନଙ୍କୁ ଗୋଟିଏ ଦିନ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ଦେଇଥିଲେ । ଏହି ଡବଲ ମର୍ଡରକୁ କୋର୍ଟରେ ପ୍ରମାଣିତ କରିବାକୁ ପୋଲିସ ଦିନ ରାତି ଏକ କରି ଦେଉଛି।

**କଳ୍ପନା ଦାଶ ଓ ବବ୍‌ଲି ହତ୍ୟାକାଣ୍ଡ ଘଟଣା**

- ଆଜି ଘଟଣାସ୍ଥଳରେ ଲାଇଭ୍ ଡେମୋ ଦେଖାଇବେ ଅନୁପ
- ସ୍ୱାସ୍ଥ୍ୟ ଠିକ୍ ନ ଥିବା କହି ଘର ଖାଦ୍ୟ ମାଗୁଛନ୍ତି
- ରାୟଗଡ଼ରେ ଡେରା ପକାଇଛନ୍ତି ପରିବାର ଲୋକେ



ଅନୁପ ସାଏ

# ରାଜନୈତିକ ରୂପ ଦେଉଛି କଂଗ୍ରେସ: ବିଧାୟକ

**କଟକ ଅଫିସ,୨୧।୨:** ବାଙ୍କୀ ଡବଲ ମର୍ଡର ଘଟଣାକୁ ନେଇ କଟକ ଜିଲାର ରାଜନୈତିକ ମାହୋଲ ଦିନକୁ ଦିନ ସରଗରମ ହେଉଛି। ଏହି ଘଟଣାକୁ କେନ୍ଦ୍ର କରି ବିଜେଡି ଓ କଂଗ୍ରେସ ଦଳର ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି। ବାଙ୍କୀ ବ୍ଲକ ଅନ୍ତର୍ଗତ କିଆପଲା ଜୋକଲାଣ୍ଡି ଜଳସେଚନ ପ୍ରକଳ୍ପ ନିକଟରେ ଘଟିଥିବା ଡବଲ ମର୍ଡର ଘଟଣା ପଛରେ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଥିବାବେଳେ ଏବେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ସେ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହାର କଡା ଜବାବ ଦେଇଛନ୍ତି। ଦେବୀ ରଞ୍ଜନଙ୍କ କହିବା ଅନୁଯାୟୀ, ବ୍ୟକ୍ତିଗତ ଆକ୍ରୋଶରୁ ଏହି ହତ୍ୟାକାଣ୍ଡ ଘଟିଲା। ଘଟଣାର ତଦନ୍ତ ଠିକ୍ ଭାବେ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ। ବିଜେଡି ପକ୍ଷରୁ ଏ ଦିଗରେ କୌଣସି ଦ୍ୱିଧା ନାହିଁ। ଗତ ନିର୍ବାଚନର ଆକ୍ରୋଶ ରଖି କଂଗ୍ରେସ ଏବେ ଉକ୍ତ ହତ୍ୟାକାଣ୍ଡକୁ ଜୋର ଜବରଦସ୍ତ ରାଜନୈତିକ ରୂପ ଦେଉଛି ବୋଲି ବିଧାୟକ ତ୍ରିପାଠୀ କହିଛନ୍ତି। ବାଙ୍କୀ ବିଜୁ ଜନତା ଦଳର ନଗର ସଭାପତି ତଥା ଆଇନଜୀବୀ ହରେକୃଷ୍ଣ ଦାସ, ବାଙ୍କୀ ବ୍ଲକ ସଭାପତି ଅନନ୍ତ ଦାସ, ଡମପଡା ବ୍ଲକ ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ବାଙ୍କୀ ବିଜୁ ଯୁବ ଜନତା ଦଳ ସଭାପତି ସନ୍ତୋଷ ରଣା, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା ମଧ୍ୟ ଏ ନେଇ ଏକ ପ୍ରେସ୍ ବିବୃତି ଜାରି କରିବା ସହ କଂଗ୍ରେସର ଆକ୍ଷେପକୁ ମିଥ୍ୟା ବୋଲି କହିଛନ୍ତି। ସୂଚନାଥାଉ କି, କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉକ୍ତ ଡବଲ ମର୍ଡର ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ। ଏଥିରେ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହିଂସାର ଡାକରା ଦେଇଥିବାବେଳେ ତାଙ୍କ ଦଳର ନେତାମାନେ ଏପରି କରୁଛନ୍ତି ବୋଲି ନିରଞ୍ଜନ କହିଥିଲେ।

**ବାଙ୍କୀ ଡବଲ ମର୍ଡର ଘଟଣା**

## ସଂକ୍ଷେପରେ

### ବରମୁଣ୍ଡା ପଡ଼ିଆଠାରେ ହେବ ଶାହାଙ୍କ ସଭା

**ଭୁବନେଶ୍ୱର,୨୧।୨(ବ୍ୟୁରୋ):** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ରେ ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଲୋକସେବା ଭବନଠାରେ ଆୟୋଜିତ ହେବାକୁ ଥିବା ପୂର୍ବାଞ୍ଚଳ ରାଜ୍ୟ ମିଟ୍ କାର୍ଯ୍ୟକ୍ରମରେ ଶାହା ଯୋଗଦେବେ। ଏହି ଅବସରରେ ଭାଜପା ପକ୍ଷରୁ ନାଗରିକତା ସଂଶୋଧନ ଆଇନ(ସିଏଏ) ସପକ୍ଷରେ ଏକ ରାଲି ଓ ଜନସଭା ଆୟୋଜନ କରାଯିବ। ଶାହାଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଭାଜପା ପୂରା ଦମ୍‌ରେ ଲାଗିପଡିଛି। ବରମୁଣ୍ଡା ପଡିଆଠାରେ ଏହି ରାଲି ଓ ଜନସଭା କରିବା ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲକ୍ଷାଧିକ କାର୍ଯ୍ୟକର୍ତ୍ତା ଯୋଗଦେବାକୁ ଥିବାବେଳେ ଶାହା ୨ଟା ୨୦ମିନିଟ୍‌ରେ ସଭାରେ ପହଞ୍ଚିବାକୁ ସମୟ ଦେଇଥିବା ଦଳ ପକ୍ଷରୁ ଜଣାପଡିଛି। ଅନ୍ୟପଟେ ୨୯ରେ ଶାହା ଶ୍ରୀମନ୍ଦିର ଯାଇ ଜଗନ୍ନାଥଙ୍କ ଦର୍ଶନ କରିବେ। ଏହି ଅବସରରେ ପୁରୀରେ ମଧ ବିକାଶ ରାଲି କରିବା ପାଇଁ ଦଳ ପକ୍ଷରୁ ଏକ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ଶନିବାର ଏକ ଚୂଡାନ୍ତ ବୈଠକ ବସିବ ବୋଲି ଜଣାପଡିଛି।

### ଓକିଲଙ୍କ କ୍ରମାଗତ ଧର୍ମଘଟକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ,୨୧।୨(ପି.ଟି.):** ପାକିସ୍ତାନ ସ୍କୁଲ୍‌ରେ ବୋମା ଫୁଟିବା, ନେପାଳରେ ଭୂମିକମ୍ପ ହେବା ଭଳି କାରଣକୁ ନେଇ ଓକିଲମାନେ ବାରମ୍ବାର ଧର୍ମଘଟ କରୁଥିବାରୁ ସୁପ୍ରିମକୋର୍ଟ ଏଥିରେ କ୍ଷୁବ୍ଧ ହୋଇଛନ୍ତି। ଏଭଳି ଜୋକ୍ ବନ୍ଦ କରିବାକୁ ସର୍ବୋଚ୍ଚ ଅଦାଲତ ସେମାନଙ୍କୁ ତାଗିଦ କରିଛନ୍ତି। ଉତ୍ତରାଖଣ୍ଡର ୩ଟି ଜିଲାରେ ଗତ ୩୫ ବର୍ଷ ହେଲା ସବୁ କାର୍ଯ୍ୟଦିବସ ଶନିବାର ଆଇନଜୀବୀମାନେ ଧର୍ମଘଟ ଚଳାଇଥିବାରୁ ଏହା ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଡେରାଡୁନ୍ ସମେତ ହରିଦ୍ୱାର ଓ ଉଧାମସିଂ ନଗରର କେତେକ ଅଞ୍ଚଳରେ ଆଇନଜୀବୀମାନେ ପ୍ରତି କାର୍ଯ୍ୟଦିବସ ଶନିବାର କୋର୍ଟ ବର୍ଜନ କରି ଧର୍ମଘଟ କରୁଥିବାରୁ ଉତ୍ତରାଖଣ୍ଡ ହାଇକୋର୍ଟ ଏହାକୁ ବେଆଇନ ଦର୍ଶାଇଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ଏକ ପିଟିସନର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ମତ ଦେଇଛନ୍ତି। ଓକିଲ ଧର୍ମଘଟ ଯୋଗୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ବହୁସଂଖ୍ୟାରେ ମାମଲା ବିଚାର ହୋଇ ନ ପାରି ପଡ଼ିରହୁଛି। ମୂଲ୍ୟବାନ କାର୍ଯ୍ୟଦିବସ ନଷ୍ଟ ହେଉଛି। ହାଇକୋର୍ଟ ଏ ସମ୍ପର୍କରେ ଲ କମିଶନଙ୍କୁ ଜଣାଇଥିଲେ। ସେତେବେଳକୁ ଡେରାଡୁନ୍‌ରେ ଓକିଲଙ୍କ ଧର୍ମଘଟ ୪୫୫ ଦିନ ହୋଇଥିବାବେଳେ ହରିଦ୍ୱାର ଜିଲାରେ ୫୧୫ ଦିନ ହୋଇଥିଲା,ଯାହା ପଛରେ କୌଣସି ଯଥାର୍ଥ କାରଣ ନ ଥିଲା। ଏହାର ଶୁଣାଣି କରି ଜଷ୍ଟିସ୍ ଅରୁଣ ମିଶ୍ର ଓ ଏମ୍.ଆର୍. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବିସ୍ଫୋରଣ, ଭୂକମ୍ପ, ବର୍ଷା ଭଳି ଘଟଣା ଦେଶର ସବୁଆଡେ ଘଟୁଛି। ଏହାକୁ ନେଇ ପ୍ରତି ଶନିବାର ଧର୍ମଘଟ ଚଳାଇବାକୁ ବାର୍ ଆସୋସିଏଶନ କିପରି କହିପାରିବ ବୋଲି ଖଣ୍ଡପୀଠ କହିଛନ୍ତି। ଏଭଳି କାର୍ଯ୍ୟକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

# ମାଷ୍ଟରମାଇଣ୍ଡ ଜେଲ୍ ୱାର୍ଡର

ଢେଙ୍କାନାଳ ଅଫିସ, ୨୧।୨

ଢେଙ୍କାନାଳ ସହର ଦୋଳମଣ୍ଡପ ସାହିରେ ଗତ ବୁଧବାର ସନ୍ଧ୍ୟାରେ ସଂଘଟିତ ବହୁଚର୍ଚ୍ଚିତ ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ୍ ମିଛୁ (୪୭) ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏପରି ଜଘନ୍ୟ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ୍ ଜିଲା କାରାଗାରରେ କାର୍ଯ୍ୟରତ ୱାର୍ଡର ବୈରାଗୀ ବାରିକ ବୋଲି ପୋଲିସ କହିଛି। ତାଙ୍କ ଘର ସଦର ଥାନା ଦୁଦୁକାଟେଣୀ ଗ୍ରାମରେ। ସାମାନ୍ୟ ବଚସାରୁ ମାର୍‌ପିଟ୍। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଜନଗହଳିପୂର୍ଣ୍ଣ ସ୍ଥାନରେ ମିଛୁଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଥିଲା। ଶୁକ୍ରବାର ଅପରାହ୍ନ ୪ଟାରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ଦେଇଛନ୍ତି ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା। ବୈରାଗୀଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ୩ଜଣ ଗିରଫ ହୋଇଛନ୍ତି। ଏଥିପୂର୍ବରୁ ଗତ ଗୁରୁବାର ହତ୍ୟାକାଣ୍ଡରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଦୋଳମଣ୍ଡପ ସାହି ଅଞ୍ଚଳର ବାବାଜୀ ଷଣ୍ଢ (୩୪) ଓ କାଳିଆ ମାଟି (୨୯)ଙ୍କୁ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳରୁ ଗିରଫ କରାଯାଇଥିଲା।

ପୂର୍ଣ୍ଣଚନ୍ଦ୍ରଙ୍କୁ ଏପରି ନିର୍ମମ ଭାବେ ହତ୍ୟା କରାଯିବାର କାରଣ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ଏସ୍‌ପି କହିଛନ୍ତି ଯେ, ବାବାଜୀ ଏବଂ କାଳିଆ ପେସାଦାର ଅପରାଧୀ। ବହୁ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଅଭିଯୋଗରେ ଉଭୟେ ଗିରଫ ହୋଇ ଜେଲରେ ଥିଲେ। ସେଠାରେ ୱାର୍ଡର ବୈରାଗୀ ସେମାନଙ୍କୁ ବେଆଇନ ଭାବେ ପାନ, ଗୁଟଖା, ନିଶାଦ୍ରବ୍ୟ ଯୋଗାଉଥିଲେ। ଏଥିସହ ମୋବାଇଲ ଫୋନ୍‌ରେ କଥା ହେବାକୁ ମଧ ସୁଯୋଗ ଦେଉଥିଲେ। ବାବାଜୀ ଏବଂ କାଳିଆ ଜାମିନରେ ଆସିବା ପରେ ବୈରାଗୀଙ୍କ ସହ ସେମାନଙ୍କ ଘନିଷ୍ଠତା ଆହୁରି ବଢ଼ିଥିଲା। ସେମାନେ ମିଳିମିଶି ବିଭିନ୍ନ ସମୟରେ ଭୋଜିଭାତର ଆସର କରୁଥିଲେ। ବୁଧବାର ସକାଳେ ବୈରାଗୀ, କାଳିଆ, ବାବାଜୀ ଏବଂ ପୂର୍ଣ୍ଣଚନ୍ଦ୍ର ଏକାଠି ଭୋଜି କରୁଥିଲେ। କୌଣସି କାରଣକୁ କେନ୍ଦ୍ର କରି ସେଠାରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ଉତ୍ତ୍ୟକ୍ତ ହୋଇ ବୈରାଗୀଙ୍କୁ ପ୍ରବଳ ପିଟିଥିଲେ। ଏହା ବୈରାଗୀଙ୍କ ମନରେ ପ୍ରତିହିଂସା ମନୋଭାବ ସୃଷ୍ଟି କରିଥିଲା। ଏହାର ପ୍ରତିଶୋଧ ନେବାକୁ ସେ କାଳିଆ ଏବଂ ବାବାଜୀଙ୍କୁ ମତାଇଥିଲେ। ସନ୍ଧ୍ୟାରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଏକାକୀ ପାଇ କାଳିଆ ଏବଂ ବାବାଜୀ କଟୁରିରେ ଗୋଡାଇ ଗୋଡ଼ାଇ ହାଣି ହତ୍ୟା କରିଥିଲେ।

**ମିଛୁ ହତ୍ୟାକାଣ୍ଡର ପର୍ଦ୍ଦାଫାଶ**

## ବଣ୍ଡାଘାଟିରେ ମାଓବାଦୀଙ୍କ ପ୍ରଜାମେଳି

**ମାଲକାନଗିରି, ୨୧।୨ (ସ୍ୱ.ପ୍ର.):** ମାଲକାନଗିରି ଜିଲା ବଣ୍ଡାଘାଟିରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ କିଛିଦିନ ତଳେ ଗୁଳିବିନିମୟ ଘଟିଥିଲା। ପୋଲିସକୁ ମୁକାବିଲା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ମାଓବାଦୀଙ୍କ କ୍ୟାମ୍ପରୁ ପୋଲିସ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରଥିଲା। ଏହି ଘଟଣା ପରେ ମାଓବାଦୀମାନେ ପୋଲିସକୁ ମୁକାବିଲା କରିବା ପାଇଁ ଦୁର୍ଗମ ବଣ୍ଡାଘାଟିରେ ପ୍ରଜାମେଳି କରିଛନ୍ତି। ସରଳ ଆଦିମ ବଣ୍ଡା ସମ୍ପ୍ରଦାୟର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ସଙ୍ଗଠନରେ ସାମିଲ ହେବା ପାଇଁ ପ୍ରବର୍ତ୍ତାଉଥିବା ଜଣାପଡିଛି । ଏକଦା ମାଓବାଦୀଙ୍କ ଗଡ ରପେ ପରିଚିତ ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ଗୁରୁପ୍ରିୟା ସେତୁ ହେବା ପରେ ବିଭିନ୍ନ ସ୍ଥାନରେ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା ସହିତ ସ୍ୱାଭିମାନ ଅଞ୍ଚଳର ବିକାଶ କାର୍ଯ୍ୟ ଚାଲିଛି।

# ଲାଞ୍ଚ ମାଗି କାର୍ଯ୍ୟନିବୃତ୍ତ ହେଲେ ଜିଆର୍‌ଏସ୍

ଭୁବନେଶ୍ୱର,୨୧।୨(ବ୍ୟୁରୋ)

- ମୋ ସରକାର ଛାଟ

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାଡ ଗ୍ରାମ ପଞ୍ଚାୟତର ଜଣେ ହିତାଧିକାରୀଙ୍କଠାରୁ ଅନିୟମିତତା ସମ୍ପର୍କରେ ମୋ ସରକାର କାର୍ଯ୍ୟକ୍ରମ ଦ୍ୱାରା ସୂଚନା ମିଳିଥିଲା। ହିତାଧିକାରୀଙ୍କ ଘର ଫଟୋ ଉଠାଣ ସହ ବିଲ୍ ପୈଠ କରିବା ପାଇଁ ଟଙ୍କା ମଗାଯାଇଥିଲା। ଏହି ଅଭିଯୋଗର ସତ୍ୟତା ପରଖିବା ପାଇଁ ଜିଲାପାଳ ୧୦ରୁ ୧୫ ହିତାଧିକାରୀଙ୍କୁ ଫୋନ୍ କରି ପ୍ରତିକ୍ରିୟା ସଂଗ୍ରହ କରିଥିଲେ। ଏହା ପରେ ଅଭିଯୋଗର ସତ୍ୟତା ସମ୍ପର୍କରେ ଜଣାପଡିଥିଲା। ଫଟୋ ଉଠାଣ କାର୍ଯ୍ୟରେ ନିୟୋଜିତ ଥିବା ଜିଆରଏସ୍ ଲାଞ୍ଚ ନେଇଥିବା ସ୍ପଷ୍ଟ ହୋଇଥିଲା। ଏହା ପରେ ସମ୍ପୃକ୍ତ ଜିଆରଏସ୍ ସବିତା ପୃଷ୍ଟିଙ୍କୁ କାର୍ଯ୍ୟ ନିବୃତ୍ତ କରାଯାଇଛି। ଅନୁରୂପଭାବେ ପିଇଓ ସୁଶାନ୍ତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଦୀନେଶ କୁମାର ଅଡାଙ୍କୁ ସେହି ସ୍ଥାନରୁ ବାହାର କରାଯାଇଛି। ଏଥିସହିତ ସୁଶାନ୍ତଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। ହିତାଧିକାରୀଙ୍କ ପାଇଁ ଯେତିକି ପୁରସ୍କାର ରାଶି(ଇନ୍‌ସେନ୍‌ଟିଭ୍ସ) ଥିଲା, ସେତକ ମଧ ସେମାନଙ୍କୁ ପୂର୍ଣ୍ଣ ମାତ୍ରରେ ପ୍ରଦାନ କରାଯାଇଛି। ସେହିପରି ପଶ୍ଚିମବାଡ ଗ୍ରାମ ପଞ୍ଚାୟତର ସମସ୍ତ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

# ମାତ୍ର ୯ କି.ମି. ହେବ ଟ୍ରମ୍ପଙ୍କ ରୋଡ୍ ଶୋ

ଅହମଦାବାଦ, ୨୧।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ଗୁଜରାଟର ଅହମଦାବାଦରେ ୨୨ କି.ମି. ନୁହେଁ ମାତ୍ର ୯ କି.ମି. ରୋଡ୍ ଶୋ ହେବ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଟ୍ରମ୍ପ ଅହମଦାବାଦ ବିମାନବନ୍ଦରଠାରୁ କୋଟେଶ୍ୱର ଦେଇ ମୋଟେରା ଅଭିମୁଖେ ଯିବେ। ଟ୍ରମ୍ପଙ୍କ ଗାନ୍ଧୀ ଆଶ୍ରମ ଦର୍ଶନ ବାତିଲ ହେବା ପରେ ରୋଡ୍ ଶୋ'କୁ କମାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ରୋଡ୍ ଶୋ'ରେ ପାଖାପାଖି ଲକ୍ଷେ ଲୋକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଟ୍ରମ୍ପ ନବନିର୍ମିତ ବିଶ୍ୱର ସର୍ବବୃହତ ମୋଟେରା ଷ୍ଟାଡିୟମ୍‌କୁ ଉଦ୍‌ଘାଟନ କରିବେ। ଫେବୃୟାରୀ ୨୪ ଓ ୨୫ରେ ଟ୍ରମ୍ପ ଅହମଦାବାଦ, ଆଗ୍ରା, ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଟ୍ରମ୍ପଙ୍କ ସହ ଆମେରିକା ଅର୍ଥ ସଚିବ ଷ୍ଟିଭେନ୍ ମୁଚିନ୍, ବାଣିଜ୍ୟ ସଚିବ ୱିଲ୍‌ବର ରସ୍ ପ୍ରମୁଖ ଆସିବେ। ଭାରତ ସହ ବାଣିଜ୍ୟିକ ଚୁକ୍ତି ହେବାର ସମ୍ଭାବନା ରହିଛି। ଗତ ୮ ମାସ ମଧ୍ୟରେ ମୋଦି ଓ ଟ୍ରମ୍ପଙ୍କ ଏହା ପଞ୍ଚମ ସାକ୍ଷାତ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି ସହ ବାଣିଜ୍ୟ, ପ୍ରତିରକ୍ଷା ଚୁକ୍ତି ସହ ଆତଙ୍କବାଦ ଉପରେ ଆଲୋଚନା କରାଯିବାର ସମ୍ଭାବନା ରହିଛି।

- 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଯୋଗଦେବେ ଲକ୍ଷେ
- ଗାନ୍ଧୀ ଆଶ୍ରମ ଦର୍ଶନ ବାତିଲ ହେଲା

# ସୁନ୍ଦରୀ ବେକରୁ ଖୋଲାଗଲା ରେଡିଓ କଲାର

ବନ୍ତଲା, ୨୧।୨ (ଡି.ଏନ.ଏ.)



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ବନ୍ତଲା ଥାନା ରାଇଗୁଡା ରେଞ୍ଜ ଏନ୍‌କ୍ଲୋଜରରେ ଥିବା ବାଘୁଣୀ ସୁନ୍ଦରୀ ବେକରୁ ଶୁକ୍ରବାର ରେଡିଓ କଲାର ଖୋଲାଯାଇଛି। ଓଜନ ବୃଦ୍ଧି କାରଣରୁ ସୁନ୍ଦରୀର ବେକ ମୋଟା ହୋଇଯାଇଥିଲା। ଫଳରେ ରେଡିଓ କଲାର ଚାପି ହୋଇ ସମସ୍ୟା ସୃଷ୍ଟି କରୁଥିଲା। ତେଣୁ ଟ୍ରାଙ୍କୁଲାଇଜ କରାଯିବା ପରେ ରେଡିଓ କଲାରଟିକୁ ବାହାର କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବାପେକ୍ଷା ସୁନ୍ଦରୀ ଅଧିକ ହୃଷ୍ଟପୁଷ୍ଟ ହୋଇଯାଇଛି। ବାଘୁଣୀର ବେକ ସଂଲଗ୍ନ ଅଂଶ ମୋଟା ହୋଇଯାଇଛି। ତେଣୁ ବନ୍ଧା ଯାଇଥିବା ରେଡିଓ କଲାର ତାହାର ଚାଲିଚଳନ ଉପରେ ପ୍ରଭାବ ପକାଉଥିଲା। ତେଣୁ ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରିବା ଆବଶ୍ୟକ ହୋଇପଡ଼ିଥିଲା। ଏଥି ଲାଗି ସାତକୋଶିଆ ଏବଂ ଶିମିଳିପାଳର ପ୍ରାଣୀ ଡାକ୍ତର, ବିଶେଷଜ୍ଞଙ୍କୁ ନେଇ ୧୦ଜଣିଆ ଟିମ ଗଠନ କରାଯାଇଥିଲା। ଟ୍ରାଙ୍କୁଲାଇଜ୍ ପରେ ସୁନ୍ଦରୀର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି। ଏଥିସହ ମୁହଁଠାରୁ ଲାଞ୍ଜ, ଗୋଲେଇ, ବେକଗୋଲେଇ, ଉଚ୍ଚତା, ଗୋଡ଼ର ଉଚ୍ଚତା ମପାଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ, ସାତକୋଶିଆ ଡିଏଫଓ ରାମସ୍ୱାମୀ ପି, ପ୍ରାଣୀ ଚିକିତ୍ସକ କିଶୋର ସାହୁ, ଏସିଏଫ ସରୋଜ କୁମାର ପଣ୍ଡା, ରାଇଗୁଡା ରେଞ୍ଜ ଅଧିକାରୀ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟର ପ୍ରାଣୀ ବିଶେଷଜ୍ଞ ରୁଦ୍ର ନାରାୟଣ ପ୍ରଧାନ ପ୍ରମୁଖ ଟ୍ରାଙ୍କୁଲାଇଜ୍ ବେଳେ ଉପସ୍ଥିତ ଥିଲେ। ପୂର୍ବାହ୍ନ ସାଢେ ୧୦ଟାରୁ ଆରମ୍ଭ ହୋଇଥିବା ଏହି ଟ୍ରାଙ୍କୁଲାଇଜ୍ ପ୍ରକ୍ରିୟା ଅପରାହ୍ନ ୨ଟା ଯାଏ ଚାଲିଥିଲା। ବାଘୁଣୀ ସମ୍ପୂର୍ଣ୍ଣ ନିସ୍ତେଜ ହେବାକୁ ୩୦ରୁ ୪୦ ମିନିଟ ଲାଗିଥିଲା। ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ପୁଣି ଚେତା ଫେରାଇ ଆଣିବାକୁ ଇଞ୍ଜେକ୍ସନ ଦିଆଯାଇଥିଲା। ସମସ୍ତ କାର୍ଯ୍ୟ ସୁରକ୍ଷିତ ଭାବେ ଶେଷ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ଏ ନେଇ ସାତକୋଶିଆ ଡିଏଫଓ କୁହନ୍ତି ଟ୍ରାଙ୍କୁଲାଇଜ କରାଯାଇ ସୁନ୍ଦରୀ ବେକରୁ ରେଡ଼ିଓ କଲାର ଖୋଲାଯାଇଛି। ହେଲେ ଆଉ କୌଣସି ରେଡିଓ କଲାର ଲଗାଯାଇନାହିଁ। ଶନିବାର ପ୍ରେସ ମିଟ୍ କରାଯାଇ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

- ବେକରେ ଚାପିହୋଇ ରହିଥିଲା
- ଟ୍ରାଙ୍କୁଲାଇଜ ପରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ
- ଗଠନ ହୋଇଥିଲା ୧୦ଜଣିଆ ଟିମ୍


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Z ASSOCIATES REQUIRED
G.M., B.M., Executive Marketing with experience and salary 25,000 + incentives.
Walk-in-Interview
Plot No.N-1-39, IRC Village, Near Gastroclinic Hospital
Ph- 7978499407
8480697808

WANTED
1. DISTRICT MANAGER
2. BLOCK CO-ORDINATOR
Qualification - 10th to +3 Graduate
Salary - 10, 000 to 35,000.
Address - S.5 . 539 Line-1
Niladree Bihar, BBSR.
ALL ORISSA FIELD WORK
Contact No.-
9337586190, 9090602052

WANTED
LADY OFFICE ASSISTANT
Room, Breakfast
ଖାଇବା Free
Salary 7500/-
7809525452

WANTED ରାୟଗଡ଼ା, ମୟୂରଭଞ୍ଜ, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲା ପାଇଁ ୨ ବର୍ଷ ଅଭିଜ୍ଞତା ଥିବା ୫ଜଣ Field Supervisor ଆବଶ୍ୟକ।
ସାକ୍ଷାତ୍‌କାର-୨୪।୦୨।୨୦
MAHABIR BOREWELL & EQUIPMENTS
Ganesh Mandap Chhaka, Jharpada, BBSR, 9861471015, 9937341444

ସାଉଥ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଳ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

ଆବଶ୍ୟକ
ଲଣ୍ଡ୍ରି କମ୍ପାନୀ ନିମନ୍ତେ
1) Washing କାରିଗର, 2) Iron କାରିଗର, 3) ହେଲ୍‌ପର (ପୁରୁଷ/ମହିଳା), 4) ଟାଟା ମ୍ୟାଜିକ୍ ଡ୍ରାଇଭର, 5) ରୋଷେୟା
9078000108, 7609893102

PARADIP PORT TRUST
SAGARMALA
PARADIP PORT - 754 142, ODISHA(INDIA)
(An autonomous body under Ministry of Shipping, Govt. of India)
No. AD/RSC-1-21-66/2011/617 Dt.17 Feb, 2020
Walk-In-Interview
Applications are invited from Indian Nationals for filling up following two Medical Officers on Contractual basis in the Paradip Port Trust.
For further details,refer to our website www.paradipport.gov.in.
Last date is 24.02.2020,10.00 hours.
Sr.Dy.Secretary
for Secretary
PPT/ PR/675/19-20,Dt.18/02/2020

REQUIRED
Parts Manager / Executive, Warranty Manager/ Executive, Sales consultant, Telecaller, MIS Executive, Technicians, Bodyshop Advisors, Driver & Peon.
Contact : 0674-6668822 / 6667709
mail: admin@capitalford.net & edp.bhubaneswar@renault-india.com / cc - siddharth9909@gmail.com

mtG
India's fastest growing educational publishers requires for ODISHA
Sales Executive
Sr. Sales Executive
Area Sales Manager
Graduates/Post Graduate/MBA with 3 to 8 years of experience in School books/Institutional sales.
Attractive Salary + incentives (as per industry standards)
e-mail resume at:
hr@mtg.in
Plot No. 99, Sector 44, Institutional Area, Gurgaon

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ରୋଷେୟା ଆବଶ୍ୟକ
ଭୁବନେଶ୍ୱରରେ ଘରେ ରୋଷେଇ କରିବା ପାଇଁ ରୋଷେୟା ଆବଶ୍ୟକ।
ମାସିକ ଦରମା ୯୦୦୦/- + ଖାଇବା
Ph : 6370950484
(Call Timing : 12.00-6.00 ମଧ୍ୟରେ)

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୩୦୦୦/-
Ph : 7894458651
(Call Timing : 12.00-6.00 ମଧ୍ୟରେ)

TSG GURUKUL
Affiliated to CBSE, New Delhi
APPOINTMENT
For NIMAPARA BRANCH
1. **Principal :** Must be from Science background with a minimum of 5 years experience in CBSE School.
2. **Senior Lecturers :** In Physics/**Chemistry/**Math./ **English/ Biology**/Computer Sc./Commerce. (For +2 / +3 Sci. & Com.)
3. **PGT** (Physics, Chemistry, Math. / Biology / Accountancy / B. Studies /Economics/English) : Post Graduate with B.Ed., CBSE experience preferable.
4. **TGT** (Physics, Chemistry,Math./Biology/SST/English): Graduate with B.Ed., CBSE experience preferable.
5. **PRT**(Math., Science, English, Hindi) : Graduate with B.Ed., CBSE experience preferable.
6. **Pre-Primary Teacher** : NTT(Preferably Non-Odia)
7. **PET**(Gents) : B.P.Ed. with 2 year experience in CBSE School.
8. **Hostel :** Hostel Superintendent, Warden, Caretaker (Male/Female).
9. **Office :** Office Assistant, Peon, Gardener, Plumber, Electrician.
10. **Student Counsellor / Marketing person**

***Salary will not be a constraint for the right candidates. Apply with Bio-data, Passport Photograph & Xerox copy of all academic certificates by post or e.mail within 7days of this publication.***

For Details Contact :
School to Career
Jayashree Chhak, Main Road, Nimapara, Puri
Head Office : 444, Gothapatna, Malipada, BBSR
Mobile : 8384022810 / 9599744823
E.mail : timesgurukulinfo@gmail.com

ଆବଶ୍ୟକ
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

ତୁରନ୍ତ ଆବଶ୍ୟକ
କୁଲାଡ଼, ଅନୁଗୋଳ ସ୍ଥିତ ଲେଡିଜ୍ ବୁଟିକରେ କାମ କରିବା ପାଇଁ ଟେଲରିଂ ମାଷ୍ଟର ଆବଶ୍ୟକ। ସମସ୍ତ ଲେଡିଜ ଡ୍ରେସ କଟିଙ୍ଗ ଓ ଷ୍ଟିଚିଙ୍ଗର ଅଭିଜ୍ଞତା ଥିବା ଆବଶ୍ୟକ। ଦରମା- ୮,୦୦୦ ରୁ ୧୫,୦୦୦ (ଅଭିଜ୍ଞତା ଅନୁସାରେ), ରହିବା ସୁବିଧା ଉପଲବ୍ଧ।
ଯୋଗାଯୋଗ-7735732645

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

> ବିଶ୍ୱ ସୂଚୀରେ ଜିସେକ୍‌କୁ ସ୍ଥାନିତ କରାଇବା ଦିଗରେ ପଦକ୍ଷେପ ଆରମ୍ଭ ହୋଇଛି। ରିଜର୍ଭ ବ୍ୟାଙ୍କ ଏଥି ଲାଗି ବିଶ୍ୱ ସ୍ତରର ଅନୁଷ୍ଠାନ ସହ ଆଲୋଚନା ଆରମ୍ଭ କରିଛି।
> – ଶକ୍ତିକାନ୍ତ ଦାସ, ଗଭର୍ନର, ରିଜର୍ଭ ବ୍ୟାଙ୍କ



> ବିଶ୍ୱ ସ୍ତରରେ ହେଲଥ ଆଣ୍ଡ ୱେଲନେସ ଫୁଡ ବଜାର ଦ୍ରୁତ ହାରରେ ବଢୁଛି। ଏହି ସମୟରେ ଭାରତର ଅର୍ଗାନିକ ଫୁଡ ବଜାରର ଅଭିବୃଦ୍ଧି ୧୭% ରହିଛି।
> – ହରସିମରତ କୌର ବାଦଲ, ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ମନ୍ତ୍ରୀ



## ସଂକ୍ଷେପରେ

### ୧୦% ମହଙ୍ଗା ହୋଇପାରେ ଟିଭି



**ନୂଆଦିଲ୍ଲୀ,୨୧-୨:** ଆସନ୍ତା ମାସରେ ଟିଭି ୧୦% ମହଙ୍ଗା ହୋଇପାରେ। ଭାରତକୁ ଅଧିକାଂଶ ଓପନ ସେଲ୍ ଟିଭି ପ୍ୟାନେଲ ଚାଇନାରୁ ସପ୍ଲାଇ ହୋଇଥାଏ। ଚାଇନାରେ କରୋନା ଭାଇରସ ଯୋଗୁ ଟିଭି ଯନ୍ତ୍ରାଂଶ ଉତ୍ପାଦନ ବନ୍ଦ ହୋଇଯାଇଛି। କିଛି ମାନୁଫାକଚରିଂ ଫାସିଲିଟିରେ କାମ ଆରମ୍ଭ ହୋଇଛି। ମାତ୍ର ସେଗୁଡ଼ିକ ପୂର୍ଣ୍ଣ କ୍ଷମତାରେ ଏବେ ଯାଏ ଚାଲି ପାରିନାହିଁ। ଏଥି ଯୋଗୁ ଭାରତକୁ ଯୋଗାଣ ପ୍ରଭାବିତ ହୋଇଛି। ସୂଚନା ଯୋଗ୍ୟ ମୋଟ ଟିଭି ମୂଲ୍ୟରେ ପ୍ୟାନେଲର ଅଂଶ ୬୦% ରହିଥାଏ। ଏହି ଶିଳ୍ପ ସହ ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ, ଉତ୍ପାଦନ ଏବଂ ଯୋଗାଣର ସ୍ଥିତି ସୁଧୁରିବା ଲାଗି ଅତି କମରେ ୩ ମାସ ସମୟ ଲାଗିବ। ଏହି ସମୟ ମଧ୍ୟରେ ଟିଭି ଦାମ ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଏସ୍‌ପିପିଏଲ୍ ସିଇଓ ଅବନୀତ ସିଂ ମାରବାହ କହିଛନ୍ତି ଯେ, ଚାଇନାରୁ ଆମଦାନୀ କମିବା ଯୋଗୁ ଟିଭି ମୂଲ୍ୟରେ ବର୍ତ୍ତମାନ ପ୍ରଭାବ ପରିଲକ୍ଷିତ ହୋଇଛି। ଏଭଳି ସ୍ଥିତିକୁ ବିଚାର କଲେ ଭାରତରେ ଟିଭି ଉତ୍ପାଦନ ୩୦ରୁ ୫୦% ହ୍ରାସ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। କରୋନା ଯୋଗୁ ଚାଇନାରେ ସ୍ଥିତି ସୁଧାର ନ ଆସିଲେ ଆଗାମୀ ଦିନରେ ସୋଲାର ପ୍ୟାନେଲ, ଫାର୍ମା, ପ୍ଲାଷ୍ଟିକ ଏବଂ ଜେମ୍ସ ଆଣ୍ଡ ଜୁଏଲେରୀ ଶିଳ୍ପ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହେବ ବୋଲି କୁହାଯାଉଛି।

### ହ୍ୟୁଣ୍ଡାଇର ଜାତୀୟ ହାପିନେସ୍ ଅଭିଯାନ

HYUNDAI

**ଭୁବନେଶ୍ୱର,୨୧-୨:** ପ୍ରମୁଖ କାର ନିର୍ମାଣକାରୀ କମ୍ପାନୀ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିଃ.(ଏଚ୍‌ଏମ୍‌ଆଇଏଲ୍) ପକ୍ଷରୁ ଗ୍ରାମାଞ୍ଚଳ ବଜାର ପାଇଁ ଜାତୀୟ ହାପିନେସ୍ ଅଭିଯାନ ଆରମ୍ଭ କରାଯାଇଛି। ଏହା ଦେଶର ୨୦୬ଟି ଗ୍ରାମୀଣ ଆଉଟ୍‌ଲେଟ୍‌ରେ ଆୟୋଜନ ହେଉଛି। ଚଳିତ ମାସ ୨୬ ଯାଏ ଏହା ଚାଲିବ। ଗ୍ରାମୀଣ ଗ୍ରାହକଙ୍କୁ ଶ୍ରେଷ୍ଠତମ ସେବା ପ୍ରଦାନର ପ୍ରତିଶ୍ରୁତି ସ୍ୱରୂପ କମ୍ପାନୀ ପକ୍ଷରୁ ଉକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାହକଙ୍କୁ ବିଭିନ୍ନ ପାର୍ଟସ୍, ଲେବର, ଫ୍ରି ଟପ୍ ଡ୍ରାଏ ୱାଶ୍ ଆଦିରେ ରିହାତି ପ୍ରଦାନ କରାଯାଉଛି। ସେହିପରି ହୁଣ୍ଡାଇ କେୟାର ଆପ୍ ବ୍ୟବହାରକାରୀଙ୍କ ପାଇଁ ଅତିରିକ୍ତ ରିହାତି ଉପଲବ୍ଧ ହେଉଛି। ଏହି ଅବସରରେ ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର ନ୍ୟାଶନାଲ ସର୍ଭିସ୍ ହେଡ୍ ଏସ୍.ପୁନ୍ନାଇଭାନମ୍ କହିଛନ୍ତି ଯେ, ହୁଣ୍ଡାଇ ହାପିନେସ୍ ଅଭିଯାନ ଏକ ଗ୍ରାହକ କୈନ୍ଦ୍ରୀକ ପ୍ରୟାସ। ଏହା ହୁଣ୍ଡାଇର ପ୍ରତିଶ୍ରୁତିବଦ୍ଧତାକୁ ନିଶ୍ଚିତ କରାଇବାକୁ ସକ୍ଷମ ହେବ। ଆମର ଗ୍ରାମୀଣ ଗ୍ରାହକଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବା ଏହି ଅଭିଯାନର ଲକ୍ଷ୍ୟ। ଏହି ଅଭିଯାନ ଅନ୍ତର୍ଗତ ୫୦ ପଏଣ୍ଟ କାର୍ ଚେକ୍ ଅପ୍, ଫ୍ରି ଟପ୍ ଡ୍ରାଏ ୱାଶ୍, ୫ ବର୍ଷରୁ ଅଧିକ ସମୟ ଗ୍ରାହକଙ୍କୁ ମେକାନିକାଲ ପାର୍ଟସ୍ ଉପରେ ୫ ପ୍ରତିଶତ ରିହାତି, ଲେବର ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ପ୍ରିମିୟମ୍ ଇଣ୍ଟେରିୟର କ୍ଲିନିଂ ଉପରେ ୨୦ପ୍ରତିଶତ ରିହାତି ପ୍ରଦାନ କରାଯିବ।

### ଏସ୍‌ବିଆଇ କାର୍ଡ, ଲ୍ୟାଣ୍ଡମାର୍କ କୋବ୍ରାଣ୍ଡ କ୍ରେଡିଟ କାର୍ଡ

**ବାଙ୍ଗାଲୁରୁ, ୨୧-୨:** ଏସ୍‌ବିଆଇ କାର୍ଡ ଏବଂ ଲ୍ୟାଣ୍ଡମାର୍କ ଗ୍ରୁପ ମିଳିତ ଭାବେ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ପ୍ରଚଳନ କରିଛନ୍ତି। ନୂଆକରି ପ୍ରଚଳନ କରାଯାଇଥିବା ତିନିଟି କାର୍ଡ, ଲାଇଫଷ୍ଟାଇଲ ହୋମ୍ ସେଣ୍ଟର ଏସ୍‌ବିଆଇ କାର୍ଡ, ମାକ୍ସ ଏସ୍‌ବିଆଇ କାର୍ଡ ଏବଂ ସ୍ପାର ଏସ୍‌ବିଆଇ କାର୍ଡକୁ ଲ୍ୟାଣ୍ଡମାର୍କ ଗ୍ରୁପର ଚାରିଟି ବ୍ରାଣ୍ଡ ଯଥା ଲାଇଫଷ୍ଟାଇଲ, ହୋମ୍ ସେଣ୍ଟର, ମାକ୍ସ ଏବଂ ସ୍ପାର୍ ସହିତ ଅଂଶୀଦାର ବ୍ୟବସ୍ଥାରେ ପ୍ରଚଳନ କରାଯାଇଛି। ସମ୍ପୂର୍ଣ୍ଣ ପରିବାର ନିମନ୍ତେ ୱାନଷ୍ଟପ ଅର୍ଥପୈଠ ସଲ୍ୟୁସନ୍ସ ଭାବେ ଡିଜାଇନ କରାଯାଇଥିବା ଏହି କାର୍ଡଗୁଡିକ ପ୍ରିମିୟମ ଏବଂ ସୁଲଭ ମୂଲ୍ୟର ଫାଶନ, ଫର୍ଣ୍ଣିଚର ବର୍ଗ ଏବଂ ତେଜରାତି ଭଳି ସମସ୍ତ ଶ୍ରେଣୀରେ କାର୍ଡଧାରୀଙ୍କୁ ଏକ ଅନନ୍ୟ ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି। କାର୍ଡର ପ୍ରଚଳନ ଅବସରରେ ଏସ୍‌ବିଆଇ କାର୍ଡ ଏମ୍‌ଡି ତଥା ସିଇଓ ହରଦୟାଲ ପ୍ରସାଦ କହିଛନ୍ତି ଯେ 'ଆମେ ଲାଇଫଷ୍ଟାଇଲ ହୋମ୍ ସେଣ୍ଟର ଏସ୍‌ବିଆଇ କାର୍ଡ, ମାକ୍ସ ଏସ୍‌ବିଆଇ କାର୍ଡ ଏବଂ ସ୍ପାର ଏସ୍‌ବିଆଇ କାର୍ଡ ପ୍ରଚଳନ ନିମନ୍ତେ ଲ୍ୟାଣ୍ଡମାର୍କ ଗ୍ରୁପ୍ ସହିତ ଅଂଶୀଦାର ହୋଇ ଆନନ୍ଦିତ।

# ବିକାଶ ହାର ୪.୯% ରହିବା ଅନୁମାନ

**ନୂଆଦିଲ୍ଲୀ,୨୧-୨**

- ୨୦୨୦-୨୧ରେ ୫.୬% ରହିପାରେ ଜିଡିପି: ଏନ୍‌ସିଏଇଆର୍
- ଚଳିତ ବର୍ଷ ୫% ଜିଡିପି ପୂର୍ବାନୁମାନ କରାଯାଇଛି
- କୃଷି କ୍ଷେତ୍ର କାର୍ଯ୍ୟକଳାପ ଉନ୍ନତ ରହିବା ନେଇ ଆକଳନ



ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ବିକାଶ ହାର ୪.୯% ରହିବା ନେଇ ଅନୁମାନ କରାଯାଇଛି। ବିକାଶ ହାର ଚଳିତ ଆର୍ଥିକ ବର୍ଷ ୫% ରହିବ ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) କହିଛି। ଏହି ଆକଳନ ତୁଳନାରେ ଜିଡିପି ୪.୯%କୁ ଖସିବ ବୋଲି ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ ଇକୋନୋମିକ୍ସ ରିସର୍ଚ୍ଚ (ଏନ୍‌ସିଏଇଆର୍) ପକ୍ଷରୁ ଶୁକ୍ରବାର ଆକଳନ କରାଯାଇଛି। ଏହାର ପରବର୍ତ୍ତୀ ଆର୍ଥିକ ବର୍ଷଗୁଡିକରେ ବିକାଶ ହାରରେ ଉନ୍ନତି ଆସିବା ନେଇ ଏହି ଏଜେନ୍ସି ଆଶାବାଦୀ ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶର ଅର୍ଥ ବ୍ୟବସ୍ଥାରେ ସୁଧାର ଆସିବା ସହ ଜିଡିପି ୫.୬% ଛୁଇଁବା ନେଇ ଏନ୍‌ସିଇଏଆର ଆଶାବାଦୀ ରହିଛି। ୨୦୧୮-୧୯ରେ ଭାରତର ଜିଡିପି ଅଭିବୃଦ୍ଧି ୬.୧% ରହିଥିଲା। ୨୦୧୯-୨୦ ତୃତୀୟ ତ୍ରୈମାସ ଲାଗି ବିକାଶ ଅନୁମାନ ୪.୯%, ଚତୁର୍ଥ ତ୍ରୈମାସ ଲାଗି ଅନୁମାନ ୫.୧% ଏବଂ ୨୦୧୯-୨୦ ଏବଂ ୨୦୨୦-୨୧ ଲାଗି ବାର୍ଷିକ ବିକାଶ ହାର ଅନୁମାନ ଯଥାକ୍ରମେ ୪.୯% ଏବଂ ୫.୬% ରହିବ ବୋଲି ଏହା ଏକ ବିବୃତିରେ ପ୍ରକାଶ କରିଛି।

ବିକାଶ ହାର ୫% ରହିବା ନେଇ ଉଭୟ ରିଜର୍ଭ ବ୍ୟାଙ୍କ ଓ ଏନ୍‌ଏସ୍‌ଓ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଅର୍ଥ ବ୍ୟବସ୍ଥାରେ କିଛି ସୁଧାର ଆସିବା ନେଇ ଏନସିଏଇଆର୍ ଆଶା ରଖିଛି। ମୌସୁମୀରେ ଉନ୍ନତ ବର୍ଷା, ମୌସୁମୀ ପରବର୍ତ୍ତୀ ସ୍ଥିତିରେ ଉନ୍ନତି, ଦେଶର ପ୍ରମୁଖ ଜଳ ଭଣ୍ଡାରଗୁଡିକରେ ଜଳ ସଂରକ୍ଷଣ ସ୍ଥିତିରେ ସୁଧାର ଯୋଗୁ କୃଷି କ୍ଷେତ୍ରର ଅଭିବୃଦ୍ଧି ଆଶା ଉଜ୍ଜ୍ୱଳ ରହିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ କୃଷି କ୍ଷେତ୍ର ଉତ୍ପାଦନ ଯଥେଷ୍ଟ ଭଲ ରହିବ ବୋଲି ବୋଲି କୃଷି ମନ୍ତ୍ରଣାଳୟ ଏବଂ ଏନ୍‌ସିଏଇଆର୍ ପୂର୍ବାନୁମାନରେ ମତ ପ୍ରକାଶ କରିଛନ୍ତି। ପନିପରିବା ଏବଂ ଖାଦ୍ୟ ସାମଗ୍ରୀ ଉତ୍ପାଦନ ବାଧାପ୍ରାପ୍ତ ହେବା ଯୋଗୁ ଏହାର ଦର ବଢିଛି। ଏଥିଯୋଗୁ ମୁଦ୍ରାସ୍ଫୀତି ମଧ୍ୟ ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ଲକ୍ଷ୍ୟଠାରୁ ଢେର ଉଚ୍ଚରେ ରହିଛି। ଖାଦ୍ୟ ଶସ୍ୟ ଉତ୍ପାଦନ ଉନ୍ନତ ହେଲେ ଆଗାମୀ ମାସଗୁଡିକରେ ଦରଦାମ ହ୍ରାସ ହେବା ନେଇ ପୂର୍ବାନୁମାନ କରାଯାଇଛି।

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଔଦ୍ୟୋଗିକ ଉତ୍ପାଦନ ସୂଚୀ (ଆଇଆଇପି) ୦.୪% ହ୍ରାସ ଘଟିଥିବା ବେଳେ ତୃତୀୟ ତ୍ରୈମାସରେ ୦.୯% ହ୍ରାସ ଘଟିଛି। ଏହି ସମୟରେ କ୍ୟାପିଟାଲ ଗୁଡ୍‌ସ ଏବଂ କଞ୍ଜ୍ୟୁମର ଡ୍ୟୁରେବଲ୍ସ ଆଇଆଇପି ଖସିଛି। ସେହିଭଳି ସେବା କ୍ଷେତ୍ର କାର୍ଯ୍ୟକଳାପ ଏବଂ କାର୍ଗୋ ଟ୍ରାଫିକରେ ଉନ୍ନତି ଆସୁଥିବା କୁହାଯାଇଛି। ମନ୍ଥର ଅଭିବୃଦ୍ଧିକୁ ଗତିଶୀଳ କରାଇବା ଲାଗି ସରକାର ବଜେଟରେ ବ୍ୟବସ୍ଥା କରିଥିବା କହିଛନ୍ତି। ଏହାବାଦ ରାଜସ୍ୱ ନେଇ ହୋଇଥିବା ଲକ୍ଷ୍ୟ ଧାର୍ଯ୍ୟ ଆଶାତୀତ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ମାତ୍ର ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ଅଧିକ ବାସ୍ତବ ବୋଲି ବିଚାର କରାଯାଉଛି।

# ଗରିବୀ ସର୍ଭେ ଆରମ୍ଭ କଲେ ସରକାର

**ନୂଆଦିଲ୍ଲୀ,୨୧-୨**

- ରାଜ୍ୟ ଗୁଡ଼ିକୁ ର୍‌ୟାଙ୍କିଙ୍ଗ କରିବ ନୀତି ଆୟୋଗ
- ୟୁଏନ୍‌ଡିପି ସୂଚକାଙ୍କରେ ସୁଧାର ଆଣିବା ଲକ୍ଷ୍ୟ



ଦେଶରେ ଗରିବୀର ଅନୁମାନ ଲଗାଇବା ଲାଗି ସରକାର ନୂଆ ସର୍ଭେ ଆରମ୍ଭ କରିଛନ୍ତି। ଏହା ମଧ୍ୟରେ ପୋଷଣର ମାତ୍ରା, ପିଇବା ପାଣି, ହାଉସିଂ, ରନ୍ଧନ ପାଇଁ ବ୍ୟବହାର ହେଉଥିବା ସାମଗ୍ରୀର ସୁବିଧା ଦେଶର ଲୋକଙ୍କ ନିକଟରେ କେତେ ପରିମାଣରେ ପହଞ୍ଚିଛି ତାର ଆକଳନ କରାଯିବ। ଦେଶରେ ଗରିବୀର ସ୍ତର କେମିତି ଅଛି ତା'ର ଏକ ମୋଟାମୋଟି ଆକଳନ କରିବା ଲାଗି ସରକାର ଏଭଳି ଏକ ପଦକ୍ଷେପ ନେଉଥିବା କୁହାଯାଇଛି। କିଛିବର୍ଷ ତଳେ ସରକାର ଗରିବୀ ରେଖାର ବ୍ୟବହାର ବନ୍ଦ କରି ଦେଇଥିଲେ। ଗରିବଙ୍କ ପ୍ରକୃତ ଆକଳନ ଗରିବୀ ସ୍ତର ସମ୍ପର୍କରେ ପତ୍ତା ଲଗାଇବା ଦ୍ୱାରା ସାମାଜିକ କ୍ଷେତ୍ର ସମ୍ପର୍କିତ ଯୋଜନା ପ୍ରଣୟନରେ ସରକାରଙ୍କୁ ଅଧିକ ଲାଭ ମିଳିବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

୨୦୧୪ରେ ସି.ରଙ୍ଗରାଜନ କମିଟି ଗରିବଙ୍କ ସଂଖ୍ୟାରେ ୧୦ କୋଟି ବୃଦ୍ଧି ନେଇ ଆକଳନ କରିଥିଲେ। ଏଥି ଲାଗି କମିଟି ସାମଗ୍ରୀ ବ୍ୟବହାର ଏବଂ ପୁଞ୍ଜି ଖର୍ଚ୍ଚକୁ ଆଧାର ଭାବେ ବିଚାର କରିଥିଲେ। ଏହାକୁ ବିଚାର କରିଲେ ଦେଶରେ ଗରିବଙ୍କ ସଂଖ୍ୟା ୩୬.୨ କୋଟି ହେବ। ଏହା ମୋଟ ଜନସଂଖ୍ୟାର ୨୯.୬% ହେବ। ସୁରେଶ ତେନ୍ଦୁଲକର କମିଟି ଦେଇଥିବା ରିପୋର୍ଟ ମୁତାବକ ୨୬.୯୮ କୋଟି ରହିଥିଲା। ଯାହା ଦେଶର ମୋଟ ଜନସଂଖ୍ୟାର ୨୧.୯%। ୨୦୧୪ରେ ଏନ୍‌ଡିଏ ସରକାର ଏହି ରିପୋର୍ଟକୁ ଖାରଜ କରିଦେଇଥିଲେ। ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ଫିଲ୍ଡ ୱାର୍କ କରାଯିବ। ରାଜ୍ୟଗୁଡିକର ପରଫରମାନ୍ସ କିଭଳି ରହିଛି ସେ ଉପରେ ନଜର ରଖିବାକୁ ନୀତି ଆୟୋଗକୁ କୁହାଯାଇଛି। ସର୍ଭେର ଫଳାଫଳକୁ ଜାତିସଂଘ ଉନ୍ନତୀକରଣ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ମଲ୍ଟି ଡାଇମେନଶନାଲ ପଭର୍ଟି ଇଣ୍ଡେକ୍ସ (ଏମପିଆଇ)ରେ ସାମିଲ କରାଯିବ। ଉକ୍ତ ସୂଚକାଙ୍କରେ ଦେଶର ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଧାରଣ ମାନର ସ୍ତରକୁ ନେଇ ର୍‌ୟାଙ୍କ ଦିଆଯିବ।

ଏ ନେଇ ନୀତି ଆୟୋଗ ଏବଂ ମନ୍ତ୍ରଣାଳୟ ଅଧିକାରୀଙ୍କ ବୈଠକ ହୋଇଥିବା ଅଧିକାରୀ ଜଣକ କହିଛନ୍ତି। ଆକଳନ କେଉଁ ଭାବେ କରାଯିବ ସେ ନେଇ ଏଠାରେ ବିଚାର ବିମର୍ଷ ହୋଇଛି। ନୀତି ଆୟୋଗ ଏକ ଗରିବ ସୂଚକାଙ୍କ ପ୍ରସ୍ତୁତ କରିବ ବୋଲି ଜଣା ପଡିଛି। ଏଥିରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ର୍‌ୟାଙ୍କରେ ରଖାଯିବ।

# ଉଚ୍ଚ ଟାରିଫ୍ ପ୍ରସଙ୍ଗ ପୁଣି ଉଠାଇଲେ ଟ୍ରମ୍ପ



**ନୂଆଦିଲ୍ଲୀ,୨୧-୨**

ଭାରତ ଆମେରିକା ସାମଗ୍ରୀ ଉପରେ ବୃହତ୍ ପରିମାଣର ଟିକସ ଲାଗୁ କରୁଥିବାରୁ ଏହା ଦ୍ୱାରା ବାଣିଜ୍ୟ ପ୍ରଭାବିତ ହେଉଛି ବୋଲି ଭାରତ ଗସ୍ତ ପୂର୍ବରୁ ୟୁଏସ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର କହିଛନ୍ତି। ଭାରତରେ ଆମେରିକା ପ୍ରଡକ୍ଟର ବିକ୍ରି ବୃଦ୍ଧି କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିବେ ବୋଲି ଟ୍ରମ୍ପ କହିଛନ୍ତି। ଚଳିତ ମାସ ୨୪ ଏବଂ ୨୫ରେ ଟ୍ରମ୍ପ ଭାରତ ଗସ୍ତ କରୁଛନ୍ତି। ବାଣିଜ୍ୟ ସ୍ଥିତିକୁ ନେଇ ମୋଦିଙ୍କ ସହ ଆଲୋଚନା କରାଯିବ ବୋଲି କଲରାଡୋଠାରେ କିପ୍ ଆମେରିକା ଗ୍ରେଟ୍ କାର୍ଯ୍ୟକ୍ରମରେ ତାଙ୍କ ପ୍ରଶଂସକଙ୍କୁ ଟ୍ରମ୍ପ କହିଥିଲେ। ଭାରତ ଆମେରିକା ପ୍ରଡକ୍ଟ ଉପରେ ସର୍ବାଧିକ ଟାରିଫ୍ ଲଗାଉଛି। ଏହା ଦ୍ୱାରା ଆମେରିକା ପ୍ରଡକ୍ଟ ଉପରେ ଏହାର ବୋଝ ପଡୁଛି। ଏହା ଦ୍ୱାରା ବାଣିଜ୍ୟ ସର୍ବାଧିକ ପ୍ରଭାବିତ ହେଉଥିବା ସେ ମତ ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ଗସ୍ତ ସମୟରେ ଭାରତ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଏବଂ ଚୁକ୍ତି ହେବାର ମଧ୍ୟ ସମ୍ଭାବନା ରହିଛି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟି
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ — କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟ୍ଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

BUSINESS

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

DHARITRI Career appointment Every Wednesday and Saturday

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



" ନ୍ୟୁଜିଲାଣ୍ଡର ବେସିନ ରିଜର୍ଭ ଟ୍ରାକ୍‌ରେ ବିଶେଷ କରି ଏକ ଟେଷ୍ଟ ମ୍ୟାଚର ପ୍ରଥମ ଦିବସରେ ବ୍ୟାଟିଂ ସହଜ ନୁହେଁ ।

—ମୟଙ୍କ ଅଗ୍ରୱାଲ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ



" ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ବିରାଟ କୋହଲି ଏବଂ ଚେତେଶ୍ୱର ପୂଜାରାଙ୍କୁ ଶୀଘ୍ର ଆଉଟ କରିଥିବାରୁ ମୁଁ ଖୁବ୍ ଆନନ୍ଦିତ ।

—କାଇଲ ଜେମିସନ, ନ୍ୟୁଜିଲାଣ୍ଡ ବୋଲର

# 'କେଆଇୟୁଜି ଅଲିମ୍ପିଆନ୍ ସୃଷ୍ଟି କରିବାରେ ସହାୟକ ହେବ'

ଭୁବନେଶ୍ୱର,୨୧।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା (କେଆଇୟୁଜି)କୁ ଭାରତୀୟ କ୍ରୀଡାର ଭବିଷ୍ୟତ ବୋଲି କହିଛନ୍ତି। ଆଗାମୀ ଦିନରେ ଏହା ଦେଶ ପାଇଁ ଅନେକ ଅଲିମ୍ପିଆନ୍ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ପ୍ରଥମ ସଂସ୍କରଣ ଶନିବାରଠାରୁ ଓଡିଶାରେ ଆରମ୍ଭ ହେବ ଏବଂ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଙ୍ଗ୍ ମାଧ୍ୟମରେ ଏହାର ଶୁଭାରମ୍ଭ କରିବେ। ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଓ ଗେଲ୍ ଏହି ଇଭେଣ୍ଟର ଔପଚାରିକ ପ୍ରାୟୋଜକ ରହିଛନ୍ତି। ଏହି ଅବସରରେ ସନ୍ଦୀପ ପ୍ରଧାନ କହିଥିଲେ, ବିଶ୍ୱବ୍ୟାପୀ ବିଶ୍ୱବିଦ୍ୟାଳୟ କ୍ରୀଡା ଖୁବ୍ ଲୋକପ୍ରିୟ। ଅଲିମ୍ପିକ୍ସ ପରେ ଦ୍ୱିତୀୟ ପ୍ରମୁଖ କ୍ରୀଡା ହେଉଛି ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ। ଶିକ୍ଷା ଓ କ୍ରୀଡାକୁ ଏକତ୍ରିତ କରିବା ପାଇଁ ୨୦୧୭ରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଉନ୍ମୋଚନ କରାଯାଇଥିଲା ଏବଂ ବର୍ତ୍ତମାନ ଆମେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ପ୍ରଥମ ସଂସ୍କରଣ ଆରମ୍ଭ କରିବାକୁ ଯାଉଛୁ। ଓଡିଶା ସରକାର ଏହି ପ୍ରଥମ ସଂସ୍କରଣର ଆୟୋଜନ କରୁଥିବାରୁ ମୁଁ ବହୁତ ଖୁସୀ। ଓଡିଶା ଗତ କିଛିବର୍ଷ ହେବ କ୍ରୀଡାକୁ ସମର୍ଥନ କରିବା କ୍ଷେତ୍ରରେ ଚମତ୍କାର କାର୍ଯ୍ୟ କରିଆସୁଛି ବୋଲି ସେ କହିଛନ୍ତି। ରାଜ୍ୟ କ୍ରୀଡା ସଚିବ ବିଶାଲ ଦେବ ମାତ୍ର ୩ ମାସ ମଧ୍ୟରେ ଏହି ମେଗା ଇଭେଣ୍ଟ ପାଇଁ ପ୍ରସ୍ତୁତି ଶେଷ କରିଥିବାରୁ ତାଙ୍କ ଟିମ୍‌କୁ ପ୍ରଶଂସା କରିଥିଲେ। ସେ କହିଥିଲେ, କିଟ୍ ବିଶ୍ୱବିଦ୍ୟାଳୟ ରାତାରାତି ସବୁକିଛି ଯୋଜନା କରିଥିଲା ଏବଂ ଆମେ ଏଥିପାଇଁ କିଟ୍‌କୁ ଧନ୍ୟବାଦ ଦେବା ଉଚିତ। କିଟ୍ ୩୫୦୦ରୁ ଅଧିକ ପ୍ରତିଯୋଗୀଙ୍କ ସହ ଏକ ବୃହତ୍ ଇଭେଣ୍ଟର ଆୟୋଜନ କରିବାକୁ ଯାଉଛି। ଏହି ଅବସରରେ କିଟ୍‌ର ପ୍ରୋ-ଭାଇସ ଚାନସେଲର୍ ସସ୍ମିତା ସାମନ୍ତ ଉପସ୍ଥିତ ଥିଲେ ଓ କିଟ୍‌ରେ ଏହି ଇଭେଣ୍ଟ ଆୟୋଜନ ହେବାକୁ ଯାଉଥିବାରୁ ଖୁସି ଜାହିର କରିଥିଲେ।

କେଆଇୟୁଜି-୨୦୨୦ ଓଡିଶାରେ ଦେଶବ୍ୟାପୀ ୧୫୯ଟି ବିଶ୍ୱବିଦ୍ୟାଳୟର ୩୩୪୩ ପ୍ରତିଯୋଗୀ (୧୭୩୮ ଜଣ ପୁରୁଷ ଓ ୧୬୦୫ ଜଣ ମହିଳା) ଅଂଶଗ୍ରହଣ କରିବେ। କଟକ ଓ ଭୁବନେଶ୍ୱରର ୧୦ଟି ସ୍ଥାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ୨୦୬ଟିସ୍ୱର୍ଣ୍ଣ, ୨୦୬ଟି ରୌପ୍ୟ ଓ ୨୮୬ଟି ବ୍ରୋଞ୍ଜ ମେଡାଲ ରହିଛି। ଏହି ଇଭେଣ୍ଟ ସ୍ପୋର୍ଟ୍ସ, ହଟ୍‌ଷ୍ଟାର ଓ ଦୂରଦର୍ଶନନରେ ସିଧା ପ୍ରସାରଣ ହେବ।



ଖବରଦାତା ସମ୍ମିଳନୀରେ ସାଇ ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ, କ୍ରୀଡା ସଚିବ ବିଶାଳ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।



ମହିଳା ବାସ୍କେଟବଲ ମ୍ୟାଚ୍‌ର ଏକ ଦୃଶ୍ୟ



ମାସ୍କଟ ସହ ସେଲ୍‌ଫି ନେଉଛନ୍ତି ପ୍ରତିଯୋଗୀ

# ଉଦ୍‌ଘାଟନ ପାଇଁ ଇନ୍‌ଡୋର ଷ୍ଟାଡିୟମ ପ୍ରସ୍ତୁତ

- ଭିଡିଓ କନ୍‌ଫରେନ୍ସିଂରେ ଉଦ୍‌ଘାଟନ କରିବେ ମୋଦି
- ସୋନା ମହାପାତ୍ର, ରାମ ସମ୍ପଥ, ଟେରେନ୍ସ ମୁଖ୍ୟ ଆକର୍ଷଣ

କଟକ ଅଫିସ,୨୧।୨

ଶନିବାର ଉଦ୍‌ଘାଟିତ ହେବ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ବିଭିନ୍ନ ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାର ସଫଳ ଆୟୋଜନ ନେଇ ରାଜ୍ୟ ସରକାର, ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ମେଗା ଇଭେଣ୍ଟର ଉଦ୍‌ଘାଟନୀ ଉତ୍ସବ ଶନିବାର ସନ୍ଧ୍ୟା ୬ଟାରେ କଟକର ଜବାହରଲାଲ ନେହେରୁ (ଜେଏନ୍) ଇନଡୋର ଷ୍ଟାଡିୟମରେ କରାଯିବ। ବିଶାଳ ଧରଣର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଆରମ୍ଭ ହେବ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ। ଏଥିଲାଗି ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଅଭ୍ୟାସ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡ଼ିଓ କନଫରେନ୍ସିଂ ଜରିଆରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବେ।

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବାକୁଥିବା ଉଦ୍‌ଘାଟନୀ ଉତ୍ସବରେ ଦେଶର ୧୫୯ ବିଶ୍ୱବିଦ୍ୟାଳୟର ବଛାବଛା କ୍ରୀଡ଼ାବିତଙ୍କ ସମାଗମ ହେବ। ମୋଟ୍ ୧୭ ଇଭେଣ୍ଟରେ ପ୍ରତିଯୋଗିତା ଖେଳାଯିବ। କଟକର ଜେ.ଏନ୍. ଇନଡୋର ଷ୍ଟାଡିୟମରେ ୨ଟି ଇଭେଣ୍ଟ ଖେଳାଯିବାବେଳେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, କିଟ୍ ସମେତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ବଳକା ଇଭେଣ୍ଟ ହେବ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନୀ କରିବେ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

**ଓଡ଼ିଶୀ ନୃତ୍ୟରେ ଉଦ୍‌ଘାଟନ**

ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଆରମ୍ଭ ହେବ ଉଦ୍‌ଘାଟନୀ ଉତ୍ସବ। ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୦ଜଣ ନୃତ୍ୟଶିଳ୍ପୀ ଅଭ୍ୟାସ ଜାରି ରଖିଛନ୍ତି। ସମଗ୍ର ଭାରତକୁ ଓଡ଼ିଶା ଏକ ସୂତ୍ରରେ ବାନ୍ଧି ରଖିଛି ବୋଲି କଳାକାରମାନେ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିବେ। ଏହାଛଡ଼ା ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ, ପାରମ୍ପରିକ ବାଦ୍ୟ ଏଥିରେ ସାମିଲ କରାଯାଇଛି। କୋଣାର୍କକୁ ଆଧାର କରି ଏକ ନୃତ୍ୟ ପରିବେଷଣ କରାଯିବ। ଅନ୍ୟପକ୍ଷରେ ବମ୍ବେର ଏକ ଡ୍ୟାନ୍ସ ଗ୍ରୁପ ମଧ୍ୟ ଅଭ୍ୟାସ ଜାରି ରଖିଛି।

**ସ୍ଥିତି ଅନୁଧ୍ୟାନ କଲେ ଭିନିଲ କ୍ରିଷ୍ଣା**

ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଆର୍ ଭିନୀଲ କ୍ରୀଷ୍ଣା ଶୁକ୍ରବାର ଷ୍ଟାଡିୟମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବ ନେଇ ଆୟୋଜନ କିଭଳି ହୋଇଛି ସେ ସମ୍ପର୍କରେ ନିର୍ଦ୍ଦେଶକ ପଚାରି ବୁଝିଥିଲେ। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଶୁକ୍ରବାର ଏଠାରେ ମକ୍‌ଡ୍ରିଲ ମଧ୍ୟ କରାଯାଇଥିଲା।

**ନଜରରେ ବଲିଉଡ୍ ଷ୍ଟାର**

ବଲିଉଡ୍‌ର ଅନେକ ତାରକାଙ୍କୁ ଉଦ୍‌ଘାଟନୀ ଉତ୍ସବରେ ଦେଖିବାକୁ ମିଳିବ। କଣ୍ଠଶିଳ୍ପୀ ସୋନା ମହାପାତ୍ର ଓ ସଙ୍ଗୀତ ନିର୍ଦ୍ଦେଶକ ରାମ ସମ୍ପଥଙ୍କ ଗ୍ରୁପ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଖ୍ୟାତନାମା କୋରିଓଗ୍ରାଫର ଟେରେନ୍ସ ଲୁଇସ୍‌ଙ୍କ ଡ୍ୟାନ୍ସଗ୍ରୁପ ମଧ୍ୟ ପହଞ୍ଚି ସାରିଲାଣି। ବଲିଉଡର ଆଗଧାଡ଼ିର କଣ୍ଠଶିଳ୍ପୀ ନାକାସ୍ ଅଜିଜ୍ ମଧ୍ୟ ଗୀତ ପରିବେଷଣ କରିବେ।

**ଓଡ଼ିଶାର ୧୪୭ ପ୍ରତିଯୋଗୀ**

ଏହି ମେଗା ଇଭେଣ୍ଟରେ ଓଡ଼ିଶାର ମାତ୍ର ୪ଟି ବିଶ୍ୱବିଦ୍ୟାଳୟ ଦଳର ମୋଟ୍ ୧୪୭ ଖେଳାଳି ଭାଗ ନେବେ। ଉତ୍କଳ ବିଶ୍ୱବିଦ୍ୟାଳୟ, କିଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିବା ନେଇ ସମ୍ମତି ଜଣାଇଛନ୍ତି। କିଟ୍‌ରୁ ସର୍ବାଧିକ ୯୯ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।



ଉଦ୍‌ଘାଟନୀ ପୂର୍ବରୁ ଶୁକ୍ରବାର ରିହରସାଲ।

# ଭଲିରେ ଉତ୍କଳ ପରାସ୍ତ

ଭୁବନେଶ୍ୱର, ୨୧।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ପ୍ରଥମ ସଂସ୍କରଣ ଆନୁଷ୍ଠାନିକ ଭାବେ ଶନିବାର ଉଦ୍‌ଘାଟନ ହେବ। କିନ୍ତୁ ଶୁକ୍ରବାର ଏହାର ଭଲିବଲ୍, ବାସ୍କେଟବଲ ଓ ଫେନ୍‌ସି ଇଭେଣ୍ଟ ଆରମ୍ଭ ହୋଇଯାଇଛି। ପୁରୁଷ ଭଲିବଲରେ ଆରମ୍ଭରୁ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିଛି। ପ୍ରଥମ ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧-୩ (୨୧-୨୫, ୨୫-୨୨, ୨୦-୨୫, ୧୯-୨୫) ସେଟ୍‌ରେ ହରିୟାଣାର କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟଠାରୁ ପରାସ୍ତ ହୋଇଛି। ସେହିଭଳି ସୋନେପତର ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ୩-୦ (୨୫-୦୯, ୨୫-୧୭, ୨୫-୨୧)ରେ ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ (ବାରଣାସୀ)କୁ ଏବଂ ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ (ପଞ୍ଜାବ) ୩-୨ (୨୫-୧୪, ୨୫-୨୦, ୧୪-୨୫, ୨୩-୨୫, ୧୫-୧୧)ରେ କାଲିକଟ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅପରପକ୍ଷରେ ଫେନ୍‌ସିଂ ସିନିୟର ମହିଳା ଏପି ଓ ସିନିୟର ମହିଳା ଇପି ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟର ଦୁତ୍ତା ଜ୍ୟୋତିକା ଓ ହାଓମ୍ବା ଲିଙ୍ଥୋଇଙ୍କ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ସେହିଭଳି ସିନିୟର ମହିଳା ସବର୍ ଇଭେଣ୍ଟରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟର ଜଗମିତ୍ କୌରଙ୍କ ମଧ୍ୟରେ ଫାଇନାଲ ଖେଳାଯିବ।

# ପ୍ରତିଭା ଖୋଜିବେ ଅନୁରାଧା

ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣର ଉଦ୍‌ଘାଟନୀ ସମାରୋହ ଶନିବାର କଟକରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଭୁବନେଶ୍ୱରରେ କେତେକ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଛି। ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ୧୭ଟି ଇଭେଣ୍ଟରେ ଆୟୋଜିତ ହେବ। ଏଥିପାଇଁ ପାଖାପାଖି ୩୦୦୦ ଆଥଲେଟଙ୍କ ସମାଗମ ହୋଇଛି। ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଯୁବ ଆଥଲେଟ୍‌ମାନେ ସେମାନଙ୍କ କଳାକୌଶଳ ଦେଖାଇବେ। ଏହି ସମ୍ମାନଜନକ ପ୍ରତିଯୋଗିତାରୁ ପ୍ରତିଭା ଖୋଜିବା ପାଇଁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ଗୁରୁଦାୟିତ୍ୱ ଦିଆ ଯାଇଛି। ସେ ବିଶେଷ କରି ଆଥଲେଟିକ୍ସ ଭେନ୍ୟୁରେ ଉପସ୍ଥିତ ରହି ଖେଳାଳିଙ୍କ ପ୍ରତିଭାକୁ ଦେଖିବେ।

# ଲଢ଼େଇ କରି ହାରିଲା ଭାରତ

## ଅଷ୍ଟ୍ରେଲିଆ ୪-୩ ଗୋଲରେ ବିଜୟୀ

ଭୁବନେଶ୍ୱର ୨୧।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୩-୪ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ପ୍ରଭାବୀ ରହିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ମିଳିଥିବା ପେନାଲ୍ଟି କର୍ଣ୍ଣର ମିସ୍ ଯୋଗୁ ଦଳ ମ୍ୟାଚ ଡ୍ର ରଖିବା ସୁଯୋଗ ହାତଛଡ଼ା କରିଥିଲା। ଅଷ୍ଟ୍ରେଲିଆର ଲାଚଲାନ ଶାର୍ପ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚ ପରେ ଭାରତ ୫ଟି ମ୍ୟାଚ ଖେଳି ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ ଓ ୨ ପରାଜୟ ସହିତ ୮ ପଏଣ୍ଟରେ ସ୍ଥିର ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୫ ମ୍ୟାଚରେ ୨ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ ଓ ୧ ପରାଜୟ ସହିତ ୯ ପଏଣ୍ଟରେ ପହଞ୍ଚି ଯାଇଛି।

ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ସ୍ପିଡ୍ ଗେମ୍ ଖେଳି ଅଷ୍ଟ୍ରେଲିଆ ଫାଇଦା ପାଇଥିଲା। ଭାରତ ତୁଳନାରେ ଅଷ୍ଟ୍ରେଲିଆର ପାସିଂ ଏବଂ ଫିନିଶିଂ ଭଲ ରହିଥିଲା। ମ୍ୟାଚର ୬ଷ୍ଠ ମିନିଟରେ ଅଧିନାୟକ ଆରନ ଜେଲସ୍କିଙ୍କ ପାସ୍‌କୁ ଗୋଲରେ ପରିଣତ କରିଥିଲେ ଡେଲାନ ଉଥରସ୍ପୁନ। ପ୍ରଥମ କ୍ୱାର୍ଟର ଶେଷ ବେଳକୁ ଅଷ୍ଟ୍ରେଲିଆ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଅଷ୍ଟ୍ରେଲିଆ ଚମତ୍କାର ଖେଳିଥିଲା। ଆକ୍ରମଣାତ୍ମକ ରଣନୀତିରେ ଡାହାଣ ପଟରୁ ବଲ୍ ଆଣି ଅଷ୍ଟ୍ରେଲିଆ ଖେଳାଳିମାନେ ଭାରତ ଡି' ଏରିଆ ମଧ୍ୟରେ ପ୍ରବେଶ କରିଥିଲେ। ଲାଚଲାନ ଶାର୍ପ ବଲ୍‌କୁ ଅତି ଚତୁରତାର ସହିତ ଟମ୍ ୱିକହାମ୍‌ଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ୱିକ୍ହାମ ତାହାକୁ ଗୋଲରେ ପରିଣତ କରି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ।

ତୃତୀୟ କ୍ୱାର୍ଟର ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୩୫ତମ ମିନିଟରେ ଭାରତ ମ୍ୟାଚରେ ପ୍ରଥମଥରପାଇଁ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ରୂପିନ୍ଦରପାଲ ସିଂ ତାହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ଏହାର ୧ ମିନିଟ ପରେ ଅର୍ଥାତ୍ ୩୬ତମ ମିନିଟରେ ଭାରତ ଦ୍ୱିତୀୟ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏଥର ରୂପିନ୍ଦର ମାରିଥିବା ଶଟ୍ ଅଷ୍ଟ୍ରେଲିଆ ଗୋଲକିପରଙ୍କ ହାତରେ ବାଜି ଫେରି ଆସୁଥିବାବେଳେ ରାଜ କୁମାର ପାଲ୍‌ଙ୍କ ରିବାଉଣ୍ଡ ଶଟ୍‌ରୁ ଭାରତ ପ୍ରଥମ ଗୋଲ ପାଇଥିଲା। ଗତ ବେଲଜିୟମ ବିପକ୍ଷ ମ୍ୟାଚରେ ପଦାର୍ପଣ କରିଥିବା ରାଜଙ୍କ ପାଇଁ ଏହାଥିଲା ପ୍ରଥମ ଅନ୍ତର୍ଜାତୀୟ ଗୋଲ। ଏହାପରେ ୨ ମିନିଟ ମଧ୍ୟରେ ୨ଟି ଗୋଲ ଦେଇ ଅଷ୍ଟ୍ରେଲିଆ ବଡ଼ ଅଗ୍ରଣୀ ନେଇ ଯାଇଥିଲା। ୪୧ତମ ମିନିଟରେ ଲାଚଲାନ ଶାର୍ପ ଏବଂ ୪୩ତମ ମିନିଟରେ ଡାନିଏଲ ବାଲେ ଏହି ଗୋଲ ୨ଟି ଦେଇଥିଲେ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ଅଷ୍ଟ୍ରେଲିଆ ୪-୧ରେ ଅଗ୍ରଣୀ ନେଇ ଯାଇଥିଲା। ଶେଷ କ୍ୱାର୍ଟରରେ କିନ୍ତୁ ଭାରତ ଆକର୍ଷଣୀୟ ଖେଳିଥିଲା। ୪୬ତମ ମିନିଟରେ ରାଜ ବ୍ୟକ୍ତିଗତଭାବେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୫୨ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ରୂପିନ୍ଦର ଗୋଲରେ ପରିଣତ କରିବାରୁ ମ୍ୟାଚ ରୋମାଞ୍ଚକ ମୋଡ଼ ନେଇଥିଲା। ଶେଷ ୮ ମିନିଟରେ ଗୋଲ ପରିଶୋଧ ପାଇଁ ଭାରତ ଆପ୍ରାଣ ଉଦ୍ୟମ କରିଥିଲା। ମ୍ୟାଚ ଶେଷ ହେବାପାଇଁ ଆଉ ୩୩ ସେକେଣ୍ଡ ଥିବାବେଳେ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣର ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲେ ରୂପିନ୍ଦର। ସେ ଗୋଲପୋଷ୍ଟ ବାହାରେ ବଲ୍ ମାରି ଷ୍ଟାଡିୟମରେ ଉପସ୍ଥିତ ଥିବା ଦର୍ଶକଙ୍କୁ ନିରାଶ କରିଥିଲେ।



ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଏଫଆଇଏଚ୍ ହକି ପ୍ରୋ ଲିଗ୍

## ସଂକ୍ଷେପରେ

### ଟେଲରଙ୍କ ସ୍ୱତନ୍ତ୍ର ରେକର୍ଡ



ୱେଲିଂଟନ,୨୧।୨(ପି.ଟି.)- ଭେଟେରାନ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ରସ ଟେଲର ଶୁକ୍ରବାର ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ପଡ଼ିଆକୁ ଓହ୍ଲାଇ ଇତିହାସ ରଚିଛନ୍ତି। ପ୍ରତ୍ୟେକ ଫର୍ମାଟରେ ୧୦୦ ମ୍ୟାଚ୍ ଖେଳିବାରେ ସେ ବିଶ୍ୱର ପ୍ରଥମ ଖେଳାଳି। ଚଳିତ ୱେଲିଂଟନ ଟେଷ୍ଟ ଟେଲରଙ୍କ କ୍ୟାରିୟରର ୧୦୦ତମ ଟେଷ୍ଟ। ତାଙ୍କୁ ନ୍ୟୁଜିଲାଣ୍ଡ ଉଇକେଟକିପର ଇଆନ ସ୍ମିଥ ମ୍ୟାଚ୍ ପୂର୍ବରୁ କ୍ୟାପ ପ୍ରଦାନ କରିଥିଲେ। ଟେଲରଙ୍କ ପୂର୍ବରୁ ଷ୍ଟିଫେନ ଫ୍ଲେମିଂ, ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଡାନିଏଲ ଭିଟୋରି ଦେଶ ପାଇଁ ୧୦୦ ଟେଷ୍ଟ ଖେଳିସାରିଛନ୍ତି। ୩୫ ବର୍ଷୀୟ ଟେଲର ଗତମାସରେ ଭାରତ ବିପକ୍ଷରେ କ୍ୟାରିୟରର ୧୦୦ତମ ଟି୨୦ ମ୍ୟାଚ୍ ଖେଳିଥିଲେ। ଦିନିକିଆ ଫର୍ମାଟରେ ସେ ୨୩୧ ମ୍ୟାଚ୍ ଖେଳିସାରିଲେଣି। ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦେଶ ପାଇଁ ସର୍ବାଧିକ ରନ୍ କରିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ସେ ଟେଷ୍ଟରେ ୭୧୭୪ ଓ ଦିନିକିଆ ୮୫୭୦ ରନ୍ କରିଛନ୍ତି। ଟି୨୦ରେ ସେ ୧୯୦୯ ରନ୍ କରିସାରିଛନ୍ତି। ଟେଲର ୨୦୦୭ରେ ଟେଷ୍ଟ ପଦାର୍ପଣ କରିଥିଲେ। ସେହିବର୍ଷ ହିଁ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିଥିଲେ।

# ଅଷ୍ଟ୍ରେଲିଆକୁ ହରାଇ ଭାରତର ଅଭିଯାନ

## ଆଇସିସି ମହିଳା ଟି୨୦ ବିଶ୍ୱକପ୍

ସିଡନୀ,୨୧।୨(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍ ଅଷ୍ଟ୍ରେଲିଆରେ ଆରମ୍ଭ ହୋଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଶୁକ୍ରବାର ଭାରତ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୧୭ ରନରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ରିଷ୍ଟ ସ୍ପିନର ପୁନମ ଯାଦବ ଦମ୍‌ଦାର ବୋଲିଂ କରି ମାତ୍ର ୧୯ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସ୍ଥାନୀୟ ସିଡନୀ ଶୋଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୧୯.୫ ଓଭରରେ ୧୧୫ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ଏହି ବିଜୟ ସହ ଭାରତ ୨ ପଏଣ୍ଟ ହାସଲ କରିଛି।

୧୩୩ ରନ ଆଭରେଜ ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲା। ଓପନର ଆଲିସା ହିଲି ମାତ୍ର ୩୫ ବଲରୁ ୬ ଚୌକା ଓ ୧ ଛକା ସହ ୫୧ ରନ କରି ପୁନମ ଯାଦବଙ୍କ ଦ୍ୱାରା କଟ ଆଣ୍ଡ ବୋଲ୍ଡ ହୋଇଥିଲେ। ସେହିପରି ଆଶଲେ ଗାର୍ଡନର ୩୬ ବଲରୁ ୩ ଚୌକା ଓ ୧ ଛକା ସହ ୩୪ ରନ ସଂଗ୍ରହ କରି ଦ୍ରୁତ ବୋଲର ଶିଖା ପାଣ୍ଡେଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ତେବେ ଦଳର ବାକି ୯ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ପୁନମ୍ ସର୍ବାଧିକ ୪, ଶିଖା ୩ ଓ ଦୀପ୍ତି ଶର୍ମା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ହାସଲ ପରେ ପୁନମ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଶେଫାଳି ବର୍ମା ଓ ଅଭିଜ୍ଞ ସ୍ମୃତି ମାନ୍ଧନା ପ୍ରଥମ ଉଇକେଟରେ ୨୫ ବଲରୁ ଦ୍ରୁତ ୪୧ ରନ ସଂଗ୍ରହ କରିଥିଲେ। ତେବେ ଏହାପରେ ମାତ୍ର ୬ ରନରେ ଭାରତ ପ୍ରଥମ ୩ ଉଇକେଟ ହରାଇଥିଲା। ମାନ୍ଧନା ୧୦ ରନକରି ଆଉଟ ହୋଇଥିଲେ। ସେହିପରି ଶେଫାଳି ୧୫ ବଲରୁ ୫ ଚୌକା ଓ ୧ ଛକା ଦ୍ରୁତ ୨୯ ରନ ସଂଗ୍ରହ କରି ଏଲିସ୍ ପେରୀଙ୍କ ବଲ୍‌ରେ ମିଡଅନ୍‌ରେ ଆନାବେଲ ସଦରଲାଣ୍ଡଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟିକା ହରମନପ୍ରୀତ କୌର ମାତ୍ର ୨ ରନ କରି ଆଉଟ ହୋଇଥିଲେ। ଜେମିମା ରୋଡ୍ରିଗୁଏଜ ୩୩ ବଲରୁ ୨୬ ରନ ସଂଗ୍ରହ କରି ଡେଲିସା କିମିନ୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଦୀପ୍ତି ଶର୍ମା ୪୬ ବଲରୁ ୩ ଚୌକା ସହ ୪୯ ରନ କରି ସ୍ଥିତି ସମ୍ଭାଳିବା ସହ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବେଦା କ୍ରିଷ୍ଣମୂର୍ତ୍ତୀ ୯ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଜୋନାସିନ ୨, ପେରୀ ଓ କିମିନ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୩୨/୪ (ଦୀପ୍ତି- ୪୯*, ଶେଫାଳି- ୨୯, ରୋଡ୍ରିଗୁଏଜ- ୨୬, ମାନ୍ଧନା- ୧୦, ଜୋନାସିନ- ୨/୨୪, ପେରୀ- ୧/୧୫, କିମିନ୍ସ- ୧/୨୪)।

ଅଷ୍ଟ୍ରେଲିଆ- ୧୯.୫ ଓଭରରେ ୧୧୫ ଅଲଆଉଟ (ହିଲି- ୫୧, ଗାର୍ଡନର- ୩୪, ପୁନମ- ୪/୧୯, ପାଣ୍ଡେ- ୩/୧୪, ଗାଏକ୍ୱାଡ- ୧/୩୧)।


## ଜନ୍ମଦିନ ଶୁଭେଚ୍ଛା



ଧର୍ମେଶ କୁମାର ପ୍ରଧାନ
କୋଡନା (ଝାରଖଣ୍ଡ)
ତୋର ତୃତୀୟ ଜନ୍ମବାର୍ଷିକୀରେ ପ୍ରଭୁ ନୃସିଂହନାଥଙ୍କ କୃପାରୁ ମଙ୍ଗଳ ହେଉ।
ଶୁଭେଚ୍ଛା ସହ:
ପ୍ରଧାନ ପରିବାରବର୍ଗ
ଧ-୧୬୮୨୨


## ୧୯ତମ ଜନ୍ମଦିନ ଶୁଭେଚ୍ଛା



ଆକାଶ କୁମାର ସାହୁ (ସିଲୁ)
ଜାଗମରା, ଖଣ୍ଡଗିରି,ଭୁବନେଶ୍ୱର
ଆଜି ତୋ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋ ଚଲାପଥ ସଦାସର୍ବଦା କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେମା, ଅଜା, ଆଇ, ବଡବୋଉ, ଦାଦା, ଖୁଡୀ, ମାମୁ, ମାଇଁ, ମାଉସୀ, ବଡଭାଇ, ଭଉଣୀ ଏବଂ ସମସ୍ତ ଗୁରୁଜନ। ମାମା-ମୀନାକ୍ଷୀ ସାହୁ, ବାପା- ବୁନ୍ଦନାଥ।
ଧ-୫୬୧୮୮


# ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ

## ପ୍ରଥମ ଟେଷ୍ଟ: ଭାରତୀୟ ଟପ୍ ଅର୍ଡର ବିଫଳ



ବ୍ୟାଟିଂ ଅବସରରେ ଅଜିଙ୍କ୍ୟ ରାହାନେ।

ୱେଲିଂଟନ, ୨୧।୨(ପି.ଟି.)

ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସର ଖେଳ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ବ୍ୟାଟିଂ କରି ଭାରତ ୪୦ ରନରେ ପ୍ରଥମ ୩ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ଚା'ପାନ ବିରତି ସୁଦ୍ଧା ଭାରତ ୫୫ ଓଭରରେ ୫ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ତେବେ ବିରତି ମଧ୍ୟ ଭାଗରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଏହାପରେ ଆଉ ଖେଳି ସମ୍ଭବ ହୋଇପାରି ନ ଥିଲା ଓ ଅନ୍ତିମ ସେସନ ପୂରା ଧୋଇଯାଇଥିଲା। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଅଜିଙ୍କ୍ୟ ରାହାନେ ୩୮ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୦ ରନ କରି ଅପରାଜିତ ରହିଛନ୍ତି।

ଟେଷ୍ଟ ପଦାର୍ପଣ କରିଥିବା ୬ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ୨୫ ବର୍ଷୀୟ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର କାଏଲ ଜେମିସନ ୧୪ ଓଭରରେ ୩୮ ରନ ବ୍ୟୟ କରି ୩ ଉଇକେଟ ନେଇ ଭାରତର ବିପର୍ଯ୍ୟୟ ଘଟାଇଥିଲେ। ଯୁବ ଓପନର ପୃଥ୍ୱୀ ଶ ୧୬ ରନକରି ଟିମ୍ ସୌଦିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ରଥମେ ଆଉଟ ହୋଇଥିଲେ। ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ମଧ୍ୟ ବିଫଳ ହୋଇଥିଲେ। ୧୧ ରନ କରିଥିବା ବେଳେ ସେ ଜେମିସନଙ୍କ ବଲ୍‌ରେ ଉଇକେଟକିପର ବିଜେ ୱାଟଲିଂଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ବିରାଟ କୋହଲି ମାତ୍ର ୨ ରନ କରିଥିବା ବେଳେ ଜେମିସନଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ରସ୍ ଟେଲରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ୩୪ ରନକରି କ୍ରିଜ୍‌ରେ ଜମିଆସୁଥିଲେ ମଧ୍ୟ ଓପନର ମୟଙ୍କ ଅଗ୍ରୱାଲ ୩୪ ରନ କରି ଲଙ୍ଗ୍ ଲେଗ୍‌ରେ ଜେମିସନଙ୍କୁ କ୍ୟାଚ୍ ଦେଇ ଟ୍ରେଣ୍ଟ ବୋଲ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଭ୍ୟାସ ମ୍ୟାଚ୍‌ରେ ଶତକ ହାସଲ କରିଥିବା ମିଡଲଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ୭ ରନ କରି ୱାଟଲିଂଙ୍କୁ କ୍ୟାଚ୍ ଦେଇ ଜେମିସନଙ୍କ ତୃତୀୟ ଶିକାର ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଜେମିସନ ୩, ସୌଦି ଓ ବୋଲ୍ଟ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଭାରତ ପ୍ରଥମ ଇନିଂସ- ୫୫ ଓଭରରେ ୧୨୨/୫ (ରାହାନେ- ୩୮*, ପନ୍ତ- ୧୦*, ପୃଥ୍ୱୀ- ୧୬, ମୟଙ୍କ- ୩୪, ପୂଜାରା- ୧୧, କୋହଲି- ୨, ବିହାରୀ- ୭, ଜେମିସନ- ୩/୩୮, ସୌଦି- ୧/୨୭, ବୋଲ୍ଟ- ୧/୪୪)।

## ଚାଇନାର ଅଲିମ୍ପିକ ଫୁଟ୍‌ବଲ କ୍ୱାଲିଫାୟର ସିଡ୍‌ନୀରେ

କୁଆଲାଲମ୍ପୁର, ୨୧।୨ (ଏଏଫ୍‌ପି)

ଅଲିମ୍ପିକ ମହିଳା ଫୁଟ୍‌ବଲ କ୍ୱାଲିଫାୟର ଅନ୍ତର୍ଗତ ଦକ୍ଷିଣ କୋରିଆ ବିପକ୍ଷ ହୋମ୍ ଲେଗ୍ ମ୍ୟାଚ ଚାଇନା ଅଷ୍ଟ୍ରେଲିଆର ସିଡ୍‌ନୀରେ ଖେଳିବ। ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ଘାତକ କରୋନା ଭାଇରସ ଯୋଗୁ ଏହି ମ୍ୟାଚ ଚାଇନାରେ ଖେଳାଯିବା ସମ୍ଭବ ନ ଥିଲା। ବର୍ତ୍ତମାନ ଏହି ମ୍ୟାଚ ମାର୍ଚ୍ଚ ୧୧ରେ କ୍ୟାମ୍ପବେଲ ଟାଉନ୍ ଷ୍ଟାଡିୟମରେ ଖେଳାଯିବ। ମାର୍ଚ୍ଚ ୬ରେ ଦକ୍ଷିଣ କୋରିଆରେ ଦୁଇ ଦଳ ମଧ୍ୟରେ ପ୍ରଥମ ଲେଗ୍ ମ୍ୟାଚ ଖେଳାଯିବ। ଦୁଇ ଲେଗ୍ ବିଶିଷ୍ଟ ପ୍ଲେ-ଅଫ୍‌ରେ ଯେଉଁ ଦଳ ବିଜୟ ଲାଭ କରିବ ସେ ଟୋକିଓ ଅଲିମ୍ପିକ ଯୋଗ୍ୟତା ହାସଲ କରିବ। ଜାପାନ ଅଲିମ୍ପିକ୍ସର ଆୟୋଜକ ହିସାବରେ ଯୋଗ୍ୟତା ହାସଲ କରିସାରିଛି। ସମାନ ଦିବସରେ ଅନ୍ୟ ଏକ ପ୍ଲେ-ଅଫ୍ ମ୍ୟାଚ ଅଷ୍ଟ୍ରେଲିଆ ଓ ଭିଏତ୍‌ନାମ ମଧ୍ୟରେ ହେବ। ଏହି ମ୍ୟାଚର ବିଜେତା ମଧ୍ୟ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିବ। କରୋନା ଭାଇରସ ଯୋଗୁ ଚାଇନାରେ ହେବାକୁ ଥିବା ବଡ଼ ବଡ଼ ଇଭେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ଅବା ସ୍ଥାନାନ୍ତରିତ କରାଯାଇଛି। ଚାଇନାର କେନ୍ଦ୍ରାଞ୍ଚଳ ସହ ଉହାନରେ ଗତ ଡିସେମ୍ବରରେ କରୋନା ଭାଇରସର ଆବିର୍ଭାବ ଘଟିଥିଲା। ଏଥିରେ ପ୍ରାୟ ୨,୨୦୦ ଲୋକ ମୃତ୍ୟୁବରଣ କରିସାରିଲେଣି।

# ପ୍ରଜ୍ଞାନ ଓଝାଙ୍କ ଅବସର



ହାଇଦ୍ରାବାଦ,୨୧।୨(ପି.ଟି.)

ରାଜ୍ୟ ତଥା ଦେଶ ପାଇଁ ବହୁ ସଫଳତା ଆଣିଥିବା ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ଶୁକ୍ରବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷୀୟ ବାମହାତୀ ସ୍ପିନର ହାଇଦ୍ରାବାଦ୍ ପାଇଁ ଖେଳି ସୁନାମ ଅର୍ଜନ କରିବା ପରେ ଜାତୀୟ ଦଳରେ ସ୍ଥାନ ପାଇଥିଲେ। ସେ ୨୦୦୫ରେ ରେଲ୍‌ୱେ ବିପକ୍ଷରେ ରଣଜୀ ପଦାର୍ପଣ କରିଥିଲେ। ପରେ ସେ ହାଇଦ୍ରାବାଦ ଛାଡ଼ି ବେଙ୍ଗଲ ଓ ବିହାର ପକ୍ଷରୁ ମଧ୍ୟ ଖେଳିଥିଲେ। ସେ ୧୦୮ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୨୪ ଉଇକେଟ ନେଇଛନ୍ତି। ଭୁବନେଶ୍ୱରରେ ଜନ୍ମିତ ଓଝା ୨୦୦୯ରେ ଶ୍ରୀଲଙ୍କା ବିପକ୍ଷରେ ଅନ୍ତର୍ଜାତୀୟ ଟେଷ୍ଟ ପଦାର୍ପଣ ମ୍ୟାଚ୍ ଖେଳିଥିଲେ। ମୋଟ ୨୪ ଟେଷ୍ଟ ଖେଳିଥିବା ଓଝା ୧୧୩ ଉଇକେଟ ନେଇଥିଲେ। ୭ ଥର ଇନିଂସରେ ୫ ଉଇକେଟ ସଫଳତା ପାଇଥିଲେ। ଟେଷ୍ଟ ବ୍ୟତୀତ ଭାରତ ପାଇଁ ୧୮ ଦିନିକିଆ ଓ ୬ ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ବିଶ୍ୱ ର୍‍ୟାଙ୍କିଂରେ ଏକଦା ପଞ୍ଚମ ସ୍ଥାନ ଅକ୍ତିଆର କରିଥିଲେ। ଆଉ ଆଇପିଏଲରେ ପର୍ପଲ କ୍ୟାପ ଜିତିବାରେ ସେ ପ୍ରଥମ ବୋଲର। ଏହା ଥିଲା ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ଘଟଣା। ମୁଁ ଏବେ କମେଣ୍ଟ୍ରି କରିବାକୁ ଚାହୁଁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ମୋ ପୁଅ ଯୋହାନ ସହ ସମୟ ବିତାଇବି ବୋଲି ଓଝା କହିଛନ୍ତି। ସମୟ ଆସିଯାଇଛି ଜୀବନର ଏକ ପର୍ଯ୍ୟାୟ ଶେଷ କରିବାର। ଯେଉଁ ଭଲପାଇବା ଓ ସମର୍ଥନ ପାଇଛି, ତାହା ମନେ ରହିବ ଓ ମୋତେ ଅନୁପ୍ରାଣିତ କରିବ ବୋଲି ଓଝା ଟୁଇଟ୍ କରି ଲେଖିଛନ୍ତି। ଦେଶ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ମୋ ସ୍ୱପ୍ନ ଥିଲା। ମୁଁ କେତେ ଭାଗ୍ୟବାନ୍ ତାହା ବ୍ୟାଖ୍ୟା କରିବା ଲାଗି ମୋ ପାଖରେ ଶବ୍ଦ ନାହିଁ। ମୋ ସ୍ୱପ୍ନ ପୂରା କରିଛି। ଦେଶବାସୀଙ୍କଠାରୁ ଭଲ ପାଇବା ଓ ସମ୍ମାନ ପାଇଛି। ଜଣେ କ୍ରୀଡ଼ାବିତ ପାଇଁ ଏହାଠାରୁ ଆଉ କ'ଣ ବଡ଼ ସଫଳତା। କ୍ୟାରିୟରରେ ବହୁ ଉତ୍ଥାନ ଓ ପତନ ଦେଇ ଗତି କରିଛି। ଜଣେ କ୍ରୀଡ଼ାବିତ ପାଇଁ କଠିନ ପରିଶ୍ରମ ଓ ନିଷ୍ଠାର ଫଳାଫଳ ହିଁ ସବୁକିଛି ନୁହେଁ। ଟିମ୍ ମ୍ୟାନେଜମେଣ୍ଟ, ଦଳୀୟ ସଦସ୍ୟ, କୋଚ୍, ଟ୍ରେନର ଓ ପ୍ରଶଂସକଙ୍କ ବିଶ୍ୱାସ ମଧ୍ୟ ଦରକାର। ପ୍ରଜ୍ଞାନ ବିସିସିଆଇ, ଏଚ୍‌ସିଏ, ସିଏବି, ବିହାର ସିଏ ଓ ଆଇପିଏଲ ଦଳ ଡେକାନ ଚାର୍ଜର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଦଳ ପ୍ରତି ଧନ୍ୟବାଦ୍ ଦେଇଛନ୍ତି। ଏହା ବ୍ୟତୀତ ଓଝା ସିନିୟର ଓ ସାଥି ଖେଳାଳିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭିଭିଏସ୍ ଲକ୍ଷ୍ମଣ ମୋତେ ସାନ ଭାଇ ଭଳି ଭଲ କ୍ରୀଡ଼ାବିତ ହେବାରେ ସାହାଯ୍ୟ କରିଥିଲେ। ହରଭଜନ ସିଂ ମୋତେ ସର୍ବଦା ପରାମର୍ଶ ଦିଅନ୍ତି ଓ ମହେନ୍ଦ୍ର ସିଂ ଧୋନୀ ମୋତେ ଟିମ୍ ଇଣ୍ଡିଆର କ୍ୟାପ ପିନ୍ଧିବାକୁ ସୁଯୋଗ ଦେଇଥିଲେ। ରୋହିତ ଶର୍ମା ଓ ମନୋଜ ତିୱାରୀଙ୍କ ସହ ମୋର ବହୁ ସ୍ମୃତି ରହିଛି, ଯାହା ଆଜୀବନ ମନେ ରହିବ। ଶେଷରେ ସଚିନ ତେନ୍ଦୁଲକରଙ୍କଠାରୁ ଟେଷ୍ଟ କ୍ୟାପ ପାଇବା ଓ ୧୦୦ ଉଇକେଟ ଅଧିକାରୀ ହେବା ମୋ ପାଇଁ ସବୁଠୁ ବଡ଼ ସଫଳତା। ଦେଶରେ କ୍ରିକେଟର ଉନ୍ନତି ଲାଗି ନିଜ ଦକ୍ଷତା ଅନୁଯାୟୀ କାର୍ଯ୍ୟ କରିବି ବୋଲି ବିସିସିଆଇକୁ ପଠାଇଥିବା ଇସ୍ତଫା ପତ୍ରରେ ଓଝା ଲେଖିଛନ୍ତି।

## ଭିନେଶ, ଅଂଶୁଙ୍କୁ ବ୍ରୋଞ୍ଜ ପଦକ

ନୂଆଦିଲ୍ଲୀ, ୨୧।୨(ପି.ଟି.)

ଏଠାରେ ଚାଲିଥିବା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ରେସ୍‌ଲର ଭିନେଶ ଫୋଗଟ ଏବଂ ଅଂଶୁ ମାଲିକ ସେମାନଙ୍କ କାଟେଗୋରିରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୫୩ କେଜି କାଟେଗୋରି ବ୍ରୋଞ୍ଜ ପଦକ ବାଉଟରେ ଭିନେଶ ୧୦-୦ରେ ଭିଏତ୍‌ନାମର ଲାଇ କ୍ୟୁଙ୍କୁ ହରାଇ ଦେଇଥିବାବେଳେ ଉଜ୍‌ବେକିସ୍ତାନର ସେଭୋରା ଏସମୁରାଟୋଭାଙ୍କ ବିପକ୍ଷରେ ବିଜୟ ହାସଲ କରି ଅଂଶୁ ପୋଡିୟମ ଫିନିଶ କରିଥିଲେ। ପୂର୍ବରୁ ଭିନେଶ ଜାପାନର ମେୟୁ ମୁଆକିଡାଙ୍କଠାରୁ ପରାଜିତ ହୋଇ ସ୍ୱର୍ଣ୍ଣ ପଦକ ଦୌଡ଼ରୁ ବାଦ୍ ପଡ଼ିଥିଲେ।

# ସେମିରେ ସ୍ଥାନ ପାଇଁ ଓଡ଼ିଶାର ସଂଘର୍ଷ

## ଡ୍ରିମ୍ସ ରଣଜୀ

କଟକ ଅଫିସ,୨୧।୨

ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଚଳିତ ରଣଜୀ ଟ୍ରଫି ସିଜନର ଓଡ଼ିଶା-ବେଙ୍ଗଲ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତି ଦେଇ ଗତି କରୁଛି। ଦୁଇ ଦିବସର ଖେଳ ଶୁକ୍ରବାର ଶେଷ ହୋଇଥିବା ବେଳେ ଉଭୟ ଦଳ ମଧ୍ୟରେ ସେମିଫାଇନାଲରେ ସ୍ଥାନ ନେଇ କଡା ଟକ୍କର ଦେଖିବାକୁ ମିଳୁଛି। ବେଙ୍ଗଲର ପ୍ରଥମ ଇନିଂସ ୩୩୨ରନରେ ସୀମିତ ରହିବା ପରେ ଓଡ଼ିଶା ୬୭.୧ ଓଭର ଖେଳି ୪ ଉଇକେଟ ବିନିମୟରେ ୧୫୧ ରନ କରିଛି। ଦେବାଶିଷ ସାମନ୍ତରାୟ ଓ ଶାନ୍ତନୁ ମିଶ୍ର ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ ଦ୍ୱିତୀୟ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା। ଘରୋଇ ଓଡ଼ିଶା ୧୮୧ ରନ ପଛରେ ଥିବା ବେଳେ ହାତରେ ୬ ଉଇକେଟ ବାକି ଅଛି। ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିବା ପାଇଁ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବା ଏବେ ଉଭୟ ଦଳର ମୂଳଲକ୍ଷ୍ୟ।

ଅସମାପ୍ତ ଇନିଂସ ୩୦୮/୬ରୁ ବେଙ୍ଗଲ ଶୁକ୍ରବାରର ଖେଳ ଆରମ୍ଭ କରିଥିଲା। ଅନୁଷ୍ଟୁପ ମଜୁମଦାର ୧୩୬ ରନ ଓ ଶାହବାଜ ଅହମ୍ମଦ ୮୨ ରନରେ ଅପରାଜିତ ଥିଲେ। ଖେଳ ଆରମ୍ଭର ୩ୟ ଓଭର ପ୍ରଥମ ବଲରେ ଶାହବାଜ କୌଣସି ରନ ଯୋଡ଼ିବା ପୂର୍ବରୁ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ ମୁକେଶ କୁମାର (୧ ରନ), ଇଶାନ ପୋରେଲ (୦) ବସନ୍ତ ମହାନ୍ତିଙ୍କ ଶିକାର ହୋଇଥିଲେ। ଦଳ ୯ଟି ଉଇକେଟ ହରାଇ ସାରିଥିବା ବେଳେ ଅନୁଷ୍ଟୁପ ଅଧିକରୁ ଅଧିକ ବଲ ନିଜେ ସମ୍ମୁଖୀନ କରି ଦଳୀୟ ସ୍କୋରକୁ ବୃଦ୍ଧି କରିବାକୁ ଚେଷ୍ଟା କରିଥିଲେ। ୨୨୨ବଲରୁ ୧୫୦ ରନ ପୂରଣ କରିଥିବା ଅନୁଷ୍ଟୁପ ୧୫୭ ରନରେ ବସନ୍ତଙ୍କ ବଲରେ ଉଇକେଟ କିପର ରାଜେଶ ଧୁପରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଏଥିସହିତ ୩୩୨ ରନରେ ବେଙ୍ଗଲର ପ୍ରଥମ ଇନିଂସ ସୀମିତ ରହିଥିଲା। ଘରୋଇ ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଛନ୍ତି। ସୂର୍ଯ୍ୟକାନ୍ତ ୩, ପ୍ରୀତ କନୱର ସିଂ ଚୌହ୍ୱାନ ୨ ଓ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ପାଇଥିଲେ।



ଓଡ଼ିଶାର ଦୁଇ ଅର୍ଦ୍ଧଶତକ ହାସଲକାରୀ ଦେବାଶିଷ ସାମନ୍ତରାୟ ଓ ଶାନ୍ତନୁ ମିଶ୍ର।

ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଖୁବଶୀଘ୍ର ପ୍ରଥମ ଉଇକେଟ ହରାଇଥିଲା। ଦଳୀୟ ସ୍କୋର ୧୦ ହୋଇଥିବା ବେଳେ ଓପନର ଅନୁରାଗ ଷଡ଼ଙ୍ଗୀ (୫ ରନ) ନୀଳକଣ୍ଠ ଦାସଙ୍କ ବଲରେ କ୍ୟାଚ୍ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଶାନ୍ତନୁ ଓ ଦେବାଶିଷ ୧୨୫ ରନ ସଂଗ୍ରହ କରି ପ୍ରାରମ୍ଭିକ ଚାପରୁ ମୁକୁଳାଇଥିଲେ। ଧିମା ବ୍ୟାଟିଂ କରିଥିବା ଓଡ଼ିଶା ୩୧ତମ ଓଭରରେ ୫୦ ରନ ଅତିକ୍ରମ କରିଥିଲା। ଶାନ୍ତନୁ ୧୪୭ ବଲରୁ ଓ ଦେବାଶିଷ ୧୨୧ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଓଡ଼ିଶାର ସ୍ଥିତି ସୁଦୃଢ଼ ହେବାକୁ ଯାଉଥିବା ବେଳେ ବେଙ୍ଗଲ ବୋଲରଙ୍କ ପ୍ରତ୍ୟାବର୍ତ୍ତନ ଓଡ଼ିଶାକୁ ପୁର୍ନବାର ଚିନ୍ତାରେ ପକାଇଛି। ଦେବାଶିଷ ୬୮, ଶାନ୍ତନୁ ୬୨ ରନରେ ଆଉଟ ହେବା ପରେ ଗୋବିନ୍ଦ ପୋଦ୍ଦାର ଦିବସର ଅନ୍ତିମ ବଲରେ ୧୧ ରନରେ ପ୍ୟାଭିଲିୟନ ଫେରିଥିଲେ। ନାଇଟ ୱାଚମ୍ୟାନ ଭାବେ କ୍ରିଜକୁ ଆସିଥିବା ଦେବବ୍ରତ ପ୍ରଧାନ କୌଣସି ରନ୍ ନ କରି ଅପରାଜିତ ଅଛନ୍ତି।

**ଅନ୍ତିମ ସେସନ୍‌ରେ ତ୍ରୁଟି–**

ଶୁକ୍ରବାର ଖେଳର ପ୍ରଥମ ସେସନରେ ଓଡ଼ିଶା ଦଳ ଓପନର ଅନୁରାଗଙ୍କ ଉଇକେଟ ହରାଇଥିଲା। ମଧ୍ୟବର୍ତ୍ତୀ ସେସନ୍ ସମ୍ପୂର୍ଣ୍ଣ ଭାବେ ଦେବାଶିଷ ଓ ଶାନ୍ତନୁଙ୍କ ଅକ୍ତିଆରରେ ରହିଥିଲା। ହେଲେ ଅନ୍ତିମ ସେସନ୍‌ରେ ଚାପର ବଶବର୍ତ୍ତୀ ହୋଇ ଓଡ଼ିଶା ବ୍ୟାଟ୍ସମ୍ୟାନଙ୍କ ସାମାନ୍ୟ ତ୍ରୁଟିପୂର୍ଣ୍ଣ ବ୍ୟାଟିଂ ଯୋଗୁଁ ୩ଟି ଉଇକେଟ ପତନ ଘଟିଛି। ୬୮ ରନ କରିଥିବା ବେଳେ ଦେବାଶିଷ ବେଙ୍ଗଲର ମିଡ଼ିୟମ ପେସ ବୋଲର ନୀଳକଣ୍ଠଙ୍କ ଦ୍ୱାରା ଆଉଟ ହୋଇଥିଲେ। ୱାଇଡ ଲେଙ୍ଗରେ ପଡ଼ିଥିବା ଏକ ସ୍ଲୋ ବଲକୁ କଭର ଡ୍ରାଇଭ ମାରିବାକୁ ଚେଷ୍ଟାକରି ଦେବାଶିଷ ଉଇକେଟ କିପର ହାତରେ ଧରା ପଡ଼ିଥିଲେ। ଏହାପରେ ସ୍ପିନର ଶାହବାଜ ଅହମ୍ମଦ ଏକ ଯାଦୁକରୀ ସ୍ପିନ ବଲରେ ଶାନ୍ତନୁଙ୍କୁ ବୋଲ୍ଡ କରିଥିଲେ। ଅମ୍ପାୟର ଗୋଟିଏ ଓଭର ଖେଳ ବାକି ରହିଛି ବୋଲି ଘୋଷଣା କରିବାର ପ୍ରଥମ ବଲରେ ଆଉଟ ହୋଇଥିଲେ ଗୋବିନ୍ଦ। ଇଶାନ ପୋରେଲଙ୍କ ଏକ ବାଉନ୍ସରକୁ ରୋକିବାକୁ ଯାଇ ସ୍ଲିପ ଅଞ୍ଚଳରେ ଗୋବିନ୍ଦ କ୍ୟାଚ ଆଉଟ ହୋଇଛନ୍ତି।

**ବେଙ୍ଗଲ ଶିବିରରେ ରାଜୀବ ସେଠ୍ –**

ପୂର୍ବତନ ରଣଜୀ ଖେଳାଳି ରାଜୀବ ସେଠ୍‌ଙ୍କୁ ବେଙ୍ଗଲ ଶିବିରରେ ଦେଖିବାକୁ ମିଳିଥିଲା। କୋଚ୍ ଅରୁଣ ଲାଲ ଓ ଖେଳାଳିମାନଙ୍କ ସହ ସେ ଦୀର୍ଘ ସମୟ ଧରି ଆଲୋଚନା କରୁଥିଲେ। ଦିଲ୍ଲୀରେ ଜନ୍ମିତ ରାଜୀବ ଓଡ଼ିଶା ଓ ବେଙ୍ଗଲ ପକ୍ଷରୁ ପ୍ରଥମଶ୍ରେଣୀ ଓ ଲିଷ୍ଟ-ଏ ଫର୍ମାଟ ମ୍ୟାଚ୍ ଖେଳିଛନ୍ତି। ୯୦ ଦଶକରେ ରାଜୀବ ଓଡ଼ିଶା ପକ୍ଷରୁ ରଣଜୀ ଖେଳିଥିଲେ।


## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଲୋକନାଥ ଦାଶ
ରବି ଟକିଜ ଛକ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୪୮
ତିରୋଧାନ: ୧୩।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ: ବାସନ୍ତୀ ଦାଶ, ପୁତ୍ର: ତ୍ରିଲୋଚନ, ବିଶ୍ୱଜିତ, କନ୍ୟା: କଳ୍ପନା, ତପସ୍ୱିନୀ, ଜାମାତା: ଅରିଜିତ ଏବଂ ରୋନକ, ମାନା, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୯୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଙ୍କୁର ଚରଣ ସାହୁ
ଗ୍ରାମ: ଭୁଜବଳ, ବେଲାରପୁର, ଡେରାବିଶ୍, କେନ୍ଦ୍ରାପଡ଼ା
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୮୨୩




# ପୋଲିସ ଜାଲରେ ଆନ୍ତଃ ଜିଲା ଡକାୟତ

**ବିଞ୍ଝାରପୁର,୨୧।୨(ଡି.ଏନ.ଏ)**

ବିଞ୍ଝାରପୁର ପୋଲିସ ଜଣେ ଅନ୍ତଃଜିଲା ଡକାୟତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଡକାୟତଙ୍କ ନାମ ଚିକୁ ତରାଇ (୪୨) ବୋଲି ଜଣାପଡ଼ିଛି। ଜଗତସିଂହପୁର ଜିଲା ଲକ ଥାନା ପୋଲିସ ଦ୍ୱାରା ଧରାପଡିଥିବା ଅନ୍ତଃଜିଲା ଡକାୟତ ଚିକୁ ବିଞ୍ଝାରପୁର ଥାନା ଅଞ୍ଚଳରେ ବିଗତ ଦିନରେ ଅନେକ ଡକାୟତିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଏହାପରେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶ ପାଇ ବିଞ୍ଝାରପୁର ଥାନା ଏସଆଇ ଫିରୋଜ ଏକ୍କାଙ୍କ ନେତୃତ୍ୱରେ କନଷ୍ଟେବଳ ମଙ୍ଗଲ ଟିଉ, ବେବୀ ପ୍ରସାଦ ମାଝି, ଗୌରାଙ୍ଗ ଜେନା ପ୍ରମୁଖ ଗୁରୁବାର ବିଳମ୍ବିତ ରାତିରେ ଜଗତସିଂହପୁର ଜିଲା ଲକ ଥାନାରେ ପହଞ୍ଚି ଚିକୁଙ୍କୁ ହେପାଜତରେ ଆଣିଥିବା ଜଣାପଡିଛି। ତେବେ ଚିକୁଙ୍କୁ ବିଞ୍ଝାରପୁର ପୋଲିସ ବିଭିନ୍ନ ଆପରାଧିକ ଘଟଣା ସମ୍ପର୍କରେ ଅଧିକ ପଚରାଉଚରା ଜାରି ରହିଥିଲାବେଳେ ଶନିବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।




# ଦୁର୍ଘଟଣାରୁ ବର୍ତ୍ତିଲେ ବିଦେଶୀ ପର୍ଯ୍ୟଟକ



**ଚଣ୍ଡିଖୋଲ,୨୧।୨(ଡି.ଏନ୍.ଏ)**

ଯାଜପୁର ଜିଲା ୫୩ନଂ ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲ ବ୍ରିଜ ଉପରେ ଶୁକ୍ରବାର ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ କେହି ମୃତାହତ ହୋଇ ନଥିବା ଜଣାପଡ଼ିଛି। ତେବେ ଦୁର୍ଘଟଣାଗ୍ରସ୍ତ ଇନୋଭା ଗାଡ଼ି (ଓଡି୦୨ଏଚ୍୧୭୩୭)ରେ ଯାଉଥିବା ଦୁଇ ବିଦେଶୀ ପର୍ଯ୍ୟଟକ ରକ୍ଷା ପାଇଯାଇଥିବାବେଳେ ଗାଡ଼ିଟି ଭାଙ୍ଗି ଚୂରମାର ହୋଇଯାଇଛି। ସୂଚନା ଥାଉକି, ଏକ ଇନୋଭା କାର ଯୋଗେ ଫ୍ରାନ୍ସର ଦୁଇ ପର୍ଯ୍ୟଟକ ଡେଭିଡ ଆଜମି ଓ ରେନଲ ବୋଡେନ କେନ୍ଦ୍ରାପଡ଼ା ଜିଲାର କେତେକ ପର୍ଯ୍ୟଟନସ୍ଥଳ ପରିଭ୍ରମଣରେ ଯାଉଥିଲେ। ଏହି ସମୟରେ କେନାଲ ବ୍ରିଜ ଉପରେ ପୂର୍ବରୁ ରାସ୍ତା ମଝିରେ ଖରାପ ହୋଇ ଛିଡା ହୋଇଥିବା ଏକ କଳାପଥର ବୋଝେଇ ଟ୍ରକକୁ ଅତିକ୍ରମ କରୁଥିବାବେଳେ ବିପରୀତ ଦିଗରୁ ଆଉ ଏକ ଟ୍ରକ ମାଡ଼ି ଅସିଥିଲା। ଏଥିରେ ପର୍ଯ୍ୟଟକଙ୍କ ଗାଡି ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଡ଼ା ହୋଇଥିବା ଅଚଳ ଟ୍ରକ ସହ ଧକ୍କା ହୋଇଥିଲା। ଖବରପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ସହିତ ଗାଡିକୁ ଜବତ କରିଛି।

# ଦେଶୀ ବନ୍ଧୁକ ଜବତ, ଯୁବକ ଗିରଫ

**ଯାଜପୁର ଟାଉନ,୨୧।୨(ଡିଏନଏ)**

ଯାଜପୁର ସହରରେ ଗୁରୁବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛି। ଗିରଫ ଯୁବକ ହେଉଛନ୍ତି ଯାଜପୁର ପୁରୁଷୋତ୍ତମପୁର (ସାନବଜାର) ଅଞ୍ଚଳର ଲକ୍ଷ୍ମୀଧର ମହାଳିକ (୨୪) ଓରଫ କୁକୁନ। ସେ ଏକ ଦେଶୀ ବନ୍ଧୁକ ଧରି ରାତିରେ ବୁଲୁଥିବାବେଳେ ପୋଲିସ ସନ୍ଦେହରେ ତାଙ୍କୁ ଧରିଥିଲା। ତାଙ୍କ ନିକଟରୁ ଏକ ବେଆଇନ ଦେଶୀ ବନ୍ଧୁକ ଜବତ କରାଯାଇଛି। ଏନେଇ ଯାଜପୁର ପୋଲିସ ଏକ ମାମଲା (ନଂ. ୮୨/୨୦୨୦) ରୁଜୁ କରି ଯୁବକଙ୍କୁ କୋର୍ଟ ଚାଲାଣ କରିଛି।

# ପଙ୍ଖାରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

**ରସୁଲପୁର,୨୧।୨(ଡିଏନଏ)**

ରସୁଲପୁର ବ୍ଲକ ନରସିଂହପୁର ପଞ୍ଚାୟତ ଗଡ଼ଗୋବିନ୍ଦପୁର ଗ୍ରାମର ସାଧୁ ମିଶ୍ରଙ୍କ ପୁଅ ମନୋରଞ୍ଜନ(୨୮) ଗୁରୁବାର ରାତିରେ ଶୋଇବା ଘର ପଙ୍ଖାରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ମାନସିକ ଭାରସାମ୍ୟ ହରାଇ ଏଭଳି କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପରିବାର ଲୋକେ ଘର ସ୍କାଇଲାଇଟ୍ ଫାଙ୍କରେ ମନୋରଞ୍ଜନଙ୍କ ମୃତଦେହ ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ କୁଆଖିଆ ଥାନାକୁ ଖବର ଦେଇଥିଲେ। ପୋଲିସ ଏସଆଇ ରାଜକିଶୋର ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ–୦୫/୨୦) ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ବିଦ୍ୟା ଏପରି ଧନ, ଯାହାକୁ ଜ୍ଞାତିମାନେ ବାଣ୍ଟିନେଇ ପାରନ୍ତି ନାହିଁ। ଚୋର ମଧ ତାକୁ ଚୋରି କରିପାରେ ନାହିଁ।

- ଚାଣକ୍ୟ



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

**ରତ୍ନଗିରି,୨୧।୨(ଡିଏନଏ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ କ୍ଷେତ୍ରରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ବରୀ ବ୍ଲକର ଗୋଲକୁଣ୍ଡ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀମାନେ ଆବାସ ଯୋଜନାରୁ ବଞ୍ଚିତ ହେବାପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ। ବିଡିଓ ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କଠାରୁ ଅଭିଯୋଗ ଶୁଣିବା ପରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତ୍ରୁଟି ସୁଧାରିବା ପାଇଁ ତାଗିଦ୍ କରିଥିଲେ। ମାତ୍ର ଏହି ବ୍ଲକରେ ବିଭିନ୍ନ ପଞ୍ଚାୟତର ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀମାନେ ଚାପର ବଶବର୍ତ୍ତୀ ହୋଇ ତାଲିକା ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଛି। ପ୍ରସ୍ତୁତ ତାଲିକା ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ଉପଲବ୍ଧ ହେବା ପରେ ସରପଞ୍ଚମାନେ ଏହି ଯୋଜନାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କ ଆକ୍ରୋଶର ଶିକାର ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ରମ୍ଭା ସରପଞ୍ଚ ବିଜୟ କୁମାର ସାହାଣୀ, ବରୀ ସରପଞ୍ଚ ରମାକାନ୍ତ ମଲିକ, ଅଟିରାର ରୀନାରାଣୀ ଧଳ, ଅରଙ୍ଗାବାଦର ଶ୍ରୀଧର ଧଳଙ୍କ ସମେତ ଅନେକ ଲୋକ ପ୍ରତିନିଧି ଲିଖିତଭାବେ ବରୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି।

### 'ମାତୃଭାଷାର ସୁରକ୍ଷା, ସମୃଦ୍ଧି ପାଇଁ ପ୍ରତ୍ୟେକ କାର୍ଯ୍ୟ କରିବା ଉଚିତ'

**ଧର୍ମଶାଳା,୨୧।୨(ଡିଏନଏ):** ଭାଷା ଗୋଟିଏ ଜାତିର ସ୍ୱର୍ଣ୍ଣାଭ ପରିଚୟ। ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି ଦିଗରେ ପ୍ରତ୍ୟେକ ବ୍ୟକ୍ତି କାର୍ଯ୍ୟ କରିବା ଉଚିତ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଗୋକର୍ଣ୍ଣିକା ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଭାଷାପ୍ରୀତି ଓ ତାର ମର୍ଯ୍ୟାଦା ରକ୍ଷା ପାଇଁ ସ୍ୱାଭିମାନର ଛୋଟିଆ ପଦକ୍ଷେପ କ୍ରମେ ଭାଷା ଆନ୍ଦୋଳନର ରୂପ ନେଇଥିଲା। ଏଥିରେ ୬ଜଣ ଆନ୍ଦୋଳନକାରୀ ଯୁବଛାତ୍ରଙ୍କର ଗୁଳିରେ ପ୍ରାଣହାନୀ ଘଟିଥିଲା। କ୍ରମେ ସଂଘର୍ଷ ଓ ଯୁଦ୍ଧ ହୋଇ ବିଶ୍ୱରେ ଭାଷା ଭିତ୍ତିକ 'ବଙ୍ଗଳାଦେଶ'ର ଅଭ୍ୟୁଦୟ ଘଟିଥିଲା। ଏହି ଦିବସଟିକୁ ବିଶ୍ୱ ମାତୃଭାଷା ଦିବସଭାବେ ଜାତିସଂଘ ସ୍ୱୀକୃତି ଦେଇଥିଲା ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ବିଷ୍ଣୁ ସାମନ୍ତରାୟ କଲେଜର ପୂର୍ବତନ ଅଧକ୍ଷ ଗୌତମ ଜେନା, ସମ୍ମାନିତ ଅତିଥିଭାବେ ବରିଷ୍ଠ ଖବରଦାତା ବଟକୃଷ୍ଣ ପରିଡ଼ା, ସୂର୍ଯ୍ୟାସ୍ତ ସମ୍ପାଦକ ବିବେକାନନ୍ଦ ରାୟ, ଆଜିର ଆହ୍ୱାନ ମୁଖ୍ୟ ସମ୍ପାଦକ ମାନସ ରଞ୍ଜନ ଜେନା, ଓଡ଼ିଆ ଭାଷା ସାହିତ୍ୟର ଗବେଷିକା ସସ୍ମିତା ଦାଶ, ମିହିର କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ। ପୂର୍ବତନ ଉପସଭାପତି ସୁନାକର ସାହୁ ବିଶ୍ୱ ମାତୃଭାଷା ଦିବସ ଶୀର୍ଷକ ଏକ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଅନିଲ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ଦୀନବନ୍ଧୁ ପଣ୍ଡା ସୂଚନା ପ୍ରଦାନ କରିଥିଲେ। ବିନୋଦ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶୈବପୀଠରେ ଜମିଲା ଶ୍ରଦ୍ଧାଳୁଙ୍କ ଭିଡ଼


**ଯାଜପୁର ଟାଉନ,୨୧।୨ (ଡିଏନଏ):** ପବିତ୍ର ମହାଶିବରାତ୍ରି ଅବସରରେ ଯାଜପୁରର ସମସ୍ତ ଶୈବପୀଠରେ ଲାଗିଛି ଶ୍ରଦ୍ଧାଳୁଙ୍କ ଭିଡ। ଭୋର ୪ଟାରୁ ମନ୍ଦିର ପହଡ ଖୋଲାଯାଇ ନୀତିକାନ୍ତି ଅନୁଯାୟୀ ମହାଦେବଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସକାଳୁ ସକାଳୁ ହଜାର ହଜାର ଶ୍ରଦ୍ଧାଳୁ ବିଭିନ୍ନ ଶୈବପୀଠକୁ ଯାଇ ଦର୍ଶନ କରିଛନ୍ତି। ଅନେକ ଶୈବ ପୀଠରେ ଉପବାସ ସହ ଉଜାଗର ରହି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଯାଜପୁରସହର ଓ ଆଖପାଖ ଅଞ୍ଚଳର ବିଭିନ୍ନ ଶୈବପୀଠରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁମାନେ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ଯାଜପୁରସହରର ଇନ୍ଦ୍ର ଆଖଣ୍ଡଳେଶ୍ୱର, ଏକାଦଶରୁଦ୍ର, ମୁକ୍ତେଶ୍ୱର, ଗଙ୍ଗେଶ୍ୱର, ଇଷାଣେଶ୍ୱର , ସ୍ୱପ୍ନେଶ୍ୱର, ଜାଜ୍ଜେଶ୍ୱର, ତ୍ରିଲୋଚନେଶ୍ୱର, ବେଲେଶ୍ୱର, ଲଳିତେଶ୍ୱର, ଜ୍ଞାନେଶ୍ୱର, ପାତାଳେଶ୍ୱର, ବୈଦ୍ୟନାଥ, ରାମେଶ୍ୱର, ଖିଲାଟେଶ୍ୱର, ଲିଙ୍ଗେଶ୍ୱର, ଜମ୍ବେଶ୍ୱର , ରାଜେଶ୍ୱର ଆଦି ଶିବ ମନ୍ଦିରଗୁଡିକରେ ପ୍ରାତଃ ସମୟରୁ ପୂଜାର୍ଚ୍ଚନା କରାଯାଇ ରାତ୍ର ସମୟରେ ମହାଦୀପ ଲାଗି କରାଯାଇଥିଲା। ବିଭିନ୍ନ ମନ୍ଦିରରେ ସନ୍ଧ୍ୟା ସମୟରେ ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

# ପ୍ରତ୍ୟକ୍ଷ ଦର୍ଶନ ଦିଅନ୍ତି ବାଲୁଙ୍କେଶ୍ୱର

**ବାଞ୍ଛାନିଧି ସାହୁ**
**ବରୀ,୨୧।୨**

- ବାଲିହୁଙ୍କା ତଳୁ ବାଲୁଙ୍କେଶ୍ୱରଙ୍କ ଆବିର୍ଭାବ
- ବହୁ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ମିଳୁଥିବା ଗ୍ରାମବାସୀଙ୍କ ବିଶ୍ୱାସ

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବାଲିବିଲି ଗ୍ରାମରେ ରହିଛନ୍ତି ବାଲୁଙ୍କେଶ୍ୱର ମହାଦେବ। ଏହି ମହାଦେବଙ୍କୁ ଭକ୍ତି ବିଶ୍ୱାସ ଓ ବିନମ୍ରତାର ସହିତ ପୂଜାର୍ଚ୍ଚନା କରି ନିଜକୁ ସମର୍ପିତ କରିଦେଲେ ପ୍ରତ୍ୟେକ୍ଷ ଦର୍ଶନ ମିଳିଥାଏ ବୋଲି ଗ୍ରାମବାସୀଙ୍କର ବିଶ୍ୱାସ ରହିଛି। ଏହି ବିଶ୍ୱାସ ବଳରେ ବହୁ ଦୂରାରୋଗ୍ୟରୁ ରୋଗୀ ମୁକ୍ତି ପାଇଛନ୍ତି। ସର୍ପାଘାତର ଶିକାର ହୋଇଥିବା କେତେଜଣଙ୍କୁ ନୂତନ ଜୀବନ ମିଳିପାରିଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅବସରପ୍ରାପ୍ତ ଅଧକ୍ଷ ଗୋକୁଳାନନ୍ଦ ପତି କହିଛନ୍ତି। ୧୮ ତାରିଖରୁ ଏହି ପୀଠରେ ଦଶମ ବାର୍ଷିକୋତ୍ସବ ପାଳନ କରାଯାଉଛି। କଳସଯାତ୍ରା, ଅଙ୍କୁରାରୋପଣ, ଯଜ୍ଞ, ମହାପ୍ରସାଦ ସେବନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ମହାଶିବରାତ୍ରି ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଯଜ୍ଞକୁଣ୍ଡରେ ସମାଜର ମଙ୍ଗଳ ପାଇଁ ୬୦ କେଜିରୁ ଊର୍ଦ୍ଧ୍ୱ ଘୃତାହୂତି କରାଯାଇଛି। ୩ଦିନ ଧରି ଚାଲିଥିବା ଯଜ୍ଞରେ ପଣ୍ଡିତ ରାମଚନ୍ଦ୍ର ପଣ୍ଡା, ଉପେନ୍ଦ୍ର କଣ୍ଠ, ପ୍ରବୀର ମିଶ୍ର, ଗୋକୁଳାନନ୍ଦ ପତି ପ୍ରମୁଖ ଉପସ୍ଥିତ ରହି ଯଜ୍ଞ ପରିଚାଳନା କରିଥିଲେ। ଏହି ଉତ୍ସବରେ ଦୈନନ୍ଦିନ ଶହଶହ ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ନୈବେଦ୍ୟର ମହାର୍ଘ୍ୟ ଅର୍ପଣ କରିବା ସହିତ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ପାଖରେ ଶୁଭ ମନାସିଛନ୍ତି। ଏନେଇ ଏକ ଲୋକକଥା ରହିଛି। ଶୁଣାଯାଏ, ଏଠାରେ ଏକ ବାଲିହୁଙ୍କା ଥିଲା। ଏହି ବାଲିହୁଙ୍କା ଉପରେ ସ୍ଥାନୀୟ ଗାଁର ଏକ ଗାଇ ଆସି ଠିଆହୁଏ। ତା କ୍ଷୀର ସବୁ ଏହି ବାଲିହୁଙ୍କାରେ ଝରିଯାଇଥାଏ। ଗୋପାଳ ଜଣଙ୍କ ଗାଇ କାହିଁକି କ୍ଷୀର ଦେଉନାହିଁ ଭାବି ଦିନେ ଗାଇକୁ ଜଗିଥିଲେ। ଗାଇ ଆସି ପୂର୍ବଭଳି ବାଲିହୁଙ୍କା ପାଖରେ ଠିଆ ହୋଇଥିଲା। ସେଠାରେ ତା କ୍ଷୀର ସବୁ ଆପେଆପେ ଝରି ପଡୁଥିବା ଦେଖିବାକୁ ପାଇଥିଲେ। ଏହି ଘଟଣା ପ୍ରଘଟ ହୋଇଯିବାରୁ ବାଲିହୁଙ୍କାକୁ ଗ୍ରାମବାସୀଙ୍କ ପକ୍ଷରୁ ଖୋଳା ଯାଇଥିଲା। ୬/୭ ଫୁଟ ଖୋଳିଲା ପରେ ସେଠାରେ ଏକ ବିରାଟକାୟ ଲିଙ୍ଗ ଦେଖିବାକୁ ମିଳିଲା। ସେହିଦିନଠାରୁ ବାଲିବିଲି, ଅଲିପୁର, ଭବାନିପୁର ଗ୍ରାମର ଲୋକେ ବାଲୁଙ୍କେଶ୍ୱର ମହାଦେବଙ୍କ ନାମରେ ପୂଜାର୍ଚ୍ଚନା କରିବା ଆରମ୍ଭ କରିଥିଲେ। ପ୍ରଥମେ ଏକ ଚାଳିଆଘର



କରାଯାଇଥିଲାବେଳେ ୨୦୦୦ ମସିହାରୁ ସ୍ଥାୟୀ ମନ୍ଦିର ନିର୍ମାଣ କରାଯାଇ ୨୦୦୯ରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଥିଲା। ସେହିଦିନଠାରୁ ମହାଦେବଙ୍କ ବାର୍ଷିକ ଉତ୍ସବ ରୀତିନିତୀ ଅନୁଯାୟୀ କରାଯାଉଛି। ସନ୍ତାନ, ବ୍ୟାଧି ଗ୍ରହରିଷ୍ଟ ଖଣ୍ଡନ ପାଇଁ ଏଠାରେ ମାନସିକ କରି ପୂଜାର୍ଚ୍ଚନା କରାଯାଇଥାଏ। ଏହି ଗ୍ରାମର ରୁଞ୍ଜଚରଣ ବେହେରା (୬୦)ଙ୍କୁ ଏକ ବିଷଧର ସର୍ପ କାମୁଡିଥିଲାବେଳେ ଏଠାରେ ଅଧିଆ ପଡି ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ସେହିଦିନଠାରୁ ରୁଞ୍ଜି ସବୁବେଳେ ବାଲୁଙ୍କେଶ୍ୱରଙ୍କ ବେଢାରେ ବସି ରହିଥାନ୍ତି। ପ୍ରତ୍ୟେକଦିନ ଏଠାରେ ଭକ୍ତ ମନସ୍କାମନା ପୂରଣ ପାଇଁ ରୁଦ୍ରାଭିଷେକ କରିବା ସହିତ ଗୁଆ ବସାଇଥାନ୍ତି ବୋଲି ପୂଜକମାନେ କହିଛନ୍ତି। ଏଥିନିମନ୍ତେ ଶ୍ରୀଧର ମିଶ୍ର, ଶ୍ରୀପତି ମିଶ୍ର, ଶ୍ରୀକର ମିଶ୍ର ପ୍ରମୁଖ ସ୍ଥାୟୀ ପୂଜକଭାବେ ନିଯୁକ୍ତି ପାଇଛନ୍ତି। ୨୮ ଡିସିମିଲ ଜାଗାରେ ମହାଦେବଙ୍କ ବେଢା ରହିଛି। ଏନେଇ ଏକ ମନ୍ଦିର କମିଟି ଗଠନ କରାଯାଇଛି। ଏହାର ସଭାପତି ଗୋକୁଳାନନ୍ଦ ପତି ରହିଥିଲାବେଳେ ବନୋଜ କୁମାର ସାମଲ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ମହାଶିବରାତ୍ରି ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଏଠାରେ ଲାଗି ରହିବ। ତେଣୁ ଏନେଇ କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି। ବାଲୁଙ୍କେଶ୍ୱର ଯୁବକ ସଂଘ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ରହିଥିବା ସଂଘ ପକ୍ଷରୁ ପ୍ରଦୀପ ମହାରଣା କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ବଣିଜ**
**ଉତଲା ଚାଷ ।**

ବଣିଜ କିଣାବିକା ବେପାର। ଆଜି ହୋଇ ନ ପାରିଲେ କାଲି ହେବ। କାଲିକୁ ବଜାର ଭାଉ ବଢ଼ିବ ପଛେ କମିବ ନାହିଁ। ଗୋଦାମ ବା ଦୋକାନରେ ଜିନିଷ ପଡ଼ିରହିଲେ ତା'ର ମୂଲ୍ୟ ବଢ଼ିବ ପଛେ କମିବ ନାହିଁ। ବେପାର ବଣିଜରେ ଉନ୍ନତି ପାଇଁ ସମୟ ଲାଗିଥାଏ। ସେହିପରି ଚାଷର ସଫଳତା ପାଗଯୋଗ ଉପରେ ନିର୍ଭର କରେ। ଥରେ ପାଗ ଛାଡ଼ିଗଲେ ବିଲରେ ଚାଷ କରିବା, ବୁଣାବୁଣି କରିବା ଇତ୍ୟାଦି କାମ ପଛେଇଯାଏ ବା ହୋଇ ପାରି ନ ଥାଏ। ଥରେ ଚାଷରତୁ ଚାଲିଗଲେ ପୁଣି ଆସୁ ଆସୁ ବର୍ଷେ। ତେଣୁ ପାଗ ଅନୁସାରେ ଚାଷୀକୁ ସବୁବେଳେ ତରତର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାନ ବଉଳା,**
**ବନ୍ଧୁ ମଉଳା ।**

ଯେତେ ପ୍ରକାର ଧାନ ଅଛି ତା' ମଧ୍ୟରୁ ବଉଳା ଧାନ ହିଁ ସବୁଠୁ ଉତ୍କୃଷ୍ଟ ଧାନ ବୋଲି ଜଣାଯାଇଥାଏ। ସେହିପରି ଯେତେ ଆତ୍ମୀୟ ବା ବନ୍ଧୁବାନ୍ଧବ ଅଛନ୍ତି ତାଙ୍କ ମଧ୍ୟରୁ ମାମୁ ହିଁ ଶ୍ରେଷ୍ଠ ବନ୍ଧୁ ବୋଲି ଧରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜାରକା ବିଟ୍ ହାଉସ ନିକଟରେ ହେବ ଫ୍ଲାଏ ଓଭରବ୍ରିଜ୍

**ଧର୍ମଶାଳା,୨୧।୨(ଡିଏନଏ)**

## ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ

ଜାତୀୟ ରାଜପଥ ଜାରକା ଛକରେ ହେବାକୁ ଥିବା ଫ୍ଲାଏ ଓଭରବ୍ରିଜକୁ ନେଇ ଚାଲିଥିବା ବିଭିନ୍ନ କଳ୍ପନାଜଳ୍ପନାର ଅବସାନ ଘଟିଛି। ଶୁକ୍ରବାର ପୂର୍ବାହ୍ନରେ ଜାତୀୟ ରାଜପଥ ପ୍ରାଧିକରଣ ଆଞ୍ଚଳିକ ଅଧିକାରୀ ପି.କେ. ପଣ୍ଡା ଜାରକାରେ ପହଞ୍ଚି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ସରଜମିନ ତଦନ୍ତ କରି ଜାରକା ବିଟହାଉସ ନିକଟରେ ଫ୍ଲାଏଓଭର ବ୍ରିଜ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟ ୭ଦିନ ମଧ୍ୟରେ ଆରମ୍ଭ କରିବାକୁ ଠିକାସଂସ୍ଥା ଡିବିଏଲର ପ୍ରକଳ୍ପ ପରିଚାଳକ କମଲ ଚୌହାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୂର୍ବରୁ ଜାରକା ଛକରେ ଥିବା ଗଳିପୋଲଟି ପୂର୍ବ ଭଳି ରହିବବୋଲି ସ୍ଥିର କରାଯାଇଛି। ତେବେ ପୂର୍ବରୁ ଗଳିପୋଲ ଥିବା ସ୍ଥାନରେ ଫ୍ଲାଏ ଓଭରବ୍ରିଜ କରାଯିବା ପାଇଁ ସ୍ଥିର ହୋଇଥିଲା। ହେଲେ ଅବଶ୍ୟକ ଜାଗା ଓ ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି ଏଠାରୁ ୧୫୦ ମିଟର ଦୂର ଜାରକା ବିଟ ହାଉସ ନିକଟରେ ଫ୍ଲାଇ ଓଭରବ୍ରିଜ କରିବାକୁ ସ୍ଥିର କରାଯାଇଛି।

ଏହି ସମୟରେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଧର୍ମଶାଳା ଉନ୍ନୟନ କମିଟି ସଭାପତି ଜଳଧର ମହାନ୍ତି, ସଂଯୋଜକ ଅଖିଳ କୁମାର ସ୍ୱାଇଁ, ଧର୍ମଶାଳା ମହୋତ୍ସବ ପୂଜା କମିଟି ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ବଡବଜାର କମିଟି ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ଅଶୋକ ମୁଦୁଲି, ମେନମାର୍କେଟ ସଭାପତି ଅମରେନ୍ଦ୍ର ରାଉତ, ସ୍ଥାନୀୟ ସରପଞ୍ଚ ନଟବର ସାହୁ, ବିକାଶ ବେହେରା, ଅନିରୁଦ୍ଧ ରାଉତ, ଶ୍ରୀକାନ୍ତ ସାହୁ, ନିର୍ମଳ ପ୍ରଧାନ, ପ୍ରଫୁଲ୍ଲ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।



ଫ୍ଲାଏ ଓଭରବ୍ରିଜ ନିର୍ମାଣ ସମ୍ପର୍କରେ ବିଧାୟକ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

# ଗୋକର୍ଣ୍ଣେଶ୍ୱର ଶୈବପୀଠରେ ଖୋଲିଲା ଜଳଛତ୍ର



ଜଳଛତ୍ରରେ ଲୋକଙ୍କୁ ପାନୀୟ ପ୍ରଦାନ କରାଯାଉଛି।

**ରସୁଲପୁର, ୨୧।୨(ଡିଏନଏ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବାଜର ସ୍ଥିତ ପ୍ରତିଷ୍ଠିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଜି ଗୋକର୍ଣ୍ଣେଶ୍ୱର ପୀଠରେ ଭକ୍ତ, ଶ୍ରଦ୍ଧାଳୁ ଓ ମାନସିକଧାରୀଗଣଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଓ ଦହି, ଲେମ୍ବୁ ଓ ପୋଦିନାପତ୍ର ମିଶା ପାନୀୟ ପ୍ରଦାନ କରାଯାଇଛି। ଟ୍ରଷ୍ଟର ସମ୍ପାଦକ ସମାଜସେବୀ ହିମାଂଶୁ ଶେଖର ସାହୁ ଯୋଗଦେଇ ଜଳଛତ୍ରକୁ ଉଦ୍ଘାଟନ କରିଥିଲେ। ଭକ୍ତମାନଙ୍କୁ ପାଣି ବାଂଟି ଜଳଛତ୍ରକୁ ଶୁଭାରମ୍ଭ କରିଥିଲେ। ମହାଶିବରାତ୍ରୀ ଅବସରରେ ଶୈବପୀଠରେ ଭକ୍ତଙ୍କ ଭିଡ ଜମିଥିଲା। ଏହି ଜଳଛତ୍ର ଶ୍ରଦ୍ଧାଳୁମାନଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିଛି। ଏହାଛଡା ୧୬ନଂ ଜାତୀୟ ରାଜପଥରେ ଯାଉଥିବା ପଥିକମାନେ ଜଳଛତ୍ରରୁ ଆସି ପାଣି ପିଇ ଆଶ୍ୱସ୍ତିଲାଭ କରିଥିଲେ। ପ୍ରକାଶ ଥାଉ କି ବର୍ଷତମାମ ଏହି ଟ୍ରଷ୍ଟ ପକ୍ଷରୁ ନାନା ସାମାଜିକ କାର୍ଯ୍ୟ କରାଯାଉଛି। ସେଗୁଡିକ କ୍ରୀଡାକ୍ଷେତ୍ରରେ ହେଉ ଅବା ମହିଳା ସମାବେଶ, ସ୍ୱାସ୍ଥ୍ୟମେଳା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ ବଂଟନ, ମାଗଣା ଔଷଧ ବିତରଣ ଆଦି କ୍ଷେତ୍ରରେ ବିଶେଷ ଅବଦାନ ରହିଆସୁଛି।

# ସବୁଠି ଶୁଭିଲା ଓଁ ନମଃ ଶିବାୟ ଧ୍ୱନୀ

**ଯାଜପୁର ଅଫିସ,୨୧।୨**

ଅନନ୍ୟ ସଂସ୍କୃତି, ପରମ୍ପରା ଓ ଐତିହାସିକ ବରାହ-ବିରଜା କ୍ଷେତ୍ରରେ ସବୁଠି ମହାଶିବରାତ୍ରୀ ଅବସରରେ ଓଁନମଃ ଶିବାୟ ଧ୍ୱନୀରେ ପ୍ରକମ୍ପିତ ହୋଇଛି। ଯାଜପୁର ସହରର ତ୍ରିଲୋଚନେଶ୍ୱର, ସିଦ୍ଧେଶ୍ୱର ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ଭକ୍ତଙ୍କ ପ୍ରବଳ ଭିଡ ଲାଗି ରହିଥିଲା। ସେହିପରି ଯାଜପୁରୋଡର ଅତି ପୁରାତନ ସ୍ୱପ୍ନେଶ୍ୱର ମନ୍ଦିର, ଓଁକାରନାଥ ଶିବ ମନ୍ଦିର, ଦେବେଶ୍ୱର ମନ୍ଦିର, କନ୍ହେଇପୁର ଶିବ ମନ୍ଦିରରେ ମହା ଶିବରାତ୍ରୀ ପାଳନ ହୋଇଛି। ଏହାସହ ଗୋକର୍ଣ୍ଣେଶ୍ୱର ମନ୍ଦିର, ମହା ବିନାୟକ ମନ୍ଦିରରେ ମହା ଆଡମ୍ବରରେ ଶିବରାତ୍ରୀ ପାଳନ ହୋଇଛି। ଏହି ଅବସରରେ ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞ, ରୁଦ୍ରାଭିଷେକ, ଷୋଡଶ ଉପଚାର ପୂଜା କରି ଶ୍ରଦ୍ଧାଳୁ ମହାଦେବଙ୍କୁ ଦର୍ଶନ କରି ଉପବାସ କରିଛନ୍ତି। ସନ୍ଧ୍ୟାରେ ମହାଯଜ୍ଞ ପୂର୍ଣ୍ଣାହୂତି ହେବାପରେ ରାତି ୧୦ଟା ପରେ ମହାଦୀପ ଉଠିଛି।

**ରସୁଲପୁର,(ଡିଏନଏ):** ରସୁଲପୁର ବ୍ଲକ ଅଞ୍ଚଳର ସମସ୍ତ ଶୈବପୀଠ ଲୋକାରଣ୍ୟ ହୋଇଉଠିଛି। ପବିତ୍ର ମହାଶିବ ରାତ୍ରୀ ଅବସରରେ ପ୍ରତ୍ୟୁଷରେ ଶିବ ମନ୍ଦିରଗୁଡିକରେ ଭକ୍ତଙ୍କ ଭିଡ ଜମିଥିଲା। ଭକ୍ତମାନେ ଦୁଦୁରା ଫୁଲ, ବେଲପତ୍ର, ଅରଖ ଫୁଲ ଆଦି ମହାଦେବଙ୍କୁ ଚଢ଼ାଇ ଥିଲେ। ଭୋଗ ଚାଙ୍ଗୁଡିରେ ଗାଈକ୍ଷୀର, ପାଚିଲା କଦଳୀ, ନଡିଆ ଆଦି ଭୋଗ ସାଙ୍ଗକୁ କାଗଜରେ ଓ ସୋଲରେ ତିଆରି ଛତା ଲାଗି କରିଥିଲେ ଭକ୍ତଗଣ। ଯଜ୍ଞ କୁଣ୍ଡରେ ଯାଜ୍ଞିକ ବ୍ରାହ୍ମଣ ଓ ମନ୍ଦିର ପୂଜକଙ୍କ ମନ୍ତ୍ରଧ୍ୱନୀ ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ହିରବୋଲ ହୁଳହୁଳିରେ ପୀଠରେ ଭକ୍ତିଭାବ ସୃଷ୍ଟି କରିଥିଲା। ସନ୍ଧ୍ୟାରେ ମାନସିକଧାରୀ ଦୀପ ଜାଳି ଉଜାଗର ରହିବା ପାଇଁ ମନ୍ଦିର ବେଢାରେ ବସି ରହିଥିଲେ। ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳିଥିଲେ। ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଭିଡକୁ ଦେଖି ମନ୍ଦିର ପରିସରରେ ଆଇନ ଶୃଙ୍ଖଳା ସ୍ଥିତିକୁ କଡ଼ାକଡ଼ି କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିର ପରିସରରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିଭଳି ବ୍ଲକ ଅଞ୍ଚଳରେ ଥିବା ବାବା ଉତ୍ତରେଶ୍ୱର, ବିଶ୍ୱନାଥ, ମଣି ମନ୍ଦିର, ବଟେଶ୍ୱର, ଗୌରୀଶଙ୍କର, ସ୍ୱପ୍ନେଶ୍ୱର, ମହାଦେବଶ୍ୱର, ଆଖଣ୍ଡଳମଣି, ଲୋକନାଥଶ୍ୱର, ସର୍ବେଶ୍ୱର, ହଟକେଶ୍ୱର, ବାବା ବିନାୟକ, ସର୍ପେଶ୍ୱର, ଭୋଳାନାଥେଶ୍ୱର ଆଦି ମନ୍ଦିରରେ ମହାଶିବରାତ୍ରୀ ଶାନ୍ତିଶୃଙ୍ଖଳାର ସହ ଜାରି ରହିଛି।

**ଦୁବୁରୀ,(ଡିଏନଏ)-** ଦୁବୁରୀ ମହାଦେବ ମନ୍ଦିରରେ ମହାଶିବରାତ୍ରୀ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେଉଛି। ଏଥିସହିତ ଜାଗର ମେଳା ଆରମ୍ଭ ହୋଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ପୁରୁଣା ପରମ୍ପରା ଅନୁଯାୟୀ ମହାଦେବଙ୍କ ନିତୀ କାର୍ଯ୍ୟ ଆୟୋଜିତ ହୋଇଛି। ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ବହୁ ପୁରାତନ ଶୈବପୀଠରେ ପୂଜା ପାଇ ଆସୁଥିବା ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭୋରରୁ ଭକ୍ତଙ୍କ ଭିଡ ଲାଗିରହିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଦର୍ଶନ କରିବା ସହ ଦୀପ ଜାଳି ଉଜାଗର ରହିଛନ୍ତି। ମନ୍ଦିର ପରିଚାଳନା କମିଟି ଓ ଜାଗର ମେଳା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବିଶେଷ ଧ୍ୟାନ ଦିଆଯାଇଥିବା ମେଳା କମିଟି ପକ୍ଷରୁ କୁହାଯାଇଛି। ମନ୍ଦିର ଚତୁଃପାଶ୍ୱରେ ପ୍ରବଳ ଭିଡକୁ ଆଖି ଆଗରେ ରଖି କଳିଙ୍ଗନଗର ଥାନା ପୋଲିସ ପକ୍ଷରୁ ସେଠାରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ରାତି ୧୦ଟାରେ ପ୍ରଥମ ଓ ରାତି ୧୨ଟା ସୁଦ୍ଧା ଅନ୍ତିମ ମହାଦ୍ୱୀପ ଉଠିଥିଲା। ଏଥି ସହିତ ଆଜିଠାରୁ ଜାଗର ମେଳା ଆରମ୍ଭ ହୋଇଛି। ପ୍ରତ୍ୟେହ ସନ୍ଧ୍ୟାରେ ନାଚ ଗୀତ ଓ ସଙ୍ଗିତର ଆସର ଆୟୋଜିତ ହେବ ବୋଲି ମେଳା କମିଟିର ଆବାହକ ଜୟନ୍ତ ରାଉତ ସୂଚନା ଦେଇଛନ୍ତି।

**ଧର୍ମଶାଳା,(ଡିଏନଏ)-** ପବିତ୍ର ଜାଗର ଯାତ୍ରା ଅବସରରେ ଧର୍ମଶାଳା ବ୍ଲକର ବିଭିନ୍ନ ଶୈବ ପୀଠରେ ଭକ୍ତଙ୍କ ସମାଗମ ଲାଗି ରହିଛି। ଧର୍ମଶାଳା ବ୍ଲକର ଗୋକର୍ଣ୍ଣେଶ୍ୱର ପୀଠ, କୋଟପୁରସ୍ଥିତ ବୁଦ୍ଧଲିଙ୍ଗ, ସାଲେପୁରସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର, ଅଚ୍ୟୁତପୁର ଜ୍ଞାନେଶ୍ୱର ପୀଠ, ଜାରକା ସ୍ଥିତ ତ୍ରିନାଥେଶ୍ୱର ମନ୍ଦିର, ଚନ୍ଦନେଶ୍ୱର ମନ୍ଦିର, ପଣ୍ଡୁଆ ମହାଦେବ ପୀଠ, ପଲାର ମହାଦେବ ପୀଠ, ଗଡମଧୁପୁରର ନୀଳକଣ୍ଠେଶ୍ୱର ମହାଦେବ, ଉତ୍ତରଶାସନ ମହାଦେବ ପୀଠ, ଚୋରମୁହାଁ ନଣ୍ଡାମହାଦେବ, କଣ୍ଟିଗଡିଆ, ହରିଦାସପୁର, ବାଟିଯୋଡା, ମର୍ଜିତାପୁର, କବାଟବନ୍ଧସ୍ଥିତ ଆଖଣ୍ଡଳମଣି, କଣ୍ଟାପାଟଣାସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର, ତଳଗଡ ସ୍ଥିତ ବାଲୁଙ୍କେଶ୍ୱର, ସାଥୁଆପାଟଣାର ସ୍ୱପ୍ନେଶ୍ୱର, ରାଇଛନ୍ଦାର ରାମେଶ୍ୱର, ସୋରେଇର ସୋରେଇଶ୍ୱର, ବାରକଣାସ୍ଥିତ ବିଶ୍ୱନାଥ ମହାଦେବ ଓ ରାମପୁରକଇଥାର ଆଖଣ୍ଡଳମଣି ମନ୍ଦିର, ମୁନିବାବା ଅଶ୍ରମ ପ୍ରଭୃତି ଶୈବପୀଠରେ ଜାଗର ଯାତ୍ରା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣୀ ନଦୀ ଓ ବୌଦ୍ଧକିର୍ତ୍ତୀରାଜି ଦେଉଳି ପାହାଡ଼ ସଂଲଗ୍ନ ଗୋକର୍ଣ୍ଣେଶ୍ୱର ପୀଠ ଓ ବଜ୍ରଗିରିସ୍ଥିତ ଶିବ ମନ୍ଦିରରେ ମହାଦେବଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ଼ ଲାଗିରହିଛି। ଭକ୍ତମାନେ କିଭଳି ଶାନ୍ତିଶୃଙ୍ଖଳାରେ ବାବାଙ୍କୁ ଦର୍ଶନ କରିପାରିବେ ସେଥିଲାଗି ପରିଚାଳନା କମିଟି ଓ ଧର୍ମଶାଳା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଜାରକା ତ୍ରିନାଥେଶ୍ୱର ମନ୍ଦିର ପରିସରରେ ପରିଚାଳନା କମିଟି ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ଦେଖାଯାଇଛି।



ମହତାବ ନଗର ଦେବେଶ୍ୱର ମନ୍ଦିରରେ ମହାଦୀପ ଉଠୁଛି।

## ବରୁଣେଶ୍ୱର କ୍ଷେତ୍ରରେ ସହସ୍ରାଧିକ ଭକ୍ତଙ୍କ ସମାଗମ

**ବିଞ୍ଝାରପୁର,୨୧।୨(ଡି.ଏନ.ଏ)**



ବିଞ୍ଝାରପୁର ବ୍ଲକ ପ୍ରସିଦ୍ଧ ବରୁଣେଶ୍ୱର କ୍ଷେତ୍ରର ବାବା ବରୁଣେଶ୍ୱର ପୀଠ ସମେତ ସମସ୍ତ ପୁରପଲ୍ଲୀରେ ମହାଶିବରାତ୍ରୀ ମହାସମାରୋହରେ ଶୁକ୍ରବାର ପାଳିତ ହୋଇଯାଇଛି। ମହାଶିବରାତ୍ରୀ ଅବସରରେ ବାବା ବରୁଣେଶ୍ୱରଙ୍କର ଭୋର ୪ଟା ୩୦ରେ ଆଳତୀ ହୋଇଥିଲା। ଜାଗର ଯୋଗୁ ବରୁଣେଶ୍ୱର କ୍ଷେତ୍ରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ୭ଟା ୩୦ରେ ସନ୍ଧ୍ୟା ଆଳତୀ ସହ ବାବା ବରୁଣେଶ୍ୱରଙ୍କ ବଡସିଂହାର ବେଶ ହୋଇଥିଲା। ପରେପରେ ପରେ ରାତି ୯ଟା ୩୦ରେ ମହାଆଳତୀ ସହ ମହାଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରରେ ବହୁ ଶ୍ରଦ୍ଧାଳୁ ଭକ୍ତ ବରୁଣେଶ୍ୱର କ୍ଷେତ୍ରରେ ରାତିସାରା ଉଜାଗର ରହିଥିଲେ। ବରୁଣେଶ୍ୱର ପୀଠରେ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ମାଁସଡା ପଞ୍ଚାୟତର ଗୌଡସାହିସ୍ଥିତ କଲ୍ୟାଣେଶ୍ୱର ପୀଠରେ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଥିଲା। ସେହିପରି ଅରିଲୋ ଗ୍ରାମର ବାବା ଶ୍ୟାମେଶ୍ୱର, ରଣପୁରର ବଟେଶ୍ୱର, ସମଲପୁରର ସମଲେଶ୍ୱର, ବେଲପାଳର ଧବଳେଶ୍ୱର, ବରୁଣେଶ୍ୱର, ବରହମପୁର ଛକସ୍ଥିତ କୁଶଳେଶ୍ୱର, ତାଡଁତରା ଛକସ୍ଥିତ ଆଖଣ୍ଡଳମଣି ପୀଠ ଆଦି କ୍ଷେତ୍ରରେ ମହାସମାରୋହରେ ଶିବରାତ୍ରୀ ପାଳନ କରାଯାଇଥିଲା। ଖରିଆସ୍ଥିତି ମହାଦେବ ପୀଠରେ ଭୋଳାନାଥ ଶିବଙ୍କ ପ୍ରତିମୂର୍ତ୍ତି ନିକଟରେ ଭକ୍ତମାନେ ନଡିଆ ବାଡେଇ ମନସ୍କାମନା ପୂରଣ କରିଥିଲେ। ଏଥିସହିତ ବିଞ୍ଝାରପୁର ଅଞ୍ଚଳର ଗଳିକନ୍ଦିରେ ବୃକ୍ଷମୂଳେ ପୂଜା ପାଉଥିବା ମହାଦେବଙ୍କ ନିକଟରେ ଆଖଣ୍ଡମଣି ମେଳା ମଧ୍ୟ ଆୟୋଜନ କରାଯାଇଥିଲା।



ବୃଦ୍ଧା, ବାଳିକା ଓ ଯୁବତୀ ସ୍ତ୍ରୀଙ୍କୁ ଦେଖି ସେମାନଙ୍କୁ ମାତା, କନ୍ୟା ଓ ଭଗ୍ନୀ ରୂପରେ ଚିନ୍ତା କରିବା ହେଉଛି ସର୍ବଶ୍ରେଷ୍ଠ ବ୍ରହ୍ମଚର୍ଯ୍ୟ, ଯାହାକୁ ତିନିଲୋକରେ ପୂଜ୍ୟ ଅଟେ।
- ଭଗବାନ ବୁଦ୍ଧ



## ସଂକ୍ଷେପରେ

### ମନ୍ଦିର ଉନ୍ନୟନ ନାଁରେ ବିବାଦୀୟ ଜମିରୁ ଗଛକଟା, ବନ ବିଭାଗ ପକ୍ଷରୁ କଟା ଗଛ ଜବତ

**ରସୁଲପୁର,୨୧।୨(ଡିଏନଏ):** ରସୁଲପୁର ବ୍ଲକ କଲଣ ପଞ୍ଚାୟତର ଶୁଳିଆ ଗ୍ରାମର ଏକ ବିବାଦୀୟ ଜମିରୁ ଗଛକଟାକୁ ବିରୋଧ କରାଯାଇଛି। ଏନେଇ ଖବର ପାଇ ଗଡମଧୁପୁର ବନ ବିଭାଗ ପକ୍ଷରୁ ଫରେଷ୍ଟର ରଞ୍ଜନ କୁମାର ମିଶ୍ର ଓ ଗାର୍ଡ କୈଳାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ୮ଜଣିଆ ଦଳ ଘଟଣାସ୍ଥଳରେ ପହଞ୍ଚି କଟା ଗଛଗୁଡିକୁ ଜବତ କରିଥିଲେ। ଗ୍ରାମବାସୀ ପକ୍ଷରୁ ୮ଟି ଆକାଶିଆ ଗଛକୁ ଗ୍ରାମଦେବତୀ ଉନ୍ନୟନ ନାଁରେ କାଟି ଦେଇଛନ୍ତି। ଉକ୍ତ ଗଛକୁ ବନ ବିଭାଗ ଅଧିକାରୀମାନେ ଜବତ କରିବା ସମୟରେ ଗ୍ରାମବାସୀ ଓ ବିଭାଗୀୟ କର୍ମଚାରୀ ମଧ୍ୟରେ କଥା କଟାକଟି ହୋଇଥିଲା। ଉକ୍ତ ଗଛଗୁଡିକ ଠାକୁରଙ୍କ ନାଁରେ ଥିବା ଜମିରୁ କାଟିଛନ୍ତି ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ସଫେଇ ଦେଇଥିବାବେଳେ ଗଛ କଟାଯାଇଥିବା ସ୍ଥାନ ସରକାରୀ(ଜଳସେଚନ ବିଭାଗ) ବୋଲି କୁହାଯାଉଛି। ଏ ନେଇ ଗ୍ରାମବାସୀ, ମନ୍ଦିର ପରିଚାଳନା କମିଟିର ଲୋକେ, ବନବିଭାଗ ଓ କୁଆଖିଆ ପୋଲିସର ଉପସ୍ଥିତିରେ ଆଲୋଚନା ହୋଇ ଆସନ୍ତା ୨୮ ତାରିଖକୁ ସ୍ଥଗିତ ରହିଲା। ଗଛ କଟାଯାଇଥିବା ଜମିକୁ ମାପଚୁପ କରାଯାଇ ତାହା ଘରୋଇ ଜମି କି ସରକାରୀ ତାହା ସ୍ପଷ୍ଟ ହେବାପରେ ଯାହାକିଛି ନିଷ୍ପତି ନିଆଯିବ ବୋଲି ସ୍ଥିର କରାଯାଇଛି।

### 'ମୃତ୍ତିକାର ଯତ୍ନ ନେଲେ ଚାଷୀ ପରିବାର ସମୃଦ୍ଧ ହେବ'

**ରସୁଲପୁର,୨୧।୨(ଡିଏନଏ):** ମାଟି ମା' ପାଇଁ ଆମେ ବଞ୍ଚିଛେ। ମାଟିକୁ ବିନିଯୋଗ କରି ସବୁଜକ୍ଷେତରୁ ଉତ୍ପାଦିତ ଖାଦ୍ୟସଶ୍ୟ ସମାଜର ଭୋକ ଦୂର କରୁଛି। ଚାଷୀ ପରିବାରକୁ ସୁସ୍ଥ ଓ ସମୃଦ୍ଧ କରିପାରିବ। ଏଥିପାଇଁ ଚାଷୀଙ୍କୁ ମାଟିର ସ୍ୱାସ୍ଥ୍ୟର ଯତ୍ନ ନେବାକୁ ହେବ ବୋଲି ରସୁଲପୁର ବ୍ଲକ କୃଷି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆୟୋଜିତ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଦିବସ ପାଳନ ଅବସରରେ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ଶିବିରରେ ସମ୍ବଳ ଅଧିକାରୀ ଭାବେରେ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ଯୋଗଦେଇ ପ୍ରତ୍ୟେକ ଚାଷୀ ସେମାନଙ୍କ କ୍ଷେତର ମାଟି ପରୀକ୍ଷା କରି କାର୍ଡ ହାସଲ କରିବାକୁ ପରାମର୍ଶ ଦେଇଛନ୍ତି। ଚାଷୀମାନେ ସାର ଓ ଔଷଧ ଖରିଦ କରିବା ସମୟରେ ମାଟି ସ୍ୱାସ୍ଥ୍ୟ କାର୍ଡ ଦେଖାଇବାକୁ କୁହାଯାଉଛି। ମାଟି କାର୍ଡରେ ଥିବା ଖାଦ୍ୟସାର ଅନୁଯାୟୀ ସାର ପ୍ରୟୋଗ କଲେ ମାଟି ସୁରକ୍ଷିତ ରହିବା ସହ ଭଲ ଫସଲ ଉତ୍ପାଦନ ହେବ। ଏହା ଦ୍ୱାରା ଚାଷୀ ପରିବାର ସମୃଦ୍ଧ ହୋଇପାରିବ ବୋଲି ମଧ କହିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ପ୍ରତିମା ଦାସ, ଚନ୍ଦନ ବେହେରା, ସୁବାସ ସାମଲ, ପ୍ରକାଶ ରାଉତ, ଶ୍ରମିଷ୍ଠା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

# ନଗଡ଼ା ଗସ୍ତ କରିବେ ଲୋକାୟୁକ୍ତ

**ଯାଜପୁର ଅଫିସ,୨୧।୨**

- ମାର୍ଚ୍ଚ ୨୧ରେ ଗସ୍ତ ନିଷ୍ପତ୍ତି
- ନଗଡାକୁ ଗାଡି ଚଳାଚଳ ଉପଯୁକ୍ତ କରିବାକୁ ନିର୍ଦ୍ଦେଶ
- ଉପସ୍ଥିତ ରହିବେ ୭ ଅଧିକାରୀ
- ସୁକିନ୍ଦାରେ ହେବ ସମୀକ୍ଷା ବୈଠକ

ଯାଜପୁର ଜିଲା ସୁକିନ୍ଦା ବ୍ଲକ ନଗଡାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସ୍ଥିତି ପରଖିବେ ନିଜେ ଲୋକାୟୁକ୍ତ। ଏଥିପାଇଁ ଆସନ୍ତା ମାର୍ଚ୍ଚ ୨୧ରେ ଲୋକାୟୁକ୍ତ ନଗଡା ଗସ୍ତ କରିବେ ବୋଲି ୧୨।୨।୨୦୨୦ରେ ହୋଇଥିବା ଶୁଣାଣିରେ ନିଷ୍ପତ୍ତି ହୋଇଛି। ତେବେ ଇତିମଧ୍ୟରେ ପ୍ରାୟ ୧୩କୋଟି ଟଙ୍କାରେ ନିର୍ମିତ ନଗଡାକୁ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବାରୁ ଗାଡି ଚଳାଚଳ ଅନୁପଯୁକ୍ତ ହୋଇଛି। ତେଣୁ ଲୋକାୟୁକ୍ତଙ୍କ ଗସ୍ତ କାର୍ଯ୍ୟକ୍ରମ ପୂର୍ବରୁ ନଗଡାକୁ ଗାଡି ଚଳାଚଳ ପାଇଁ ରାସ୍ତା ମରାମତି କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ହୋଇଛି। ଏହାସହ ଯାଜପୁର ଜିଲାପାଳ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର, ଗ୍ରାମ୍ୟ ନିର୍ମାଣ ବିଭାଗ ଯାଜପୁର ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ, ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ସୂଚନା ଦେବାକୁ ନିର୍ଦ୍ଦେଶ ହୋଇଛି। ସମ୍ପୃକ୍ତ ଅଧିକାରୀମାନେ ଲୋକାୟୁକ୍ତଙ୍କ ଗସ୍ତ ସମୟରେ ଆବଶ୍ୟକ କାଗଜପତ୍ର ସହ ସୁକିନ୍ଦାର ଯେ କୌଣସି ସରକାରୀ ଗେଷ୍ଟହାଉସ କିମ୍ବା ବଙ୍ଗଳାରେ ଏକ ସମୀକ୍ଷା ବୈଠକର ଆୟୋଜନ କରିବାକୁ ନିର୍ଦ୍ଦେଶରେ ଦର୍ଶାଯାଇଛି। ନଗଡାରେ ଶିଶୁ ମୃତ୍ୟୁ ଘଟଣା ପରେ କୋଟି କୋଟି ଟଙ୍କାର ଅନୁଦାନ ଆବଣ୍ଟିତ ହୋଇଛି। ଉପରନଗଡା, ମଝି ନଗଡା ଓ ତଳ ନଗଡାର ବିକାଶ ପାଇଁ ପ୍ରାୟ ୨୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଅଥଚ ନଗଡା ଜୁଆଙ୍ଗ ଆଦିବାସୀଙ୍କ ଜୀବନଧାରଣ ମାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ମର୍ମରେ ରାଜ୍ୟ ସୂଚନା ଅଧିକାର ଆଇନ(ଆରଟିଆଇ)ର ଆବାହକ ପ୍ରଦୀପ ପ୍ରଧାନ ଲୋକାୟୁକ୍ତଙ୍କ ପାଖରେ ୧୪।୧୦।୨୦୧୯ରେ ଅଭିଯୋଗ କରିଥିଲେ। ଏହାପରେ ଓଡିଶା ଲୋକାୟୁକ୍ତ(ଏଲୱାଇ)-୪୫୫/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲା ଅନୁଯାୟୀ ବିଭାଗୀୟ ଅଧିକାରୀଙ୍କୁ ଲୋକାୟୁକ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା ନିଜ ସଫେଇ ଦେଇ ସାରିଛନ୍ତି। ନଗଡାକୁ ପ୍ରଥମେ ଏକ ପାଦଚଳା ରାସ୍ତା ଥିଲା। ଚାଲିଚାଲି ପ୍ରାୟ ୮ କିମି ଅତିକ୍ରମ କରିବାକୁ ୩ ଘଣ୍ଟା ସମୟ ଲାଗୁଥିଲା। ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶ ଅନୁସାରେ ବିନା ବ୍ଲାକଟପିଂ/କଂକ୍ରିଟ ଜରିଆରେ ମଟୋରେବୁଲ ଜଙ୍ଗଲ ରାସ୍ତା ନିର୍ମାଣ ହୋଇଥିବା ଏବଂ ୩ ବର୍ଷାରତୁ ସହ ତିତିଲି ଓ ଫନି ଯୋଗୁ ରାସ୍ତାର ବିଭିନ୍ନ ସ୍ଥାନ କ୍ଷତିଗ୍ରସ୍ତ ହୋଇଥିବା ସେ ରିପୋର୍ଟରେ ଦର୍ଶାଇଥିଲେ। ଏହି କାର୍ଯ୍ୟ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିର ୧୨୮୧.୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହାୟାଗ୍ରିଭା ଇନଫ୍ରାଟେକ ପ୍ରୋଜେକ୍ଟ ଦ୍ୱାରା ଏହି ଜଙ୍ଗଲ ରାସ୍ତା ନିର୍ମାଣ ହୋଇଛି। ୭.୬୬୦ କିମି ଲମ୍ବା ବିଶିଷ୍ଟ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପାହାଡ, ପଥର କାଟି ସମ୍ପାଦନ ହୋଇଛି ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ଅଥଚ ଲୋକାୟୁକ୍ତ ଏହି ଉତ୍ତରରେ ସନ୍ତୁଷ୍ଟ ନହୋଇ ନଗଡାକୁ ଗସ୍ତ କରି ବିକାଶ କାର୍ଯ୍ୟର ସମୀକ୍ଷା କରିବେ ବୋଲି ସୂଚନା ମିଳିଛି।

### ଆନ୍ତଃ ସିନିୟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ଏସସିଏ ବାରଗାଡିଆ ବିଜୟୀ

**ଧର୍ମଶାଳା,୨୧।୨(ଡିଏନଏ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଅନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ୨୩ ବର୍ଷରୁ କମ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟ ଚାଲିଛି। ଶୁକ୍ରବାର ମ୍ୟାଚରେ ବିସିସିଏ ପାଣିକୋଇଲିକୁ ୮ଉଇକେଟରେ ପରାସ୍ତ କରି ଏସସିଏ ବାରଗାଡିଆ ବିଜୟୀ ହୋଇଛି। ଟସ ଜିତି ପାଣିକୋଇଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରୁ ୩୫.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ଜବାବରେ ବାରଗାଡିଆ ବ୍ୟାଟିଂ କରି ୩୨.୫ଓଭରରେ ୨ ଉଇକେଟ ହରାଇ ୧୯୫ରନ କରି ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ଉତ୍ତମ ସାମଲ ଓ ଦିଲକ ଜେନା ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ସେନାପତି ସ୍କୋରରରେ ସହାୟତା କରିଥିଲେ। ଶନିବାର କେଡିଏମ ଧର୍ମଶାଳା ଓ ସତାର କ୍ଲବ ସୁକିନ୍ଦା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଓସିଏ ଜିଲା ସମ୍ପାଦକ ଜ୍ଞାନଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି।

# ମହାବିନାୟକ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

**ଚଣ୍ଡିଖୋଲ,୨୧।୨(ଡି.ଏନ୍.ଏ)**



ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼।

ପବିତ୍ର ମହାଶିବରାତ୍ରୀ ଅବସରରେ ବଡଚଣା ବ୍ଲକ ଅନ୍ତର୍ଗତ ବାରୁଣାବନ୍ତ ପାହାଡ଼ ପାଦଦେଶରେ ଥିବା ମହାବିନାୟକ ପୀଠରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ପଞ୍ଚଦେବଙ୍କ ପୀଠଭାବେ ପରଚିତ ଏହି ପ୍ରସିଦ୍ଧ ଶୈବକ୍ଷେତ୍ରକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋର ୪ଟାରୁ ମହାସ୍ନାନ କରାଯାଇ ମଙ୍ଗଳା ଆଳତୀ ଓ ଧୂପଲାଗି ହେବା ପରେ ପହୁଡ ଖୋଲିଥିଲା। ଭକ୍ତମାନେ ଲମ୍ବାଧାଡିରେ ଛିଡା ହୋଇ ପଞ୍ଚଦେବତାଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଅନ୍ୟାନ୍ୟ ଶୈବପୀଠରୁ ଏଠାରେ ନିଆରା ପରମ୍ପରା ଦେଖାଯାଏ। ଏକକାଳୀନ ମାହଦେବଙ୍କ ସହ ଗଣେଶ, ବିଷ୍ଣୁ, ଦୁର୍ଗା ଓ ସୂର୍ଯ୍ୟଦେବଙ୍କୁ ପୂଜା କରାଯାଇଥାଏ। ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ମାନେ ଆସିଥିବାରୁ ଦୁଇଟି ଲମ୍ବାଧାଡି ମନ୍ଦିରଠାରୁ ଆରମ୍ଭ କରି ବଡଦାଣ୍ଡ ପର୍ଯ୍ୟନ୍ତ ଲମ୍ବିଥିବା ଦେଖାଯାଇଥିଲା।

**ପଲ୍ଲିଶ୍ରୀ ମେଳା ଉଦଘାଟିତ:** ଯାଜପୁର ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ତରଫରୁ ବଡଚଣା ପଞ୍ଚାୟତ ସମିତି ଆନୁକୂଲ୍ୟରେ ମହାବିନାୟକ ପୀଠରେ ଏକ ପଲିଶ୍ରୀ ମେଳାର ଆୟୋଜନ କରାଯାଇଛି। ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ତାଙ୍କ ପତ୍ନୀ ଅନିତା ଶତପଥୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଗ୍ରାମପଞ୍ଚାୟତ ଅଧିକାରୀ ଅମିୟ ଦାସଙ୍କ ସମେତ ସମସ୍ତ ଅଧିକାରୀ ମାନେ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ୧୨ଟି ଷ୍ଟଲ ଏହି ମେଳାରେ ଖୋଲଯାଇଛି।

**ଜଳଛତ୍ର ଓ ପଣା:** ମହାଶିବରାତ୍ରୀରେ ଭିଡକୁ ଦୃଷ୍ଟିର ରଖି ପ୍ରୟାସ ଓ ଉଦୀୟମାନ ତରଫରୁ ଏଠାକୁ ଅସୁଥିବା ଯାତ୍ରୀଙ୍କ ପାଇଁ ଜଳଛତ୍ର ଓ ପଣା ପ୍ରଦାନ କରାଯାଇଥିଲା। ପ୍ରୟାସ ଅନୁଷ୍ଠାନ ତରଫରୁ ଆଶିଷ ମହାପାତ୍ର, ଭାରତ ଭୁଷଣ ପଣ୍ଡା,ଶୁସାନ୍ତ ନାୟକ, ବସନ୍ତ ପଲେଇ,ମାନସ ରାଉତ ପ୍ରମୁଖ ଜାତୀ ମାନଙ୍କୁ ସେବା ଯୋଗାଇଦେବା ସହ ପାଣି ଓ ପଣା ପ୍ରଦାନ କରୁଥିଲେ। ଜାଗର ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଯାଜପୁର ଏସ୍‌ପି ଚରଣସିଂହ ମୀନାଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସ୍‌ପି, ଜଣେ ଡିଏସପି ଓ ଚାରି ଇନ୍ସପେକ୍ଟରଙ୍କ ସମେତ ବହୁ ପୋଲିସ ଅଧିକାରୀ ସେଠାରେ ମୁତୟନ ହୋଇଥିଲେ। ତେବେ ସନ୍ଧ୍ୟାରେ ସେଠାରେ ହୋଇଥିବା ମଟର ସାଇକେଲ ଷ୍ଟାଣ୍ଡ ନିକଟରେ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡରୁ ଝଗଡା ଆରମ୍ଭ ହୋଇଥିଲା। ପୋଲିସ ପହଞ୍ଚି ଗଣ୍ଡଗୋଳକୁ ପ୍ରସମିତ କରିଥିଲା।

# ଖର୍ଚ୍ଚ ହେଉଛି ଟଙ୍କା, ସୁଧୁରୁନି ରାସ୍ତା ଅବସ୍ଥା

**ଯାଜପୁର ଟାଉନ,୨୧।୨(ଡିଏନଏ):** ଯାଜପୁର ସହରକୁ ସଂଯୋଗ କରୁଥିବା ୨୦ନଂ ଜାତୀୟ ରାଜପଥର ବୁଢ଼ାଘାଟଠାରୁ ମାନସାପୋଲ ଯାଏ ରାସ୍ତା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଅଧିକାଂଶ ରାସ୍ତା ଭାଙ୍ଗି ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ଫଳରେ ଯାତ୍ରୀଙ୍କ ପାଇଁ ନାନା ଅସୁବିଧା ପରିଲକ୍ଷିତ ହେଉଛି। ଏହି ରାସ୍ତା ନିର୍ମାଣ ସରିବା ପରେ ଅନେକ ଥର ଭାଙ୍ଗିରୁଜି ଯିବାରୁ ଲକ୍ଷାଧିକ ଟଙ୍କା ମରାମତି ନାମରେ ଖର୍ଚ୍ଚ ହୋଇଚାଲିଛି। ମାତ୍ର ରାସ୍ତା ଅବସ୍ଥା ସୁଧୁରୁ ନ ଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ନିର୍ମାଣ କରାଯାଇଥିବାବେଳେ ପାନୀୟଜଳ ଯୋଗାଣ ବିଭାଗ ସହିତ ରାଜପଥ ବିଭାଗର ସମନ୍ୱୟ ରହୁ ନ ଥିବା ହେତୁ ମାନସାପୋଲ ନିକଟରେ ଥିବା ଜିଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ସମ୍ମୁଖ ରାସ୍ତାଟି ବାରମ୍ବାର ଭାଙ୍ଗିଯାଉଛି। ରାସ୍ତାର ଲଳିତେଶ୍ୱର ଛକ, କଲେଜ ଛକ ଇତ୍ୟାଦି ସ୍ଥାନରେ ମଧ ନିର୍ମାଣର ମାତ୍ର କିଛିଦିନ ପରେ ରାସ୍ତା ଭାଙ୍ଗି ବଡବଡ ଖାଲ ସୃଷ୍ଟି ହୋଇଛି। ଗତ ୨ମାସ ତଳେ ଏହି ରାସ୍ତାକୁ ମରାମତି କରାଯାଇ ନୂଆ ପିଚୁ ପକା ଯାଇଥିବାବେଳେ ଅଧିକାଂଶ ସ୍ଥାନରୁ ପିଚୁ ଉଠିଗଲାଣି। ମାନସାପୋଲ ନିକଟ ରାସ୍ତା ତଳେ ପାଣି ପାଇପ୍‌ଟି ବାରମ୍ବାର ଫାଟି ଯାଉଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ସ୍ଥାୟୀ ମରାମତି କରୁ ନ ଥିବାରୁ ଜାତୀୟ ରାଜପଥରେ ବିଶାଳ ଖାଲ ସୃଷ୍ଟି ହେଉଛି। କ୍ରମାଗତଭାବେ ଏଠାରେ ଏଭଳି ସମସ୍ୟା ଦେଖାଦେଇଥିଲେ ହେଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ କରୁନାହିଁ। ସ୍ଥାନୀୟ ଲୋକେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଗୁଡିକୁ ମାଟି ପକାଇ ପୋତି ଦେଉଛନ୍ତି। ଏହି ରାସ୍ତାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲେ ମଧ ଜାତୀୟ ରାଜପଥ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହେଉଛି। ଏ ସମ୍ପର୍କରେ ମତାମତ ଲୋଡ଼ାଯିବା ପାଇଁ ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନାହିଁ।

**BEFORE THE COURT OF DISTRICT MAGISTRATE-CUM-COLLECTOR, KHURDA**
**Bank Misc. Case No.119/19**
(U/s 14 of SARFAESI Act)
**Allahabad Bank, Bapuji Nagar, Bhubaneswar** .........Petitioner
Vrs
**M/s Neelachal Petro Products Pvt Ltd** ......Opp. Parties
To,
**M/s Neelachal Petroproducts Pvt Ltd,** 564, Lewis Road, Samantrapur, Bhubaneswar-751002, & **Sri Narasingha Pujapanda,** S/o: Sri Gopinath Pujapanda, Baselisahi, Puri-752001 & **Smt Jharana Pujapanda,** W/o: Harihar Pujapanda, Baselisahi, Puri .
Take notice that the above named petitioner has filed an application U/S 14 of the SARFAESI Act vide **Bank Misc. Case No. 119/19**, against you for the purpose of taking physical possession of the Secured Assets . Above notice was sent to you by Regd. Post, but the same was returned . You are hereby informed to appear in person or through your pleader on **13.03.2020 at 10.00 AM** in the Court to answer the claim, failing which the aforesaid matter will be decided in your absence .
**By the orders of DM & Collector (Khurda)**

# ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ମୃତା ମହିଳାଙ୍କ ପରିବାର

**ରସୁଲପୁର,୨୧।୨(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ଅରଡିଆ-କୁସନ୍ନପୁର ଗ୍ରାମର କୁଳମଣୀ ରାଉତଙ୍କ ପରିବାର ଲୋକଙ୍କୁ ଝିଅର ଶାଶୁଘର ଲୋକଙ୍କ ପକ୍ଷରୁ ନାନା ଧମକ୍ ଚମକ ଆସୁଛି। ଝିଅ ରୀନାରାଣୀଙ୍କ ମୃତ୍ୟୁ ମାମଲାକୁ ପ୍ରତ୍ୟାହାର କରିବାକୁ ତାଙ୍କ ପରିବାର ଲୋକଙ୍କ ଉପରେ ଚାପ ପଡୁଛି। ମାମଲା ପ୍ରତ୍ୟାହାର କର ନଚେତ୍ ପୂରା ପରିବାରକୁ ବୋମାମାଡ କରି ଉଡାଇ ଦିଆଯିବ ବୋଲି ଧମକ ଦିଆଯାଉଛି। କୁଳମଣୀଙ୍କ ପୁଅ ହିମାଂଶୁ ରାଉତ ଓ ପୁତୁରା ଯୁଧିଷ୍ଠର ରାଉତ କଳିଙ୍ଗ ନଗର ଶିଳ୍ପାଞ୍ଚଳର ଟାଟା କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ସେମାନେ ଧବଳଗିରି ଅଞ୍ଚଳରେ ଭଡା ଘରେ ରହୁଛନ୍ତି। ତାଙ୍କୁ ଉଠାଇ ନେଇ ଜୀବନରୁ ମାରିଦେବାକୁ ଧମକ୍ ଦିଆଯାଉଛି। ତେଣୁ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ରାଜ୍ୟ ମନବାଧିକାରୀଙ୍କ ନିକଟରେ ମଙ୍ଗଳବାର କୁଳମଣୀଙ୍କ ପରିବାର ଅଭିଯୋଗ କରିଛନ୍ତି।

## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା, ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ. ନଂ.- ୯୯୩୮୧୭୦୪୫୦/ ଅଫିସ୍- ୦୬୬୨୨-୨୭୩୩୪୩**
**ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ ନଂ.- ୯୪୩୭୦୮୫୪୩୪/ ଅଫିସ୍- ୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଏବଂ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ସୌମ୍ୟ ରଞ୍ଜନ | ୮ ମାସ, ତା. ୦୫।୦୭।୧୯ | ପୁଅ | ଠିକଣା- ଦଲକିଝରନ, ଥାନା- ଲେଫ୍ରିପଡ଼ା, ଜିଲ୍ଲା-ସୁନ୍ଦରଗଡ଼, ତା. ୧୩।୦୨।୨୦୨୦ |  |

Sd./- District Child Protection Officer, Sundargarh

# ଯାଜପୁରରୋଡ ସିଏଚ୍‌ସିକୁ ଅବହେଳା

**ଯାଜପୁର ଅଫିସ,୨୧।୨**




- ଯାଜପୁର ରୋଡ ସହରରେ ଖର୍ଚ୍ଚ ହେଉନି ଡିଏମ୍‌ଏଫ୍ ପାଣ୍ଠି
- ଆବଶ୍ୟକ ଯନ୍ତ୍ରପାତି ଓ ଭିତ୍ତିଭୂମିର ଅଭାବ
- ଡାକ୍ତରଙ୍କ ଅଭାବ ସତ୍ତ୍ୱେ ପଡୁନି ରାଜନେତାଙ୍କ ଦୃଷ୍ଟି
- ପରିକଳ୍ପନାରେ ସୀମିତ ଅର୍ବାନ ସିଏଚ୍‌ସି

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗିଥିବା ଜିଲାର ପ୍ରମୁଖ ସହର ଯାଜପୁରରୋଡକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଏହି ସହରର ଜନସଂଖ୍ୟା ପ୍ରାୟ ଦେଢଲକ୍ଷ ପାଖାପାଖି ହେଲାଣି। ଡିଏମ୍‌ଏଫ୍ (ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ) ପାଣ୍ଠିରେ ଲକ୍ଷାଧିକ ଟଙ୍କା ଜିଲା ବାହାରେ ଖର୍ଚ୍ଚ କରାଯାଉଥିଲେ ହେଁ ପରୋକ୍ଷଭାବେ ଖଣି ପ୍ରଭାବିତ ଯାଜପୁରରୋଡ ସହରରେ ଟଙ୍କାଟିଏ ବି ଖର୍ଚ୍ଚ ହେଉନାହିଁ। ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରେ ଡାକ୍ତର, ଲାବୋରୋଟୋରୀ ଟେକ୍ନିସିଆନ, ଫାର୍ମାସିଷ୍ଟଙ୍କ ସହ ଆବଶ୍ୟକ ଯନ୍ତ୍ରପାତି ଓ ଭିତ୍ତିଭୂମିର ଅଭାବ ସତ୍ତ୍ୱେ ଏଠାରେ ପ୍ରଶାସନିକ ଉଦାସୀନତା ସହରବାସୀଙ୍କୁ ଅତିଷ୍ଠ କରିଛି। ଯାଜପୁରରୋଡ ସିଏଚସି ରାଜନୈତିକ ଅବହେଳାର ଶିକାର ହେଉଥିବା ମନେହେଉଛି। ଏଥିଯୋଗୁ ସହରରେ ବସବାସ କରୁଥିବା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଲୁଣ୍ଠିତ ହେଉଥିବା ଦେଖିବାକୁ ମିଳିଛି।

ଖଣି ଓ ଖଣିଜ ପଦାର୍ଥ ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୫୭କୁ ୨୦୧୫ରେ ସଂଶୋଧନ କରାଯାଇଛି। ଏହି ଆଇନର ସବସେକ୍ସନ ୧ ଧାରା ୯(ବି)ରେ ଜିଲାସ୍ତରରେ ଡିଏମ୍‌ଏଫ ଗଠିତ ହୋଇଛି। ହେଲେ ଏହି ଆଇନ ଯାଜପୁର ଜିଲାରେ ଦିଗହରା ହୋଇପଡିଛି। ଜିଲା ବାହାରେ ଖଣି ପ୍ରଭାବିତ ଅଞ୍ଚଳରେ ଡିଏମ୍‌ଏଫ ପାଣ୍ଠିର ବିନିଯୋଗ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡିଏମଏଫ ପାଣ୍ଠିରେ ଅନେକ ନିଯୁକ୍ତି କରାଯାଇଛି। ସୁକିନ୍ଦା, ଦାନଗଦି, ଧର୍ମଶାଳା, ବଡ଼ଚଣା ପ୍ରଭୃତି ବ୍ଲକ ଅଞ୍ଚଳରେ ଡିଏମଏଫ ପାଣ୍ଠିରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ହେଉଛି। ବିଡମ୍ବନା ଯେ, କାହିଁକି ଯାଜପୁରରୋଡ ସହର ବିକାଶରେ ଡିଏମଏଫ ପାଣ୍ଠିର ବିନିଯୋଗ ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷ କରି ସ୍ୱାସ୍ଥ୍ୟକ୍ଷେତ୍ର ଏଠାରେ ଅବହେଳିତ ହୋଇପଡିଛି। ଏହା ସୁଯୋଗରେ ବହୁ ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନର ମାଲିକମାନେ ମାଲାମାଲ ହେଉଛନ୍ତି। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅନେକ ନୂଆ ଉଦ୍ଭାବନ, ଆବିଷ୍କାର ଚାଲିଛି। ଏଥିପାଇଁ ଆଜିକାଲି ବହୁ ଜଟିଳ ରୋଗର ଚିକିତ୍ସା ସମ୍ଭବ ହେଲାଣି। କିନ୍ତୁ ଯେତେ ଯାହାହେଲେ ବି ଯାଜପୁରରୋଡ ସହରବାସୀଙ୍କ ପାଇଁ ରୋଗ ଦୁଃଖ ଚିର ସହଚର ହୋଇଛି। ୩୦ ଶଯ୍ୟା ବିଶିଷ୍ଟ ଯାଜପୁରରୋଡ ସିଏଚ୍‌ସି ଲୋକ ସଂଖ୍ୟା ତୁଳନାରେ ଯଥେଷ୍ଟ ହେଉନାହିଁ। ଏଠାରେ ୧୦୦ ଶଯ୍ୟା ସମେତ ୧୩ଜଣ ଡାକ୍ତରଙ୍କ ଆବଶ୍ୟକ ଥିବାବେଳେ ମାତ୍ର ୫ଜଣ ଡାକ୍ତର କାର୍ଯ୍ୟରତ। ସେହିପରି ୬ଜଣ ଲାବୋରୋଟୋରୀ ଟେକ୍ନିସିଆନ ଆବଶ୍ୟକ ଥିବାବେଳେ ମାତ୍ର ୩ ଜଣ ରହିଛନ୍ତି। ଏକ ଅଲଟ୍ରାସାଉଣ୍ଡ ମେଶିନର ମଧ ଆବଶ୍ୟକତା ରହିଛି। ଇସିଜି ମେଶିନ ଅଛି, ହେଲେ ଟେକ୍ନିସିଆନ ନାହାନ୍ତି। ବହୁ ପୁରୁଣା ଏକ୍ସ-ରେ ମେଶିନ ରହିଛି ତାହା ବି ଟେକ୍ନିସିଆନ ଅଭାବରୁ ରୋଗୀଙ୍କ ଆବଶ୍ୟକତା ପୂରଣ କରିପାରୁ ନାହିଁ। ଅଳ୍ପ ଜାଗାରେ ବ୍ଲଡ ବ୍ୟାଙ୍କ ଚାଲିଛି। ଆଉଟଡୋର ବିଲ୍ଡିଂ ସମେତ ଲାବୋରୋଟାରୀ, ଅପରେଶନ ଥିଏଟର ଆଦି ବିଲଡିଂର ଆବଶ୍ୟକତା ରହିଛି। ଏହାସହ ପ୍ରାୟ ୫୦ ଷ୍ଟାପ କ୍ୱାର୍ଟର ବଦଳରେ ମାତ୍ର ୧୪ଟି କ୍ୱାର୍ଟର ରହିଛି। ଡିଏମଏଫ ପାଣ୍ଠିରେ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ କୋଟି ମହଜୁଦ ରହିଛି। ବିଭିନ୍ନ ପ୍ରକଳ୍ପରେ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ। କିନ୍ତୁ ଯାଜପୁରରୋଡ ସିଏଚସିର ଉପରୋକ୍ତ ଆବଶ୍ୟକତା ପୂରଣ ପାଇଁ କାହିଁକି ଅନୁଦାନ ଆବଣ୍ଟିତ ହେଉନାହିଁ, ତାହା ସହରବାସୀଙ୍କୁ ବିସ୍ମିତ କରିଛି। ରାଜୀବ ଗାନ୍ଧୀ ଷ୍ଟାଡିୟମ ନିକଟରେ ଅର୍ବାନ ସିଏଚସି ପାଇଁ ପରିକଳ୍ପନା କରାଯାଇ ଜମି ଅଧିଗ୍ରହଣ ହୋଇସାରିଥିଲେ ହେଁ ତାହାର ପରବର୍ତ୍ତୀ ଅଗ୍ରଗତି ଶୂନ ହୋଇଛି। ଲୋକଙ୍କ ଘନ ଘନ ଅଭିଯୋଗ ଡାକ୍ତର ନାହାନ୍ତି, ଶଯ୍ୟା ନାହିଁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯନ୍ତ୍ରପାତି ନାହିଁ, କେତେକ ସ୍ଥଳେ ଯନ୍ତ୍ରପାତି ଅଛି ହେଲେ କାମକୁ ନାହିଁ। କିନ୍ତୁ କେହି ଶୁଣୁ ନାହାନ୍ତି। ଏଥିପାଇଁ ସହରବାସୀ ବିଭିନ୍ନ ସମୟରେ ଆନ୍ଦୋଳନ, ବିକ୍ଷୋଭ, ଦାବି ଉପସ୍ଥାପନ କରୁଥିଲେ ହେଁ କେହି ଶୁଣୁ ନ ଥିବାରୁ ରାଜ୍ୟ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ତୁଟିବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁରରୋଡ ସିଏଚସିର ସୁପରିଟେଣ୍ଡେଣ୍ଟ ସନ୍ତୋଷ କୁମାର ପୁଷ୍ଟିଙ୍କୁ ପଚାରିବାରେ, ଏହି ଡାକ୍ତରଖାନାର ବିଭିନ୍ନ ଆବଶ୍ୟକତା ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅର୍ବାନ ସିଏଚସି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରିବାକୁ ଯୋଜନା ଚାଲିଛି ବୋଲି ସେ କହିଛନ୍ତି।

**WESCO ୱେସ୍କୋ ୟୁଟିଲିଟି**
**ମୁଖ୍ୟ କାର୍ଯ୍ୟାଳୟ-ବୁର୍ଲା, ଜିଲ୍ଲା-ସମ୍ବଲପୁର (ଓଡ଼ିଶା)-୭୬୮୦୧୭**

**ବିଦ୍ୟୁତ୍ ଉପଭୋକ୍ତା ଧ୍ୟାନ ଦିଅନ୍ତୁ !**

**ଆପଣ ଯଦି ନିଜର ବିଦ୍ୟୁତ୍ ବିଲ୍ ବକେୟା ରଖିଥାନ୍ତି, ତେବେ ତୁରନ୍ତ ସମସ୍ତ ବକେୟା ଦେୟ ପୈଠକରନ୍ତୁ ଏବଂ ''ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ'' (Disconnection) ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇଯାଆନ୍ତୁ।**

**ଆମର ପରାମର୍ଶ**

- ଆପଣଙ୍କ ବିଦ୍ୟୁତ୍ ବିଲ୍‌ରେ କୌଣସି ତ୍ରୁଟି ଥିଲେ ତୁରନ୍ତ ନିକଟସ୍ଥ ୱେସ୍କୋର ଜେ.ଇ/ଏସ୍‌ଡିଓଙ୍କୁ ଯୋଗାଯୋଗ କରି ଏହାକୁ ସୁଧାରିନିଅନ୍ତୁ ଏବଂ ସଂଶୋଧିତ ବିଲ୍‌ରାଶି ଅନୁଯାୟୀ ନିଜର ଦେୟ ଯଥାଶୀଘ୍ର ପୈଠ କରନ୍ତୁ।
- ଯଦି ଆପଣ ଏକକାଳୀନ ସମସ୍ତ ବକେୟା ପୈଠପାଇଁ ସମର୍ଥ ହୋଇପାରୁନାହାଁନ୍ତି, ତେବେ ସ୍ଥଳବିଶେଷରେ ବକେୟା ପରିମାଣ ଭିତ୍ତିରେ କିସ୍ତିରେ ପୈଠପାଇଁ ସ୍ଥାନୀୟ ୱେସ୍କୋ ଅଧିକାରୀଙ୍କଠାରୁ କିସ୍ତି ମଞ୍ଜୁର କରାଇ ନିଅନ୍ତୁ ଓ ତୁରନ୍ତ ପୈଠ କରନ୍ତୁ।
- ବିଦ୍ୟୁତ୍‌ଦେୟ ବକେୟା ରଖିଥିବା ଖିଲାପି ଉପଭୋକ୍ତାମାନଙ୍କର ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସ୍ୱତନ୍ତ୍ର ''ଡିସ୍‌କନେକସନ୍ ସ୍କ୍ୱାଡ୍'' ନିଯୁକ୍ତ କରାଯାଇଛି। ଯଦି ଆପଣ ଦେୟ ପୈଠ କରିସାରିଥାନ୍ତି, ତେବେ ଉକ୍ତ ସ୍କ୍ୱାଡ୍‌କୁ ଦେୟ-ପୈଠ ରସିଦ୍ (ମନି ରିସିପ୍ଟ) ଦେଖାନ୍ତୁ।
- ବକେୟା ଦେୟ ୱେସ୍କୋର ସେକ୍‌ସନ୍/ସବ୍‌ଡିଭିଜନ୍ କାର୍ଯ୍ୟାଳୟ ବିଲ୍ ଆଦାୟକେନ୍ଦ୍ର, ଅଧିକୃତ ଆଦାୟକାରୀଙ୍କଠାରେ ଅଥବା ଆମର ୱେବ୍‌ସାଇଟ୍ www.wescoodisha.com ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିପାରିବେ।

**ପ୍ରାଧିକୃତ ଅଧିକାରୀ, ୱେସ୍କୋ ୟୁଟିଲିଟି**

**ବୈଦ୍ୟୁତିକ ସୁରକ୍ଷା ନିୟମ ପାଳନ କରନ୍ତୁ ଏବଂ ନିରାପଦ ଜୀବନଯାପନ କରନ୍ତୁ ।**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ପୋଲିସ ଆସିଲାନି: ଗାଁଲୋକେ ଅଚିହ୍ନା ଯୁବକଙ୍କୁ ଥାନାରେ ଦେଲେ

**ରଣପୁର,୨୧।୨(ସ୍ୱ.ପ୍ର.):** ରଣପୁର ଥାନା ଅନ୍ତର୍ଗତ ଗୋପାଳପୁର ରାମଚନ୍ଦ୍ରପୁରର ଏକ ପାଇଖାନା ଭିତରେ ଜଣେ ଅଚିହ୍ନା ଯୁବକ ଲୁଚିରହିଥିଲେ। ନାରାୟଣ ନନ୍ଦଙ୍କ ପରିବାର ଲୋକେ ପାଇଖାନାରେ ଅଚିହ୍ନା ଯୁବକଙ୍କୁ ଦେଖି ଭୟଭୀତ ହୋଇ ପଡ଼ିଥିଲେ। ଖବର ପ୍ରଚାରିତ ହେବା ପରେ ଗାଁ ଲୋକେ ପୋଲିସକୁ ଅବଗତ କରାଇ ସମ୍ପୃକ୍ତ ଯୁବକଙ୍କୁ କାବୁ କରିବାକୁ ଅନୁରୋଧ କରିଥିଲେ। ତେବେ କର୍ମଚାରୀ ଅଭାବ ଦର୍ଶାଇ ପୋଲିସ ଆସି ନ ଥିଲା। ଏଭଳିସ୍ଥଳେ ଗାଁ ଲୋକ ଅସନ୍ତୋଷ ପ୍ରକାଶ କରିବା ସହ ଯୁବକଙ୍କୁ କାବୁକରି ଥାନାକୁ ହସ୍ତାନ୍ତର କରିଥିଲେ।

### ସିମନବାଡ଼ିରେ ଅଷ୍ଟପ୍ରହର ନାମଯଜ୍ଞ

**ଦାରିଙ୍ଗବାଡ଼ି,୨୧।୨(ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶୁକ୍ରବାର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ସୋନପୁର ଜଳେଶ୍ୱରବାବାଙ୍କ ପୀଠରେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବ୍ରାହ୍ମଣୀଗାଁ ମୁକ୍ତେଶ୍ୱର ମନ୍ଦିର ସମେତ ଦାରିଙ୍ଗବାଡ଼ି ସୋମନାଥ ପୀଠ, ଅଲାରୀ ବାବା ସୋମନାଥ ଏବଂ ସିମନବାଡ଼ି, ବୁଡାଗୁଡ଼ା ଶୈବପୀଠରେ ଶ୍ରଦ୍ଧାଳୁ ଲମ୍ବା ଧାଡିରେ ରହି ଠାକୁର ଦର୍ଶନ କରିଥିଲେ। ସିମନବାଡ଼ି ସୋମନାଥ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅପରାହ୍ନରେ କଳସ ଶୋଭାଯାତ୍ରା ସହ ଆଜ୍ଞାମାଳ ଅଣାଯାଇଥିଲା। ଶୁକ୍ରବାର ନାମଯଜ୍ଞ ସହ ଅନ୍ନ, ଘୃତ, ଜ୍ଞାନ, ଦୀପଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଏହାକୁ ଶିବମନ୍ଦିର ପୂଜା କମିଟି ପକ୍ଷରୁ ଆୟୋଜନ କରାଯାଇଛି। କମିଟିର ସରୋଜ କୁମାର ସାହୁ, କେଦାରନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ପ୍ରମୁଖ ପରିଚାଳନା କରିଥିଲେ।

### ସେସ୍କାଯୋଡ଼ିରେ ସ୍ୱାସ୍ଥ୍ୟ ଶିବିର

**ଫିରିଙ୍ଗିଆ,୨୧।୨:** ଫିରିଙ୍ଗିଆ ବ୍ଲକ୍ ସେସ୍କାଯୋଡ଼ି ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକ ଡା. ନିଶିଥ୍ ନିଶାନ୍ତ ମାଲୁ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ବିଭିନ୍ନ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଲାବୋରେଟୋରୀ ଆସିଷ୍ଟାଣ୍ଟ ରାଜେନ୍ଦ୍ର କୁମାର ମହାକୁଡ଼ ରକ୍ତ ପରୀକ୍ଷା କରିବା ସହ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ବିତରଣ କରିଥିଲେ। ସେସ୍କାଯୋଡ଼ି ଗ୍ରାମରୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ପାଇଁ ସେପରି ଯାନ ବାହନର ସୁବିଧା ନାହିଁ। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ଅନୁଷ୍ଠାନ ସଂଯୋଜକ ଅଶୋକ କୁମାର ତ୍ରିପାଠୀ, ମମତା ଦାଶ, ସୀତା ରଣା, ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଟାଣି ଆଣୁଛନ୍ତି ଲଡୁବାବା

## ମନର କଥା ବଖାଣିଲେ ଶିବ ଭକ୍ତ

**ନୟାଗଡ ଅଫିସ,୨୧।୨**

ଓଡିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ମଧ୍ୟରେ ନୟାଗଡ଼ ଜିଲା ଶରଣକୁଳର ଲଡୁବାବାଙ୍କ ପୀଠ ଅନ୍ୟତମ। ବାବାଙ୍କ ମହିମା ଅପାର। ବର୍ଷକୁ ଥରେ ମହାଶିବରାତ୍ରିରେ ଲଡୁବାବାଙ୍କ ଦର୍ଶନ ଭକ୍ତଙ୍କୁ ଦିଏ କୋଟି ପୁଣ୍ୟଫଳ। ଭକ୍ତ ବିଭିନ୍ନ ପ୍ରକାର ମାନସିକ କରି ଏଠାକୁ ଧାଇଁ ଆସିଥାନ୍ତି। ଆଉ ଲଡୁବାବା କାହାକୁ ନିରାଶ କରନ୍ତି ନାହିଁ। ମନସ୍କାମନା ପୂରଣ ପାଇଁ ଏକାଧିକ ବ୍ୟକ୍ତି ଗୁହାରିଆ ପଡନ୍ତି। ଚଳିତ ବର୍ଷ ମଧ୍ୟ କେତେଜଣ ଗୁହାରିଆ ପଡିଥିବା ଦେଖାଯାଇଛି। ଲଡୁବାବା ବେଢ଼ା ପରିକ୍ରମା ସମୟରେ ଗୁହାରିଆ ଉଠିଥାନ୍ତି।

### ଦର୍ଶନ କଲେ ଆନ୍ଧ୍ରର ୨୦ ପରିବାର

ଆନ୍ଧ୍ର ପ୍ରଦେଶ ଇଚ୍ଛାପୁର ମଣ୍ଡାପାଲି ଗାଁର ବି. ଇ. ରେଡ୍ଡି କୁହନ୍ତି, ମୋ ଗାଁର ୨୦ ପରିବାର ଗୁରୁବାର ଲଡୁବାବାଙ୍କୁ ଦର୍ଶନ କରିଛନ୍ତି। ସେମାନେ ମୋ ସହ ଆସି ଠାକୁରଙ୍କୁ ଦର୍ଶନ କରିବା ପରେ ନିଜକୁ ଭାଗ୍ୟ ମନେ କରିଛନ୍ତି। ମୁଁ ଓ ମୋର ପତ୍ନୀ ୧୧ ବର୍ଷ ହେଲା ଲଡୁବାବାଙ୍କୁ ମହାଶିବରାତ୍ରିରେ ଦର୍ଶନ କରୁଛୁ। ପ୍ରଥମ ବର୍ଷର ଅଭିଳାଶ ପୂରଣ ହେବା ପରେ ପ୍ରତିବର୍ଷ ଆମେ ଶୈବପୀଠକୁ ଧାଇଁ ଆସୁଛୁ। ଗୋଡ ଚାଲୁଥିବା ପର୍ଯ୍ୟନ୍ତ ଏହି ଦର୍ଶନ ଜାରି ରହିବ। ମୋ ରାଜ୍ୟର ଯେଉଁ ଲୋକ ଠାକୁରଙ୍କୁ ଦର୍ଶନ କରିବାକୁ ଚାହିଁବ ତାଙ୍କୁ ମୁଁ ସାଥିରେ ଆଣୁଛି ଓ ଆଣୁଥିବି।



### ୩୫ ବର୍ଷ ହେଲା ଆସୁଛି



ଗଞ୍ଜାମ ଜିଲା ବୁଗୁଡାର ସୁମା ପ୍ରଧାନ କୁହନ୍ତି, ଲଡୁବାବାଙ୍କ କ୍ଷେତ୍ରକୁ ୩୫ବର୍ଷ ହେଲା ଆସୁଛି। ମୋତେ ଲଡୁବାବାଙ୍କ ମହିମା ଟାଣି ଆଣୁଛି। ଜୀବନ ଥିବା ପର୍ଯ୍ୟନ୍ତ ପ୍ରତି ମହା ଶିବରାତ୍ରିରେ ପୀଠକୁ ଆସୁଥିବି। ମୋର ମନସ୍କାମନା ପୂରଣ ହୋଇଛି। ଲଡୁବାବା ମୋତେ ଭଲରେ ରଖିଛନ୍ତି। ତାଙ୍କ ଯୋଗୁ ମୋ ଜୀବନରେ ପରିବର୍ତ୍ତନ ଆସିଛି। ତାଙ୍କୁ ମୋ ପରିବାର ଲୋକେ କେବେ ଭୁଲିପାରିବୁ ନାହିଁ।

### ଭଲରେ ଅପରେଶନ ହେଲା



ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦର ଜାଗେଶ୍ୱରୀ ପାତ୍ର କୁହନ୍ତି, ଲଡୁବାବାଙ୍କ ଯୋଗୁ ମୋ ସ୍ୱାମୀ ଭଲରେ ଅଛନ୍ତି। ତାଙ୍କର କିଡ୍‌ନୀ ଖରାପ ହୋଇଥିଲା। ସହଜରେ ମିଳୁ ନ ଥିଲା। ଲଡୁବାବାଙ୍କୁ ଦର୍ଶନକରି ମନର କଥା ଜଣାଇଲି। ପରେ ମୋର ସବୁ କିଛି ଠିକ୍ ହୋଇଗଲା। ମୁଁ ହୃଦ୍‌ରୋଗୀ ହୋଇ ବି ଜିଇଁ ରହିଛି। ଏହା ଲଡୁବାବାଙ୍କ କୃପା। ରୋଗ ଥିଲେ ବି ପ୍ରତିବର୍ଷ ଆମେ ମହାଶିବରାତ୍ରିରେ ବାବାଙ୍କୁ ଦର୍ଶନ କରି ଦୀପଜାଳି ଫେରୁଛୁ।

### ଝିଅ ଏବେ ଡାକ୍ତର



ଗଞ୍ଜାମ ଜିଲା ପୋଲସରା ଚିରିପଡା ଶାସନର ସରସ୍ୱତୀ ଗୌଡା କୁହନ୍ତି, ଲଡୁବାବାଙ୍କ ଦୟାରୁ ମୋର ଝିଅ ହେଲା। ସେ ପୁଣି ଡାକ୍ତର ହେବାର ସୁଯୋଗ ପାଇଲା। ଭଲ ରୋଜଗାର ହେଲା। ଗରିବୀ ହଟିଲା। ମୋର ଦୁଇ ପୁଅ ଅଛନ୍ତି। ହେଲେ ଝିଅ ଜନ୍ମ ପରେ ମୋ ପରିବାରର ସ୍ଥିତି ବଦଳି ଯାଇଥିଲା। ଝିଅ ଜନ୍ମର ପୂର୍ବବର୍ଷ ଆସି ଲଡୁବାବାଙ୍କ କରୁଣା ପ୍ରାପ୍ତି ହୋଇଥିଲା। ୨୦ବର୍ଷ ହେଲା ଜାଗରରେ ଆସି ଦୀପଜାଳି ନିଜକୁ ଭାଗ୍ୟବାନ ମଣୁଛୁ।

### ସବୁ ଲଡୁବାବାଙ୍କର ମହିମା



ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ କୁହନ୍ତି, ଲଡୁବାବାଙ୍କ ବାରମାସରେ ତେର ପର୍ବ। ତେବେ ମହାଶିବରାତ୍ରି ସବୁଠାରୁ ବଡ ପର୍ବ। ଏଥିରେ ଲକ୍ଷାଧିକ ଭକ୍ତଙ୍କ ଭିଡ ଜମେ। ଭକ୍ତଙ୍କ ସମାଗମକୁ ଦେଖି ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ପ୍ରବଳ ଖରାରେ ଭକ୍ତମାନେ ଧାଡିରେ ଅପେକ୍ଷା କରି ଦର୍ଶନ କରିଥିଲେ। ଠାକୁର ଦର୍ଶନ ସହ ଯାତ୍ରାରେ ବୁଲିବା ମନରେ ଆଣିଥାଏ ଶାନ୍ତି। ସବୁରି ମୂଳରେ ଲଡୁବାବାଙ୍କ ଆଶୀର୍ବାଦର ଝଲକ ଦେଖିବାକୁ ମିଳେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ବଣିଜ**
**ଉତଲା ଚାଷ ।**

ବଣିଜ କିଣାବିକା ବେପାର। ଆଜି ହୋଇ ନ ପାରିଲେ କାଲି ହେବ। କାଲିକୁ ବଜାର ଭାଉ ବଢ଼ିବ ପଛେ କମିବ ନାହିଁ। ଗୋଦାମ ବା ଦୋକାନରେ ଜିନିଷ ପଡ଼ିରହିଲେ ତା'ର ମୂଲ୍ୟ ବଢ଼ିବ ପଛେ କମିବ ନାହିଁ। ବେପାର ବଣିଜରେ ଉନ୍ନତି ପାଇଁ ସମୟ ଲାଗିଥାଏ। ସେହିପରି ଚାଷର ସଫଳତା ପାଗଯୋଗ ଉପରେ ନିର୍ଭର କରେ। ଥରେ ପାଗ ଛାଡ଼ିଗଲେ ବିଲରେ ଚାଷ କରିବା, ବୁଣାବୁଣି କରିବା ଇତ୍ୟାଦି କାମ ପଛେଇଯାଏ ବା ହୋଇ ପାରି ନ ଥାଏ। ଥରେ ଚାଷରତୁ ଚାଲିଗଲେ ପୁଣି ଆସୁ ଆସୁ ବର୍ଷେ। ତେଣୁ ପାଗ ଅନୁସାରେ ଚାଷୀକୁ ସବୁବେଳେ ତରତର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାନ ବଉଳା,**
**ବନ୍ଧୁ ମଉଳା ।**

ଯେତେ ପ୍ରକାର ଧାନ ଅଛି ତା' ମଧ୍ୟରୁ ବଉଳା ଧାନ ହିଁ ସବୁଠୁ ଉତ୍କୃଷ୍ଟ ଧାନ ବୋଲି ଜଣାଯାଇଥାଏ। ସେହିପରି ଯେତେ ଆତ୍ମୀୟ ବା ବନ୍ଧୁବାନ୍ଧବ ଅଛନ୍ତି ତାଙ୍କ ମଧ୍ୟରୁ ମାମୁ ହିଁ ଶ୍ରେଷ୍ଠ ବନ୍ଧୁ ବୋଲି ଧରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଶ୍ରୀମାଙ୍କ ଜୟନ୍ତୀ ସମାରୋହ



**ଖୋର୍ଦ୍ଧା ଅଫିସ୍, ୨୧।୨**

ଖୋର୍ଦ୍ଧା ସହରରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶୁକ୍ରବାର ଶ୍ରୀମାଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ସାମୂହିକ ପ୍ରାର୍ଥନା ପରେ ମା'ଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏକ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଫୁଲ ଆଣି ପ୍ରଦର୍ଶନୀରେ ସ୍ଥାନିତ କରିଥିଲେ। ମନୋଜ କୁମାର ମହାପାତ୍ର, ପ୍ରିୟ ରଞ୍ଜନ ମହାପାତ୍ର, ପ୍ରୀତିମୟୀ ମହାପାତ୍ର, ଲିଜା ରାଉତ, ପାର୍ବତୀ ଶ୍ରୀଚନ୍ଦନ, ମନସ୍ୱିନୀ ମିଶ୍ର, ମମତା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ସାମୂହିକ ଧ୍ୟାନ କରାଯାଇ ଉତ୍ସବ ସମାପନ କରାଯାଇଥିଲା।

## ନାବାଳକଙ୍କୁ ଉଦ୍ଧାର କଲେ ଥାନା ଅଧିକାରୀ

**ସୋରଡା,୨୧।୨(ଡି.ଏନ୍.ଏ.)**

ସୋରଡା ଅଞ୍ଚଳରେ ଜଣେ ନାବାଳକ ଗୁରୁବାର ବିଳମ୍ବିତ ରାତିରେ ରାସ୍ତାରେ ବୁଲୁଥିବା ଦେଖି ପାଟ୍ରୋଲିଂ କରୁଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ତାଙ୍କୁ ଉଦ୍ଧାର କରିଥିଲେ। ନାବାଳକଟି ହାଫ୍‌ପ୍ୟାଣ୍ଟ ଓ ଟି-ଶାର୍ଟ ପିନ୍ଧିଥିବାବେଳେ ପାଦରେ ଚପଲ ନ ଥିଲା। ସେ ୨/୪ଦିନ ହେଲା କିଛି ଖାଇ ନ ଥିବା ଅନୁମାନ କରାଯାଉଛି। ନାବାଳକଙ୍କ ପାଇଁ ପୋଷାକ ସହ ଶୀତବସ୍ତ୍ର ବ୍ୟବସ୍ଥା କରିଥିଲେ ବାଙ୍କ ବଜାରର ବ୍ୟବସାୟୀ ହୃଷୀକେଶ ପାତ୍ର (ଚମ୍ପୁ)। ପରେ ତାଙ୍କୁ ସ୍ଥାନୀୟ ବାଳାଶ୍ରମରେ ପୋଲିସ ଛାଡିବା ସହ ଶିଶୁ ବିକାଶ ଅଧିକାରୀଙ୍କୁ ଜଣାଇଛନ୍ତି।

## ଖଣ୍ଡପଡ଼ାରେ ଇସ୍କନ ପକ୍ଷରୁ ହରେକୃଷ୍ଣ ଉତ୍ସବ



ଇସ୍କନ କର୍ମକର୍ତ୍ତାଙ୍କ ଶୋଭାଯାତ୍ରା।

**ଖଣ୍ଡପଡ଼ା, ୨୧।୨(ସ୍ୱ.ପ୍ର.)**

ଆଧ୍ୟାତ୍ମିକ ମାର୍ଗ ହିଁ ପ୍ରକୃତ ମାର୍ଗ । ଜନସାଧାରଣ ହିଂସା ଛାଡି ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେଲେ ସମାଜରେ ଶାନ୍ତିପ୍ରତିଷ୍ଠା ହୋଇପାରିବ। ଖଣ୍ଡପଡାରେ ଶୁକ୍ରବାର ଅନୁଷ୍ଠିତ ହରେକୃଷ୍ଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହି ମତ ରଖିଥିଲେ। ଖଣ୍ଡପଡା ସାମନ୍ତ ଛକରେ ଭୁବନେଶ୍ୱରସ୍ଥିତ ଇସ୍କନ ପକ୍ଷରୁ ଉତ୍ସବର ଶୁଭାରମ୍ଭ ଅବସରରେ ଅପରାହ୍ନରେ ଏକ ସଂକୀର୍ତ୍ତନ ମଣ୍ଡଳୀ ଖଣ୍ଡପଡା ସହର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମ ୨ଦିନ ଧରି ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତାମାନେ ଜଣାଇଛନ୍ତି । ଏଥିରେ ଭଜନ, ପ୍ରବଚନ ଓ ଭକ୍ତି ରସାତ୍ମକ ନାଟକ ପରିବେଷଣ କରାଯିବ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ନିମନ୍ତେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଦାରିଙ୍ଗବାଡ଼ିରେ ଭାଜପାର ସାଙ୍ଗଠନିକ ବୈଠକ

**ଦାରିଙ୍ଗବାଡ଼ି,୨୧।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ିକୁ ଶୁକ୍ରବାର ଭାଜପାର ଜିଲାସଭାପତି ଜଗନ୍ନାଥ ସାହୁ ଗସ୍ତ କରିଛନ୍ତି। ତାଙ୍କୁ ଦାରିଙ୍ଗବାଡ଼ି ମଣ୍ଡଳ ସଭାପତି ଅରୁଣ ପ୍ରଧାନ, ସମ୍ପାଦକ ପ୍ରଭାକର ସାହୁ, ମଣ୍ଡଳ ଉପସଭାପତି ଇନ୍ଦ୍ରମଣୀ ପ୍ରଧାନ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଦାରିଙ୍ଗବାଡ଼ି ପଥପ୍ରାନ୍ତ ସେବାକେନ୍ଦ୍ରଠାରେ କାର୍ଯ୍ୟକର୍ତ୍ତାଙ୍କ ସହ ଜିଲା ସଭାପତି ବିଭିନ୍ନ ପ୍ରସଙ୍ଗ ସହ ସଙ୍ଗଠନ ମଜବୁତ ପାଇଁ ଆଲୋଚନା କରିଥିଲେ। ଜିଲାସଭାପତି ସାହୁଙ୍କ ସହ ଦଳର ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ପଦ୍ମଚରଣ ଦାସ, ଜିଲା ଉପସଭାପତି ମାନଗୋବିନ୍ଦ ପ୍ରଧାନ, ବାଲିଗୁଡ଼ା ଆଦିକନ୍ଦ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ଜିଲାସଭାପତିଙ୍କ ସହ ଅନ୍ୟମାନେ ବ୍ରାହ୍ମଣୀଗାଁ ଗସ୍ତକରି ସେଠାରେ ମୁକ୍ତେଶ୍ୱର ମନ୍ଦିର ପୂଜା କମିଟି ପକ୍ଷରୁ ଆୟୋଜିତ ମହାଶିବରାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ମୁକ୍ତେଶ୍ୱର ନାଟ୍ୟ ସଂଘ ଦ୍ୱାରା ଆୟୋଜିତ ଏମ.ମହୋନ ପାତ୍ରଙ୍କ ନିର୍ଦ୍ଦେଶନାରେ ରାମାୟଣ ନାଟକ ଉଦ୍‌ଘାଟନ କରିଥିଲେ।

## ଟି-୨୦ କ୍ରିକେଟ: ଆସିକା ଅମରନାଥ, ବ୍ରହ୍ମପୁର ଫାଇନାଲରେ

**ସୋରଡା,୨୧।୨(ଡି.ଏନ୍.ଏ.)**

ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ଆନ୍ତଃଜିଲା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲକୁ ଆସିକା ଅମରନାଥ ଏବଂ ବ୍ରହ୍ମପୁର ଦଳ ପ୍ରବେଶ କରିଛନ୍ତି। ଗୁରୁବାର ମୁଣ୍ଡମରାଇକୁ ହରାଇ ଆସିକା ଫାଇନାଲକୁ ପ୍ରବେଶ କରିଥିଲା। ଶୁକ୍ରବାର ହିଞ୍ଜିଳିକାଟୁ ଓ ବ୍ରହ୍ମପୁର ମଧ୍ୟରେ ମ୍ୟାଚ ହୋଇଥିଲା। ସୁପର ଓଭରରେ ବ୍ରହ୍ମପୁର ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ରିକେଟ କ୍ଲବ ଉପସଭାପତି ସଞ୍ଜୟ ପଣ୍ଡା କହିଛନ୍ତି।

## ନିରାକାରପୁରରେ ହାତୀ ଆତଙ୍କ



ହାତୀ ଘଉଡାଉଛନ୍ତି ଲୋକେ।

**ନିରାକାରପୁର,୨୧।୨(ଡି.ଏନ୍.ଏ.):** ଦୁଇଦିନ ହେଲା ରେଳ ଲାଇନ ପାରହୋଇ ଏକ ଦନ୍ତାହାତୀ ପଶିଆସିଥିବାରୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ବନଖଣ୍ଡ ଅଧୀନରେ ଥିବା ଡିଆ, ନିରାକାରପୁର ଓ ଲେଣ୍ଡୋ ପଞ୍ଚାୟତର ଲୋକେ ଭୟଭୀତ ହୋଇପଡିଛନ୍ତି । ଗୁରୁବାର ରାତରେ ହାତୀଟି ନିରାକାରପୁର ଷ୍ଟେଶନ ରେଳ ଲାଇନ ପାର ହୋଇ ଡିଆ ଅଞ୍ଚଳରେ ପ୍ରବେଶ କରିଥିଲା। ଶୁକ୍ରବାର ହାତୀଟି ଲେଣ୍ଡୋ ପଞ୍ଚାୟତ ଯାଜପୁର ନିକଟ ଆମ୍ବତୋଟାରେ ଥିବା ଦେଖି ଲୋକେ ଟାଙ୍ଗୀ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ଘଉଡାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଏ ନେଇ ଭୂଷଣ୍ଡପୁର ଫରେଷ୍ଟର ଗୋଦାବରୀଶ ହୋତା କହନ୍ତି, ହାତୀଟି ସେହି ଯାଜପୁର ଆମ୍ବତୋଟାରେ ରହିଛି। ଭୂଷଣ୍ଡପୁର ଓ ଡେଲାଙ୍ଗ ଷ୍ଟାଫ୍ ସେଠାରେ ତା'ର ଗତିବିଧି ଉପରେ ନଜର ରଖିଛନ୍ତି। ଏହାସହ ଜନସାଧାରଣ ହାତୀକୁ ବିରକ୍ତ ନ କରିବାକୁ ବୁଝାଉଛନ୍ତି।

## ଦେଶୀ ମଦ ପାଉଚ ଜବତ, ୨ ଗିରଫ

**ପାଟପୁର,୨୧।୨**

ପାଟପୁର ପୋଲିସ ଗୁରୁବାର ସନ୍ଧ୍ୟାରେ କଙ୍କୋରଡା ରୋଡ ବାକିଲିକଣା ଗ୍ରାମରେ ଚଢ଼ାଉ କରି ୫୦୦ଟି ଦେଶୀ ମଦ ପାଉଚ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟପୁର ଥାନା କଙ୍କୋରଡା ଗ୍ରାମର ସୁଶାନ୍ତ ଜେନା ଓ ବାବୁ ଜେନା। ନଂ. ୩୫/୨୦ରେ ମାମଲା ରୁଜୁକରି ଶୁକ୍ରବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି।

## ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ କ୍ଷୀର ସାଗର ଉତ୍ସବ

**ନିରାକାରପୁର,୨୧।୨(ଡି.ଏନ୍.ଏ.)**

ମହାଶିବରାତ୍ରି ଉପଲକ୍ଷେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତର ବାଇଶିଦେଶ ଯାଦବ ସମିତି ପକ୍ଷରୁ ବାର୍ଷିକ କ୍ଷୀର ସାଗର ଉତ୍ସବ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଯାଦବ କ୍ଷୀର ଧରି ମଞ୍ଜାରିଆ ପାଟଣାର ଅଧିଷ୍ଠାତ୍ରୀ ଦେବୀ ଦହୀଖାଇଙ୍କ ପୀଠରୁ ଏକ ଶୋଭାଯାତ୍ରାରେ ଆସି ଡିଆ ପଞ୍ଚାୟତର ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ ପହଞ୍ଚି କ୍ଷୀର ଲାଗି କରିଥିଲେ। ଏହି ସମୟରେ ସମିତି ପକ୍ଷରୁ ବାଡିଖେଳ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ପୀଠରେ ଦୀର୍ଘ ୭ଦିନ ଧରି ଚାଲୁରହିଥିବା ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ମାନସିକଧାରୀ ମହିଳାପୁରୁଷ ଦୀପ ପ୍ରଜ୍ୱଳନ କରି ଉଜାଗର ରହିଥିବା ଦେଖିବାକୁ ମିଳିଛି।



ଯାଦବମାନେ କ୍ଷୀର ଧରି ଶୋଭାଯାତ୍ରାରେ ଯାଉଛନ୍ତି।

# ଉଜାଗର ରହି ଜାଗର ଜାଳିଲେ ଶ୍ରଦ୍ଧାଳୁ



ଭାପୁରଠାରେ ଶ୍ରଦ୍ଧାଳୁଙ୍କ ଦୀପ ଦାନ।



ଓଡ଼ଗାଁର ଦୂତିକେଶ୍ୱର ମହାଦେବଙ୍କ ପୀଠ।



କଣ୍ଟିଲୋ ନୀଳମାଧବ ପୀଠ।



ରଣପୁରର ଏକ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

**ଓଡ଼ଗାଁ,୨୧।୨(ସ୍ୱ.ପ୍ର.):** ପବିତ୍ର ଜାଗର ଯାତ୍ରା ଅବସରରେ ଶୁକ୍ରବାର ଓଡ଼ଗାଁ ନିକଟ ବାବା ଦୂତିକେଶ୍ୱର ମହାଦେବଙ୍କ ପୀଠ ଓ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପାର୍ଶ୍ୱଦେବତା ପ୍ରଭୁ ରାମେଶ୍ୱରଙ୍କ ନିକଟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦୂତିକେଶ୍ୱର ମହାଦେବଙ୍କ ପୀଠରେ ଭୋର ୩ଟାରୁ ଦ୍ୱାର ଫିଟା ହୋଇ ୪ଟା ପର୍ଯ୍ୟନ୍ତ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପରେ ଶ୍ରଦ୍ଧାଳୁମାନେ ଧାଡିରେ ଆସି ବାବାଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟା ନଇଁ ଆସୁ ଆସୁ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳିବା ପାଇଁ ସ୍ଥାନ ଦଖଲ କରିନେଇଥିଲେ। ମନ୍ଦିର ଟ୍ରଷ୍ଟି ଗୋଦାବରୀଶ ମିଶ୍ରଙ୍କ ସୂଚନା ମୁତାବକ ରାତି ୧୧ଟାରେ ବାବାଙ୍କର ବେଢା ପରିକ୍ରମା ସରିବା ପରେ ମହାଦୀପ ଉଠିଥିଲା। ସେହିପରି ସ୍ଥାନୀୟ ରାମସାଗର ପୋଖରୀ ନିକଟରେ ବିଜେ ରାମେଶ୍ୱର ମହାଦେବ, ମଶାବାରି, ପଣ୍ଡିଖାରୀ ଶାସନ, ରଙ୍ଗଣୀପାଟଣା ଓ ଗୋଠବଣର ନୀଳକଣ୍ଠେଶ୍ୱର, ବାହାଡ଼ାଖୋଲାର ଫୁଲେଶ୍ୱର, ରାବେରାର ମଧୁକେଶ୍ୱରଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ଜାଗର ଜାଳି ପରିବାରର ମଙ୍ଗଳ କାମନା କରିଥିଲେ। ପୋଲିସ ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

**ରଣପୁର,୨୧।୨(ସ୍ୱ.ପ୍ର.):** ରଣପୁର ଓ ଏହାର ଆଖପାଖ ଗୋପାଳପୁର, ଚାନ୍ଦପୁର, ସୁନାଖଳା, ଦର୍ପନାରାୟଣପୁର ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି। ଚଣ୍ଡେଶ୍ୱର ଦେବ, ସ୍ୱପ୍ନେଶ୍ୱର ଦେବ, ପୁରୁଣାବସନ୍ତର ବାବା ବାଲୁଙ୍କେଶ୍ୱର, ମଝିଆଖଣ୍ଡର ବାବା କମଳେଶ୍ୱର, ତାଳକଣିର ବୈଦେଶ୍ୱରଙ୍କ ପୀଠରେ ଠାକୁରଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶିବରାତ୍ରିରେ ଶିବଙ୍କୁ ଆରାଧନା ସହିତ ଉଜାଗର ରହି ଦ୍ୱୀପ ଜାଳିଲେ ମାନସିକ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହାକୁ ଆଧାର କରି ଶହ ଶହ ମହିଳାପୁରୁଷ ମନ୍ଦିରରେ ପହଞ୍ଚି ଜାଗର ଜାଳିଥିଲେ। ଏପରି କି ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ଅପେକ୍ଷା କରି ରହିଥିଲେ। ଏହି ଉପଲକ୍ଷେ କେତେକ ସ୍ଥାନରେ ନାମ ସଂକୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଶୈବ ପୀଠରେ ପୋଲିସ ମୁତୟନ ହୋଇଥିଲେ।

**ଖଣ୍ଡପଡା,୨୧।୨(ସ୍ୱ.ପ୍ର.):** ଶୁକ୍ରବାର ମହାଶିବରାତ୍ରି ଅବସରରେ ଖଣ୍ଡପଡାର ନୀଳକଣ୍ଠେଶ୍ୱର ମନ୍ଦିର, ଟିଙ୍କଡୁଆ ନିକଟ ବନ୍ଧ ବିମଳେଶ୍ୱର ମହାଦେବ, ସୁବର୍ଣ୍ଣେଶ୍ୱର ମହାଦେବ, ବାଲୁଙ୍କେଶ୍ୱର ମହାଦେବ, ଲୋକନାଥ ଦେବ, ବାଘୁଆପଲ୍ଲୀର ଧବଳେଶ୍ୱର ମହାଦେବ, ଖୁଣ୍ଟୁପଡାସ୍ଥିତ ରାମେଶ୍ୱର ଦେବ, ଖଳିସାହି ନୀଳକଣ୍ଠେଶ୍ୱର, ବୋଦଶା ବାଲୁଙ୍କେଶ୍ୱର ମହାଦେବ, କଣ୍ଟିଲୋ ନୀଳମାଧବଜୀଉ ମନ୍ଦିର ପାର୍ଶ୍ୱ ଠାକୁର ସିଦ୍ଧେଶ୍ୱର ମହାଦେବ, କପିଳେଶ୍ୱର ମହାଦେବ ଓ ନିକଟସ୍ଥ ନାରାୟଣୀଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। କଣ୍ଟିଲୋ ବଟେଶ୍ୱର ମହାଦେବଙ୍କ ପୀଠରେ ଜାଗର ଉପଲକ୍ଷେ ଶିବ ସହସ୍ର ନାମ, ସାଂସ୍କୃତିକ କାର୍ଯ୍ୟକ୍ରମ ଦୁଆରୀ ଓ ନବରଙ୍ଗୀ ପରିବେଷଣ କରାଯାଇଛି । ଜଗନ୍ନାଥପ୍ରସାଦ ପଞ୍ଚାୟତର ବାଙ୍କନାଥ ମହାଦେବଙ୍କ ପୀଠରେ ୩ଦିନ ବ୍ୟାପୀ ଜାଗର ମେଳା ଅନୁଷ୍ଠିତ ହେଉଛି। ମେଳାରେ ଆଖପାଖ ଗ୍ରାମର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ମେଳା ଉପଲକ୍ଷେ ଗଛବାଣ ଓ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ସନ୍ଧ୍ୟାରେ ବାଙ୍କନାଥ ମହାଦେବଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ପାଟପଟୁଆର ସହ ଗ୍ରାମ ପରିକ୍ରମା କରାଯାଇଥିଲା।

**ଭାପୁର,୨୧।୨(ଡି.ଏନ୍.ଏ.):** ଶୁକ୍ରବାର ଜାଗାର ଉପଲକ୍ଷେ ଭାପୁର ବ୍ଲକର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇ ଉଠିଛି। ଖୁଣ୍ଟୁପଡ଼ା ଗ୍ରାମର ରାମେଶ୍ୱର ମହାଦେବଙ୍କ ପୀଠରେ ତିନିଦିନିଆ ଯାତ୍ରା ଆରମ୍ଭ ହୋଇଛି। ଏଠାରେ ଖଣ୍ଡପଡ଼ା ଓ ଭାପୁର ବ୍ଲକର ବିଭିନ୍ନ ଗ୍ରାମରୁ ଭକ୍ତମାନେ ଆସି ଦୀପ ଜାଳି ଉଜାଗର ରହିଛନ୍ତି। ସେହିପରି ଖଇରଗାଡ଼ିଆ, ଭାପୁର, ବିଜିପୁର, ମାଳିବେରେଣୀ, ଫତେଗଡ଼, ରାକମା, ବଡ଼ସହରା ଓ ପଦ୍ମାବତୀ ଶିବ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗିରହିଛି।

## ସଂକ୍ଷେପରେ

### ଶ୍ରୀ ତାରେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା

**ବୋଲଗଡ଼,୨୧।୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ଶ୍ରୀ ତାରେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରାତଃ ସମୟରେ ଠାକୁରଙ୍କ ନୀତି ପରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ହଜାର ହଜାର ସଂଖ୍ୟାରେ ମହିଳାପୁରୁଷ ମନ୍ଦିର ଚତୁଃପାର୍ଶ୍ୱରେ ବସି ଦୀପ ଜାଳିଥିଲେ। ରାତ୍ର ୧୦ଟାରେ ଠାକୁରଙ୍କ ମହାଶିବରାତ୍ରି ନୀତି ଆରମ୍ଭ ହୋଇଥିଲା। ରାତ୍ର ପ୍ରାୟ ୧ଟାରେ ମହାଦ୍ୱୀପ ମନ୍ଦିର ଉପରକୁ ଉଠିଥିଲା। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଠାରେ ଜାଗର ଯାତ୍ରା ପ୍ରାୟ ୧୫ଦିନ ଧରି ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ଉଠା ଦୋକାନ ବସିଥିବାବେଳେ ସନ୍ଧ୍ୟାରେ ଭଜନ ପରିବେଷିତ ହୋଇଥିଲା।

### ସମୂହ ବ୍ରତୋପନୟନ ମାର୍ଚ୍ଚ ୧୮ରେ

**ଖଣ୍ଡପଡା,୨୧।୨(ସ୍ୱ.ପ୍ର.):** କଣ୍ଟିଲୋ ଯାତ୍ରାପଦାସ୍ଥିତ ପଞ୍ଚମୁଖୀ ହନୁମାନ ଜୀଉଙ୍କ ୧୮ ତମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ମାର୍ଚ୍ଚ ୧୮ ତାରିଖରେ ସମୂହ ବ୍ରତୋପନୟନ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆଗ୍ରହୀ ବ୍ରାହ୍ମଣ ପରିବାର ଏହାର ସୁଯୋଗ ନେବାକୁ କମିଟି କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ନିର୍ଦ୍ଧାରିତ ଦିବସରେ ବୈଦିକ ରୀତିରେ ବ୍ରତୋପନୟନ କରାଯିବାର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଇଚ୍ଛୁକ ଥିବା ପରିବାର ମନ୍ଦିର ପରିଚାଳନା କମିଟି ସଭ୍ୟ କିମ୍ବା ଆୟୋଜକ ଗୋପାଳ ଚନ୍ଦ୍ର ଅଗ୍ରୱାଲାଙ୍କୁ ଯୋଗାଯୋଗ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି ।

### ୪ବର୍ଷ ହେଲା ଫେରାର ଥିବା ଅଭିଯୁକ୍ତ ଗିରଫ

**ଭାପୁର,୨୧।୨(ଡି.ଏନ୍.ଏ.):** ୪ବର୍ଷ ହେଲା ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଫତେଗଡ ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଫତେଗଡ଼ ଗ୍ରାମର ପଠାଣି ଜେନା। ସୂଚନା ଅନୁଯାୟୀ ପଠାଣି ଫତେଗଡ ଥାନାର ଜଣେ ହାବିଲଦାରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଗିରଫ ଭୟରେ ସେ ପୋଲିସକୁ ଚକ୍‌ମା ଦେଖାଇ ଆତ୍ମଗୋପନ କରିଥିଲେ। ସେ ନିଜ ଘରେ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଗୁରୁବାର ରାତିରେ ଅଚାନକ ଚଢ଼ାଉ କରି ତାଙ୍କୁ କାବୁ କରି ଥାନାକୁ ଆଣିଥିଲା। ପରେ ତାଙ୍କୁ ଭାପୁର ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରାଯାଇଛି। ପଠାଣିଙ୍କ ନାମରେ ପୂର୍ବରୁ କୋର୍ଟ ପକ୍ଷରୁ ବିଭିନ୍ନ ମକଦ୍ଦମାରେ ୪ଟି ୱାରେଣ୍ଟ ଜାରି କରାଯାଇଥିଲା।

# ରାତି ୧୧ଟାରେ ଉଠିଲା ମହାଦୀପ



ମହାଶିବରାତ୍ରି ଅବସରରେ ଶୁକ୍ରବାର ନୟାଗଡ଼ ଜିଲାର ଶରଣକୁଳ ଲଡୁବାବାଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଲଡୁବାବାଙ୍କୁ ଦର୍ଶନ ଲାଗି ବିଳମ୍ବିତ ରାତିରୁ ଭକ୍ତଙ୍କ ଗହଳି ଲାଗିଥିଲା। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମହାଦୀପ ଦର୍ଶନ କରି ମାନସିକ ପୂରଣ କରିଥିଲେ ଶିବଭକ୍ତ।



ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡ଼ି।

- ଲଡୁବାବାଙ୍କ ପୀଠରେ ମହାଶିବରାତ୍ରି
- ଲକ୍ଷାଧିକ ଭକ୍ତଙ୍କ ସମାଗମ

**ନୟାଗଡ଼ ଅଫିସ,୨୧।୨**

ଦିନତମାମ ଓଁ ନମଃ ଶିବାୟ ପବିତ୍ର ଶିବ ପଞ୍ଚାକ୍ଷରି, ସହସ୍ରନାମ, ବେଦପାଠ, ଭଗବଦ୍ ଗୀତା ପାଠ ଓ ଭଜନ କୀର୍ତ୍ତନରେ ମୁଖରିତ ହୋଇଉଠିଥିଲା ଲଡୁବାବାଙ୍କ ପୀଠ। ଶିବ ସ୍ତୁତିରେ ସାମିଲ ହୋଇଥିଲେ ଆବାଳ ବୃଦ୍ଧବନିତା। ହଜାରେ ମାନସିକ ରଖି ରାତି ଉଜାଗର ହୋଇ ଶିବଙ୍କ ପାଖରେ ଜାଳିଥିଲେ ଦୀପ। ଆଉ ଲାଗି କରିଥିଲେ ବେଲପତ୍ର, କେତକୀ, ପଳାସ ଫୁଲ। ଲଡୁବାବାଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ମନ୍ଦିର ସମ୍ମୁଖରୁ ଭିକାରୀପଡା ଛକ ଓ ଶରଣକୁଳ ପଞ୍ଚାୟତ ଛକ ପର୍ଯ୍ୟନ୍ତ ଭକ୍ତଙ୍କ ଧାଡି ଲାଗିରହିଥିଲା। ଭୋର ୩ଟାରୁ ମନ୍ଦିର ଖୋଲାଯାଇ ଠାକୁରଙ୍କ ପହଡ଼ ହୋଇଥିଲା। ୩ରୁ ୪ଟା ପର୍ଯ୍ୟନ୍ତ ଠାକୁରଙ୍କ ଅବକାଶ ନୀତି ହୋଇଥିଲା। ଭୋର ୪ଟାରୁ ସକାଳ ସାଢ଼େ ୭ଟା ପର୍ଯ୍ୟନ୍ତ ଦର୍ଶନ ଚାଲିଥିଲା। ସାଢ଼େ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ପହଡ଼ ପଡ଼ିଥିଲା। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ସାନ୍ଧ୍ୟ ପୂଜାନୀତି ପରେ ସାଢ଼େ ୧୦ଟା ପର୍ଯ୍ୟନ୍ତ ପୁଣି ଦର୍ଶନ ଚାଲିଥିଲା। ରାତି ସାଢ଼େ ୧୦ଟାରେ ଲଡୁବାବା ଦକ୍ଷିଣମୁଖୀ ହୋଇ ବେଢ଼ା ପରିକ୍ରମା କରିଥିଲେ। ପୋଖରୀ ପାହଚ, ସର୍ବସାଧାରଣ ରାସ୍ତା, ମନ୍ଦିର ବେଢ଼ା ଚାରିଆଡେ ଦୀପ ଆଲୋକରେ ଝଲସି ଉଠିଥିଲା। ରାତି ୧୧ଟାରେ ମହାଦୀପ ଉଠିଥିଲା। ବେଢ଼ାରେ ମହାଦୀପ ଦର୍ଶନ କରି ଜାଗର ଉପବାସ କରିଥିବା ଶ୍ରଦ୍ଧାଳୁମାନେ ବ୍ରତ ସମାପନ କରିଥିଲେ। ଜାଗର ଦୀପ ଉଠିବା ପରେ ମଧ୍ୟ ମନ୍ଦିର ଭିତରେ ଅଧିକାଂଶ ଶ୍ରଦ୍ଧାଳୁ ରାତି ଉଜାଗର ରହି ଦୀପ ଜାଳିଥିଲେ। ୧୫ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିବା ଦେଖିବାକୁ ମିଳିଥିଲା, ଯେଉଁମାନେ ବେଢ଼ା ପରିକ୍ରମା ପରେ ଉଠିଥିଲେ। ଜିଲାପାଳ ଡା. ପୋମା ଟୁଡୁ ଓ ଉପଜିଲାପାଳ ଲଗ୍ନଜିତ ରାଉତ ଉପସ୍ଥିତ ଥିଲେ।

### ଗଣିଆରେ ଜାଗର ଜାଳିଲେ ଶ୍ରଦ୍ଧାଳୁ

**ଗଣିଆ,୨୧।୨(ଡି.ଏନ.ଏ.)**

ମହାଶିବରାତ୍ରି ଉପଲକ୍ଷେ ଗଣିଆସ୍ଥିତ ଲିଙ୍ଗରାଜ ଦେବ, ପତଣ୍ଡାର ଭୋଳେଶ୍ୱର ନାଥ, ବଡ଼ମୂଳର କପିଳେଶ୍ୱର ଦେବ, ଛାମୁଣ୍ଡିଆର ଗୁପ୍ତେଶ୍ୱର ମହାଦେବ, ଡଙ୍କାରିସାହିର ଗଣପତିଶ୍ୱର ଦେବ, ରାଉତପଡ଼ାର ଭୋଳେଶ୍ୱର ମହାଦେବଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଜଗନ୍ନାଥପ୍ରସାଦର ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଗ୍ରାମର ଯୁବ କଳାକାରମାନଙ୍କୁ ନେଇ 'ବନ୍ଧୁ ବାନ୍ଧିଛି ମୁଁ ଲୁହ ସାଥିରେ' ନାଟକ ପରିବେଷଣ କରାଯାଇଥିଲା। ଏଠାରେ ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ମୁଖ୍ୟବକ୍ତା ଓ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ଆଡ଼କଟା ସରପଞ୍ଚ ବୀରକିଶୋର ଜେନ, ସମିତିସଭ୍ୟ ଚନ୍ଦ୍ରଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ରାଉତପଡ଼ାସ୍ଥିତ ଭୋଳେଶ୍ୱରଙ୍କ ପୀଠରେ ଗ୍ରାମର ଯୁବମାନଙ୍କ ଦ୍ୱାରା 'ଏଠି ତୋର ଦୋଷ ନା ମୋର ଦୋଷ' ନାଟକ ପରିବେଷିତ ହୋଇଥିଲା। ପତଣ୍ଡାସ୍ଥିତ ଭୋଳେଶ୍ୱରନାଥଙ୍କ ପୀଠରେ ଦୁଆରି ନାଚ ପରିବେଷଣ କରାଯାଇଥିଲା।

**BEFORE THE COURT OF DISTRICT MAGISTRATE-CUM-COLLECTOR, KHURDA**
**Bank Misc. Case No.119/19**
(U/s 14 of SARFAESI Act)
**Allahabad Bank, Bapuji Nagar, Bhubaneswar** .........Petitioner
Vrs
**M/s Neelachal Petro Products Pvt Ltd** ......Opp. Parties
To,
**M/s Neelachal Petroproducts Pvt Ltd,** 564, Lewis Road, Samantrapur, Bhubaneswar-751002, & **Sri Narasingha Pujapanda,** S/o: Sri Gopinath Pujapanda, Baselisahi, Puri-752001 & **Smt Jharana Pujapanda,** W/o: Harihar Pujapanda, Baselisahi, Puri .
Take notice that the above named petitioner has filed an application U/S 14 of the SARFAESI Act vide **Bank Misc. Case No. 119/19**, against you for the purpose of taking physical possession of the Secured Assets . Above notice was sent to you by Regd. Post, but the same was returned . You are hereby informed to appear in person or through your pleader on **13.03.2020 at 10.00 AM** in the Court to answer the claim, failing which the aforesaid matter will be decided in your absence .
**By the orders of DM & Collector (Khurda)**

## ରାଜ୍ୟସ୍ତରୀୟ ଫୁଟବଲ: ଜଟଣୀ ଫାଇନାଲରେ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଖଣ୍ଡପଡ଼ା, ୨୧।୨(ସ୍ୱ.ପ୍ର.)**

ଖଣ୍ଡପଡା ଫୁଟବଲ ଅସୋସିଏଶନ ଆନୁକୂଲ୍ୟରେ ମଧୁବନ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମଙ୍ଗଳା କ୍ଲବ କଟକକୁ ୨-୦ ଗୋଲରେ ପରାସ୍ତ କରି ଫ୍ରେଣ୍ଡ୍‌ସ ପାରାଡାଇଜ କ୍ଲବ ଜଟଣୀ ଫାଇନାଲକୁ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧ ୫ମିନିଟରେ ଜଟଣୀ ଦଳ ଗୋଟିଏ ଗୋଲ ଓ ଦ୍ୱିତୀୟାର୍ଦ୍ଧ ୩୪ ମିନିଟରେ ଆଉ ଗୋଟିଏ ଗୋଲ ସ୍କୋର କରିଥିଲା। ହେଲେ କଟକ ଟିମ୍ ଗୋଲ ସ୍କୋର କରିବାରେ ବିଫଳ ହୋଇଥିଲା। ବିଜୟୀ ଦଳର ମିଥୁନ ସାହୁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ । ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ବିଦେଶୀ ନାୟକ ଓ ମନୋରଞ୍ଜନ ଖୁଣ୍ଟିଆ ତାଙ୍କୁ ଲାଇନରେ ସହାୟତା କରିଥିଲେ । ପ୍ରସନ୍ନ ନାୟକ ୪ର୍ଥ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ । ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ କଭାରତୀ ଭୂଷଣ ମିଶ୍ର ଓ ରମେଶ କୁମାର ମିଶ୍ର ଯୋଗଦେଇଥିଲେ। ଆସନ୍ତା ୨୩ ତାରିଖରେ ବିଡାନାସୀ କ୍ଲବ କଟକ ଓ ପାରାଡାଇଜ କ୍ଲବ ଜଟଣୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଶନିବାର ବାଇଗୁଣିଆଁ ଫୁଟବଲ ଆସୋସିଏଶନ ଓ ଇଟାମାଟି ଫୁଟବଲ ଟିମ୍ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟିମର ସଭାପତି ଭିକାରୀ ଖଣ୍ଡାୟତଙ୍କଠାରୁ ସୂଚନା ମିଳିଛି ।

### ଦଶପଲ୍ଲାରେ ଜାଗର

**ଦଶପଲ୍ଲା,୨୧।୨(ଡି.ଏନ୍.ଏ.)**

ମହାଶିବରାତ୍ରି ନିମନ୍ତେ ଦଶପଲ୍ଲା ବ୍ଲକରେ ଥିବା ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ପୂର୍ବାହ୍ନରୁ ବିଭିନ୍ନ ଶିବ ମନ୍ଦିରରେ ଭକ୍ତଙ୍କ ସମାଗମ ଲାଗିରହିଛି। ସନ୍ଧ୍ୟାରୁ ଭକ୍ତମାନେ ଦୀପ ଜାଳି ଉଜାଗର ରହିଛନ୍ତି। କେତେକ ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲା ବ୍ଲକ ମାଳିସାହି, କୃଷ୍ଣଚନ୍ଦ୍ରପୁର ପାଟଣା, ଡିହଗାଁ, ଟାକେରା, ପୁରୁଣା ଦଶପଲ୍ଲା, ମଧଖଣ୍ଡ, ମକରପ୍ରସାଦ, ବାଣିଗୋଛା ଅଞ୍ଚଳରେ ଥିବା ଶିବ ମନ୍ଦିରଗୁଡ଼ିକରେ ଜନସମାଗମ ହୋଇଥିଲା।



ଭକ୍ତମାନେ ଦୀପ ଜାଳୁଥିବାର ଦୃଶ୍ୟ।

### ୮ ଫୁଟ ଉଚ୍ଚରେ ୧୧ କେଭି ବିଦ୍ୟୁତ୍ ତାର: ଯାତାୟାତ ବାଧାପ୍ରାପ୍ତ

**ଭାପୁର,୨୧।୨(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଖଇରଗାଡ଼ିଆ ଗ୍ରାମକୁ ଆସିଥିବା ୧୧ କେଭି ବିଦ୍ୟୁତ୍ ତାର ୮ ଫୁଟ ଉଚ୍ଚରେ ବିପଜ୍ଜନକ ଅବସ୍ଥାରେ ରହିଛି। ଏ ନେଇ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ଭାପୁର ଖଣ୍ଡପଡ଼ା ପୂର୍ତ୍ତ ବିଭାଗର ମାନପୁର ଗ୍ରାମଠାରୁ ଏହି ୧୧ କେଭି ଖଇରଗାଡ଼ିଆ ଗ୍ରାମକୁ ଆସିଛି। ଖଇରଗାଡ଼ିଆ, ମନ୍ଦାରବେରେଣୀ ଗ୍ରାମର ଗହୀର ମଧ୍ୟରେ ଥିବା ଏକ ରାସ୍ତା ଉପରେ ଏହି ତାର ଓହଳି ରହିଛି। ଏହାଦ୍ୱାରା ଚାଷୀମାନେ ଧାନ, ନଡ଼ା ଗହୀରରୁ ଆଣିବା ସମ୍ଭବ ହେଉନାହିଁ। ଏ ନେଇ ବିଦ୍ୟୁତ୍ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

### ଶାଳ ଲଗ୍ ଜବତ

**ଦଶପଲ୍ଲା,୨୧।୨(ଡି.ଏନ୍.ଏ.):** ଶୁକ୍ରବାର ଦଶପଲ୍ଲା ବ୍ଲକ ଟାକେରା ସେକ୍ସନର ନାରାଜପଡ଼ାଠାରେ ବନ ବିଭାଗ ଚଢ଼ାଉ କରି ୩ଗୋଟି ଶାଳଲଗ୍ ଜବତ କରିଛି। କାଠଗୁଡ଼ିକ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ ରଖାଯାଇଥିବା ଖବର ମିଳିଥିଲା। ରେଞ୍ଜର ନିଖିଳେଶ ମଲିକଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସୁରେଶ ସାହୁ, ବନରକ୍ଷୀ ସୁକାନ୍ତି ସାହୁ ପ୍ରମୁଖ ଚଢ଼ାଉ କରି ତାହାକୁ ଜବତ କରିଥିଲେ। ଜବତ କାଠର ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ଅଫିସ ସୂତ୍ରରୁ ପ୍ରକାଶ।

## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା, ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ. ନଂ.- ୯୯୩୮୧୭୦୪୫୦/ ଅଫିସ୍- ୦୬୬୨୨-୨୭୩୩୪୩**
**ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ ନଂ.- ୯୪୩୭୦୮୫୪୩୪/ ଅଫିସ୍- ୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଏବଂ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ସୌମ୍ୟ ରଞ୍ଜନ | ୮ ମାସ, ତା. ୦୫।୦୭।୧୯ | ପୁଅ | ଠିକଣା- ଦଲକିଝରନ, ଥାନା- ଲେଫ୍ରିପଡ଼ା, ଜିଲ୍ଲା-ସୁନ୍ଦରଗଡ଼, ତା. ୧୩।୦୨।୨୦୨୦ |  |

Sd./- District Child Protection Officer, Sundargarh

# ଦଶପଲ୍ଲା ବିଧାୟକ ବିଜେଡି ଜିଲା ସଭାପତି

### ୧୬ ବର୍ଷ ପରେ ରବିଙ୍କ ରାଜ ଶେଷ

**ନୟାଗଡ ଅଫିସ,୨୧।୨**

ନୟାଗଡ ଜିଲାର ବିଜେଡି ଜିଲା ସଭାପତି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନାଁ ଦଳ ପକ୍ଷରୁ ଘୋଷଣା ହୋଇଛି । ଫଳରେ ରଣପୁରର ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ୧୬ ବର୍ଷର ରାଜ ଶେଷ ହୋଇଛି। ରବି ୨୦୦୪ରେ ଜିଲା ବିଜେଡି ସଭାପତି ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସଭାପତି ଦାୟିତ୍ୱରେ ଥାଇ ସେ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ପରେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ରଣପୁର ବିଧାୟକ ଭାବେ କାର୍ଯ୍ୟ କରିଥିଲେ। ଏହି ସମୟରେ ମଧ ସେ ଜିଲା ସଭାପତି ଦାୟିତ୍ୱରେ ଥିଲେ।

### ନୂଆ ମୁହଁକୁ ଗୁରୁତ୍ୱ

ନୟାଗଡ ଜିଲାରେ ଭାଜପାର ସଭାପତି ଭାବେ ଲାଲା ମନୋଜ ରାୟ ଓ କଂଗ୍ରେସର ରଣଜିତ ଦାଶ ନିଯୁକ୍ତି ପାଇଥିଲେ। ହେଲେ ବିଜେଡିର ପରିବର୍ତ୍ତନ ହୋଇ ନ ଥିଲା। ବିଳମ୍ବରେ ହେଲେ ବି ଦଳ ପକ୍ଷରୁ ନୂଆ ମୁହଁକୁ ଗୁରୁତ୍ୱ ଦିଆଯାଇଛି। ଜିଲାରେ ବିଜେଡିର ୪ଜଣ ବିଧାୟକ ଅଛନ୍ତି। ନୂଆ ଜିଲା ସଭାପତି ଦଶପଲ୍ଲା ବିଧାୟକ ଥିବାରୁ ଅନ୍ୟ ୩ ବିଧାୟକଙ୍କୁ ସାଥିରେ ନେଇ କିପରି କାର୍ଯ୍ୟ କରୁଛନ୍ତି ତାହା ଦେଖିବାକୁ ରହିଲା।



ଦଶପଲ୍ଲାଠାରେ ଜିଲା ବିଜେଡି ସଭାପତିଙ୍କୁ ସ୍ୱାଗତ କରାଯାଉଛି।

### ୩ ବିଧାୟକଙ୍କୁ ପଦବୀ

ଜିଲାର ନୟାଗଡ ବିଧାୟକ ଅରୁଣ କୁମାର ସାହୁ ମନ୍ତ୍ରୀ ଥିବାବେଳେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅଛନ୍ତି। ସେହିପରି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଜିଲା ବିଜେଡି ସଭାପତି ପଦବୀ ପାଇଲେ। କେବଳ ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ବାଦ୍ ପଡିଗଲେ। ଅନ୍ୟପକ୍ଷେ ବହୁ ଦିନ ଧରି ଜିଲା ସଭାପତି ପଦବୀରେ ଥିବା ରବି ନାରାୟଣ ମହାପାତ୍ର ବି ବାଦ୍‌ପଡିଗଲେ। କାରଣ ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଆଇଟି ବିଭାଗରେ ଅବସ୍ଥାପିତ ହୋଇଛନ୍ତି।

### ବଦଳୁଛି ରାଜନୀତି

ଆଗକୁ ପୌର ନିର୍ବାଚନ ଅଛି । ଏଥିପାଇଁ ବିଗୁଲ ବାଜି ନ ଥିଲେ ମଧ୍ୟ ଶାସକ ବିଜେଡି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶାସକ ଦଳ ସହ ଭାଜପା ଲଢ଼େଇ କରିବାକୁ ରଣନୀତି ପ୍ରସ୍ତୁତ କରିଛି। କଂଗ୍ରେସର ସ୍ଥିତି ମଜଭୁତ ନ ଥିଲେ ମଧ ଦଳ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ହେଲେ ସବୁ ଦଳରେ ଲାଗି ରହିଛି ଗୋଷ୍ଠୀ କନ୍ଦଳ। ଏହାକୁ କୌଣସି ଦଳ ସମାଧାନ କରାଇବାରେ ସକ୍ଷମ ହୋଇନାହାନ୍ତି। ବିଜେଡିରେ ଗୋଷ୍ଠୀ କନ୍ଦଳ ଲାଗି ରହିଥିଲେ ମଧ ବିରୋଧୀ ଦଳ ଫାଇଦା ନେଇପାରୁ ନାହିଁ। ଯାହାକି ଗତ ବିଧାନସଭା ନିର୍ବାଚନରେ ସ୍ପଷ୍ଟ ହୋଇଛି। ହେଲେ ସହରାଞ୍ଚଳ ଭୋଟ ବିଜେଡିକୁ ଅଡୁଆରେ ପକାଇପାରେ ବୋଲି ଚର୍ଚ୍ଚା ହେଉଛି। ଗତ ନିର୍ବାଚନରେ ନୟାଗଡ ଏନ୍‌ଏସିରେ କଂଗ୍ରେସ ବିଜୟୀ ହୋଇଥିଲା। ସହରବାସୀ ପରିବର୍ତ୍ତନ ଆଶାରେ କଂଗ୍ରେସକୁ କ୍ଷମତାକୁ ଆଣିଥିଲେ। ହେଲେ କଂଗ୍ରେସ ଦଳର କାଉନସିଲର ବିଜେଡିକୁ ଡେଇଁପଡିଲେ। ଭୋଟର ସବୁ ଦଳକୁ ପରଖୁଛନ୍ତି। ସରକାରୀ ଦଳଠାରୁ ଦୂରେଇ ସେମାନେ ବିରୋଧୀ ହାତରେ କ୍ଷମତା ଦେବା ପାଇଁ ସଜବାଜ ହେଉଛନ୍ତି। ବଦଳୁଥିବା ରାଜନୀତିରେ ସେମାନେ ଏଥିରେ କେତେଦୂର ସଫଳ ହେଉଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ ବୋଲି ଆଲୋଚନା ହେଉଛି।

### ନୂତନ ଜିଲା ସଭାପତିଙ୍କୁ ସ୍ୱାଗତ

**ଦଶପଲ୍ଲା,୨୧।୨(ଡି.ଏନ୍.ଏ.):** ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ନୟାଗଡ଼ ଜିଲା ବିଜେଡି ସଭାପତି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ନିଯୁକ୍ତ କରାଯାଇଛି। ଏହା ଘୋଷଣା ହେବା ପରେ ଦଶପଲ୍ଲା ବିଜେଡି କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। କର୍ମୀମାନେ ବାଣ ଫୁଟାଇ ତାଙ୍କୁ ସ୍ୱାଗତ କରିବା ସହ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ।

WESCO
## ୱେସ୍କୋ ୟୁଟିଲିଟି
ମୁଖ୍ୟ କାର୍ଯ୍ୟାଳୟ-ବୁର୍ଲା, ଜିଲ୍ଲା-ସମ୍ବଲପୁର (ଓଡ଼ିଶା)-୭୬୮୦୧୭

### ବିଦ୍ୟୁତ୍ ଉପଭୋକ୍ତା ଧ୍ୟାନ ଦିଅନ୍ତୁ !

**ଆପଣ ଯଦି ନିଜର ବିଦ୍ୟୁତ୍ ବିଲ୍ ବକେୟା ରଖିଥାନ୍ତି, ତେବେ ତୁରନ୍ତ ସମସ୍ତ ବକେୟା ଦେୟ ପୈଠକରନ୍ତୁ ଏବଂ ''ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ'' (Disconnection) ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇଯାଆନ୍ତୁ।**

### ଆମର ପରାମର୍ଶ

- ଆପଣଙ୍କ ବିଦ୍ୟୁତ୍ ବିଲ୍‌ରେ କୌଣସି ତ୍ରୁଟି ଥିଲେ ତୁରନ୍ତ ନିକଟସ୍ଥ ୱେସ୍କୋର ଜେ.ଇ/ଏସ୍‌ଡିଓଙ୍କୁ ଯୋଗାଯୋଗ କରି ଏହାକୁ ସୁଧାରିନିଅନ୍ତୁ ଏବଂ ସଂଶୋଧିତ ବିଲ୍‌ରାଶି ଅନୁଯାୟୀ ନିଜର ଦେୟ ଯଥାଶୀଘ୍ର ପୈଠ କରନ୍ତୁ।
- ଯଦି ଆପଣ ଏକକାଳୀନ ସମସ୍ତ ବକେୟା ପୈଠପାଇଁ ସମର୍ଥ ହୋଇପାରୁନାହାଁନ୍ତି, ତେବେ ସ୍ଥଳବିଶେଷରେ ବକେୟା ପରିମାଣ ଭିତ୍ତିରେ କିସ୍ତିରେ ପୈଠପାଇଁ ସ୍ଥାନୀୟ ୱେସ୍କୋ ଅଧିକାରୀଙ୍କଠାରୁ କିସ୍ତି ମଞ୍ଜୁର କରାଇ ନିଅନ୍ତୁ ଓ ତୁରନ୍ତ ପୈଠ କରନ୍ତୁ।
- ବିଦ୍ୟୁତ୍‌ଦେୟ ବକେୟା ରଖିଥିବା ଖିଲାପି ଉପଭୋକ୍ତାମାନଙ୍କର ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସ୍ୱତନ୍ତ୍ର ''ଡିସ୍‌କନେକସନ୍ ସ୍କ୍ୱାଡ୍'' ନିଯୁକ୍ତ କରାଯାଇଛି। ଯଦି ଆପଣ ଦେୟ ପୈଠ କରିସାରିଥାନ୍ତି, ତେବେ ଉକ୍ତ ସ୍କ୍ୱାଡ୍‌କୁ ଦେୟ-ପୈଠ ରସିଦ୍ (ମନି ରିସିପ୍ଟ) ଦେଖାନ୍ତୁ।
- ବକେୟା ଦେୟ ୱେସ୍କୋର ସେକ୍‌ସନ୍/ସବ୍‌ଡିଭିଜନ୍ କାର୍ଯ୍ୟାଳୟ ବିଲ୍ ଆଦାୟକେନ୍ଦ୍ର, ଅଧିକୃତ ଆଦାୟକାରୀଙ୍କଠାରେ ଅଥବା ଆମର ୱେବ୍‌ସାଇଟ୍ **www.wescoodisha.com** ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିପାରିବେ।

**ପ୍ରାଧିକୃତ ଅଧିକାରୀ, ୱେସ୍କୋ ୟୁଟିଲିଟି**

**ବୈଦ୍ୟୁତିକ ସୁରକ୍ଷା ନିୟମ ପାଳନ କରନ୍ତୁ ଏବଂ ନିରାପଦ ଜୀବନଯାପନ କରନ୍ତୁ ।**